DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୮/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, February 28/2023 | Page 16 | ₹ 7.00
୪୯ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 96 | ମୂଲ୍ୟ ₹୭/-



### ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ

ଚଳିତବର୍ଷ ଆୟୋଜିତ ଜୀ ସିନେ ଆୱାର୍ଡ-୨୦୨୩ରେ ଆଲିଆ ଭଟ୍ଟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି।

୧୨

୧୬

### ଶତକ ସହ ୱିଲିୟମସନ୍‌ଙ୍କ ରେକର୍ଡ

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ ସହ ରେକର୍ଡର ଅଧିକାରୀ ହୋଇଛନ୍ତି ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ।






'ସ୍ପୋର୍ଟ୍ସ ଷ୍ଟାର୍ ଏଏସ୍-୨୦୨୩ ଆୱାର୍ଡ' କାର୍ଯ୍ୟକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଖ୍ୟାତ କ୍ରିକେଟର ସୁନୀଲ ଗାଭାସ୍କର 'ବେଷ୍ଟ ଷ୍ଟେଟ୍ ଫର୍ ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ସମ୍ମାନରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି 'ଦି ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ।

# ଓଡ଼ିଶାର ୩ ଜିଲ୍ଲାରେ ସୁନା ଖଣି

ଭୁବନେଶ୍ୱର,୨୭।୨(ବ୍ୟୁରୋ)



ଓଡ଼ିଶାର ୩ ଜିଲ୍ଲାର ମାଟି ତଳେ ସୁନା ଗଚ୍ଛିତ ରହିଛି। ସୋମବାର ବିଧାନସଭାରେ ବିଜେଡି ସଭ୍ୟ ସୁଧୀର ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ଭାରତୀୟ ସର୍ବେକ୍ଷଣ ସଂସ୍ଥା (ଜିଆଇଏସ୍) ମାଧ୍ୟମରେ ପ୍ରାରମ୍ଭିକ ଅନୁସନ୍ଧାନ କରାଯାଇ ୩ ଜିଲ୍ଲା ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର ମାଟି ତଳେ ସୁନା ପଥର ଗଚ୍ଛିତ ରହିଥିବା ଜଣାପଡ଼ିଛି।

ଦେବଗଡ଼ ଜିଲ୍ଲାର ଅଡ଼ାଶ ଅଞ୍ଚଳରେ ତମ୍ବାପଥର ଜି-୨ ସ୍ତରର ଜିଆଇଏସ୍ ଦ୍ୱାରା ଅଟକଳ କରାଯାଇଛି। ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ୧୬୮୫ କେଜି ସୁନା ଗଚ୍ଛିତ ରହିଛି। ସୁନା ସହିତ ୬.୬୭ ନିୟୁତ ଟନ୍‌ର ତମ୍ବା, ୦.୬୩୮ ନିୟୁତ ଟନ୍‌ର ରୁପା ଓ ୦.୧୦ ନିୟୁତ ଟନ୍‌ର ନିକେଲ ରହିଛି। ସେହିପରି କେନ୍ଦୁଝରର ଗୋପୁର, ଗାଜିପୁର, ଅଡାଳ, ତେଲକୋଇ ନିକଟ ସଲେଇକନା, ଡିମିରିମୁଣ୍ଡା ଓ କରଡଙ୍ଗା କୁଶକଲା ଅଞ୍ଚଳରେ ମଧ୍ୟ ସୁନାପଥର ଥିବା ସନ୍ଧାନ ମିଳିଛି। ୧୯୭୭ରୁ ୧୯୮୩ ଏବଂ ୧୯୮୯-୯୬ ମଧ୍ୟରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ତେଲକୋଇ ତହସିଲରେ ସୁନାର ସନ୍ଧାନ କରିଥିଲେ। ସେହି ଅଞ୍ଚଳରେ ୩ଟି ସୁନାବାହୀ କ୍ୱାର୍ଜ ଭେନ୍‌ର ଅବସ୍ଥିତି ଜଣାପଡ଼ିଥିଲା, ଯେଉଁଥିରେ ୧ଟନ୍ ପଥରରେ ୧ ଗ୍ରାମ୍ ସୁନା ଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ସେଥିରୁ ଗୋପୁର ନିକଟସ୍ଥ ଦକ୍ଷିଣ ପାର୍ଶ୍ୱରେ ୬୦ ମିଟର ଲମ୍ବ ଓ ୧ ମିଟର ଓସାର ଅଞ୍ଚଳରେ ଥିବା କ୍ୱାର୍ଜଭେନର ୨.୫ରୁ ୧୦ ଗ୍ରାମ୍ ଯାଏ ସୁନା ଥିବା ପ୍ରାରମ୍ଭିକ ଆକଳନ କରାଯାଇଛି। ଏହା ୩୦ ମିଟରରୁ ୬୦ ମିଟର ତଳେ ଥିବାରୁ ସେତେବେଳେ ଅର୍ଥନୈତିକ ଦୃଷ୍ଟିକୋଣରୁ ଆକଳନ ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ନ ଥିବା ମନ୍ତ୍ରୀ କହିଛନ୍ତି। ସେହିପରି ନିର୍ଦ୍ଦେଶାଳୟ ପକ୍ଷରୁ ୧୯୭୦-୭୧ରେ ତେଲକୋଇ ନିକଟସ୍ଥ ସଲେଇକନା ପରିପାର୍ଶ୍ୱ ନାଳ ଅବବାହିକା ଓ ଶଯ୍ୟା ଅଞ୍ଚଳରେ ୧ ଟନ୍ ମାଟିରେ ୧ ଗ୍ରାମ୍ ସୁନା ଥିବା ଆକଳନ କରାଯାଇଛି। ସେହିପରି ମୟୂରଭଞ୍ଜ ☞ପୃଷ୍ଠା-୪

## ଆଇଟିଆର୍ ତଥ୍ୟ ଲିକ୍: ଅନ୍ତର୍ଜାତୀୟ ଲିଙ୍କ୍ ସନ୍ଦେହ

### ଆନ୍ଧ୍ର ଗୋଇନ୍ଦା ବିଭାଗ, ବାୟୁସେନା ଟିମ୍‌ର ତଦନ୍ତ ଆରମ୍ଭ

**ବାଲେଶ୍ୱର ଅଫିସ, ୨୭।୨:** ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍)ରୁ ତଥ୍ୟ ଲିକ୍ ଘଟଣାରେ ଅନ୍ତର୍ଜାତୀୟ ଲିଙ୍କ୍ ନେଇ ସନ୍ଦେହ ପ୍ରକାଶ ପାଇବା ପରେ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ଏଥିରେ ଏବେ ସାମିଲ ହୋଇଛନ୍ତି ଆନ୍ଧ୍ରପ୍ରଦେଶ ଗୋଇନ୍ଦା ବିଭାଗ ଓ ଭାରତୀୟ ବାୟୁସେନାର ଟିମ୍। ଗିରଫ ଅଧିକାରୀ ବାବୁରାମ ଦେଙ୍କ ୪ଦିନିଆ ରିମାଣ୍ଡ ୨୮ ତାରିଖରେ ଶେଷ ହେଉଥିବାରୁ ତଦନ୍ତକାରୀ ଦଳ ଜେରା ମାଧ୍ୟମରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। ବାବୁରାମଙ୍କୁ ରିମାଣ୍ଡରେ ଆଣିବା ପରେ ପୋଲିସ ମାରାଥନ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟକୁ ପୂର୍ବରୁ ଜବତ ହୋଇଥିବା ମୋବାଇଲର ଡାଟା ସହିତ ମେଳ କରାଯାଉଛି। ଏହାସହିତ ଅଭିଯୁକ୍ତଙ୍କ ନିକଟରୁ ଅନ୍ୟ ମୋବାଇଲ ଫୋନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କାର୍ଯ୍ୟାଳୟରେ ହେଲ୍‌ମେଟ

# ଓଡ଼ିଶା ଶ୍ରେଷ୍ଠ କ୍ରୀଡ଼ା ପ୍ରୋତ୍ସାହନକାରୀ ରାଜ୍ୟ

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

### ମୁଖ୍ୟମନ୍ତ୍ରୀ ଗ୍ରହଣ କଲେ ସ୍ପୋର୍ଟ୍ସ ଷ୍ଟାର୍ ଆୱାର୍ଡ

- ୪ର୍ଥ ଥର ଲାଗି ରାଜ୍ୟକୁ ମିଳିଛି ଏହି ପୁରସ୍କାର
- ରାଜ୍ୟବାସୀଙ୍କୁ ପୁରସ୍କାର ଉତ୍ସର୍ଗ କଲେ ନବୀନ

କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କାର ମିଳିଛି। ପ୍ରସିଦ୍ଧ କ୍ରୀଡ଼ା ପତ୍ରିକା ସ୍ପୋର୍ଟ୍ସ ଷ୍ଟାର୍ ପକ୍ଷରୁ ଏହି ପୁରସ୍କାର ଦିଆଯାଇଛି। ମୁମ୍ବାଇଠାରେ ସୋମବାର ଆୟୋଜିତ 'ସ୍ପୋର୍ଟ୍ସ ଷ୍ଟାର୍ ଏଏସ୍-୨୦୨୩ ଆୱାର୍ଡ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର 'ବେଷ୍ଟ ଷ୍ଟେଟ୍ ଫର୍ ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ଗ୍ରହଣ କରିଛନ୍ତି। ୪ର୍ଥ ଥର ପାଇଁ ଓଡ଼ିଶା ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଛି। କ୍ରୀଡ଼ା କ୍ଷେତ୍ରରେ ଅନନ୍ୟ କାର୍ଯ୍ୟକ୍ରମ ପାଇଁ ଏହି ପୁରସ୍କାର ମିଳିଛି। ମୁମ୍ବାଇଠାରେ ହିନ୍ଦୁ ଗ୍ରୁପ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ 'ଦି ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ ଓ ପ୍ରସିଦ୍ଧ କ୍ରିକେଟ ଖେଳାଳି ସୁନୀଲ ଗାଭାସ୍କରଙ୍କଠାରୁ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ, ପ୍ରତିଯୋଗିତା, କୋଚିଂ, ଭିତ୍ତିଭୂମି ଓ ପ୍ରତିଭାଧର କ୍ରୀଡ଼ାବିତ୍‌ଙ୍କ ପାଇଁ କଲ୍ୟାଣ ଯୋଜନାର ମିଳିତ ଭୂମିକାରେ ପ୍ରତିଷ୍ଠା ପାଇଥିବା ଓଡ଼ିଶାର 'ସ୍ପୋର୍ଟ୍ସ ମଡେଲ' ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ପୁରସ୍କାର ପାଇଁ ବିଚାରକମଣ୍ଡଳୀରେ ପୂର୍ବତନ ଭାରତୀୟ କ୍ରିକେଟ କ୍ୟାପଟେନ ସୁନୀଲ ଗାଭାସ୍କରଙ୍କ ନେତୃତ୍ୱରେ ବିଶିଷ୍ଟ କ୍ରୀଡ଼ାବିତ୍ ଅଭିନବ ବିନ୍ଦ୍ରା, ଅପର୍ଣ୍ଣା ପୋପଟ, ଅଞ୍ଜଳି ଭଗବତ, ବାଇଚୁଙ୍ଗ ଭୂଟିଆ, ଏମ.ଏମ୍. ସୌମ୍ୟା ଓ ବିଶ୍ୱନାଥନ ଆନନ୍ଦ ପ୍ରମୁଖ ସଦସ୍ୟ ରହିଥିଲେ। ମୁଖ୍ୟମନ୍ତ୍ରୀ ଏହି ପୁରସ୍କାରକୁ ଓଡ଼ିଶାର ☞ପୃଷ୍ଠା-୪

# ଗୋପାଳ ଭଲ

### ୯ଥର ପୁରସ୍କାର, ୧୮ଥର ମିଳିଛି ପ୍ରଶଂସାପତ୍ର

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ପୋଲିସ ଏଏସ୍ଆଇ ଗୋପାଳକୃଷ୍ଣ ଦାସ ନିଜର କାର୍ଯ୍ୟଦକ୍ଷତା ଯୋଗୁ ଚାକିରି କାଳ ମଧ୍ୟରେ ବହୁବାର ପୁରସ୍କୃତ ହେବା ସହ ପ୍ରଶଂସାପତ୍ର ପାଇଛନ୍ତି। ୧୯୯୩ରୁ ୨୦୨୦ ମଧ୍ୟରେ ଗୋପାଳ ଜିଏସ୍ ମାର୍କ ୧୮ଥର ପାଇଥିବା ବେଳେ ୯ଥର ଆର୍ଥିକ ପୁରସ୍କାର ଏବଂ ୧୮ ଥର ପ୍ରଶଂସାପତ୍ର ୧୮ଥର ପାଇଛନ୍ତି। ତେବେ ତାଙ୍କ ମାନସିକ ସ୍ଥିତି ଭଲ ନ ଥିବା କୁହାଯାଉଛି। ତେଣୁ ମାନସିକ ସ୍ଥିତି କ'ଣ ରହିଛି ସେନେଇ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଆମେରିକାର ଗୋଇନ୍ଦା ସଂସ୍ଥା ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)ର ସହାୟତା ଲୋଡ଼ାଯାଇଛି ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ଉତ୍ତର ରଖିଛନ୍ତି।

ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବେହେରା ଦେଇଥିବା ତଥ୍ୟ ଅନୁସାରେ ନବ ଦାସଙ୍କ ହତ୍ୟା ଅଭିଯୁକ୍ତ ଗୋପାଳକୃଷ୍ଣ ଦାସ ୧୯୯୨ ଜୁଲାଇ ୮ରେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ପ୍ରଥମେ କନଷ୍ଟେବଲ ଭାବେ ନିଯୁକ୍ତି ପାଇଥିଲେ। ୨୦୦୯ରେ ସେ ଏଏସ୍ଆଇ ପଦବୀକୁ ପଦୋନ୍ନତି ପାଇ ଝାରସୁଗୁଡ଼ା ଜିଲ୍ଲାକୁ ବଦଳି ହେବା ସହ ଜିଲ୍ଲାର ବିଭିନ୍ନ ଥାନା ଓ ଫାଣ୍ଡିରେ ୧୩ବର୍ଷ ଧରି କାର୍ଯ୍ୟ କରିଛନ୍ତି। ଗୋପାଳ ବଡ଼ମାଲ ଥାନାରେ ୨୦୦୯ରୁ ୨୦୧୩ , କୋଲାବିରା ଥାନାରେ ୨୦୧୩ରୁ ୨୦୧୬, ବନହରପାଲି ଥାନାରେ ୨୦୧୬ରୁ ୨୦୧୮, ବେଲପାହାଡ଼ ଥାନାରେ ୨୦୧୮ରୁ ୨୦୨୦ ଏବଂ ଗାନ୍ଧୀଛକ ଫାଣ୍ଡିରେ ୨୦୨୦ ନଭେମ୍ବର ୨୭ରୁ ୨୦୨୩ ଜାନୁୟାରୀ ୨୯ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ମନ୍ତ୍ରୀ ବେହେରା ଦେଇଥିବା ତଥ୍ୟ ଅନୁସାରେ ଗୋପାଳ ଭଲ ବୋଲି ଜଣାପଡ଼ିଛି। ନବ ଦାସଙ୍କୁ ହତ୍ୟା କରିବାର କିଛି ସମୟ ପରେ ଗୋପାଳଙ୍କ ପରିବାର ଲୋକେ ପ୍ରଥମେ ତାଙ୍କ ମାନସିକ ଅବସ୍ଥା ଭଲ ନ ଥିବା କହିଥିଲେ। ପରେ ଗୋପାଳଙ୍କ ମାନସିକ ସ୍ଥିତି ଜାଣିବା ପାଇଁ ଏକ ମେଡିକାଲ୍ ଟିମ୍ ଗଠନ ☞ପୃଷ୍ଠା-୪

# ନାଗାଲାଣ୍ଡ-ତ୍ରିପୁରାରେ ଭାଜପା, ମେଘାଳୟରେ ଝୁଲା

ନୂଆଦିଲ୍ଲୀ, ୨୭।୨

### ଏକ୍‌ଜିଟ ପୋଲ୍ ସର୍ଭେ

ତିନି ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା, ମେଘାଳୟ ଓ ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଲାଗି ମତଦାନ ଶେଷ ହେବା ସହ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ଜନମତ ସର୍ଭେ) ରିପୋର୍ଟ ସୋମବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ଏଥିରେ କରାଯାଇଥିବା ଅନୁମାନ ଅନୁଯାୟୀ ତ୍ରିପୁରାରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ଦ୍ୱିତୀୟ ଥର ସରକାର ଗଢ଼ିବାକୁ ଯାଉଥିବାବେଳେ ନାଗାଲାଣ୍ଡରେ ଏହାର ମେଣ୍ଟ ସରକାର କ୍ଷମତାକୁ ଆସିବ। ତେବେ ମେଘାଳୟ ବିଧାନସଭା ଦଖଲ ପାଇଁ ଲଢ଼େଇ ଜୋର୍‌ଦାର ହୋଇଛି। ଏଠାରେ ଝୁଲା ବିଧାନସଭା ହୋଇପାରେ ବୋଲି ଅନୁମାନ କରାଯାଇଛି। କନ୍‌ରାଡ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଏକକ ସଂଖ୍ୟାଗରିଷ୍ଠ ଦଳ ହେବାକୁ ଥିବାବେଳେ ଭାଜପା ତୃତୀୟ ସ୍ଥାନରେ ରହିପାରେ ବୋଲି ଆକଳନ କରାଯାଇଛି।

ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆର ଏକ୍‌ଜିଟ୍ ପୋଲ୍ ସର୍ଭେ ଅନୁଯାୟୀ ୬୦ ଆସନ ବିଶିଷ୍ଟ ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ଏବଂ ଏହାର ସହଯୋଗୀଙ୍କୁ ୩୬ରୁ ୪୫ ଆସନ ମିଳିବାକୁ ଥିବାବେଳେ ବାମ ମେଣ୍ଟକୁ ୬ରୁ ୧୧ ଆସନ ମିଳିପାରେ। ସେହିପରି ଜାନ୍ କୀ ବାତ୍ ପକ୍ଷରୁ କରାଯାଇଥିବା ସର୍ଭେରେ ଭାଜପା ମେଣ୍ଟ ୨୯ରୁ ୪୦ ଆସନ ☞ପୃଷ୍ଠା-୪




# ଦେବ୍ରିଗଡ଼, ଘଟଗାଁରେ ବୁଲୁଛି ମହାବଳ

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

### ଅଧିକ ସିସି କ୍ୟାମେରା ଲଗାଇବାକୁ ପିସିସିଏଫ୍‌ଙ୍କ ନିର୍ଦ୍ଦେଶ



ଓଡ଼ିଶାର ଦୁଇଟି ସ୍ଥାନରେ ଏବେ ମହାବଳ ବାଘ ବୁଲୁଥିବା ଦେଖାଯାଇଛି। ଛତିଶଗଡ଼ର ଏକ ମହାବଳ ବାଘ ସମ୍ବଲପୁରର ଦେବ୍ରିଗଡ଼କୁ ନିୟମିତ ଆସୁଛି। ବର୍ତ୍ତମାନ ଏହି ବାଘ ଦେବ୍ରିଗଡ଼ ଜଙ୍ଗଲରେ ରହିଛି। ତାହାର ଫଟୋ କ୍ୟାମେରାରେ କଏଦ ହୋଇଛି। ଏଥିସହ ବାଘଟି ବରଗଡ଼ର ୨ଟି ଜଙ୍ଗଲରେ ମଧ୍ୟ ବୁଲାବୁଲି କରୁଛି। ଏନେଇ ପିସିସିଏଫ(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିକଟରେ ଦେବ୍ରିଗଡ଼କୁ ବ୍ୟାଘ୍ର ଅଭୟାରଣ୍ୟ ଘୋଷଣା କରିବାକୁ ଏନ୍‌ଟିସିଏ ସୁପାରିଶ କରିଛି। ଏବେ ରାଜ୍ୟ ସରକାରଙ୍କୁ ଏନେଇ ବିଜ୍ଞପ୍ତି ଜାରି କରିବାକୁ ପଡ଼ିବ। ଏହାପରେ ଦେବ୍ରିଗଡ଼ ବ୍ୟାଘ୍ର ଅଭୟାରଣ୍ୟ ହୋଇପାରିବ। ଇତିମଧ୍ୟରେ ଦେବ୍ରିଗଡ଼କୁ ବ୍ୟାଘ୍ର ଅଭୟାରଣ୍ୟ ଘୋଷଣା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ବନ ବିଭାଗ। ଦେବ୍ରିଗଡ଼ରେ କ୍ୟାମେରା ଟ୍ରାପ୍ ସଂଖ୍ୟା ବଢ଼ାଯାଇଛି। ବାଘ ପରିଚାଳନା ଲାଗି ଏକ ଅତିରିକ୍ତ ସ୍କ୍ୱାଡ୍ ମଧ୍ୟ ମଞ୍ଜୁର କରାଯାଇଛି। ଏପରିକି ସେଠାରେ ବାଘର ପାଦଚିହ୍ନ ଡାଟା ଆନାଲିସିସ୍ ସହାୟତା କରିବାକୁ ଜଣେ ବାୟୋଲଜିଷ୍ଟଙ୍କୁ ପ୍ରତି ମାସରେ ୧୦ ଦିନ ଲାଗି ସେଠାକୁ ପଠାଯାଉଛି। ସେପଟେ କେନ୍ଦୁଝରର ଘଟଗାଁରେ ମଧ୍ୟ ଏକ ମହାବଳ ବାଘ ବୁଲାବୁଲି କରୁଥିବା ସୂଚନା ମିଳିଛି। ଏହାର ବୟସ ୩ରୁ ୪ବର୍ଷ ବୋଲି ଅନୁମାନ କରାଯାଉଛି। ତେଣୁ ସେହି ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ପିସିସିଏଫ୍ ସେଠାରେ ଅଧିକ ସିସିଟିଭି କ୍ୟାମେରା ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଘଟଗାଁବାସୀ ଭୟଭୀତ ନ ହେବାକୁ ପିସିସିଏଫ୍ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ଫେବୃୟାରୀ, ୨୦୨୩



ଅଭିନେତ୍ରୀରୁ ରାଜନେତା ପାଲଟିଥିବା ଭାଜପାର ଖୁସ୍‌ବୁ ସୁନ୍ଦରଙ୍କୁ ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ) ସଦସ୍ୟ ମନୋନୀତ କରାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ନେଇ ସେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ନିଷ୍ଠାପର ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ବୋଲି ପୋଷ୍ଟରେ କହିଛନ୍ତି।



# ୟୁପି ପୋଲିସ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

## ଉମେଶ ପାଲ୍ ହତ୍ୟା ମାମଲା

ପ୍ରୟାଗରାଜ, ୨୭।୨(ପି.ଟି.)

ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ ପାଲ୍‌ଙ୍କୁ ଗତ ୨୪ ତାରିଖରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତଙ୍କୁ ସୋମବାର ୟୁପି ପୋଲିସ ଏନ୍‌କାଉଣ୍ଟର କରିଛି। ସାକ୍ଷୀ ଉମେଶ ପାଲ୍ ହତ୍ୟାକାଣ୍ଡରେ ବ୍ୟବହୃତ ଏସ୍‌ୟୁଭିକୁ ଅର୍ବାଜ ଚଳାଉଥିଲେ। ଗୋଇନ୍ଦା ସୂଚନା ପାଇ ପୋଲିସ ଟିମ୍ ତାଙ୍କୁ ଧରିବା ପାଇଁ ପହଞ୍ଚିଥିଲା। ଅପରାହ୍ନ ୩ଟାରେ ଧୁମାନଗଞ୍ଜ ଥାନା ଅନ୍ତର୍ଗତ ନେହେରୁ ପାର୍କ ନିକଟରେ ପୋଲିସ ଟିମ୍‌କୁ ଦେଖି



ପୋଲିସ ଏନ୍‌କାଉଣ୍ଟର ପରେ ଆହତ ଅଭିଯୁକ୍ତ ଅର୍ବାଜଙ୍କୁ ହସ୍ପିଟାଲ ନିଆଯାଉଛି।

ସେ ଗୁଳି ଚଳାଇଥିଲା। ଫଳରେ ପୋଲିସ ଏହାର ଏନ୍‌କାଉଣ୍ଟର କରିଥିଲା। ପୋଲିସ ଗୁଳିରେ ଗୁରୁତର ଅର୍ବାଜଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅର୍ବାଜଙ୍କ ସହ ଥିବା ଅନ୍ୟ ୨/୩ ଜଣ ଘଟଣାସ୍ଥଳରୁ ଖସି ପଳାଇଥିଲେ ବୋଲି ଡିସିପି ନବେନ୍ଦୁ କୁମାର କହିଛନ୍ତି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଉମେଶ ଓ ତାଙ୍କ ପୋଲିସ ସୁରକ୍ଷା ଗାର୍ଡ ସନ୍ଦୀପ ନିଶାଦଙ୍କୁ ପ୍ରୟାଗରାଜର ଧୁମାନଗଞ୍ଜ ଘର ନିକଟରେ ହତ୍ୟା କରାଯାଇଥିଲା। ଅନ୍ୟତମ ସୁରକ୍ଷା ଗାର୍ଡ ରାଘବେନ୍ଦ୍ର ସିଂ ଗୁଳିମାଡ଼ରେ ଆହତ ହୋଇଥିଲେ। ତାଙ୍କୁ ଲକ୍ଷ୍ନୌ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉମେଶଙ୍କ ସ୍ତ୍ରୀ ଜୟା ପାଲ୍‌ଙ୍କ ଅଭିଯୋଗକ୍ରମେ ଧୁମାନଗଞ୍ଜ ଥାନା ପକ୍ଷରୁ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ଅତିକ ଅହମଦ, ତାଙ୍କ ଭାଇ ଅଶ୍ରଫ, ସ୍ତ୍ରୀ ଶାଇସ୍ତା ପର୍‌ବିନ ଓ ସହଯୋଗୀ ଗୁଡ୍ଡୁ ମୁସଲିମ ଏବଂ ଗୁଲାମ ଓ ଅନ୍ୟ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ହତ୍ୟାକାଣ୍ଡକୁ ନେଇ ରାଜ୍ୟର ଆଇନ ଶୃଙ୍ଖଳା ଉପରେ ସମାଜବାଦୀ ପାର୍ଟି ପ୍ରଶ୍ନ ଉଠାଇବାରୁ ମାଫିଆମାନଙ୍କୁ ଧ୍ୱଂସ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ।

# ଏନ୍‌ଇଇଟି-ପିଜି ସ୍ଥଗିତ ହେବନି

ନୂଆଦିଲ୍ଲୀ, ୨୭।୨(ପି.ଟି.)

ଆସନ୍ତା ମାସ ୫ରେ ହେବାକୁ ଥିବା ଜାତୀୟ ଯୋଗ୍ୟତା ତଥା ପ୍ରବେଶିକ ପରୀକ୍ଷା(ଏନ୍‌ଇଇଟି)-ପିଜି ୨୦୨୩ ସ୍ଥଗିତ ରହିବ ନାହିଁ। ସ୍ଥଗିତାଦେଶ ଲାଗି ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ ନ କରିବାକୁ ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ସୋମବାର ଆଡମିଟ୍ କାର୍ଡ ଇସ୍ୟୁ ହୋଇସାରିଛି ଏବଂ ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୧୫ରୁ କାଉନ୍‌ସେଲିଂ ଆରମ୍ଭ ହୋଇପାରେ ବୋଲି ଜାତୀୟ ପରୀକ୍ଷା ବୋର୍ଡ (ଏନ୍‌ବିଇ) ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି କୋର୍ଟଙ୍କୁ କହିଥିଲେ। ଜଷ୍ଟିସ୍ ଏସ୍.ଆର୍. ଭଟ୍ଟ ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠଙ୍କୁ ଐଶ୍ୱର୍ଯ୍ୟା କହିଥିଲେ, ପରୀକ୍ଷା ପରିଚାଳନା ଲାଗି ଆମ ବୈଷୟିକ ସହଯୋଗୀଙ୍କୁ ନିକଟ ଭବିଷ୍ୟତରେ ସମୟ ମିଳିବ



## ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ

ନାହିଁ। ଅନ୍ୟ ପକ୍ଷରେ ଇଣ୍ଟର୍ନଶିପ୍ ପାଇଁ କଟ୍-ଅଫ୍ ତାରିଖକୁ ଅଗଷ୍ଟ ୧୧ ଯାଏ ବଢ଼ାଯାଇଥିବାରୁ ପରୀକ୍ଷା ସ୍ଥଗିତ ରଖିବା ସହ ଉକ୍ତ ତାରିଖ ପରେ କାଉନସେଲିଂ କରାଇବାକୁ ପିଟିଶନର ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ପ୍ରାୟ ୨.୦୯ ଲକ୍ଷ ପିଲା ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବାରୁ ଏହାକୁ ସ୍ଥଗିତ ରଖାଗଲେ ନିକଟ ଭବିଷ୍ୟତରେ ବିକଳ୍ପ ତାରିଖ ଧାର୍ଯ୍ୟ ହୋଇପାରିବ ନାହିଁ ବୋଲି ଗତ ୨୪ ତାରିଖରେ ଏନ୍‌ବିଇ କୋର୍ଟଙ୍କୁ ଜଣାଇଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଖଣ୍ଡପୀଠ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

## ସଂକ୍ଷେପରେ

### ଓଆର୍‌ଓପିକୁ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ତାଗିଦା

### ବିଜ୍ଞପ୍ତି ପ୍ରତ୍ୟାହାର ନ କଲେ ଅବମାନନା ନୋଟିସ ପଠାଯିବ

**ନୂଆଦିଲ୍ଲୀ, ୨୭।୨:** ଗୋଟିଏ ପାହ୍ୟା, ଗୋଟିଏ ପେନ୍‌ସନ (ଓଆର୍‌ଓପି)ରେ ସେନାବାହିନୀର ଯୋଗ୍ୟ ପେନସନ୍‌ଭୋଗୀଙ୍କୁ ୪ କିସ୍ତିରେ ବକେୟା ପୈଠ କରିବା ପାଇଁ ଏକ ବିଜ୍ଞପ୍ତି ଉପରେ ସୁପ୍ରିମକୋର୍ଟ ସୋମବାର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଭର୍ତ୍ସନା କରିଛନ୍ତି। ବିଭାଗକୁ ସଜାଡ଼ିବା ସହ ଯଦି ବିଜ୍ଞପ୍ତି ପ୍ରତ୍ୟାହାର କରା ନ ଯାଏ, ତେବେ ଅଦାଲତ ଅବମାନନା ନୋଟିସ ପଠାଯିବ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମନ୍ତ୍ରଣାଳୟକୁ ଚେତାବନୀ ଦେଇଛନ୍ତି। ଓଆର୍‌ଓପିକୁ ନେଇ ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କିସ୍ତିରେ ବକେୟା ପୈଠ କରିବାକୁ ନିଷ୍ପତ୍ତି ନିଆଗଲା କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ୪ଟି ବଦଳରେ ଗୋଟିଏ କିସ୍ତିରେ ବକେୟା ପେନ୍‌ସନ ପୈଠ କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପୂର୍ବତନ ସେନା କର୍ମଚାରୀମାନଙ୍କ ଏକ ସଂଗଠନ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାର୍ଚ୍ଚ ୧୫ ସୁଦ୍ଧା ସମସ୍ତ ବକେୟା ପେନ୍‌ସନ ପୈଠ କରିବାକୁ ଗତ ଜାନୁୟାରୀ ୯ରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବକେୟାକୁ ୪ଟି କିସ୍ତିରେ ଦେବା ଲାଗି ଜାନୁୟାରୀ ୨୦ରେ ପ୍ରତିରକ୍ଷା ସଚିବାଳୟ ବିଜ୍ଞପ୍ତି ଜାରି କରିଥିଲା।

### ଇରାନ୍‌ରେ ସ୍କୁଲ ନ ଯିବା ପାଇଁ ଝିଅଙ୍କୁ ଅସୁସ୍ଥ କରାଯାଉଛି

**ତେହରାନ୍, ୨୭।୨:** ଝିଅମାନଙ୍କୁ ପାଠ ପଢ଼ିବାକୁ ନ ଦେବା ଲାଗି ସେମାନଙ୍କୁ ସ୍ଲୋ ପଏଜନ ଦେଇ ଅସୁସ୍ଥ କରାଯାଉଥିବା ରବିବାର ଇରାନ୍‌ର ଡେପୁଟି ମନ୍ତ୍ରୀ ସୂଚନା ଦେଇଛନ୍ତି। କ୍ୟୁଓମ ସହରରେ ଏଭଳି ଘଟଣା ଅଧିକମାତ୍ରାରେ ଘଟୁଛି। କ୍ୟୁଓମର କିଛି ସ୍କୁଲ ଛାତ୍ରୀଙ୍କୁ ବିଷ ଦିଆଯିବା ପରେ ସ୍ଥାନୀୟ ଲୋକେ ବାଳିକା ସ୍କୁଲ ବନ୍ଦ କରିବା ନେଇ ଦାବି କରିଥିବା ଇରାନ୍ ଉପସ୍ୱାସ୍ଥ୍ୟମନ୍ତ୍ରୀ ୟୋନେସ ପାନାହି କହିଛନ୍ତି। ଏ ନେଇ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି।

### ଡ୍ୟୁଟିରେ ଥିବା ୨ ଯବାନଙ୍କୁ ମାଡ଼

**ନୂଆଦିଲ୍ଲୀ, ୨୭।୨:** ଦୁଇ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କୁ ଡ୍ୟୁଟି ସମୟରେ ବାଂଲାଦେଶୀ ଗ୍ରାମବାସୀ ଓ କେତେଜଣ ଅପରାଧ ପ୍ରବୃତ୍ତିର ଲୋକେ ମାଡ଼ ମାରିବା ଘଟଣା ସାମ୍ନାକୁ ଆସିଛି। ଏ ନେଇ ବର୍ଡର ଗାର୍ଡସ୍ ବାଂଲାଦେଶ (ବିଜିବି) ଏବଂ ବିଏସ୍‌ଏଫ୍ ମଧ୍ୟରେ ଫ୍ଲାଗ୍ ମିଟିଂ ବସିଥିଲା। ଭାରତୀୟ କୃଷକଙ୍କ ଅଭିଯୋଗ କ୍ରମେ, ବାଂଲାଦେଶର କେତେଜଣ କୃଷକ ସୀମା ପାର୍ କରି ସେମାନଙ୍କ ଜମିରେ ଗାଈ ଚରାଇବା ସହ ଫସଲ ନଷ୍ଟ ଅଭିଯୋଗ କରିଥିଲା। ଏ ନେଇ ବିଏସ୍‌ଏଫ୍ ପକ୍ଷରୁ ସୀମା ନିକଟରେ ଏକ ଅସ୍ଥାୟୀ ପୋଷ୍ଟ ନିର୍ମାଣ କରାଯାଇଥିଲା। ରବିବାର ଡ୍ୟୁଟିରେ ଥିବା ଯବାନ ବାଂଲାଦେଶ କୃଷକଙ୍କୁ ସୀମା ପାର୍ କରାଇ ନ ଦେବାରୁ ଶତାଧିକ ଲୋକ ଏକାଠି ହୋଇ ଯବାନଙ୍କୁ ମାଡ ମାରି ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିଲେ।

# ୫ ଦିନ ସିବିଆଇ ହାଜତକୁ ଗଲେ ସିସୋଡିଆ



ମନୀଷ ସିସୋଡିଆ

ନୂଆଦିଲ୍ଲୀ, ୨୭।୨

ଅବକାରୀ ନୀତି ଅନିୟମିତତା ମାମଲାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ରବିବାର ଗିରଫ ହୋଇଥିବାବେଳେ ସ୍ଥାନୀୟ ଅଦାଲତ ସୋମବାର ତାଙ୍କୁ ୫ ଦିନ ପାଇଁ ସିବିଆଇ ହାଜତକୁ ପଠାଇଦେଇଛନ୍ତି। ଯୋଜନାବଦ୍ଧ ଏବଂ ଗୋପନ ଢଙ୍ଗରେ ଷଡ଼ଯନ୍ତ୍ର ହୋଇଥିବାରୁ ଅଧିକ ଜେରା ଲାଗି ସିସୋଡିଆଙ୍କୁ ୫ ଦିନ ରିମାଣ୍ଡରେ ନେବା ଲାଗି ସିବିଆଇ ଅଦାଲତଙ୍କୁ ଅନୁରୋଧ କରିଥିଲା। ଅନ୍ୟ ପକ୍ଷରେ ଯଦି ଜଣେ କିଛି କହିବାକୁ ନ ଚାହୁଁଛି, ଏହି କାରଣ ପାଇଁ ତାଙ୍କୁ ଗିରଫ କରାଯାଇପାରିବ ନାହିଁ କହି ସିସୋଡିଆଙ୍କ ଓକିଲ ରିମାଣ୍ଡ ଆବେଦନକୁ ବିରୋଧ କରିଥିଲେ।

ଓକିଲ କହିଥିଲେ, ମନ୍ତ୍ରୀ ପୁରୁଣା ଫୋନ୍ ବଦଳାଇ କ'ଣ କରିବେ। ସେ ଏହାକୁ ସେକେଣ୍ଡ ହ୍ୟାଣ୍ଡ ଦୋକାନକୁ ପଠାଇପାରିବେ ନାହିଁ। ଏଥିରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିଲା। ଏହାକୁ ନେଇ ସିବିଆଇ ପ୍ରଶ୍ନ କରିଥିଲେ ମଧ୍ୟ ସିସୋଡିଆ ସ୍ୱୀକାର କରି ନ ଥିଲେ ବୋଲି ତାଙ୍କ ଓକିଲ କହିଛନ୍ତି। ୨୦୨୧-





ମନୀଷ ସିସୋଡିଆଙ୍କ ଗିରଫଦାରି ପ୍ରତିବାଦରେ ଜୟପୁରରେ ଏଏପି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## କଳା ଦିବସ ପାଳିଲା ଏଏପି
## ବିଭିନ୍ନ ରାଜ୍ୟରେ ବିକ୍ଷୋଭ

୨୨ ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ଅଭିଯୋଗରେ ସିସୋଡିଆଙ୍କୁ ସିବିଆଇ ରବିବାର ୮ ଘଣ୍ଟା ଜେରା କରିବା ପରେ ଗିରଫ କରିଥିଲା। ଏହାକୁ ବିରୋଧ କରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) କର୍ମୀମାନେ ରାସ୍ତାକୁ ଓହ୍ଲାଇଥିଲେ। ସୋମବାର ଦଳ କଳା ଦିବସ ପାଳନ କରିଛି। ବିଭିନ୍ନ ରାଜ୍ୟରେ ଏଏପି କର୍ମୀମାନେ ସିସୋଡିଅଙ୍କ ଗିରଫଦାରି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚଣ୍ଡିଗଡ଼, ଦିଲ୍ଲୀ, ଭୋପାଳ ଓ ଅନ୍ୟ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୋମବାର ଦିଲ୍ଲୀରେ ଏଏପିର ବଡ଼ ବିକ୍ଷୋଭ ଆହ୍ୱାନ ପରେ ଭାଜପା ମୁଖ୍ୟାଳୟ ଚାରିପଟେ ସୁରକ୍ଷା ବଢ଼ାଇଦିଆଯାଇଥିଲା। ଭାଜପା ଏବଂ ଏଏପି କାର୍ଯ୍ୟାଳୟ ଥିବା ଡିଡିୟୁ ମାର୍ଗକୁ ଯାଇଥିବା ବିଭିନ୍ନ ରାସ୍ତାରେ ପୋଲିସ ବ୍ୟାରିକେଡ୍ ଲଗାଇଥିଲା। ଆଇନଶୃଙ୍ଖଳା ରକ୍ଷା ଲାଗି ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରାଯାଇଥିଲା। ଦଳର ୮୦ ପ୍ରତିଶତ ନେତାଙ୍କୁ ପୋଲିସ ଗିରଫ କରିଥିବା ଏଏପି ଅଭିଯୋଗ କରିଛି। ଅନ୍ୟପକ୍ଷରେ ରବିବାର ପୋଲିସ ଅଟକ ରଖିଥିବା ନେତାମାନଙ୍କୁ ସୋମବାର ଛାଡ଼ିଦେଇଥିବା କହିଛି।

ରବିବାର ଏଏପି ଏମ୍‌ପି ସଞ୍ଜୟ ସିଂ, ମନ୍ତ୍ରୀ ଗୋପାଳ ରାୟଙ୍କ ନେତୃତ୍ୱରେ ଏଏପି ନେତାମାନେ ସିବିଆଇ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ କରୁଥିବାବେଳେ ପୋଲିସ ୫୦ ଜଣଙ୍କୁ ଅଟକ ରଖିଥିଲା। ସେହିପରି ତ୍ରିଲୋକପୁରୀ ବିଧାୟକ ରୋହିତ କୁମାର ମେହରୋଲିଆ ଏବଂ ସଙ୍ଗମବିହାର ବିଧାୟକ ଦିନେଶ ମୋହନିୟାଙ୍କୁ ମଧ୍ୟ ଅଟକ ରଖାଯାଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର କହିଛନ୍ତି, ସିସୋଡିଆଙ୍କ ଗିରଫଦାରିକୁ ଅଧିକାଂଶ ସିବିଆଇ ଅଫିସର ବିରୋଧ କରିଥିଲେ। ତେବେ ରାଜନୈତିକ ଚାପ ଯୋଗୁ ତାଙ୍କୁ ଗିରଫ କରାଯାଇଛି। ଅଫିସରମାନଙ୍କର ସିସୋଡିଆଙ୍କ ପ୍ରତି ସମ୍ମାନ ରହିଛି। ତାଙ୍କ ବିରୋଧରେ କୌଣସି ତଥ୍ୟପ୍ରମାଣ ନ ଥିଲା ବୋଲି କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷରେ ସିସୋଡିଆଙ୍କ ଗିରଫଦାରି ପଛର ତଥ୍ୟ ଲୁଚାଇବା ଲାଗି ମୁଖ୍ୟମନ୍ତ୍ରୀ ମିଛ ତଥା ମନଗଢ଼ା କଥା କହୁଥିବା ଭାଜପା ଏମ୍‌ପି ମନୋଜ ତିୱାରୀ ଅଭିଯୋଗ କରିଛନ୍ତି।

## 'କେସିଆର୍‌ଙ୍କ ଝିଅ ଗିରଫ ହେବେ'



କେ. କବିତା

**ତିରୁପତି, ୨୭।୨:** ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ମାମଲାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ କେ. କବିତା ଖୁବ୍‌ଶୀଘ୍ର ସିବିଆଇ ଦ୍ୱାରା ଗିରଫ ହେବେ ବୋଲି ଜଣେ ଭାଜପା ନେତା ସୋମବାର କହିଛନ୍ତି। ଏହି ମାମଲାରେ ସିବିଆଇ ରବିବାର ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଗିରଫ କରିଥିବାବେଳେ ଏଥିରେ ସମ୍ପୃକ୍ତ ଅନ୍ୟ କେତେଜଣଙ୍କୁ ଗିରଫ କରାଯିବା ସମ୍ଭାବନା ରହିଥିବା ତେଲଙ୍ଗାନା ଭାଜପା ନେତା ବିବେକ କହିଛନ୍ତି। ପଞ୍ଜାବ ଓ ଗୁଜରାଟ ବିଧାନସଭା ନିର୍ବାଚନ ବେଳେ ବିଆର୍‌ଏସ୍ ନେତ୍ରୀ କବିତା ଆମ୍ ଆଦ୍‌ମୀ ପାର୍ଟିକୁ ୧୫୦ କୋଟି ଟଙ୍କା ଦେଇଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବକାରୀ ଦୁର୍ନୀତି ମାମଲାରେ ଦାଖଲ କରିଥିବା ଚାର୍ଜଶିଟ୍‌ରେ କବିତାଙ୍କ ନାଁ ରହିଛି। ଏକ ମଦ କମ୍ପାନୀରେ ବିଆର୍‌ଏସ୍ ନେତ୍ରୀଙ୍କର ୬୫ ପ୍ରତିଶତ ଅଂଶଧନ ରହିଥିବା ଅଭିଯୋଗ ହୋଇଛି।

## ପାଖ ଲୋକ ପୁଟିନ୍‌ଙ୍କୁ ହତ୍ୟା କରିବେ: ଜେଲେନ୍‌ସ୍କି

କିଭ୍, ୨୭।୨

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ ପାଖ ଲୋକଙ୍କ ଦ୍ୱାରା ହତ୍ୟାର ଶିକାର ହେବେ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦାବି କରିଛନ୍ତି। ରୁଷିଆ ଆକ୍ରମଣକୁ ବର୍ଷେ ପୂରିବା ନେଇ ୟୁକ୍ରେନ୍ ପକ୍ଷରୁ ଏକ ବୃତ୍ତଚିତ୍ର ନିର୍ମାଣ କରାଯାଇଛି, ଯେଉଁଥିରେ ଜେଲେନ୍‌ସ୍କି ଏପରି କହିଥିବା ଜଣାପଡ଼ିଛି। ତେବେ ଏହି ବୃତ୍ତଚିତ୍ରର ନାଁ 'ଇୟର୍' ରହିଛି। ଆସନ୍ତା ଶୁକ୍ରବାର ଏହି ଡକ୍ୟୁମେଣ୍ଟାରି ରିଲିଜ୍ କରାଯିବାର ଯୋଜନା ରହିଛି। ପୁଟିନ୍‌ଙ୍କ କାର୍ଯ୍ୟପ୍ରଣାଳୀରେ ଅତିଷ୍ଠ ହୋଇ ଅତି ନିକଟ ସହଯୋଗୀ ତାଙ୍କ ବିରୋଧରେ ଯିବେ। ଏହାପରେ ସେମାନଙ୍କୁ ପୁଟିନ୍‌ଙ୍କ ଭଳି ଜଣେ ହତ୍ୟାକାରୀଙ୍କୁ ଜୀବନରୁ ମାରିବା ପାଇଁ କାରଣ ମିଳିଯିବ। ଏହା ସୁନିଶ୍ଚିତ ହେବ। କିନ୍ତୁ କେବେ ହେବ ତାହା କହିପାରିବି ନାହିଁ ବୋଲି ଜେଲେନ୍‌ସ୍କି କହିଛନ୍ତି। ଯୁଦ୍ଧକ୍ଷେତ୍ରରେ ରୁଷୀୟ ସୈନ୍ୟ ଅଭିଯୋଗ କରୁଥିବା ଏବଂ କାନ୍ଦୁ ଥିବାର ଭିଡିଓ ବହୁଳ ପ୍ରସାର ହେବାରେ ଲାଗିଛି। ଏହାକୁ ନେଇ 'ଦ ୱାଶିଂଟନ୍ ପୋଷ୍ଟ' ପକ୍ଷରୁ କୁହାଯାଇଥିଲା ଯେ, ପୁଟିନ୍‌ଙ୍କ କେତେଜଣ ଖାସ୍ ସହଯୋଗୀ ତାଙ୍କ ଉପରେ ନିରାଶ ହୋଇଛନ୍ତି। ଶେଷରେ ୟୁକ୍ରେନ୍‌ର ବିଜୟ ହେବ ଏବଂ ଜାତୀୟ ପତାକା ଦେଶର ପ୍ରତି କୋଣଅନୁକୋଣରେ ଉଡ଼ିବ ବୋଲି ଜେଲେନ୍‌ସ୍କି କହିଛନ୍ତି।

## ପିଏମ୍-କିଷାନ ଯୋଜନା

### ୮ କୋଟି ଚାଷୀଙ୍କ ଆକାଉଣ୍ଟକୁ ପଠାଗଲା ୧୬ ହଜାର କୋଟି

ବେଲାଗାଭି, ୨୭।୨

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ତ୍ରୟୋଦଶ କିସ୍ତି ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୧୬,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହିତାଧିକାରୀ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଛନ୍ତି। ଏହାଦ୍ୱାରା ୮ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ୨,୦୦୦ ଟଙ୍କା ଲେଖାଏ ୩ଟି କିସ୍ତିରେ ବର୍ଷକୁ ୬,୦୦୦ ଟଙ୍କା ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ କର୍ନାଟକର ବେଲାଗାଭିରେ ଥାଇ ଉକ୍ତ କିସ୍ତି ଅର୍ଥ ଛାଡ଼ିବା ସହ ବେଲାଗାଭି ରେଳଷ୍ଟେଶନ ବିଲ୍ଡିଂକୁ ରାଷ୍ଟ୍ରକୁ ଉତ୍ସର୍ଗ କରିଥିଲେ।

# ତୁର୍କୀରେ ୫.୬ ତୀବ୍ରତାର ଭୂକମ୍ପ



ଇସ୍ତାନବୁଲ, ୨୭।୨

ସୋମବାର ତୁର୍କୀର ପୂର୍ବାଞ୍ଚଳରେ ୫.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬୯ ଜଣ ଆହତ ହୋଇଛନ୍ତି। ମାଲାତ୍ୟାର ୟେସିଲ୍ୟୁର୍ଟ ଜିଲାରେ ଭୂକମ୍ପର ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ଗତ ୬ ତାରିଖରେ ଭୟାବହ ଭୂକମ୍ପରେ ଭାଙ୍ଗିଯାଇଥିବା ବିଲ୍ଡିଂର ଆଉକିଛି ଅଂଶ ସଦ୍ୟ ଭୂକମ୍ପ ପ୍ରଭାବରେ ଭୁଶୁଡ଼ିପଡ଼ିଛି। କିଛି ଅଞ୍ଚଳରେ ରେସ୍କ୍ୟୁ ଅପରେଶନ୍ ଚାଲିଥିବାବେଳେ ଭୂକମ୍ପ ଅନୁଭୂତ ହେବାପରେ ଉଦ୍ଧାରକାରୀ ଦଳ ସ୍ଥାନ ଛାଡ଼ି ସୁରକ୍ଷିତ ଜାଗାକୁ ଚାଲିଯାଇଥିଲେ। ସୋମବାର ରାଷ୍ଟ୍ରପତି ଇର୍ଦୋଗାନ ତୁର୍କୀ ଦକ୍ଷିଣ-ପୂର୍ବାଞ୍ଚଳରେ

## ଉଦ୍ଧାର କାର୍ଯ୍ୟ ବିଳମ୍ବ ନେଇ କ୍ଷମା ମାଗିଲେ ରାଷ୍ଟ୍ରପତି

ଥିବା ଅଦିୟମାନ ପରିଦର୍ଶନ କରିଥିଲେ। ଖରାପ ପାଗ ପାଇଁ ସେଠାରେ ରେସ୍କ୍ୟୁ କାର୍ଯ୍ୟ ବିଳମ୍ବ ହେଉଥିବା ଯୋଗୁ ସ୍ଥାନୀୟ ଲୋକଙ୍କୁ ସେ କ୍ଷମା ମାଗିଥିଲେ। ବର୍ତ୍ତମାନ ସୁଦ୍ଧା ତୁର୍କୀରେ ୧୦,୦୦୦ ପଶ୍ଚାତ୍ କମ୍ପନ ଅନୁଭୂତ ହୋଇସାରିଲାଣି। ଭୂକମ୍ପ ପ୍ରଭାବରେ ୧୭୩, ୦୦୦ ବିଲ୍ଡିଂର କ୍ଷତି ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ରାଷ୍ଟ୍ରପତି ତାୟିପ ଇର୍ଦୋଗାନ୍ ବର୍ଷକମଧ୍ୟରେ ଦେଶରେ ୨୭୦,୦୦୦ ବିଲ୍ଡିଂ ନିର୍ମାଣର ଯୋଜନା ରଖିଥିବା କହିଛନ୍ତି। ପୂର୍ବରୁ ହୋଇଥିବା ପ୍ରାଣଘାତୀ ଭୂକମ୍ପରେ ତୁର୍କୀ ଓ ସିରିଆରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି।

# ଅଗ୍ନିପଥ ଯୋଜନା ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ, ୨୭।୨:** ସଶସ୍ତ୍ର ବଳରେ ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହି ଯୋଜନାରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ କହିଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏବଂ ସଶସ୍ତ୍ର ବଳକୁ ଅଧିକ ସୁଦୃଢ଼ କରିବା ପାଇଁ ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ଖଣ୍ଡପୀଠ ଦର୍ଶାଇଛନ୍ତି। ଗତବର୍ଷ ଡିସେମ୍ବର ୧୫ରେ ହାଇକୋର୍ଟ ପିଟିଶନଗୁଡ଼ିକର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଦିଲ୍ଲୀ ସମେତ କେରଳ, ପଞ୍ଜାବ ଓ ହରିୟାଣା, ପାଟନା, ଉତ୍ତରାଖଣ୍ଡ ହାଇକୋର୍ଟରେ ଅଗ୍ନିପଥ ଯୋଜନା ବିରୋଧରେ ପିଟିଶନ ଦାଏର ହୋଇଥିଲା। ସେଗୁଡିକୁ ଦିଲ୍ଲୀ ହାଇକୋର୍ଟକୁ ସ୍ଥାନାନ୍ତର କରିବା କିମ୍ବା ରାୟ ପ୍ରକାଶ ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ଗତ ଜୁଲାଇରେ ଅନ୍ୟ ହାଇକୋର୍ଟଗୁଡ଼ିକୁ କହିଥିଲେ।

# ପ୍ରଚଣ୍ଡ ସରକାରରୁ ସମର୍ଥନ ପ୍ରତ୍ୟାହାର କଲା ଓଲିଙ୍କ ଦଳ

କାଠମାଣ୍ଡୁ, ୨୭।୨

ନେପାଳର ଦ୍ୱିତୀୟ ବୃହତ୍ ରାଜନୈତିକ ଦଳ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ସିପିଏନ୍-ୟୁଏମ୍‌ଏଲ୍ ପୁଷ୍ପ କୁମାର ଦହଲ 'ପ୍ରଚଣ୍ଡ'ଙ୍କ ନେତୃତ୍ୱାଧୀନ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛି। ଫଳରେ ମେଣ୍ଟ ସରକାର ସଙ୍କଟରେ ପଡ଼ିଯାଇଛି। ରାଷ୍ଟ୍ରପତି ନିର୍ବାଚନ ବେଳେ ରାଜନୈତିକ ସମୀକରଣରେ ପରିବର୍ତ୍ତନକୁ ନେଇ ଓଲିଙ୍କ ଦଳ ଏଭଳି ନିଷ୍ପତ୍ତି ନେଇଛି। ମେଣ୍ଟ ସରକାର ପାଇଁ ହୋଇଥିବା ଚୁକ୍ତିନାମାକୁ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ



ପୁଷ୍ପ କୁମାର ଦହଲ 'ପ୍ରଚଣ୍ଡ'

ଉଲ୍ଲଂଘନ କରିଥିବା ସିପିଏନ୍-ୟୁଏମ୍‌ଏଲ୍ ଅଭିଯୋଗ କରିଛି। ସୋମବାର ଓଲିଙ୍କ ଅଧ୍ୟକ୍ଷତାରେ ସିପିଏନ୍-ୟୁଏମ୍‌ଏଲ୍‌ର ଉଚ୍ଚସ୍ତରୀୟ ବୈଠକ ବସି ସରକାରରୁ ଓହରିଯିବା ସହ ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଦଳର ଉପମୁଖ୍ୟ ବିଷ୍ଣୁ ରାଜାଲ କହିଛନ୍ତି। ପ୍ରଚଣ୍ଡ ଏବଂ ଓଲିଙ୍କ ଦଳ ମଧ୍ୟରେ ମେଣ୍ଟ ଭାଙ୍ଗିବାର ମୁଖ୍ୟ କାରଣ ହେଲା ମାଓବାଦୀ ନେତା ରାଷ୍ଟ୍ରପତି ପଦ ନିମନ୍ତେ ନେପାଳୀ କଂଗ୍ରେସ(ଏନ୍‌ସି)ର ବରିଷ୍ଠ ନେତା ରାମଚନ୍ଦ୍ର ପୌଡେଲଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇବା। ମାର୍ଚ୍ଚ ୯ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଲାଗି ପୌଡେଲ ବିରୋଧୀ ଦଳ ଏନ୍‌ସି ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ସମର୍ଥନ ଜଣାଇ ଡିସେମ୍ବର ୨୫ ଚୁକ୍ତିନାମାର ଉଲ୍ଲଂଘନ କରିବା ସହ ସିପିଏନ୍-ୟୁଏମ୍‌ଏଲ୍‌କୁ ପ୍ରତାରିତ କରିଛନ୍ତି। ସେଥିପାଇଁ ସରକାରରୁ ଓହରିଯିବାକୁ ବାଧ ହେଲୁ ବୋଲି ସିପିଏନ୍-ୟୁଏମ୍‌ଏଲ୍ ଉପମୁଖ୍ୟ କହିଛନ୍ତି। ପ୍ରଚଣ୍ଡ ସରକାରରେ ସିପିଏନ୍-ୟୁଏମ୍‌ଏଲ୍‌ରୁ ଉପପ୍ରଧାନମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ରହିଥିଲେ। ସେମାନେ ସମୂହ ଇସ୍ତଫା ଦେବେ। ସିପିଏନ୍-ୟୁଏମ୍‌ଏଲ୍ ଓହରିଗଲେ ମଧ୍ୟ ପ୍ରଚଣ୍ଡ ସରକାର ଉପରେ ତୁରନ୍ତ ଏହାର ପ୍ରଭାବ ପଡ଼ି ନ ପାରେ। କାରଣ ନେପାଳୀ କଂଗ୍ରେସ ସରକାରଙ୍କୁ ବାହାରୁ ସମର୍ଥନ କରୁଛି। ସରକାରରେ ସମସ୍ୟା ସୃଷ୍ଟି ହୋଇଥିବାରୁ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ କାତାରକୁ ତାଙ୍କର ପ୍ରଥମ ବିଦେଶ ଗସ୍ତ ବାତିଲ କରିଛନ୍ତି।



ଦୁଇଦିନିଆ ମୁମ୍ବାଇଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କୁ ସାକ୍ଷାତ୍ କରିଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ। ଏହି ଅବସରରେ ଓଡ଼ିଶାରେ ରିଲାଏନ୍ସ ଗ୍ରୁପ୍‌ର ପୁଞ୍ଜିନିବେଶ ସମ୍ପର୍କିତ ଯୋଜନା ନେଇ ଆଲୋଚନା କରାଯାଇଥିବା ଜଣାପଡ଼ିଛି।

# ସହକାରୀ ପୋଷ୍ଟମାଷ୍ଟର, ପୋଷ୍ଟାଲ ଏଜେଣ୍ଟଙ୍କୁ ବାନ୍ଧିଲା ସିବିଆଇ

## ଫିକ୍ସଡ ଡିପୋଜିଟ୍ ଟଙ୍କା ଉଠାଣ ପାଇଁ ୨ଲକ୍ଷ ଲାଞ୍ଚ

**ରାଉରକେଲା ଅଫିସ,୨୭।୨**

ଫିକ୍ସଡ ଡିପୋଜିଟ୍ ଟଙ୍କା ଉଠାଣ ପାଇଁ ଜଣେ ବିଧବା ମହିଳାଙ୍କଠାରୁ ୨ଲକ୍ଷ ଟଙ୍କା ଲାଞ୍ଚ ନେବା ମହଙ୍ଗା ପଡିଛି। ଏହି ଘଟଣାରେ ସୋମବାର ରାଉରକେଲା ମୁଖ୍ୟ ଡାକଘରର ସହକାରୀ ପୋଷ୍ଟମାଷ୍ଟର ବିଶ୍ୱରଞ୍ଜନ ବେହେରା ଓ ପୋଷ୍ଟାଲ ଏଜେଣ୍ଟ ବିମଳ କୁମାର ମୁଦୁଲିଙ୍କୁ ସିବିଆଇ ଗିରଫ କରିଛି। ସେମାନଙ୍କଠାରୁ ଦେଢଲକ୍ଷ ଟଙ୍କାର ଚେକ୍ ଓ ୫୦ ହଜାର ଟଙ୍କା ଜବତ ହୋଇଛି। ଉଭୟଙ୍କୁ ସେକ୍ଟର-୪ ସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ନେଇ ଅଧିକ ପଚରାଉଚୁରା କରାଯାଉଛି।

ସୂଚନା ଅନୁସାରେ, ଛେଣ୍ଡ କଲୋନୀର ଶ୍ରୀଧର ସୁତାର ନିଜ ନାମରେ ଗତ ତା ୯.୪.୨୦୧୫ରିଖରେ ରାଉରକେଲା ମୁଖ୍ୟ ଡାକଘରେ ୨୦ ବର୍ଷିଆ ଫିକ୍ସଡ ଡିପୋଜିଟ୍ ଯୋଜନାରେ ୫ଲକ୍ଷ ୩୦ ହଜାର ଟଙ୍କା ଜମା ରଖିଥିଲେ। ଗତ ଦୁଇବର୍ଷ ତଳେ ଶ୍ରୀଧରଙ୍କ ଦେହାନ୍ତ ହୋଇଥିଲା। ଫଳରେ ଫିକ୍ସଡ ଡିପୋଜିଟ୍ ଟଙ୍କାର ମୂଳ ଓ ସୁଧ ସହ ୮ ଲକ୍ଷ ଟଙ୍କାକୁ ମୃତକଙ୍କ ସ୍ତ୍ରୀ ପ୍ରଭାସିନୀ ସୁତାର ଉଠାଇବାକୁ ଚାହିଁଥିଲେ। ଏଥିପାଇଁ ସେ ମୁଖ୍ୟ ଡାକଘର ସହକାରୀ ପୋଷ୍ଟମାଷ୍ଟର ବେହେରାଙ୍କୁ ସାକ୍ଷାତ କରି ଲିଗାଲ ହେୟାର ସହ ଆବଶ୍ୟକ କାଗଜପତ୍ର ପୈଠ କରିଥିଲେ। ସେହିପରି କଳିଙ୍ଗ ବିହାରରେ ରହୁଥିବା ପୋଷ୍ଟାଲ ଏଜେଣ୍ଟ ମୁଦୁଲିଙ୍କୁ ସମୁଦାୟ ଜମା ଟଙ୍କା ଉଠାଇଦେବାକୁ ସେ ଅନୁରୋଧ କରିଥିଲେ। ତେବେ ସବୁ ଟଙ୍କା ଉଠାଇବା ପାଇଁ ସହକାରୀ ପୋଷ୍ଟମାଷ୍ଟର ବେହେରା ଓ ପୋଷ୍ଟାଲ ଏଜେଣ୍ଟ ମୁଦୁଲି ୨ଲକ୍ଷ ୫୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଶେଷରେ ଏହା ୨ଲକ୍ଷ ଟଙ୍କାରେ ଫାଇନାଲ ହେବା ପରେ ପ୍ରଭାସିନୀ ଅଭିଯୁକ୍ତଙ୍କୁ ଅଗ୍ରୀମ ଦେଢଲକ୍ଷ ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଥିଲେ ଏବଂ ପରେ ଅବଶିଷ୍ଟ ୫୦ ହଜାର ଟଙ୍କା ଦେବାକୁ କହିଥିଲେ। ଏହାପରେ ପ୍ରଭାସିନୀ ଭୁବନେଶ୍ୱର ସ୍ଥିତ ସିବିଆଇ ଅଫିସ ସହ ଯୋଗାଯୋଗ କରି ସହାୟତା ଲୋଡିଥିଲେ। ପୂର୍ବ ଯୋଜନା ମୁତାବକ, ସୋମବାର ପ୍ରଭାସିନୀ ପ୍ରଥମେ ରାଉରକେଲା ମୁଖ୍ୟ ଡାକଘରେ ସହକାରୀ ପୋଷ୍ଟମାଷ୍ଟର ବେହେରାଙ୍କ ସହ ଟଙ୍କା ଦେଣନେଣ ବାବଦରେ କଥାବାର୍ତ୍ତା ହୋଇଥିଲେ। ଏହାପରେ ପୋଷ୍ଟାଲ ଏଜେଣ୍ଟ ମୁଦୁଲି ପ୍ରଭାସିନୀଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ସିବିଆଇ ଅଧିକାରୀମାନେ ତାଙ୍କୁ ଧରିଥିଲେ। ପୋଷ୍ଟ ଅଫିସରେ ଉଭୟ ଅଭିଯୁକ୍ତଙ୍କୁ ୩ଘଣ୍ଟା ଧରି ଜେରା କରାଯିବା ପରେ ସିବିଆଇ ଅଫିସକୁ ନିଆଯାଇଥିଲା। ସେହିପରି ଅଭିଯୁକ୍ତଙ୍କ ବାସଭବନରେ ମଧ୍ୟ ଚଢାଉ କରାଯାଇଥିବା ସୂଚନା ମିଳିଛି। ଏହି ଚଢାଉରେ ଭୁବନେଶ୍ୱର ସିବିଆଇ ଶାଖାର ଡିଏସ୍‌ପି ଦିବାକର ମିଶ୍ର, ଇନସ୍ପେକ୍ଟର ଏ. କେ. ନନ୍ଦଙ୍କ ସମେତ ୧୦ଜଣିଆ ଟିମ୍ ସାମିଲ ହୋଇଥିଲେ।



ସିବିଆଇ ଅଧିକାରୀ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛନ୍ତି।

# ୧କୁ ଘୁଞ୍ଚିଲା ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ଶୁଣାଣି

**ବ୍ରଜରାଜନଗର,୨୭।୨(ଡି.ଏନ.ଏ.)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋପାଳ କୃଷ୍ଣ ଦାସଙ୍କ ମାନସିକ ସ୍ଥିତି ଯାଞ୍ଚ ନେଇ ଝାରସୁଗୁଡା ଜିଲା କୋର୍ଟରେ ହୋଇଥିବା ଆବେଦନର ଶୁଣାଣି ମାର୍ଚ୍ଚ ୧ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସୂଚନାଯୋଗ୍ୟ ଜାନୁୟାରୀ ୨୯ତାରିଖରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ହତ୍ୟା କରାଯାଇଥିବା ବେଳେ ସେହିଦିନ ହିଁ ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ଏହା ପରେ କ୍ରାଇମବ୍ରାଞ୍ଚ ତିନିଥର ୧୩ଦିନ ଧରି ଅଭିଯୁକ୍ତ ଗୋପାଳଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଗୋପାଳ କାହିଁକି ହତ୍ୟା କରିଥିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ଅଭିଯୁକ୍ତଙ୍କ ମାନସିକ ସ୍ଥିତି ବେଙ୍ଗାଲୁରୁର ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ସଂସ୍ଥାନ (ନିମହାନ୍ସ)ରେ ଯାଞ୍ଚ ସକାଶେ କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ଆବେଦନକୁ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟ ଗତ ୨୦ତାରିଖରେ ଖାରଜ କରିଦେଇଥିଲେ। ଏହାପରେ ଗତ ୨୧ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଜିଲା ଅଦାଲତରେ ଆବେଦନ କରିଥିଲା। ଆସନ୍ତା ୧ତାରିଖରେ ଅଦାଲତ କ'ଣ ନିର୍ଦ୍ଦେଶ ଦେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ପରିବାର ସିଧା ଆବେଦନ କରିପାରିବେ

## ଗୋପାଳ ଦାସଙ୍କ ପରିବାରକୁ ସୁରକ୍ଷା ଦେବା ମାମଲା

**କଟକ ଅଫିସ,୨୭।୨:** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ସୋମବାର ହୋଇଥିଲା। ଗୋପାଳଙ୍କ ପରିବାର ସଦସ୍ୟ ସୁରକ୍ଷା ଆବଶ୍ୟକ କଲେ ସିଧାସଳଖ ଆବେଦନ କରିପାରିବେ। ତତ୍‌ପରେ ସୁରକ୍ଷା ମିଳିବା ଆବଶ୍ୟକ କି ନାହିଁ ବିଚାର କରାଯିବ ବୋଲି ଅଦାଲତ କହିବା ସହ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି।

ଆବେଦନକାରୀ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁଙ୍କ ପକ୍ଷରୁ ରୁଜୁ ଏହି ମାମଲାର ବିବରଣୀ ଅନୁଯାୟୀ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ଚୌଦ୍ୱାର ଜେଲରେ ଥିବା ଗୋପାଳ ଦାସଙ୍କୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ନଜରରେ ରଖାଯାଇଛି। ଜେଲ ପକ୍ଷରୁ ତାଙ୍କର ଗତିବିଧି, କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି। ଏପରିସ୍ଥଳେ ତାଙ୍କ ପରିବାରକୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବାର ଆବଶ୍ୟକତା ଥିବା ଦର୍ଶାଇ ଗତ ୨୦ ତାରିଖରେ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ଏଥିରେ ପୋଲିସ ଡିଜି, ଚୌଦ୍ୱାର ଜେଲ ଅଧୀକ୍ଷକ, ଜେଲ ବିଭାଗ ଆଇଜି ଏବଂ ଆଇଟି ସେଲ୍ ଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଛି।




# ସରକାରୀ ନିୟମ ଉଲ୍ଲଂଘନ କରି ଆପାର୍ଟମେଣ୍ଟ ନିର୍ମାଣ

**କଟକ ଅଫିସ,୨୭।୨**

ଦୈତ ନଗରୀ କଟକ- ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ନିର୍ମାଣାଧୀନ ନିର୍ଦ୍ଦିଷ୍ଟ ଆପାର୍ଟମେଣ୍ଟ ଏକାଧିକ ନିୟମକୁ ଅଣଦେଖା କରି ଲୋକଙ୍କୁ ଘର ବିକିବା ଆରମ୍ଭ କରିଛନ୍ତି। ଏଥିରେ ଫାୟାର ସେଫ୍‌ଟି, ରେରା, ସିଡିଏ ଏବଂ ମହାନଗର ନିଗମ ଅନୁମତି ଆଦିକୁ ଅଣଦେଖା କରାଯାଇଛି। ହାଇକୋର୍ଟର ଆଇନଜୀବୀ ସିଦ୍ଧାର୍ଥ ଦାଶ ଏନେଇ ରାଜ୍ୟ ଗୃହ ନିର୍ମାଣ ବିଭାଗ, କଟକ ମହାନଗର ନିଗମ, ସିଡିଏ ଏବଂ ରାଜ୍ୟ ଅଗ୍ନିଶମ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି। ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆ ନ ଗଲେ ସେ ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ପୂର୍ବତନ ପିଇଓ, ସରପଞ୍ଚଙ୍କୁ ଜେଲ

## ସରକାରୀ ଅର୍ଥ ଆତ୍ମସାତ୍ ମାମଲା

**ଫୁଲବାଣୀ ଅଫିସ, ୨୭।୨:** ଏକ ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ବିଚାର କରି ସୋମବାର କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଘଟଣାରେ ସମ୍ପୃକ୍ତ ଥିବା ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ୪ ବର୍ଷ ଏବଂ ସରପଞ୍ଚଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବୌଦ୍ଧ ଜିଲା ଖୁଣ୍ଟବନ୍ଧ ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ଗୌରହରି ସାହୁ ଓ ସରପଞ୍ଚ ସୌମିତ୍ରୀ ମିଶ୍ର। ଉଭୟଙ୍କୁ ୧୦ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଏହା ଅନାଦାୟ ଅଧିକ ୬ ମାସ ଲେଖାଏ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

# ଚାକୁଣ୍ଡାରେ ଝାଡ଼ାବାନ୍ତି, ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ଗୁଡାରୀ/ପଦ୍ମପୁର(ରାୟଗଡ଼ା), ୨୭।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ କଦମା ପଞ୍ଚାୟତ ଚାକୁଣ୍ଡା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ୧୦ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗାଁକୁ ମେଡିକାଲ ଟିମ୍ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଚାକୁଣ୍ଡା ଗ୍ରାମରେ ରବିବାର ଏକ ଭୋଜି ଆୟୋଜନ କରାଯାଇଥିଲା। ଭୋଜିଖାଇ ସାରିବା ପରେ ଗାଁର ୪୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇପଡିଥିଲେ। ଗୁଡ଼ାରି ମେଡ଼ିକାଲର ଏକ ଟିମ୍ ଡାକ୍ତର ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଦୁଇଦିନ ହେଲା ଗାଁକୁ ଯାଇ ସ୍ଥିତି ଉପରେ ନଜର ରଖିଛନ୍ତି। ଗ୍ରାମର ଫୋଲକାଇ ଜାଗରଙ୍ଗା, ସବିତା ଜାଗରଙ୍ଗା, କ୍ରାସକାଇ ଜାଗାରଙ୍ଗା, ପ୍ରମୋଦ ଜଗାରଙ୍ଗା, ନନ୍ଦ ଜାଗାରଙ୍ଗା, ଖିଲାପାଇ ଜାଗରଙ୍ଗା, ପବତୀ ଜଗାରଙ୍ଗା, ଜାଗର ତାଇ, ସୁନୀ ଜାଗାରଙ୍ଗା, କୁମାରୀ ଜାଗାରଙ୍ଗାଙ୍କ ଅଧିକ ଚିକିତ୍ସା ଲାଗି ପଦ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଡାକ୍ତର ଅମରେଶ ଜେନା ସେମାନଙ୍କ ଚିକିତ୍ସା କରୁଛନ୍ତି। ଆକ୍ରାନ୍ତମାନଙ୍କ ମଳ ପରୀକ୍ଷା କରାଯିବ ବୋଲି ପଦ୍ମପୁର ମେଡିକାଲ ଇନଚାର୍ଜ ସୌମ୍ୟରଞ୍ଜନ ତ୍ରିପାଠୀ ସୂଚନା ଦେଇଛନ୍ତି। ମେଡିକାଲ ଟିମ ସହ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। ଗାଁରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଗୁଡ଼ାରି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅରୁପା ବେହେରା କହିଛନ୍ତି।



ମେଡିକାଲରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

# ବିଷମକଟକ ତହସିଲଦାର ନିଲମ୍ବିତ

## କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର



ଶୁଭେନ୍ଦୁ ଜେନା

**ରାୟଗଡ଼ା/ବିଷମକଟକ, ୨୭।୨(ସ୍ୱ.ପ୍ର./ଡି.ଏନ.ଏ.)**

ରାୟଗଡା ଜିଲା ବିଷମକଟକ ସବ-ରେଜିଷ୍ଟ୍ରାର ଅଫିସରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିଲା। ଏହି ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ତହସିଲଦାର ତଥା ସବ ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଶୁଭେନ୍ଦୁ ଜେନାଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିଛନ୍ତି। ତାଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଜିଲାପାଳଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର୍ସ ଛାଡି ପାରିବେ ନାହିଁ ବୋଲି କଡା ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ବିଷମକଟକ ସବରେଜିଷ୍ଟ୍ରାର ଅଫିସରେ ହୋଇଥିବା ଦୁର୍ନୀତିରେ ପୂର୍ବରୁ କିରାଣି ବନମାଳି କର ନିଲମ୍ବିତ ହୋଇଥିଲେ। ବନମାଳି ଚତୁର୍ଥ ଶ୍ରେଣୀ କର୍ମଚାରୀରୁ ପଦୋନ୍ନତି ପାଇ ଦୀର୍ଘ ୧୨ବର୍ଷ ହେଲା ସବରେଜଷ୍ଟ୍ରାର ଅଫିସରେ କାମ କରି ଆସୁଥିଲେ। ଉକ୍ତ ଅଫିସରେ ହେଉଥିବା ପଞ୍ଜୀକରଣ ଫି' ବ୍ୟାଙ୍କରେ ଜମା ନ କରି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଥିଲା। ଏଥିସହିତ ଜାଲ୍ ଭାଉଚର ମାଧ୍ୟମରେ ତହସିଲଦାରଙ୍କ ଦସ୍ତଖତ ନିଆଯାଇ ଜମା କରିବା ଭଳି ନଥିପତ୍ର ମଧ୍ୟ ପ୍ରସ୍ତୁତ ହୋଇଥିଲା। କିନ୍ତୁ ଉକ୍ତ ଟଙ୍କା ବ୍ୟାଙ୍କରେ ଜମା ହୋଇ ନ ଥିଲା। ଏଥିରେ ସବରେଜଷ୍ଟ୍ରାର ଦାୟିତ୍ୱରେ ଥିବା ତହସିଲଦାର ଜେନାଙ୍କ ସମ୍ପୃକ୍ତି ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଥିଲା। ଟଙ୍କା ହେରଫେରରେ ତହସିଲଦାରଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ରାଜ୍ୟ ସରକାର ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଦିବ୍ୟଶଙ୍କର, ପ୍ରିୟଙ୍କା

**ପୁରୀ ଅଫିସ, ୨୭।୨**

ଦ୍ୱିତୀୟ ବିବାହ କରିବା ପରେ କଳାହାଣ୍ଡି ଜିଲାର ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ତାଙ୍କର ନୂତନ ସହଧର୍ମିଣୀ ପ୍ରିୟଙ୍କା ଅଗସ୍ତିଙ୍କ ସହ ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ନୂତନ ବୈବାହିକ ଜୀବନ ସୁଖମୟ ହେବା ପାଇଁ ଉଭୟେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ଆଶିଷ ଭିକ୍ଷା କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଏହି ଦମ୍ପତି ନିଜର କେତେଜଣ ସମ୍ପର୍କୀୟଙ୍କ ସହ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ କେତେଜଣ ଦଳୀୟ ନେତା ପାଛୋଟି ନେଇଥିଲେ। ସେମାନେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଭିତରବେଢ଼ା ପରିସର ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଏହାପରେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ସେବନ କରି ଫେରିଥିଲେ। ଦଳୀୟ କର୍ମୀ ଓ ନେତାଙ୍କ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ବିବାହ ପରେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେବାକୁ ଆସିଥିବା ବିଧାୟକ ମିଶ୍ର କହିଥିଲେ। ସୂଚନାଯୋଗ୍ୟ, ବିଧାୟକ ମିଶ୍ର ନିଜ ନିର୍ବାଚନମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦେକୋଟ ଗ୍ରାମର ଭବାନୀ ଅଗସ୍ତିଙ୍କ ଝିଅ ପ୍ରିୟଙ୍କାଙ୍କୁ ରବିବାର ବୈଦିକ ରୀତିରେ ବିବାହ କରିଥିଲେ। ପୁରୀ ଜିଲା ପିପିଲି ନିକଟସ୍ଥ 'ଦି ଆଡଭେଞ୍ଚର କନଭେନସନ ରିସର୍ଟ'ରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ପରିବାରର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।



ମହାପ୍ରଭୁଙ୍କ ଦର୍ଶନ ସାରି ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ସହଧର୍ମିଣୀ ପ୍ରିୟଙ୍କା ଅଗସ୍ତି ଫେରୁଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ;**
**ମୂଷା କାଟିନେଲା ପଣତ କାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇ ପାରି ନଥାନ୍ତି। ଅତି ଓଲି, ଏପରି ଓଲି ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟି ନେଲା ତାହା ସେ ନ ଜାଣି ପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓସ୍ତ ପତର ଫର୍ ଫର୍**
**ଟିକିଏ କଥାରେ ଗର୍ ଗର୍ ।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଟିକେଟିକେ କଥାରେ ରାଗିକି ଥରି ଯାଉଥିବାର ଦେଖିବାକୁ ମିଳିଥାଏ। ଏପରିକି କାହାର ଟିକିଏ ଭୁଲ ହେବାର ଦେଖିଲେ ତାକୁ ସହ୍ୟ କରି ନ ପାରି ମନକୁ ଯାହା ଆସେ ତାହା କହି ଦେଇଥାନ୍ତି। ଏପରି ବ୍ୟକ୍ତିଙ୍କ ଠାରେ ଧୈର୍ଯ୍ୟ ଶକ୍ତି ଖୁବ୍ କମ୍ ରହୁଥିବାର ଜଣାଯାଇଥାଏ। କ୍ରୋଧୀ ସ୍ୱଭାବ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୁଳଡ଼ିହାରେ ପୁଣି ଏକ ମାଈ ହାତୀ ମୃତ

## ଘଟଣା ଚପାଇବାକୁ ବନ ବିଭାଗର ଉଦ୍ୟମ ଅଭିଯୋଗ

**ନୀଳଗିରି,୨୭।୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ବିଟ୍ ନିକଟ ବଡ଼ମ୍ଭା ଠାକୁରାଣୀ ନିକଟ ଜଙ୍ଗଲ ଭିତରେ ପୁଣି ମାଈ ହାତୀର ମୃତଦେହ ଠାବ ହୋଇଛି। ଏହାର ବୟସ ୪ବର୍ଷ ହେବ। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ତେବେ ଗତ ୧୪ ମାସ ମଧ୍ୟରେ ୬ ହାତୀର ମୃତ୍ୟୁ ହେବା ଘଟଣା ବନବିଭାଗର ନିଦ ହଜାଇ ଦେଇଛି।

ସୋମବାର ବାଲେଶ୍ୱର ଭାରପ୍ରାପ୍ତ ଡିଏଫ୍ଓ ସୁମିତ କର, କୁଳଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା, ପ୍ରାଣୀ ଚିକିତ୍ସକ ମୁକ୍ତିକାନ୍ତ ସେଠୀ ଓ ସ୍ଥାନୀୟ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିଥିଲେ। ଏହାପରେ ବ୍ୟବଚ୍ଛେଦ କରି ପୋଡ଼ି ଦେଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପେଟରେ କୃମିଜନିତ ରୋଗ ବୋଲି ଡିଏଫ୍ଓ କହିଛନ୍ତି। ଘଟଣା ଚପାଇବାକୁ ବନ ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଜଙ୍ଗଲ ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ କରାଇ ଦିଆଯାଉ ନ ଥିବା ବେଳେ ବନବିଭାଗ ତରବରିଆ ଭାବେ ମୃତ ହାତୀକୁ ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ ସୂଚନା ଦେଇଛି।

# ଦନ୍ତା ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ, ସ୍ତ୍ରୀ ଓ ଝିଅ ଗୁରୁତର

**ବଡ଼ବିଲ,୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ରୋଇଡ଼ାରେ ଦନ୍ତାହାତୀ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଓ ଝିଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ରୋଇଡ଼ା ପଣସଗୁଡ଼ା ଅଞ୍ଚଳର ସମରା ମୁଣ୍ଡା। ଗୁରୁତରଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ ସମୟରେ ସମରା ତାଙ୍କ ସ୍ତ୍ରୀ ସରସ୍ୱତୀ ଓ ଝିଅ ପୁତୁଲିଙ୍କ ସହିତ ଜାଳେଣି କାଠ ସଂଗ୍ରହ ନିମନ୍ତେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ସେମାନେ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ସମରାଙ୍କୁ ଟେକି କଚାଡ଼ିଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସରସ୍ୱତୀ ଓ ପୁତୁଲି ପ୍ରାଣ ବିକଳରେ ଦୌଡ଼ି ପଳାଇ ଆସୁଥିବା ବେଳେ ପଡ଼ି ଗୁରୁତର ହୋଇଥିଲେ। ବନ ବିଭାଗ ଓ ରୁଗୁଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।




# ଏମ୍‌ବିବିଏସ୍ ପିଜି ସିଟ୍ ୨୫୦କୁ ବୃଦ୍ଧି

## ଏମ୍‌କେସିଜିରେ ଏନ୍‌ଏମ୍‌ସି ଟିମ୍

**ବ୍ରହ୍ମପୁର ଅଫିସ,୨୭।୨**

ବ୍ରହ୍ମପୁର ବଡ଼ ମେଡିକାଲ କଲେଜ ଓ ହସ୍ପିଟାଲକୁ ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି)ର ଏକ ୭ ଜଣିଆ ଟିମ୍ ସୋମବାର ପହଞ୍ଚି ପିଜି ସିଟ୍ ବୃଦ୍ଧି ନେଇ ବିଭିନ୍ନ ଦିଗ ଉପରେ ଯାଞ୍ଚ କରିଛନ୍ତି। ପୂର୍ବରୁ ୧୫୦ସିଟ୍ ଥିଲା, ଏହାର ତ୍ରୁଟି ବିଭିନ୍ନ ସମୟରେ ଟିମ୍ ଯାଞ୍ଚ କରିଥିଲା। ପରେ ଏହାକୁ ୨୫୦ ସିଟ୍ କରିବା ପାଇଁ ଏହି ଦଳ ଚୂଡ଼ାନ୍ତ ପର୍ଯ୍ୟାୟ ସମୀକ୍ଷା କରିଛନ୍ତି। ସେହିପରି ନୂତନ ଭାବେ ୟୁରୋଲୋଜି ବିଭାଗରେ ପିଜି ପାଠ୍ୟକ୍ରମ ଖୋଲିବା ନେଇ ବିଭାଗୀୟ ପ୍ରଫେସରଙ୍କ ସହିତ ଆଲୋଚନା କରିଛନ୍ତି। ଏହି ବିଭାଗରେ ୩ ସିଟ୍‌ରେ ପିଜି ନାମଲେଖା ଆରମ୍ଭ କରିବା ପାଇଁ ଏମ୍‌କେସିଜି କର୍ତ୍ତୃପକ୍ଷ ଏନ୍‌ଏମ୍‌ସିକୁ ପ୍ରସ୍ତାବ ଦେଇଥିଲେ। ସେହି ଅନୁସାରେ ଟିମ୍ ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରି ସିଟ୍ ବୃଦ୍ଧି ଲାଗି ଚୂଡ଼ାନ୍ତ କରିଛନ୍ତି । ସେହିଭଳି ଆନାଟୋମି ଏବଂ ମାନସିକ ରୋଗ ବିଭାଗରେ ଆରମ୍ଭ ହୋଇଥିବା ପିଜି ନାମଲେଖାକୁ ଚଳିତ ଶିକ୍ଷାବର୍ଷରେ ପୁନଃ ଅନୁମତି ପ୍ରଦାନ ଦିଗରେ ମଧ୍ୟ ଟିମ୍ ଆଲୋଚନା କରିଛନ୍ତି।

ଟିମ୍‌ରେ ତେଲଙ୍ଗାନା ସରକାରୀ ମେଡିକାଲ କଲେଜ ଆନାଟୋମି ବିଭାଗ ପ୍ରଫେସର ଡା. ଅନୀଲ ଶିବଶଙ୍କର ରାହୁଲ, ହାଇଦ୍ରାବାଦ ଏଆଇଆଇଏମ୍‌ସି ଫିଜିଓଲୋଜି ବିଭାଗ ପ୍ରଫେସର ଡା. ନୀତିନ ଜୋନ୍, ସିକନ୍ଦରାବାଦ ଗାନ୍ଧୀ ମେଡିକାଲ କଲେଜ ପାଥୋଲୋଜି ବିଭାଗ ପ୍ରଫେସର ଡା. ଦେବୋଜୀ ଏବଂ ହାଇଦ୍ରାବାଦ ନିଜାମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ନେଫ୍ରୋଲୋଜି ବିଭାଗ ପ୍ରଫେସର ଡା. ଡି. ଶ୍ରୀଭୂଷଣ ରାଜୁ ରହିଛନ୍ତି। ଉକ୍ତ ଟିମ୍ ସହ ଏମ୍‌କେସିଜି ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଓ ଅଧ୍ୟକ୍ଷ ଅବନୀକାନ୍ତ ମିଶ୍ର ଓ ବିଭାଗୀୟ ଅଧିକାରୀମାନେ ସାମିଲ ରହିଥିଲେ।

ବିଗତ ବର୍ଷରେ ଏମ୍‌କେସିଜିର ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇଥିଲା। ୨୫୦ ପିଲାଙ୍କ ପାଠପଢ଼ା ପାଇଁ କ୍ଲାସ୍‌ରୁମ୍, ଲାବରେଟୋରି, ଲାଇବ୍ରେରି ରହିଛି କି ନାହିଁ ତାହା ତଦାରଖ କରିଥିଲେ। ସେହିପରି ଆବଶ୍ୟକ ଅନୁସାରେ ଅଧ୍ୟାପକ ଅଛନ୍ତି କି ନାହାନ୍ତି ସେ ନେଇ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ଏହା ସହିତ ପିଲାଙ୍କ ରହିବା ପାଇଁ ହଷ୍ଟେଲ୍, ୨୫୦ ପିଲାଙ୍କ ପାଇଁ ଥିବା ପାଠପଢ଼ା ସହିତ ଅନ୍ୟାନ୍ୟ ସୁବିଧାରେ ଏନ୍‌ଏମ୍‌ସି ଟିମ୍ ସନ୍ତୋଷ ପ୍ରକାଶ କରି ବିଗତ ଦିନରେ ଫେରିଥିଲା।



ଏମ୍‌କେସିଜି ଗସ୍ତରେ ଏନ୍‌ଏମ୍‌ସି ଟିମ୍।

### ୟୁରୋଲୋଜି ବିଭାଗରେ ପିଜି ଖୋଲିବା ନେଇ ଆଲୋଚନା

ସୂଚନାଯୋଗ୍ୟ, ପୂର୍ବରୁ ଆନାଟୋମି ଏବଂ ମାନସିକ ରୋଗ ବିଭାଗରେ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଛି। ଚଳିତ ଶିକ୍ଷାବର୍ଷରେ ମଧ୍ୟ ଏହି ବିଭାଗରେ ପିଜିରେ ନାମଲେଖା ପାଇଁ ଅନୁମତି ଦେବାକୁ ଏନ୍‌ଏମ୍‌ସି ଟିମ୍ ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ଏହା ସହିତ ୟୁରୋଲୋଜି ବିଭାଗରେ ପିଜି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ପୂର୍ବରୁ ଏମ୍‌କେସିଜି କର୍ତ୍ତୃପକ୍ଷ ଆବେଦନ କରିଥିଲେ। ତେବେ ୟୁରୋଲୋଜି ବିଭାଗରେ ପିଜି ନାମଲେଖା ଆରମ୍ଭ କରିବା ପାଇଁ ଥିବା ଭିତ୍ତିଭୂମି ମଧ୍ୟ ଯାଞ୍ଚ କରାଯାଇଛି। ଏନ୍‌ଏମ୍‌ସିର ଏହି ଟିମ୍‌ରେ ବେଙ୍ଗାଲୁରୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋ-ୟୁରୋଲୋଜି ବିଭାଗ ପ୍ରଫେସର ଡା. ଶିବାଲିଙ୍ଗ ଏମ୍., ଅହମଦାବାଦ ମ୍ୟୁନିସିପାଲ କର୍ପୋରେଶନ ମେଡିକାଲ ଏଜୁକେସନ୍ ଟ୍ରଷ୍ଟ ଓ କଲେଜ ଆନାଟୋମି ବିଭାଗ ପ୍ରଫେସର ଡା. ଦୀପା ଗୁପ୍ତା ଓ ତିରୁପତି ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ମେଡିକାଲ କଲେଜ ମାନସିକ ରୋଗ ବିଭାଗ ପ୍ରଫେସର ଡା. ଏନ୍. ନାଗେଶ୍ୱର ରାଓ ରହିଛନ୍ତି।

## ପାରିବାରିକ କଳହର କୁପରିଣତି

# ପୁଅ ଗୁଳିମାଡ଼ରେ ବାପା ମୃତ

**ଗୁଣପୁର,୨୭।୨(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ବ୍ଲକ କୁଲୁସିଂ ପଞ୍ଚାୟତ ଗୁଡି ଗ୍ରାମରେ ରବିବାର ପାରିବାରିକ କଳହର ଏକ କୁପରିଣତି ଦେଖିବାକୁ ମିଳିଛି। ପୁଅ ଗୁଳିମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାନ୍ତିନ ଦଳବେହେରା (୬୦)। ଅଭିଯୁକ୍ତ ପୁଅ ମେଜନ ଦଳବେହେରା(୩୨)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକକୁ ଜବତ କରାଯାଇଛି।

ପ୍ରକାଶ ଯେ, କୌଣସି ଏକ କଥାକୁ ନେଇ ରବିବାର ବାପ-ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ପୁଅ ମେଜନ ଉତ୍ତ୍ୟକ୍ତ ହୋଇ ଘରୁ ଦେଶୀ ବନ୍ଧୁକ ଆଣି ବାପାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ କାନ୍ତିନଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ପୁଟାସିଂ ପୋଲିସ ଖବରପାଇ ସେଠାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଏ ନେଇ ଥାନାରେ ନଂ.୩/୨୦୨୩ରେ ଦଫା ୩୦୨,୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରିଥିଲା। ମେଜନଙ୍କୁ ଥାନାକୁ ଆଣି ପଚରାଉଚରା ଚାଲିଥିବା ବିଷମକଟକ ଏସ୍‌ଡିପିଓ ତଥା ଗୁଣପୁର ଭାରପ୍ରାପ୍ତ ଏସ୍‌ଡିପିଓ ଆକାଶ ସାହୁ ସୂଚନା ଦେଇଛନ୍ତି। ଡିଏସ୍‌ପି ଅସିତ ମହାନ୍ତି ଘଟଣାର ତଦନ୍ତ ଭାର ନେଇଛନ୍ତି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାର ୩ ଜିଲାରେ...

ଜିଲାର ଯଶୀପୁର, ସୁରିଆଗୁଡ଼ା, ରୁଆଁସି, ଇଡ଼େଲକୁଚା, ମାରେଡ଼ିହି ଓ ସୁଲେଇପାଟ (ଧୁସୁରା ପାହାଡ଼) ଏବଂ ବାଦାମ ପାହାଡ଼ ଅଞ୍ଚଳରେ ସୁନାପଥରର ସନ୍ଧାନ ମିଳିଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରାରମ୍ଭିକ ଅନୁସନ୍ଧାନ କରାଯାଇ ଇଡ଼େଲକୁଚା, ମାରେଡ଼ିହି ଏବଂ ବାଦାମ ପାହାଡ଼ ଅଞ୍ଚଳରେ ଥିବା ୧ ଟନ୍ ପଥରରେ ୦.୧ରୁ ୨.୬ ଗ୍ରାମ୍ ଯାଏ ସୁନା ଥିବା ଆକଳନ କରାଯାଇଛି। ସେହିପରି ସୁଲେଇପାଟ ଅଞ୍ଚଳରେ ୧୯୭୦ରୁ ୭୧ ମଧ୍ୟରେ ନିର୍ଦ୍ଦେଶାଳୟ ତରଫରୁ ଅନୁସନ୍ଧାନ କରାଯାଇ ଧୁସୁରା ପାହାଡ଼ର ୨.୩କିମି ବ୍ୟାପୀ ଅଞ୍ଚଳରେ ପ୍ରତିଟନ୍ ପଥରରେ ୦.୧ରୁ ୦.୮ ଗ୍ରାମ୍ ଯାଏ ସୁନା ଥିବା ଆକଳନ କରାଯାଇଛି।

## ଆଇଟିଆର୍ ତଥ୍ୟ...

ଓ ଲାପଟପ୍ ଭଳି ୬ଟି ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରାଯାଇଛି। ଏସବୁ ଉପକରଣର ଡାଟା ଆନାଲିସିସ୍ ତଥା ଫୋରେନସିକ୍ ଯାଞ୍ଚ ପାଇଁ ନୂଆଦିଲ୍ଲୀ ଓ କୋଲକାତାର ଲାବ୍‌କୁ ପଠାଯାଇଥିବା ସେ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ଆର୍ଥିକ କାରବାର ସମ୍ପର୍କରେ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଏନେଇ ବିଭିନ୍ନ ବ୍ୟାଙ୍କ ସହ ଯୋଗାଯୋଗ କରାଯାଇଛି। ଏହାବ୍ୟତୀତ ଅନ୍ୟ ବୈଷୟିକ ତଥ୍ୟ ବାବଦରେ ରିମାଣ୍ଡ ଅବଧି ଶେଷ ହେବା ପୂର୍ବରୁ ଖୋଳତାଡ଼ କରାଯିବ। ଏହାସତ୍ତ୍ୱେ ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କ ରିମାଣ୍ଡ ବଢାଇବାକୁ କୋର୍ଟଙ୍କ ନିକଟରେ ଆବେଦନ କରାଯିବ। ହନିଟ୍ରାପ୍ ମାଧ୍ୟମରେ ପାକିସ୍ତାନୀ ଏଜେଣ୍ଟଙ୍କୁ ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ଲିକ୍ ଘଟଣାରେ ଅଭିଯୁକ୍ତଙ୍କ ସହ ଅନ୍ୟ କେଉଁମାନେ ଯୋଗାଯୋଗରେ ଥିଲେ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଆନ୍ଧ୍ରର ଗୋଇନ୍ଦା ଟିମ୍ ବାଲେଶ୍ୱରରେ ପହଞ୍ଚିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଘଟଣାର ଚେର କେତେ ଯାଏ ଲମ୍ବିଛି, କେଉଁ ଅଞ୍ଚଳରୁ ବ୍ୟକ୍ତିମାନେ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ଦେଶ ମଧ୍ୟରେ ଏହାର ଲିଙ୍କ୍ କେଉଁଠି ରହିଛି ଅଥବା ବିଦେଶୀ ଲିଙ୍କ୍‌ରେ କିଏ କିଏ ରହିଛନ୍ତି, ସମସ୍ତ ତଥ୍ୟକୁ ଆଧାରଭୁକ୍ତ କରିବା ପାଇଁ ତଦନ୍ତକାରୀ ଦଳ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଆବଶ୍ୟକ ଅନୁଯାୟୀ ରାଜ୍ୟ ପୋଲିସର କ୍ରାଇମବ୍ରାଞ୍ଚ ଅଥବା ଏନ୍‌ଆଇଏ ଭଳି କେନ୍ଦ୍ରୀୟ ଅନୁସନ୍ଧାନ ବିଭାଗକୁ ମଧ୍ୟ ଏଥିରେ ସାମିଲ ହେବା ପାଇଁ ଚିଠି ଲେଖାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ବାବୁରାମ କେବଳ ଅଶ୍ଳୀଳ ଫଟୋ ଓ ଭିଡିଓ ପାଇଁ ପ୍ରତିରକ୍ଷା ବିଭାଗର ଗୁପ୍ତ ତଥ୍ୟ ପାକିସ୍ତାନୀ ଯୁବତୀଙ୍କୁ ହସ୍ତାନ୍ତର କରିଛନ୍ତି ନା ଏ ବାବଦରେ ଅନ୍ୟ କିଛି ଉଦ୍ଦେଶ୍ୟ ଥିଲା ସେନେଇ ପୋଲିସ ଓ ଅନ୍ୟାନ୍ୟ ଗୋଇନ୍ଦା ସଂସ୍ଥା ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ଓଡ଼ିଶା ଶ୍ରେଷ୍ଠ କ୍ରୀଡ଼ା...

ଜନସାଧାରଣଙ୍କୁ ଉତ୍ସର୍ଗ କରିବା ସହ ହିନ୍ଦୁ ଗ୍ରୁପ୍ ତଥା ସ୍ପୋର୍ଟ୍ସ ଷ୍ଟାର୍‌କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ କ୍ରୀଡ଼ାବିତ୍‌ମାନଙ୍କ ଅବଦାନକୁ ମର୍ଯ୍ୟାଦା ପ୍ରଦାନ କରିବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଏକ ସୁନ୍ଦର ପ୍ଲାଟଫର୍ମ। ଏହା ଆମର ଆଗାମୀ ଦିନର ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ମଧ୍ୟ ପ୍ରୋତ୍ସାହିତ କରିବ। କ୍ରୀଡ଼ା କ୍ଷେତ୍ରରେ ଆମେ ବିପୁଳ ସମ୍ବଳ ବିନିଯୋଗ କରୁଛୁ। କାରଣ ଯୁବସମାଜ ପାଇଁ ସମ୍ବଳ ବିନିଯୋଗ କରିବା ଅର୍ଥ ହେଉଛି, ଆମ ଭବିଷ୍ୟତ ପାଇଁ ସମ୍ବଳର ବିନିଯୋଗ। ଗତ ୫ ବର୍ଷ ମଧ୍ୟରେ ଆମ କ୍ରୀଡ଼ା ବଜେଟ ୧୦ ଗୁଣ ବଢ଼ିଛି। ଆସନ୍ତା ଆର୍ଥିକ ବର୍ଷରେ ଏହା ୧୨୦୦ କୋଟିରୁ ଅଧିକ ରହିଛି। ହକି ବିଶ୍ୱକପ୍ ସହିତ ଆମେ ଅନେକ ଆନ୍ତର୍ଜାତିକ ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିଛୁ। ଖେଳାଳିମାନଙ୍କ ପାଇଁ ଆମେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସୁବିଧା ନିର୍ମାଣ କରିବା ସହିତ ବିଭିନ୍ନ ହାଇ ପରଫରମାନ୍ସ ସେଣ୍ଟର ଓ ପ୍ରତିଯୋଗିତା ଜରିଆରେ ଖେଳାଳିଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ଉଦ୍ୟମ କରୁଛୁ। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଜୟଯାତ୍ରାରେ ସାମିଲ ହେବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅଲିମ୍ପିକ୍ସରେ ଦେଶର ପତାକାକୁ ଉଚ୍ଚ ରଖିବା ହେଉଛି ସବୁ ଭାରତୀୟଙ୍କ ସାମୂହିକ ସ୍ୱପ୍ନ। ଏଥିପାଇଁ ଆମେ ସମସ୍ତେ ମିଶି ଉଦ୍ୟମ କରି ଏହାକୁ ବାସ୍ତବତାରେ ପରିଣତ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୨ରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମେଡାଲ ଜିତି ଗୌରବ ଆଣିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଓ ରାଉରକେଲାରେ ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍ ହକି-୨୦୨୩ର ସଫଳ ଆୟୋଜନ ଯୋଗୁ କ୍ରୀଡ଼ା ଦୁନିଆରେ ଓଡ଼ିଶା ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ହେବା ସହିତ ସମ୍ମାନର ପାତ୍ର ହୋଇପାରିଛି। ୨୦୨୨ରେ ଓଡ଼ିଶା ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଗୋପାଳ ଭଲ...

କରାଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରାଯାଇଥିଲା। ମେଡିକାଲ ବିଶେଷଜ୍ଞ ଟିମ୍‌ର ରିପୋର୍ଟ ଅନୁସାରେ ଗୋପାଳଙ୍କ ଦୀର୍ଘ ଦିନ ଧରି ମାନସିକ ଅବସ୍ଥା ଭଲ ନ ଥିବା ଜଣାପଡ଼ିଛି। ଯଦି ଜଣେ ଲୋକ ଦୀର୍ଘଦିନ ଧରି ମାନସିକ ରୋଗରେ ପୀଡ଼ିତ, ତାହେଲେ ତାଙ୍କୁ କିପରି କାର୍ଯ୍ୟ ଦକ୍ଷତା ପାଇଁ ଏକାଧିକବାର ପୁରସ୍କୃତ କରାଗଲା, ସେନେଇ ଭାଜପା ଏବେ ପ୍ରଶ୍ନ କରିଛି। ସରକାର ପ୍ରଥମେ ଗୋପାଳ ମାନସିକ ରୋଗୀ କିମ୍ବା ଭଲ ତାହା ଏବେ ପ୍ରମାଣ କରନ୍ତୁ ବୋଲି ଭାଜପା କହିଛି।

## ନାଗାଲାଣ୍ଡ-ତ୍ରିପୁରାରେ...

ପାଇବାକୁ ଥିବାବେଳେ ବାମଦଳକୁ ୯ରୁ ୧୬ ଆସନରେ ସୀମିତ ରହିବାକୁ ପଡ଼ିବ। ଟାଇମ୍ସ ନାଓ-ଇଟିଜି ରିସର୍ଚ୍ଚ ଅନୁଯାୟୀ, ଭାଜପା ୨୧ରୁ ୨୭ ଆସନ ପାଇବାକୁ ଥିବାବେଳେ ବାମଦଳ ୧୮ରୁ ୨୪ ଆସନ ପାଇବ। ଜି ନ୍ୟୁଜ-ମାଟ୍ରିକ୍ସ ସର୍ଭେ ଅନୁଯାୟୀ, ଭାଜପା ୨୯ରୁ ୩୬, ବାମଦଳ ୧୩ରୁ ୨୧ ଆସନ ପାଇବ। କଂଗ୍ରେସ ଗୋଟିଏ ହେଲେ ଆସନ ଜିତିବ ନାହିଁ ବୋଲି ସମସ୍ତ ସଂସ୍ଥା ଆକଳନ କରିଛନ୍ତି। ମୋଟାମୋଟି ଭାବେ ଏହି ବିଧାନସଭାରେ ଭାଜପା ୩୨ ଏବଂ ବାମଦଳ ମେଣ୍ଟକୁ ୧୫ ଆସନ ମିଳିବ ବୋଲି ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍‌ସରେ କୁହାଯାଇଛି।

୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ଭାଜପା-ଏନ୍‌ଡିପିପି (ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି) ମେଣ୍ଟକୁ ୩୮ରୁ ୪୮ ଆସନ ମିଳିବ ବୋଲି ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ କହିଥିବାବେଳେ ଏହି ମେଣ୍ଟକୁ ୩୫ରୁ ୪୫ ସିଟ୍ ମିଳିବ ବୋଲି ଜାନ୍ କୀ ବାତ୍ ଆକଳନ କରିଛି। ସେହିପରି ଟାଇମ୍ସ ନାଓ ୩୯ରୁ ୪୯ ଆସନ ଆକଳନ କରିଥିବାବେଳେ ୩୫ରୁ ୪୩ ଆସନ ମିଳିବ ବୋଲି ଜି ନ୍ୟୁଜ୍-ମାଟ୍ରିକ୍ସ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଏନ୍‌ପିଏଫ୍ (ନାଗା ପିପୁଲ୍ସ ଫ୍ରଣ୍ଟ) ଏହି ରାଜ୍ୟରେ ୨ରୁ ୧୦ ଆସନ ମଧ୍ୟରେ ସୀମିତ ରହିବାକୁ ଥିବାବେଳେ କଂଗ୍ରେସକୁ ୧ରୁ ୩ ଆସନ ମିଳିପାରେ। ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍‌ସ ଅନୁଯାୟୀ, ଭାଜପା ମେଣ୍ଟକୁ ନାଗାଲାଣ୍ଡ ବିଧାନସଭାରେ ୪୨ ଆସନ ମିଳିବାକୁ ଥିବାବେଳେ କଂଗ୍ରେସକୁ ୧ ଏବଂ ଏନ୍‌ପିଏଫ୍‌କୁ ୬ ଆସନ ମିଳିବ।

ଅନ୍ୟପକ୍ଷରେ ମେଘାଳୟରେ କଡ଼ା ଟକ୍କର ହୋଇଥିବା ବୁଥ୍‌ଫେରନ୍ତା ଜନମତ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ସେଠାରେ ୬୦ ଆସନରୁ ୫୯ଟିରେ ଭୋଟଗ୍ରହଣ କରାଯାଇଥିଲା। ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ ରିପୋର୍ଟରେ ଭାଜପାକୁ ୪ରୁ ୮ ଆସନ ମିଳିବାକୁ ଥିବାବେଳ କଂଗ୍ରେସକୁ ୬ରୁ ୧୨ ଏବଂ ଏନ୍‌ପିପିକୁ ୧୮ରୁ ୨୪ ଆସନ ମିଳିବ ବୋଲି କୁହାଯାଇଛି। ଜାନ୍ କୀ ବାତ୍‌ରେ ଭାଜପା ୩-୭, କଂଗ୍ରେସ ୬ରୁ ୧୧ ଏବଂ ଏନ୍‌ପିପି ୧୧ରୁ ୧୬ ଆସନ ପାଇବ ବୋଲି ଆକଳନ କରାଯାଇଛି। ଟାଇମ୍ସ ନାଓ ପୂର୍ବାନୁମାନ ଅନୁଯାୟୀ ଭାଜପାକୁ ୩ରୁ ୬ ଆସନ ମିଳିବାକୁ ଥିବାବେଳେ କଂଗ୍ରେସକୁ ୨ରୁ ୫ ଏବଂ ଏନ୍‌ପିପିକୁ ୧୮ରୁ ୨୬ ଆସନ ମିଳିବ। ସେହିପରି ଜି ନ୍ୟୁଜ୍-ମାଟ୍ରିକ୍ସ ଅନୁଯାୟୀ ଭାଜପାକୁ ୬ରୁ ୧୧, କଂଗ୍ରେସକୁ ୩ରୁ ୬ ଏବଂ ଏନ୍‌ପିପିକୁ ୨୧ରୁ ୨୬ ଆସନ ମିଳିବ ବୋଲି କୁହାଯାଇଛି। ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍‌ସ ଅନୁଯାୟୀ ଭାଜପା ଏବଂ କଂଗ୍ରେସ ୬ଟି ଲେଖାଏ ଆସନ ପାଇବାକୁ ଥିବାବେଳେ ଏନ୍‌ପିପିକୁ ୨୦ ଆସନ ମିଳିବ। ତେବେ ତ୍ରିପୁରାରେ ରାଜ ପରିବାରର ପ୍ରଦ୍ୟୋତ କିଶୋର ଦେବବର୍ମା ଗ୍ରେଟର ଟିପ୍ରାଲାଣ୍ଡ ଦାବି ନେଇ ଗଠନ କରିଥିବା ଟିପ୍ରା ମୋଥା ଦଳ ୧୨ଟି ଆସନ ପାଇପାରେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ତ୍ରିପୁରା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ମେଘାଳୟ ଓ ନାଗାଲାଣ୍ଡ ବିଧାନସଭା ଲାଗି ମତଦାନ ହୋଇଥିଲା। ମାର୍ଚ୍ଚ ୨ରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କଠୋର ଶ୍ରମଜନିତ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତହେବା ସମ୍ଭାବନା ରହିଛି। ଅଶ୍ୱିନୀ ନକ୍ଷତ୍ର ସକାଶେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ବିତିବ।

**ବୃଷ** ସମସ୍ୟା ମଧ୍ୟରେ ଗତିକରି ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାକୁ ପ୍ରଚେଷ୍ଟା ଫଳବତୀ ହେବ। ଅଫିସ୍‌ରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ସହକର୍ମୀ ବିବାଦଗ୍ରସ୍ତ କରି କାର୍ଯ୍ୟକୁ ସାମୟିକ ଅଟକାଇ ଦେଇପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅନ୍ୟମାନଙ୍କ ସହ ତୁଳନାତ୍ମକ ବିଚାର ଦ୍ୱାରା ନିଜକୁ ହେୟ ମନେକରିପାରନ୍ତି। ମୃଗଶିରା ନକ୍ଷତ୍ର ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ପୂର୍ବ ନିର୍ଦ୍ଧାରିତ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଆଜିର ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ।

**ସିଂହ** ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନାହିଁ। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ତଥାପି ପାରିବାରିକ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା** କହିଥିବା ପ୍ରକାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଦୀର୍ଘଦିନର ଆଶା ପୂରଣ ହେବା ସାଙ୍ଗକୁ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସ୍ଥାନ ପାଇଁ ମନ ବଳାଇପାରନ୍ତି।

**ତୁଳା** ଆଜି ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ସାମାଜିକ ସ୍ତରରେ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସ୍ୱାତୀ ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** ପ୍ରତିବନ୍ଧକ କାରଣରୁ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଆଶା ପୂରଣ ହୋଇଯିବାରୁ ଅନୁରାଧା ନକ୍ଷତ୍ରର ମାନସିକ ଅବସାଦ ଦୂରହେବ।

**ଧନୁ** ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକାର ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସାବଧାନ ରହିବା ଭଲ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ପରୋକ୍ଷ ସମାଲୋଚନାରୁ ବାଦ୍ ପଡ଼ିବେ ନାହିଁ। ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** ଆଜିର ସକାଳ ଯାତ୍ରା ବେଶ୍ ପ୍ରତିପ୍ରଦ ରହିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିଛି କହି ନ ପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ।

**କୁମ୍ଭ** ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** ବିଭିନ୍ନ ପ୍ରକାର ଅତୀତ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଧାତୁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟର ଉପକାର ଚିନ୍ତାକରି ସମସ୍ୟା ଜାଲରେ ପଡ଼ିବେ। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ।

ଆଜି ଫାଲ୍‌ଗୁନ ଶୁକ୍ଳ ନବମୀ ମଙ୍ଗଳବାର, ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡ. ରାଜେନ୍ଦ୍ର ପ୍ରସାଦ, ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର- ମୃଗଶିରା/ବୃଷ, ନବମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୫ ଗତେ, ଘ.୧୦।୪୯ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୩ ଗତେ, ଘ. ୦୪।୨୦ ମଧ୍ୟେ ରାହୁକାଳ।

# ଗ୍ରାହକସେବାକୁ ଗୁରୁତ୍ୱ

**ଗାଡ଼ି ସର୍ଭିସ୍ ସେଣ୍ଟରରୁ ଶୋ ରୁମ୍ ମାଲିକ ପର୍ଯ୍ୟନ୍ତ ଯାତ୍ରା ଯେତିକି କଷ୍ଟ ଥିଲା, ତାହା ବର୍ଣ୍ଣନା କରିବା ସହଜ ନୁହେଁ। ହେଲେ ବହୁ ଘାତପ୍ରତିଘାତ ପରେ ଅନେକ ସଫଳତା ମଧ୍ୟ ମିଳିଛି। ବିଶେଷ କରି ଗାଡି ସର୍ଭିସ ସେଣ୍ଟର ପରେ ୩ଚକିଆ ଯାନର ଡିଲରଶିପ୍ ମିଳିଲା। ଏହାପରେ ୨ଚକିଆ ଓ ୪ଚକିଆ ଯାନର ଡିଲରଶିପ୍‌ରେ ପାଦ ଥାପିଛୁ। ଏପରିକି ଗ୍ରାହକ ସେବାକୁ ସର୍ବଦା ଗୁରୁତ୍ୱ ଦେଇ ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା ସଫଳ ଯୁବଦ୍ୟୋଗୀ ତଥା ସିଦ୍ଧିଲକ୍ଷ୍ମୀ ମହିନ୍ଦ୍ରାର ଡାଇରେକ୍ଟର ରାଜ୍ କୁମାର ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**



ରାଜ୍ କୁମାର ଅଗ୍ରୱାଲ

**୧-ପ୍ର: କୋଭିଡ ପରବର୍ତ୍ତୀ ମାନ୍ଦାବସ୍ଥାକୁ କିଭଳି ଭାବେ ସାମ୍ନା କରୁଛନ୍ତି?**

ଉ- କୋଭିଡ୍ ସମୟ ବେଶ୍ କଷ୍ଟସାଧ୍ୟ ଥିଲା। ମହାମାରୀ ସମୟରେ ପ୍ରଥମେ ନିଜକୁ ରକ୍ଷା କରି ଏତେବଡ଼ ପରିବାର(କର୍ମଚାରୀ)ଙ୍କ କଥା ଚିନ୍ତା କରିବା କଷ୍ଟକର ଥିଲା। ବିଶେଷ କରି ସେମାନଙ୍କ ସୁବିଧା ଅସୁବିଧା ବୁଝିବା ସହ କିଭଳି ଭାବେ ସେମାନେ ସ୍ୱାଭାବିକ୍ ଜୀବନ ବଞ୍ଚିବେ ସେନେଇ ମଧ୍ୟ ଭାବିବାକୁ ପଡୁଥିଲା। ଆଉ ଏହାପରେ ବ୍ୟବସାୟ ଦୟନୀୟ ଅବସ୍ଥାରେ ଚାଲିଛି। ଏଭଳି କି ଗାଡ଼ି ଶୋ ରୁମ୍‌ରେ ମହଜୁଦ୍ ରହୁଥିଲା କିନ୍ତୁ ବ୍ୟାଙ୍କ ଋଣ ଛାଡୁ ନ ଥିଲା। ଏହାପରେ କମ୍ପାନୀର ସମ୍ପୂର୍ଣ୍ଣ ସହଯୋଗ ମିଳିଲା। ଏଥିସହ ଗାଡ଼ିର ବିଭିନ୍ନ ଉପକରଣ ଉପରେ ମଧ୍ୟ କମ୍ପାନୀର ସହାୟତା ରହିଲା।

**୨-ପ୍ର: ଅଟୋମୋବାଇଲ ଇଣ୍ଡଷ୍ଟ୍ରିର କେଉଁ ସବୁ ପ୍ରମୁଖ ସମସ୍ୟା ରହିଛି?**

ଉ- ଦେଶରେ ପ୍ରଥମେ ଗାଡ଼ିର ମୁଖ୍ୟ ସାମଗ୍ରୀ କୁହାଯାଉଥିବା ଚିପ୍ ଓ କଣ୍ଡକ୍ଟର ବିଦେଶରୁ ଆସୁଥିଲା। ବର୍ତ୍ତମାନ ଏହା ମେକ୍ ଇନ୍ ଇଣ୍ଡିଆ ଜରିଆରେ ଭାରତରେ ନିର୍ମାଣ କରାଯାଉଛି ଆଉ ସମ୍ପୂର୍ଣ୍ଣ ଭାବେ ଏହାର ନିର୍ମାଣ ହେଉନଥିଲେ ମଧ୍ୟ ଧୀରେ ଧୀରେ ବ୍ୟବସ୍ଥା କରାଯାଉଛି ଆଗାମୀ ଦିନରେ ଆଉ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଯାହା ଅଟୋମୋବାଇଲ ଇଣ୍ଡଷ୍ଟ୍ରି ପାଇଁ ଏକ ଶୁଭ ସଙ୍କେତ ବୋଲି କୁହାଯାଉଛି।

**୩-ପ୍ର: ଅଟୋ ଇଣ୍ଡଷ୍ଟ୍ରିରେ ବିକ୍ରି କିମ୍ବା ସେବାରେ କେମିତି ଉନ୍ନତି କରିପାରିବା?**

ଉ- ଗ୍ରାହକଙ୍କୁ ପ୍ରଥମେ ଉତ୍ତମ ସେବା ଯୋଗାଇ ଦେବାକୁ ପ୍ରାଧାନ୍ୟ ଦେବା, ଏଭଳି କି ଲୋକଙ୍କୁ ସଚେତନ କରିବା ହେଉଛି ପ୍ରଥମ ଦାୟିତ୍ୱ। କିଭଳି ସେମାନଙ୍କୁ ସେବା ଯୋଗାଇ ହେବ। ଗାଡ଼ି ଯେଉଁଭଳି ବାଟରେ ଅଟକିବ ନାହିଁ। ଆଉ ଯଦି ଗାଡ଼ି ରାସ୍ତାରେ ଛିଡ଼ା ହେଲା, ତେବେ ତାଙ୍କୁ କିଭଳି ତୁରନ୍ତ ସୁବିଧା ଯୋଗାଇ ହେବ ଏଥିପ୍ରତି ଧ୍ୟାନ ଦେବା ହିଁ ପ୍ରଥମ ଦାୟିତ୍ୱ। ଏଥି ସହ ଏବେ ଡିଜିଟାଲ ସମୟ ଆସିଲାଣି ସେଥିରେ ମଧ୍ୟ ଲୋକଙ୍କୁ ସଚେତନ କରିବା ସହ କିଭଳି ସୁବିଧା ଓ ସେବା ଯୋଗାଇ ହେବ ସେ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରିବା। ଏହା ହେଲେ ବିକ୍ରି ଓ ସେବା ସମ୍ପର୍କରେ ସେମାନେ ତଥ୍ୟ ଘରେ ବସି ପାଇପାରିବେ। ଏହା ହେଲେ ହିଁ ବିକ୍ରି ଓ ସେବାରେ ଉନ୍ନତି ଆସିବ।

**୪-ପ୍ର: ବର୍ତ୍ତମାନ ସୁଦ୍ଧା ସିଦ୍ଧିଲକ୍ଷ୍ମୀ ମହିନ୍ଦ୍ରାର ଯାତ୍ରା କିଭଳି ରହିଛି?**

ଉ- ମା ବାପାଙ୍କ ଆଶୀର୍ବାଦ ସହ ସମସ୍ତ ଭାଇଙ୍କ ସହଯୋଗ ଓ ଗ୍ରାହକମାନଙ୍କ ଭଲ ପାଇବା ସଫଳତା ଦେଇଛି। ପରିବାରର ମିଳିତ ଉଦ୍ୟମରେ ସଫଳତା ଆସୁଛି। ମାନସିକ ସ୍ତରରେ ସମସ୍ତଙ୍କର ସହଯୋଗ ମଧ୍ୟ ରହିଛି, ଯେଉଁ ସମୟରେ ଆମେ ଅଟୋମୋବାଇଲ ଇଣ୍ଡଷ୍ଟ୍ରିରେ ପାଦ ଥାପିଥିଲୁ, ସେତେବେଳେ ୩ଚକିଆ ଯାନ ବିକ୍ରି କରିଥିଲୁ। ପରେ ଦୁଇ ଚକିଆ ଯାନର ଡିଲରଶିପ୍ ମିଳିଲା, ହେଲେ ତାହା ମଧ୍ୟ ସେ ସମୟରେ ଏତେ ପରିମାଣରେ ବଜାରରେ ଚାଲିନଥିଲା। ପରେ ୨୦୧୫ରେ ମହିନ୍ଦ୍ରାର ଡିଲରସିପ୍ ନେଇଥିଲୁ ପରେ ଧୀରେ ଧୀରେ ବିଭିନ୍ନ ପ୍ରଡ଼କ୍ଟ ବଜାରକୁ ଆସିଥିଲା ଆଉ ମାର୍କେଟ୍‌ରେ ଏବେ ବୋଲେରୋ ନିଓ, ଏକ୍ସୟୁଭି ୩୦୦-୭୦୦, ସ୍କର୍ପିଓ ଏବଂ ଥାର୍ ଭଳି ପ୍ରଡକ୍ଟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି।

**୫-ପ୍ର: ଇଭି ମାର୍କେଟ ଉପରେ ଆପଣଙ୍କ ମତ କଣ?**

ଉ- ସରକାର ଯେଉଁ ଯୋଜନା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ଡିଜେଲ ଓ ପେଟ୍ରୋଲ ଗାଡ଼ିରେ ପ୍ରଦୂଷଣ ବଢୁଛି ଏଭଳି କି ବାୟୁମଣ୍ଡଳ ମଧ୍ୟ ଦୂଷିତ ହେଉଛି, ବୈଦ୍ୟୁତିକ ଯାନ ଆସିଲେ ଏଥିରେ ହ୍ରାସ ପାଇବ। ଏଭଳି କି ତୈଳ ପାଇଁ ବିଦେଶ ଉପରେ ମଧ୍ୟ ନିର୍ଭର କରିବାକୁ ପଡ଼ିବ ନାହିଁ। ଏ ନେଇ ପ୍ରତ୍ୟେକ ଲୋକ ସଚେତନ ହେବା କଥା। ସରକାରଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

**୬-ପ୍ର: ପରିବାର ଓ ବ୍ୟବସାୟକୁ କିଭଳି ଭାବେ ପରିଚାଳନା କରିଥାନ୍ତି?**

ଉ- ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମୟ ଏକ ବଡ଼ ସମସ୍ୟା ଥିଲାବେଳେ ଉଭୟ ପରିବାର ଓ ବ୍ୟବସାୟକୁ ସମୟ ଦେବା କଷ୍ଟକର। ହେଲେ ଉଭୟ ପରିବାର ଓ ବ୍ୟବସାୟରେ ସହଯୋଗ ଓ ସହକର୍ମୀଙ୍କର ସଦିଚ୍ଛା ଯୋଗୁ ସବୁ କିଛି ଠିକ୍‌ଠାକ୍‌ରେ ପରିଚାଳିତ ହୋଇଯାଇଥାଏ। ପ୍ରତିଯୋଗିତାମୂଳକ ବ୍ୟବସାୟରେ ସମୟ ମିଳିଲେ ପରିବାର ଓ ପରଜନଙ୍କ ସହ ସମୟ ଅତିବାହିତ କରିବାକୁ ଭଲଲାଗେ।

# 'କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଦକ୍ଷତା ବିକାଶ ହୋଇପାରିବ'

## ରାଜ୍ୟସ୍ତରୀୟ ଆଇଟିଆଇ ଓ ପଲିଫେଷ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆଜି ଓଡ଼ିଶା ସମଗ୍ର ପୃଥିବୀରେ ସ୍ପୋର୍ଟ୍ସ ହବ୍ ଭାବେ ସୁପରିଚିତ। ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି। କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଦକ୍ଷତା ବିକାଶ ହୋଇପାରିବ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ଠାରେ ତୃତୀୟ ରାଜ୍ୟସ୍ତରୀୟ ସରକାରୀ ଆଇଟିଆଇ ଓ ପଲି ଫେଷ୍ଟକୁ ସୋମବାର ମନ୍ତ୍ରୀ ଉଦ୍‌ଘାଟନ କରି ଏହା କହିଛନ୍ତି। ଓଡ଼ିଶା ମାଟିର ଖଣିଜ ସମ୍ପଦକୁ ନେଇ ରାଜ୍ୟର ଅର୍ଥନୈତିକ ଓ କର୍ମନିଯୁକ୍ତି ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବିକାଶଧାରାକୁ ଆଗେଇ ନେବା ପାଇଁ ରାଜ୍ୟର ସମସ୍ତ ପଲିଟେକ୍‌ନିକ୍ (ଆଇଟିଆଇ) ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଦେଶରେ କ୍ରୀଡ଼ା ନାମ ଉଠିଲେ କେବେ ପଞ୍ଜାବ, ହରିୟାଣା ରାଜ୍ୟର ନାମ ରହୁଥିଲା। କିନ୍ତୁ ଏବେ କ୍ରୀଡ଼ା କଥା ପଡ଼ିଲେ ଓଡ଼ିଶାର ନାମ ଆସୁଛି। ଛାତ୍ରୀଛାତ୍ରଙ୍କର ସ୍ପୋର୍ଟ୍ସରେ ଉତ୍ସାହ ରହିଲେ ସେମାନଙ୍କର ପ୍ରତ୍ୟେକ କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଥାଏ। କୌଣସି କୁଶଳୀ କାରିଗର ହେବାକୁ ହେଲେ ପ୍ରଥମେ ସୁନ୍ଦର ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି ବୋଲି ଉଷା ପାଢ଼ୀ ମତବ୍ୟକ୍ତ କରିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ରେଘୁ ଜୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଡିପ୍ଲୋମା ଇଞ୍ଜିନିୟରିଂ ଏବଂ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ନେଇ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଚାରିଦିନ ବ୍ୟାପୀ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଏହା ଚାଲିବ।




# ଖେଳୁଥିବା ବେଳେ ଧସିଲା ବାଲିକୁଦ

## ପୋତିହୋଇଗଲେ ୩ ଶିଶୁ, ଜଣେ ମୃତ

ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୨୭।୨(ଡି.ଏନ୍.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲିଗଡ଼ ଗ୍ରାମପଞ୍ଚାୟତର ପାଟପାଣୀ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ନଦୀ ବାଲିରେ ଖେଳୁଥିବା ସମୟରେ ପାଖରେ ଥିବା ବାଲିକୁଦ ଧସିପଡ଼ିବାରୁ ୩ଜଣ ଶିଶୁ ପୋତି ହୋଇଯାଇଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ଅଛନ୍ତି। ମୃତକ ହେଲେ ରାମ ରଇତଙ୍କ ପୁଅ କିଶୋର (୮)। ଆହତମାନେ ହେଲେ ଭୀମ ଶବର, ଗୌତମ ରଇତ।

ପ୍ରକାଶ ଯେ, ପାଟପାଣୀର ୭ ଜଣ ଶିଶୁ ଗାଁ ନିକଟ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ୩ ଜଣ ଗାଧୋଇବା ପରେ ଘରକୁ ଫେରିଆସିଥିବା ବେଳେ ଅନ୍ୟମାନେ ନଦୀରେ ଗଦା ହୋଇଥିବା ଏକ ବାଲିକୁଦ ତଳେ ଗାତ କରି ଖେଳୁଥିଲେ। ଏହି ସମୟରେ ହଠାତ୍ ସେମାନଙ୍କ ଉପରେ ବାଲିକୁଦ ଧସି ପଡ଼ିଥିଲା। ଫଳରେ କିଶୋର, ଭୀମ, ଗୌତମ ବାଲିରେ ପୋତି ହୋଇଯାଇଥିଲେ। ଏହା ଦେଖି ନିକଟରେ ଥିବା ଆଉ ଜଣେ ଶିଶୁ ଗ୍ରାମବାସୀଙ୍କୁ ଜଣାଇଥିଲେ। ସେମାନେ ଆସି ବାଲିକୁଦକୁ ଖୋଳି ଶିଶୁମାନଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣାସ୍ଥଳରେ କିଶୋରଙ୍କ ମୃତ୍ୟୁ ଘଟିଥିଲା। ଆହତ ଭୀମ ଓ ଗୌତମଙ୍କୁ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୩/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଟ୍ରକ୍-ବାଇକ୍ ଧକ୍କା: ଯୁବକ ମୃତ

କଣିହାଁ, ୨୭।୨(ଡି.ଏନ୍.ଏ.)

କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ୧୪୯ ନଂ. ଜାତୀୟ ରାଜପଥ ନାଇକାନାଳି ନିକଟରେ ସୋମବାର ମଧ୍ୟାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୁରୁକୁନା ଗ୍ରାମର ଅର୍ଜୁନ କୁମାର ନାଏକ(୨୮)। ପୋଲିସ କହିଛି, ଅର୍ଜୁନ ବାଇକରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ତାଙ୍କୁ ଟ୍ରକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ସମଲ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅପରାହ୍ନ ୫ଟାବେଳେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ପଠାଯାଇଛି।




# ରାଜ୍ୟ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ କୁମାର ମହାନ୍ତିଙ୍କ ଶପଥଗ୍ରହଣ




ଭୁବନେଶ୍ୱର, ୨୭।୨(ବ୍ୟୁରୋ)

ରାଜ୍ୟର ନୂତନ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ କୁମାର ମହାନ୍ତି ସୋମବାର ଶପଥ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ରାଜଭବନର ଅଭିଷେକ ହଲ୍‌ରେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବନିଯୁକ୍ତ ସୂଚନା ଆୟୁକ୍ତ ମହାନ୍ତିଙ୍କୁ ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ରାଜ୍ୟପାଳଙ୍କ ଅନୁମତିକ୍ରମେ ରାଜ୍ୟ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ ମହାନ୍ତିଙ୍କ ନିଯୁକ୍ତିପତ୍ର ପାଠ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ରାଜ୍ୟ ସୂଚନା ଆୟୁକ୍ତ ଦିଲୀପ କୁମାର ବିଶୋୟୀ, ସଞ୍ଜୟ କୁମାର ସ୍ୱାଇଁ, ବାଳକୃଷ୍ଣ ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡ ଘଟି ୨ ଶ୍ରମିକଙ୍କ ମୃତ୍ୟୁ

ସୁନ୍ଦରଗଡ଼, ୨୭।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଲୁହୁରାଡ଼ିପାରେ ଠିକାଦାରଙ୍କ ଗୋଦାମ ଘରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସୁନ୍ଦରଗଡ଼ ସଦର ବ୍ଲକ ବାଉରୀମୁଣ୍ଡାର ମିଠୁ ଓରାମ (୩୬) ଓ ଦିଲୀପ ସାଏ (୩୨)। ସୋମବାର ସକାଳ ପ୍ରାୟ ୯ଟାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପୋଲିସ ପ୍ରାଥମିକ ତଦନ୍ତ ଅନୁସାରେ ସେଠାରେ ଆଜବେଷ୍ଟସ ଛାଉଣୀ ଥିବା ଆବଦ୍ଧ ଘରେ ଶ୍ରମିକ ୨ଜଣ ରାତିରେ ଶୋଇଥିଲେ। ନିଆଁ ଯୋଗୁ ଶ୍ୱାସରୁଦ୍ଧ ହୋଇ ଏହି ଦୁଇ ଶ୍ରମିକଙ୍କ ମୃତ୍ୟ ଘଟିଥିବା ଜଣାପଡିଛି। ମଶାଧୂପରୁ ପାଖରେ ଥିବା ପ୍ଲାଷ୍ଟିକ୍ ସାମଗ୍ରୀରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ଏଭଳି ଘଟଣାର ପୋଲିସ ଅଧିକ ତଦନ୍ତ ଚଳାଇଛି। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ଓ ସଦର ଏସ୍‌ଡିପିଓ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି।

# ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଜଣେ ଅଟକ

ବଲାଙ୍ଗୀର ଅଫିସ, ୨୭।୨

ବଲାଙ୍ଗୀର ଜିଲା ଅନୁସୂଚିତ ବିଭାଗ ଅଧିନ ଏକ ସ୍କୁଲ ହଷ୍ଟେଲରେ ରହୁଥିବା ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଥିବା ଜଣାପଡିଛି। ସୋମବାର ଏହି ଘଟଣା ଜଣାପଡିବା ପରେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଛାତ୍ରୀ ଜଣକ ୩ ମାସର ଗର୍ଭବତୀ ଥିବା ସୂଚନା ମିଳିଛି। ଏହି ଘଟଣା ସଂକ୍ରାନ୍ତରେ ବିଭାଗୀୟ କୌଣସି ଅଧିକାରୀ ମୁହଁ ଖୋଲୁ ନ ଥିବାବେଳେ ସଦର ଥାନାରେ କିନ୍ତୁ ଏନେଇ ରିପୋର୍ଟ ହୋଇଛି। ଅଭିଯୋଗ ପରେ ପୋଲିସ ପୀଡିତା ଛାତ୍ରୀଙ୍କ ଗାଁର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି। କିଭଳି ପରିସ୍ଥିତିରେ ଛାତ୍ରୀ ଜଣକ ଗର୍ଭବତୀ ହେଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ମିଳିଥିବା ସୂଚନା ମୁତାବକ କିଛି ମାସ ତଳେ ଛାତ୍ରୀ ଜଣକ ଛୁଟିରେ ତାଙ୍କ ଘରକୁ ଯାଇଥିଲେ। ସେଠାରେ ଏଭଳି ଘଟଣା ଘଟିଥିବା ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରଚଣ୍ଡ ଶବ୍ଦ, ଲୋକେ ଆତଙ୍କିତ

ବାରିପଦା ଅଫିସ/ବାଲେଶ୍ୱର ଅଫିସ/ ପାଟଣା, ୨୭।୨(ସ୍ୱ.ପ୍ର.)

ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ସୋମବାର ପୂର୍ବାହ୍ନ ୧୧ଟା ୧୦ମିନିଟ ସମୟରେ ଆକାଶରେ ପ୍ରଚଣ୍ଡ ଶବ୍ଦକୁ ନେଇ ଆତଙ୍କ ଖେଳିଯାଇଥିଲା। ପ୍ରଚଣ୍ଡ ଶବ୍ଦରେ ଘରଦ୍ୱାର ଥରିବା ସହ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଶବ୍ଦ ଶୁଣି ଲୋକେ ଘର ବାହାରକୁ ପଳାଇ ଆସିଥିଲେ। ଲୋକେ ଏହାକୁ ଭୂକମ୍ପ କହୁଥିବା ବେଳେ ଆଉ କେତେଜଣ ପଥର ବ୍ଲାଷ୍ଟିଙ୍ଗ୍ ବୋଲି କହୁଛନ୍ତି। ଅନ୍ୟକେହି ଏହା କ୍ଷେପଣାସ୍ତ୍ର ପରୀକ୍ଷଣ ସମୟର ଶବ୍ଦ ବୋଲି ଆଲୋଚନା କରୁଛନ୍ତି। ତେବେ ଶବ୍ଦର କାରଣ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ଜଣାପଡ଼ି ନ ଥିବାରୁ ଲୋକେ ଦ୍ୱନ୍ଦ୍ୱ ରହିଛନ୍ତି। ଏ ସମ୍ପର୍କରେ ମୟୂରଭଞ୍ଜ ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତିଙ୍କୁ ପଚାରିବାରୁ ଏହି ଶବ୍ଦ ପଛରେ କୌଣସି ବୈଜ୍ଞାନିକ କାରଣ ହସ୍ତଗତ ହୋଇନାହିଁ ବୋଲି କହିଛନ୍ତି। ସେହିପରି କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ୨ ଥର ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଘର କାନ୍ଥ, ଝରକା, କବାଟ ଥରିଥିବା ବେଳେ ଲୋକେ ଭୟଭୀତ ହୋଇଯାଇଥିଲେ। ଏହା ଭୂକମ୍ପର ଝଟକା ହୋଇଥିବା ଲୋକେ କହୁଥିବା ବେଳେ ପ୍ରକୃତ ଘଟଣା ସ୍ପଷ୍ଟ ହୋଇନାହିଁ। ଏନେଇ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କହିଛନ୍ତି, ଘଟଣା ସମ୍ପର୍କରେ ଶୁଣାଯାଇଛି। କିନ୍ତୁ କେଉଁ କାରଣରୁ ହୋଇଛି ଠିକ୍ ଖବର ମିଳିନାହିଁ। ଅଧିକାରୀମାନେ ତଦନ୍ତ କରୁଛନ୍ତି।



ନିଶ୍ଚିତ ଥାଅ- ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ-ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି- ବିଜୟ ସୁନିଶ୍ଚିତ। -ଶ୍ରୀଅରବିନ୍ଦ

# କାର୍ଯ୍ୟାଳୟରେ ହେଲ୍‌ମେଟ

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଡିସେମ୍ବର ୨୦୨୩ ସୁଦ୍ଧା ଏହା ଶେଷ ହୋଇ ଶ୍ରଦ୍ଧାଳୁଙ୍କ ସକାଶେ ଖୋଲାଯିବ ବୋଲି ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ସମୟ ଦେଇସାରିଲେଣି। ଅନ୍ୟପକ୍ଷରେ ସେହି ରାଜ୍ୟର ବାଘପତ୍ ଜିଲାର ବାରାଉତ ସହରରେ ଥିବା ବ୍ରିଟିଶ ଅମଳରେ ନିର୍ମିତ ଉତ୍ତରପ୍ରଦେଶ ପାୱାର କର୍ପୋରେଶନ ଲିମିଟେଡ୍ (ୟୁପିସିଏଲ)ର ଏକ କୋଠା ଭିତରେ ଇଞ୍ଜିନିୟର, କିରାଣି ଓ ସାମୟିକ କର୍ମଚାରୀଙ୍କୁ ମିଶାଇ ୪୦ ଜଣରୁ ଅଧିକ ବ୍ୟକ୍ତି ମୁଣ୍ଡରେ ହେଲ୍‌ମେଟ ଦେଇ କାମ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେଉଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ କୋଠାର ଭଗ୍ନାବସ୍ଥା ଯୋଗୁ ଛାତ ଉପରୁ ନିୟମିତ ବ୍ୟବଧାନରେ ପ୍ଲାଷ୍ଟର ଖସୁଛି। କର୍ମଚାରୀମାନେ ଜୀବନ ପ୍ରତି ବିପଦ ଥିବାରୁ ଏଭଳି ପଦକ୍ଷେପ ନେଇଥିବା ଦେଖାଯାଉଛି। ଜଣେ କର୍ମଚାରୀ କହିଛନ୍ତି, ସେ ୭ ବର୍ଷ ତଳେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେବେଠାରୁ କୋଠାର ଅବସ୍ଥା ଏଭଳି ଥିବାରୁ ବାରମ୍ବାର ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲେ

**ସଡ଼କରେ ଅନେକ ସମୟରେ ଦେଖାଯାଇଥାଏ ଅମାନିଆ ଲୋକ ଦୁଇଚକିଆ ଯାନ ଚଳାଉଥିବା ବେଳେ ହେଲ୍‌ମେଟ ବା ଶିରସ୍ତ୍ରାଣ ପିନ୍ଧି ନ ଥାଆନ୍ତି। ହେଲେ ଉତ୍ତରପ୍ରଦେଶର ସମ୍ପୃକ୍ତ କାର୍ଯ୍ୟାଳୟ ଭିତରେ କର୍ମଚାରୀମାନେ ହେଲ୍‌ମେଟ ପିନ୍ଧି କାମ କରୁଥିବାର ଦୃଶ୍ୟ କେତେକଙ୍କୁ ଦେଖିବାରେ କୌତୂହଳ ଲାଗିପାରେ। କିନ୍ତୁ ସ୍ଥିତିର ଗମ୍ଭୀରତାକୁ ଦେଖିଲେ ଚାକିରି କରିଥିବା ବ୍ୟକ୍ତିମାନେ ଯେ କେତେ ଅସହାୟ ତାହା ବୁଝାପଡ଼ିଯାଉଛି।**



ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଥରେ କେବଳ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ହେଲେ ମରାମତି ହୋଇପାରି ନାହିଁ। ନିକଟ ଅତୀତରେ କେତେ ଜଣ କର୍ମଚାରୀଙ୍କ ଉପରେ ପ୍ଲାଷ୍ଟର ଖସି ପଡ଼ିବାରୁ ସେମାନେ ଆହତ ହୋଇଥିଲେ। ତେଣୁ ଅଘଟଣ ଦ୍ୱାରା ହେବାକୁ ଥିବା କ୍ଷତିକୁ ରୋକିବା ସକାଶେ କାର୍ଯ୍ୟାଳୟ ଭିତରେ ହେଲ୍‌ମେଟ ପିନ୍ଧି କାର୍ଯ୍ୟ କରିବାକୁ ପଡୁଛି ବୋଲି କର୍ମଚାରୀମାନେ କହିଛନ୍ତି। ଏ ସଂକ୍ରାନ୍ତ ଭିଡିଓ ଦେଖି ବାଘପତ୍ ଜିଲାପାଳ ରାଜକମଲ ଯାଦବ ସମ୍ପୃକ୍ତ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଗଣମାଧ୍ୟମକୁ କହିଛନ୍ତି।

ସଡ଼କରେ ଅନେକ ସମୟରେ ଦେଖାଯାଇଥାଏ ଅମାନିଆ ଲୋକ ଦୁଇଚକିଆ ଯାନ ଚଳାଉଥିବା ବେଳେ ହେଲ୍‌ମେଟ ବା ଶିରସ୍ତ୍ରାଣ ପିନ୍ଧି ନ ଥାଆନ୍ତି। ହେଲେ ଉତ୍ତରପ୍ରଦେଶର ସମ୍ପୃକ୍ତ କାର୍ଯ୍ୟାଳୟ ଭିତରେ କର୍ମଚାରୀମାନେ ହେଲ୍‌ମେଟ ପିନ୍ଧି କାମ କରୁଥିବାର ଦୃଶ୍ୟ କେତେକଙ୍କୁ ଦେଖିବାରେ କୌତୂହଳ ଲାଗିପାରେ। କିନ୍ତୁ ସ୍ଥିତିର ଗମ୍ଭୀରତାକୁ ଦେଖିଲେ ଚାକିରି କରିଥିବା ବ୍ୟକ୍ତିମାନେ ଯେ କେତେ ଅସହାୟ ତାହା ବୁଝାପଡ଼ିଯାଉଛି। ୪୦ ଜଣ କର୍ମଚାରୀ କାମ କରୁଥିବା ଏକ କୋଠାକୁ ମରାମତି କରିବା ପାଇଁ ହୁଏତ ଅଧିକ ଅର୍ଥ ଖର୍ଚ୍ଚ ହୋଇପାରେ। କାରଣ ଦୀର୍ଘ ସମୟ ଧରି ଅବହେଳା କରାଯାଇଆସିଥିବା କୋଠାକୁ ଯଦି ତତ୍‌କ୍ଷଣାତ୍ ମରାମତି କରାଯାଇଥାଆନ୍ତା, ତେବେ କରଦାତାଙ୍କ ଅର୍ଥ ରକ୍ଷା କରାଯିବା ସହିତ ସରକାରୀ କର୍ମଚାରୀଙ୍କ ଜୀବନ ମଧ୍ୟ ସୁରକ୍ଷିତ ରହିଥାଆନ୍ତା। ଅନ୍ୟପଟେ ଉତ୍ତରପ୍ରଦେଶରେ ମାଫିଆ ଉପଦ୍ରବ ବୃଦ୍ଧି ପାଇଥିବା ଭଳି ମନେହେଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହୁଛନ୍ତି ଯେ, ବିରୋଧୀ ସମାଜବାଦୀ ପାର୍ଟିର ବାହୁଛାୟା ତଳେ ଏହି ମାଫିଆ ଏବଂ ଦୁର୍ଦ୍ଦାନ୍ତ ଅପରାଧୀମାନେ ପୃଷ୍ଠପୋଷକତା ପାଇଆସୁଛନ୍ତି। ଅବଶ୍ୟ ପାଲଟା ପ୍ରଶ୍ନ ଉଠିପାରେ ଯେ, ଦୀର୍ଘ ଦୁଇ ପାଳିର ଭାଜପା ସରକାରର ମୁଖ୍ୟ ଭାବରେ ଯୋଗୀ ଆଦିତ୍ୟନାଥ ରହିଥିବା ସତ୍ତ୍ୱେ ସମାଜବାଦୀ ପାର୍ଟିର ପ୍ରଭାବକୁ ସରକାରୀ କଳ ବ୍ୟବହାର କରି ନିଶ୍ଚିତ ଭାବେ ଦମନ କରିପାରିଥାଆନ୍ତା। ତାହା ନ ହୋଇଲା କାହିଁକି ବୋଲି ସେ ବିଷୟରେ ଜନସାଧାରଣଙ୍କୁ ବୁଝାଇବା ଆବଶ୍ୟକ ହୋଇପଡ଼ିଲାଣି।

ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାରୀ କର୍ମଚାରୀ ହେଲ୍‌ମେଟ ପିନ୍ଧି କାର୍ଯ୍ୟାଳୟରେ କାମ କରୁଥିବା ଚିତ୍ର ଉଭୟ ଦର୍ଶାଉଛି ଯେ ଉତ୍ତରପ୍ରଦେଶ ପ୍ରଶାସନ, ଭାରତର ଅନ୍ୟସବୁ ରାଜ୍ୟ ଭଳି, ଅତ୍ୟନ୍ତ ଦୁର୍ବଳ ଏବଂ ଦୁର୍ନୀତିଗ୍ରସ୍ତ।

# କାଳର କଷଟିରେ ଆଗୁସାର ରମଣ



ଡ. ଗୌରୀଶଙ୍କର ସାହୁ

୧୯୮୬ ମସିହାରେ ଜାତୀୟ ବିଜ୍ଞାନ ଓ ପ୍ରାଦ୍ୟୋଗିକ ସମ୍ପ୍ରେଷଣ ପରିଷଦ (ଏନ୍‌ସିଏସ୍‌ଟିଏସ୍)ର ପ୍ରସ୍ତାବ ମୁତାବକ ତତ୍କାଳୀନ ରାଜୀବ ଗାନ୍ଧୀ ସରକାର ୨୮ଫେବୃୟାରୀକୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଭାରତୀୟ ପଦାର୍ଥ ବିଜ୍ଞାନୀ ଭାରତରତ୍ନ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା 'ରମଣ ପ୍ରଭାବ' ଆବିଷ୍କାର ସ୍ମୃତିରେ ସ୍ୱାକ୍ଷର ବହନକରେ ଏହିଦିନ।

ରମଣଙ୍କ ଦ୍ୱାରା ଆବିଷ୍କୃତ 'ରମଣ ପ୍ରଭାବ' ଆଲୋକ ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଏହି କାଳଜୟୀ ଆବିଷ୍କାର ପାଇଁ ଏସିଆ ମହାଦେଶର ପ୍ରଥମ ବୈଜ୍ଞାନିକ ଭାବେ ବିଜ୍ଞାନର ଏକ ବିଭାଗରେ ନୋବେଲ ସମ୍ମାନରେ ସମ୍ମାନିତ ହୋଇଛନ୍ତି ରମଣ ୧୦ ଡିସେମ୍ବର ୧୯୩୦ରେ। ଏହା ସତ୍ୟ ଯେ ନୋବେଲ୍ ସମିତିର ବୈଠକଗୁଡ଼ିକ ବଡ଼ ଗୋପନୀୟ ହୋଇଥାଏ ଓ ପୁରସ୍କାର ଘୋଷଣାର ଗୋଟିଏ ସେକେଣ୍ଡ ପୂର୍ବରୁ ମଧ୍ୟ ଖବରଟି ଜଣାପଡ଼ି ନ ଥାଏ। ପ୍ରତିବର୍ଷ ୧୦ ଡିସେମ୍ବରରେ ପୁରସ୍କାର ଦିଆଯାଏ ସ୍ୱିଡେନ୍‌ରେ ଓ ମାତ୍ର ମାସେ ଆଗରୁ ବିଜେତାଙ୍କ ନାମ ଘୋଷଣା କରେ ଚୟନ ସମିତି। ମାସେ ଭିତରେ ଟିକେଟକରି କଲିକତାରୁ ସୁଇଡେନ୍ ଜଳପଥରେ ପହଞ୍ଚିବା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ପୁରସ୍କାର ଘୋଷଣାର ଯଥେଷ୍ଟ ପୂର୍ବରୁ ୧୯୩୦ରେ ଚନ୍ଦ୍ରଶେଖର ଭେଙ୍କଟରମଣ ସୁଇଡେନ୍‌କୁ ଦୁଇଟି ଟିକେଟ ଷ୍ଟିମରରେ ବୁକ୍ କରିଥିଲେ। ଗୋଟିଏ ନିଜ ପାଇଁ ଆରଟି ଧର୍ମପତ୍ନୀ ଲୋକ ସୁନ୍ଦରୀଙ୍କ ପାଇଁ। ସଶରୀରେ ସପତ୍ନୀକ ନୋବେଲ ପୁରସ୍କାର ଗ୍ରହଣ କଲେ ସୁଇଡେନ୍ ମାଟିରେ। ନିଜ ବକ୍ତୃତା ରଖିଲେ ସମବେତ ସୁଧିଜନଙ୍କ ସମ୍ମୁଖରେ। ତା'ହେଲେ ସେ କ'ଣ କାଳକୁ କରାୟତ୍ତ କରି ରଖିଥିଲେ?

ମୂଳରୁ ସମୟ ତାଙ୍କୁ ବାଟ ଛାଡ଼ିଦେଉଥିଲା ସବୁବେଳେ। ୭ ନଭେମ୍ବର ୧୮୮୮ରେ ବିଶାଖାପାଟଣାର ମିସେସ୍ ଏ.ଭି.ଏନ୍. କଲେଜର ଅଧ୍ୟାପକ ଚନ୍ଦ୍ରଶେଖର ଆୟାର ଓ ପାର୍ବତୀ ଆମ୍ମାଲଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ। ଚନ୍ଦ୍ରଶେଖର ଭେଙ୍କଟରମଣ ମାତ୍ର ୧୩ ବର୍ଷ ବୟସରେ ୱାଲ୍‌ଟିଅର ସହରର ହିନ୍ଦୁ କଲେଜରୁ ଇଣ୍ଟରମିଡିଏଟ ପାସ୍ କରିଥିଲେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ। ୧୬ ବର୍ଷ ବୟସରେ ପଦାର୍ଥ ବିଜ୍ଞାନରେ ସ୍ୱର୍ଣ୍ଣପଦକ ସହିତ ସ୍ନାତକ ଡିଗ୍ରୀ କଲେ। ମାତ୍ର ୧୯ ବର୍ଷ ବୟସରେ ପ୍ରେସିଡେନ୍ସି କଲେଜରୁ ରେକର୍ଡ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ। ଏ ତ ଗଲା ଶିକ୍ଷା କଥା। ସ୍ନାତକୋତ୍ତର ଶିକ୍ଷା ବେଳେ ଥରେ ଦଳେ ପିଲାଙ୍କର ପଦାର୍ଥ ବିଜ୍ଞାନର ଏକ ବିଷୟ ଉପରେ ସନ୍ଦେହ ଉପୁଜିବାରୁ ସେମାନେ ଅଧ୍ୟାପକଙ୍କ ପାଖକୁ ଗଲେ। ସେ ବହୁ ଚେଷ୍ଟାକରି ଏହାର ଉତ୍ତର ଖୋଜି ପାଇଲେ ନାହିଁ। ରମଣ ସମସ୍ୟାଟିକୁ ଦେଖିଲେ, ସମ୍ୟକ୍ ଉତ୍ତର ଦେଇଦେଲେ। ହେଲେ ଉତ୍ତରଟି ଠିକ୍ କି ଭୁଲ୍ ଜାଣିବା ପାଇଁ ବିଲାତରେ ଜଣେ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କୁ ପତ୍ର ଲେଖିଲେ। ଅଧ୍ୟାପକ ପତ୍ର ପଢ଼ି ଏହାକୁ ବୈଜ୍ଞାନିକ ଜର୍ନାଲରେ ପ୍ରକାଶ କରିବା ପାଇଁ କହିଲେ। ରମଣ ସନ୍ଦର୍ଭଟି ନିଜେ ଲେଖି ଇଂଲଣ୍ଡରୁ ପ୍ରକାଶିତ ପ୍ରତିଷ୍ଠିତ ଫିଲୋସୋଫିକାଲ୍ ମାଗାଜିନକୁ ପଠାଇଲେ ଓ ମାତ୍ର ଅଳ୍ପଦିନ ମଧ୍ୟରେ ୧୯୦୬ ରେ ଆୟତାକାର କଣାଦେଇ ଅସାମ୍ୟ ପ୍ରକୀର୍ଣ୍ଣନ ପଟ୍ଟି ବିଷୟକ ଏହି ସନ୍ଦର୍ଭଟି ଫିଲୋସୋଫିକାଲ୍ ମାଗାଜିନରେ ପ୍ରକାଶିତ ହେଲା ଓ ରମଣ ଥିଲେ ଏହାର ଏକମାତ୍ର ଲେଖକ(ସିଙ୍ଗଲ ଅଥର)। ପରବର୍ଷ ତାଙ୍କ ଦ୍ୱାରା ଲିଖିତ ଅନ୍ୟ ଏକ ଗବେଷଣାତ୍ମକ ନିବନ୍ଧ ସର୍ବଶ୍ରେଷ୍ଠ ଜର୍ନାଲ 'ନେଚର'ରେ ପ୍ରକାଶିତ ହେଲା। ନିଜ ସମୟଠାରୁ ଢେର ଆଗରେ ଥିଲେ ସେ।



ସ୍ନାତକୋତ୍ତର ପଢ଼ା ସରୁ ସରୁ ଭାରତୀୟ ବିତ୍ତସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୦୭ରେ କଲିକତାରେ ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟ ଜେନେରାଲ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ରମଣ। ମନ କିନ୍ତୁ ଗବେଷଣାରେ। ମହେନ୍ଦ୍ର ଲାଲ୍ ସରକାରଙ୍କ ଦ୍ୱାରା ୧୮୭୬ରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଆସୋସିଏସନ ଅଫ୍ କଲ୍‌ଟିଭେସନ୍ ଅଫ୍ ସାଇନ୍ସର କୋଠା ତାଙ୍କ କାର୍ଯ୍ୟାଳୟ ଯିବା ବାଟରେ ପ୍ରତିଦିନ ତାଙ୍କୁ ଅନ୍ୟ ମନସ୍କ, ଆନ୍ଦୋଳିତ କରୁଥାଏ। ସେ ଟାଣି ହୋଇଗଲେ ଏହି କୋଠାର ଗବେଷଣା କୋଠରିକୁ। କାର୍ଯ୍ୟ ସମୟ ଉପରାନ୍ତେ ସେଠାରେ ଗବେଷଣାରେ ନିମଗ୍ନ ରହିଲେ। ରାଶି ରାଶି ସୂତ୍ର ଓ ତତ୍ତ୍ୱ ସନ୍ଦର୍ଭ, ନିବନ୍ଧ ରୂପେ ବିଶ୍ୱର ପ୍ରତିଷ୍ଠିତ ପତ୍ରିକା, ଜର୍ନାଲରେ ପ୍ରକାଶିତ ହେଲା। ଯୁଗ ପୁରୁଷ ଆଶୁତୋଷ ମୁଖାର୍ଜୀଙ୍କ ଧ୍ୟାନ ଆକର୍ଷଣ କଲେ ଏ ସବୁ ଚିତ୍ର ଓ ଏହି ବିସ୍ମୟ ଚରିତ୍ର।

ଦ୍ୱିଧା ଓ ଦ୍ୱନ୍ଦ୍ୱ ମଧ୍ୟରେ ୧୯୧୭ରେ ଆଶୁତୋଷ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ପାଳିତ ଚେୟାର ପ୍ରଫେସର ଅଫ୍ ଫିଜିକ୍ସ ଭାବେ ଯୋଗଦେବା ପାଇଁ ଅନୁରୋଧ କରିବା ମାତ୍ରେ ସେ ରାଜିହୋଇ ପ୍ରଶାସନିକ ପଦବୀ ପରିତ୍ୟାଗ କରି, ଶ୍ରେଣୀକୋଠରିକୁ ପ୍ରବେଶ କରିଗଲେ। ଆଶୁତୋଷ, କୁଳପତି, କଲିକତା ବିଶ୍ୱବିଦ୍ୟାଳୟଙ୍କ ଭାଷାରେ, ''ଏହି ଗୋଟିଏ ଘଟଣା ମୋତେ ଆଶା ଓ ଆଶ୍ୱାସନା ଦେଲା ଯେ ସତ୍ୟର ସନ୍ଧାନୀଙ୍କର ଅଭାବ ନାହିଁ ଏ ମାଟିରେ। ତେଣୁ ଆମ ସ୍ୱପ୍ନର 'ଶିକ୍ଷାମନ୍ଦିର' ଠିଆ କରିବା ଅସମ୍ଭବ ନୁହେଁ।'' ଲୋଭନୀୟ ଥାଟବାଟ, ମୋଟା ଦରମାକୁ ତୁଚ୍ଛକରି ମନର ମହକ ସହ ବଞ୍ଚିହେବ, ଏକଥା ରମଣ ତାଙ୍କ ନିଷ୍ପତ୍ତି ଦ୍ୱାରା ଦେଖେଇଦେଲେ। ଏହାର ମାତ୍ର ୧୩ ବର୍ଷ ମଧ୍ୟରେ ତାଙ୍କୁ ଓ ତାଙ୍କ ଦେଶବାସୀଙ୍କୁ ସ୍ୱିଡେନ୍ ମାଟିରୁ ଭେଟି ମିଳିଲା ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନ 'ନୋବେଲ' ରୂପରେ।

ଯେଉଁ ରମଣ ରଶ୍ମି ଆବିଷ୍କାର ପାଇଁ ସେ ଏହି ସର୍ବୋଚ୍ଚ ସମ୍ମାନ ପାଇଲେ ସେହି ଏକା ସମୟରେ ରୁଷିଆର ବୈଜ୍ଞାନିକ ମେଣ୍ଡେଲ ବର୍ଗ ଓ ମେଣ୍ଡେଲଷ୍ଟାମ୍ ସ୍ଫଟିକ ଦଣ୍ଡ ଉପରେ ଆଲୋକ ରଶ୍ମି ପକାଇ ଏହି ନୂତନ ରଶ୍ମିର ସନ୍ଧାନ ପାଇଥିଲେ। ମାତ୍ର ପ୍ରଥମେ ପ୍ରକାଶିତ ହେଲା ରମଣଙ୍କ ସନ୍ଦର୍ଭ 'ଏ ନ୍ୟୁ ରେଡିଏସନ' ଭାରତରୁ ପ୍ରକାଶିତ ବୈଜ୍ଞାନିକ ଜର୍ନାଲ ଇଣ୍ଡିଆନ ଜର୍ନାଲ ଅଫ୍ ଫିଜିକ୍ସର ସଂଖ୍ୟା ୨(୩୮୭)ରେ ୧୯୨୮ରେ ଓ ସୁଯୋଗ, ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିଲେ ରମଣ। ଆମେ ବିଦେଶୀ ଯନ୍ତ୍ରାଂଶରେ ଗବେଷଣା କରିବା, ବିଦେଶୀ ଜର୍ନାଲରେ ପ୍ରକାଶିତ କରିବା ପାଇଁ ଶତତ ଚେଷ୍ଟିତ। ମାତ୍ର ୨୦୦ ଟଙ୍କାରେ ସ୍ୱଦେଶରେ ନିର୍ମିତ ବୈଜ୍ଞାନିକ ଉପକରଣରେ ସେ ସମ୍ପାଦିତ କରିଥିଲେ ଏହି କାଳଜୟୀ ପରୀକ୍ଷଣ ଓ ଫଳାଫଳ ଥିଲା ଅବିସ୍ମରଣୀୟ। ଏ ବର୍ଷ ଜାତୀୟ ବିଜ୍ଞାନ ଦିବସରେ ଧ୍ୟେୟ ବାକ୍ୟ ରହିଛି, 'ବିଶ୍ୱହିତରେ ବୈଶ୍ୱିକ ବିଜ୍ଞାନ'। ରମଣ ସ୍କାନର ଆଜି ଲକ୍ଷାଧିକ କୋଟି ଟଙ୍କାର ବେପାରର ସୁଯୋଗ ସୃଷ୍ଟିକରି ଅସଂଖ୍ୟ ନିଯୁକ୍ତି ପ୍ରଦାନ କରୁଛି। ଭାରତ ମୂଳରୁ ସଙ୍ଗୀତ ଓ ବାଦ୍ୟଯନ୍ତ୍ରର ଦେଶ। ସେ ବାଦ୍ୟଯନ୍ତ୍ରରୁ ନିର୍ଗତ ଶବ୍ଦର ଗହନତତ୍ତ୍ୱ ଖୋଜିଥିଲେ ଓ ତାଙ୍କ ଦ୍ୱାରା ପ୍ରକାଶିତ ବୈଜ୍ଞାନିକ ନିବନ୍ଧଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ମୃଦଙ୍ଗ, ତବଲା ପ୍ରଭୃତି ବାଦ୍ୟଯନ୍ତ୍ର ବିଷୟରେ। ଉତ୍ତର ଜୀବନରେ ସେ ରହୁଥିବା ଦାକ୍ଷିଣାତ୍ୟ ଭୂଖଣ୍ଡରେ କୃଷ୍ଣା ଉପତ୍ୟକାର ପ୍ରାୟ ୬୦,୦୦୦ ପରିବାର ହୀରାଖଣିରୁ ଜୀବିକା ନିର୍ବାହ କରିଥାନ୍ତି ଦେଖି 'ହୀରା' ଉପରେ ଗବେଷଣା କରିଥିଲେ ଓ ରଞ୍ଜନ ରଶ୍ମି ହୀରାର ପୃଷ୍ଠତଳ ଉପରେ ପଡ଼ି ପ୍ରତିଫଳିତ ହେବାବେଳେ ଯେଉଁ ବିଶେଷ ପ୍ରକାର ବର୍ଣ୍ଣାଳୀ ଦିଶେ ତାକୁ ଗାଣିତିକ ତତ୍ତ୍ୱ ମାଧ୍ୟମରେ ପ୍ରକାଶିତ କରି ଏହି ଶିଳ୍ପକୁ ଶକ୍ତି ଓ ସାମର୍ଥ୍ୟ ଦେଇଥିଲେ। ଲୋକଙ୍କ ସହିତ ସମାଜ ସହ ଥିଲା ତାଙ୍କ ସମସ୍ତ ଗବେଷଣା।

**ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,**
**ହିମାଚଳପ୍ରଦେଶ**
**ମୋ: ୭୯୭୮୪୨୧୮୩୫**

# ଭଲ ମଣିଷ ହେବା ଦରକାର



ଡ. ମନୋରଞ୍ଜନ ପ୍ରଧାନ

କଲେଜରୁ ଘରେ ପହଞ୍ଚି ଦେଖିଲି ପୁଅ ମନ ଦୁଃଖ କରିଛି। କାରଣ ଜାଣିବାକୁ ପାଇଲି, ପରୀକ୍ଷାରେ ତା'ର ସ୍ଥାନରେ ଅବନତି ଘଟିଛି, ତେଣୁ ମାଆ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ପରୀକ୍ଷାରେ ସେ ଶ୍ରେଣୀରେ ପ୍ରଥମ ହେଇଥିଲା, ଏଥର କିନ୍ତୁ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ମୁଁ ମନ ଦୁଃଖର କାରଣ ପଚାରିଲି। ପୁଅ କହିଲା- କୁହ ବାବା, ଚୋରି କରିଥା'ନ୍ତି କି? ପଚାରିଲି- ମାନେ? ପୁଅ କହିଲା- ମୁଁ ପାଞ୍ଚ ଛଅ ନମ୍ବର ପାଇଁ ଦ୍ୱିତୀୟ ସ୍ଥାନରେ ରହିଲି। କିନ୍ତୁ ଯେଉଁ ଦୁଇଜଣ ସହପାଠୀ ଯୁଗ୍ମ ପ୍ରଥମ ହୋଇଛନ୍ତି, ସେମାନଙ୍କୁ ମିସ୍ ପରୀକ୍ଷାରେ କହିଦେଲେ; କାରଣ ସେମାନେ ତାଙ୍କ ଟ୍ୟୁଶନ ପିଲା। ସାଙ୍ଗମାନେ ମୋତେ ଦେଖି ଲେଖିବାକୁ କହିଲେ, ହେଲେ ମୁଁ ଲେଖିଲି ନାହିଁ। ଖୁସି ବ୍ୟକ୍ତକଲି କି ପୁଅ ମୋର ନମ୍ବରରେ ଯେତେ ତଳକୁ ରହୁ ପଛେ ସେ ମଣିଷ ଭଳି ମଣିଷଟିଏ ହେଉ। ତେବେ ଏଠାରେ ଶିକ୍ଷା, ଶିକ୍ଷକ, ଶିକ୍ଷାଦାନ ଓ ଶିକ୍ଷାୟତନକୁ ନେଇ କେତୋଟି ବିନ୍ଦୁ ଆଲୋଚନା କରିବା, ଯାହା ଆଜିର ସାମାଜିକ ସ୍ଥିତି ଓ ପରିସ୍ଥିତି ପାଇଁ ପ୍ରାସଙ୍ଗିକ ମନେହୁଏ।

ପ୍ରଥମତଃ, ଶିଶୁ ନିର୍ବୋଧ ନୁହେଁ; ସେ ଜଣେ ଶ୍ରେଷ୍ଠ ବିଚାରକ। ସେ ପରିବାର, ବିଦ୍ୟାଳୟ ଓ ସମାଜର ପ୍ରତିଟି ସଦସ୍ୟଙ୍କ ଆଚରଣ, କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ କରିପାରେ। ହଁ ସାମାଜିକ କଟକଣା, ବଡ଼ମାନଙ୍କ ନାଲିଆଖି କିମ୍ବା ସ୍ୱତନ୍ତ୍ରତାର ଅଭାବରୁ ସେ ଘଟୁଥିବା ଭୁଲଗୁଡ଼ିକ ବିରୋଧରେ ସ୍ୱର ଉତ୍ତୋଳନ କରିପାରେ ନାହିଁ। ତେଣୁ ସେ ନୀରବ ରହେ। କିନ୍ତୁ ମନ ଓ ହୃଦୟରେ ଅସାମାଜିକ ତଥା ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଘୃଣା କରେ। ତେଣୁ ମାତାପିତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିଶୁର ତତ୍ତ୍ୱାବଧାନରେ ଥିବା ବ୍ୟକ୍ତିବିଶେଷଙ୍କ ଆଚରଣ ଉଚ୍ଚାରଣ ମାର୍ଜିତ ଓ ଶିକ୍ଷଣୀୟ ହେବା ଉଚିତ। ନଚେତ୍ ପିଲାଟି ଆଖିରେ ଛୋଟ ହେବାକୁ ପଡ଼ିବ, ଅଥବା କୋମଳ ହୃଦୟ ଶିଶୁଟିକୁ ସେମାନଙ୍କ ଭଳି ମନ୍ଦ ବୁଦ୍ଧିଆ ହୋଇ ନିଜର ଓ ସମାଜର କ୍ଷତି କରିବା ପାଇଁ ପଥ ପରିଷ୍କାର ହୋଇଯିବ।

ଦ୍ୱିତୀୟରେ, କୋମଳମତି ବାଳିକା ବାଳକଙ୍କ ମନରେ ମୂଲ୍ୟବୋଧ ରୂପକ ଚାରାଟିଏ ବାଲ୍ୟକାଳରୁ ରୋପଣ କରିଦେଲେ, ତାହା ପରବର୍ତ୍ତୀ ଜୀବନରେ ମାର୍ଜିତ ସଂସ୍କାର ଓ ଆଚରଣରେ ପରିଣତ ହୋଇପାରେ। ଆମେ ଶିଶୁମାନଙ୍କୁ ଅମୃତ ସନ୍ତାନ ବୋଲି କହିଥାଉ। ସେମାନେ କିପରି ଗଢିହେବେ ତାହା ଏ ସମାଜ ଉପରେ ନିର୍ଭରଶୀଳ। ଆମ ସଂସ୍କାର, ବିଚାର ଓ ମାର୍ଗଦର୍ଶନ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ନିର୍ମାଣ କରିବ। ବିଶିଷ୍ଟ ଶିକ୍ଷାବିତ୍ ରୁଷୋ କହନ୍ତି- ଜନ୍ମ ସମୟରେ ଶିଶୁଟି ପବିତ୍ର ହୋଇଥାଏ। କିନ୍ତୁ ଏ କଳୁଷିତ ସମାଜ ସମ୍ପର୍କରେ ଯେତେବେଳେ ସେ ଆସେ କଳୁଷିତ ହୋଇଯାଏ। ତେଣୁ ଶିଶୁମାନଙ୍କ ପାଇଁ ସେ ବିଯୁକ୍ତାତ୍ମକ ଶିକ୍ଷା



ବ୍ୟବସ୍ଥା ସମ୍ପର୍କରେ ଯୁକ୍ତି ବାଢ଼ିଥିଲେ। ଅର୍ଥାତ୍ ଶିଶୁଟିକୁ ମହାମାନବ ବା ଦାନବରେ ପରିଣତ କରିବାରେ ପରିବାର ଓ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପିଲାଟି ବେଳରୁ ସେମାନଙ୍କ ମନରେ ସକାରାତ୍ମକ ଚିନ୍ତାଧାରା, ଆଧ୍ୟାତ୍ମିକ ଚିନ୍ତନ, ରାଷ୍ଟ୍ର ଭକ୍ତି ରୂପକ ଚାରାମାନ ରୋପଣ କରିପାରିଲେ; ସେମାନେ ଭବିଷ୍ୟତରେ ଶ୍ରେଷ୍ଠ ନାଗରିକ ଭାବରେ ଏ ଦେଶର ମଙ୍ଗ ଧରିପାରିବେ। ନଚେତ୍ ନମ୍ବର ଖେଳରେ ପ୍ରତିଯୋଗିତା କରି କରି ସଫଳ ଜୀବନ ଯୁଦ୍ଧରେ ବିଫଳ ହୋଇଯିବେ। ତେଣୁ ବିଶେଷକରି ମାତାପିତା ଓ ଶିକ୍ଷାଦାତାଙ୍କ ଆଚରଣ ଓ ଉଚ୍ଚାରଣ ପ୍ରେରଣାଦାୟୀ ତଥା ଶିକ୍ଷଣୀୟ ହେବା ଜରୁରୀ।

ତୃତୀୟରେ, ଶିଶୁ ଅନୁକରଣପ୍ରିୟ। ସେ ଅନ୍ୟକୁ ଶୁଣେ, ପଢ଼େ ଏବଂ ଅର୍ଜିତ ଜ୍ଞାନ ଓ ତଥ୍ୟ ଉପଯୁକ୍ତ ସମୟରେ ଉପଯୋଗ କରିପାରେ। ପିଲାଟି ବେଳରୁ ମାଆବାପା ବା ଜେଜେଜେଜୀଙ୍କ କୋଳରେ ବସି ଶୁଣିଥିବା ଛୋଟ ଛୋଟ କାହାଣୀ, ପୌରାଣିକ କଥା ଶିଶୁଟିକୁ ମହାମାନବ କରିଦିଏ। ହରିଶ୍ଚନ୍ଦ୍ର ନାଟକ ବାଳକ ମୋହନ ଦାସଙ୍କୁ ସତ୍ୟର ପୂଜାରୀ ମହାତ୍ମା ଗାନ୍ଧୀ କରିଦେଲା। ଜିଜାବାଈଙ୍କ ପ୍ରେରଣାଦାୟୀ କଥୋପଦେଶ ଏ ଦେଶକୁ ଶ୍ରେଷ୍ଠ ସମ୍ରାଟ୍ ଛତ୍ରପତି ଶିବାଜୀ ରୂପେ ସମର୍ପିତ କରିପାରିଲା। ତେଣୁ ପିଲାଙ୍କୁ ଜାଣିବା, ବୁଝିବା ଓ ସୁଯୋଗ ସୁବିଧା ଅନୁସାରେ ସେମାନଙ୍କ ମନରେ ଭଲ ମଣିଷଟିଏ ହେବା ପାଇଁ ପ୍ରେରଣା ଯୋଗାଇଦେବା ଆମର କାମ।

ଚତୁର୍ଥରେ, ଶିକ୍ଷକ ନିଜ ଆଚରଣରେ ସାମାନ୍ୟ ବ୍ୟତିକ୍ରମ ବା ତ୍ରୁଟି ପ୍ରଦର୍ଶନ କଲେ ଶିଷ୍ୟ ଆଖିରେ ଛୋଟ ହୋଇଯାଏ। ସେ ମୁହଁ ଖୋଲି ବ୍ୟକ୍ତ ନ କରିପାରିଲେ ମଧ୍ୟ ହୃଦୟ କନ୍ଦରରେ ସେଭଳି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନାପସନ୍ଦ କରେ। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିଶୁମାନଙ୍କ ଆଖିରେ ଦେବଦେବୀଙ୍କ ଭଳି କାର୍ଯ୍ୟ କରିବା ଉଚିତ। ପଞ୍ଚମରେ, କପି ବା ନକଲ କରିବା ଭଳି ଘୃଣ୍ୟ କାର୍ଯ୍ୟ ସବୁ ସ୍ତରରେ ନିରୁତ୍ସାହିତ ହେବା ଉଚିତ। ଟ୍ୟୁଶନ ଶିକ୍ଷକ ଭାବରେ ନିଜ ପିଲାମାନଙ୍କର ନମ୍ବର ବଢ଼େଇବାର ନିଶା ହୁଏତ ସାମୟିକ ଭାବରେ ଲାଭଦାୟକ, କିନ୍ତୁ ପରବର୍ତ୍ତୀ ସମୟରେ ଅନ୍ୟ ପିଲାଙ୍କ ସହ ସାହାଯ୍ୟ ପାଇଥିବା ପିଲାଟି ଆଖିରେ ଶିକ୍ଷକ ଘୃଣାର ପାତ୍ର ହୋଇଯିବ; କାରଣ ସମୟ ଆସିବ ପିଲାଟି ବୁଝିପାରିବ କପି ପାଇ ବଡ଼ ବୁଦ୍ଧିଆ ହେବାର ପରିଣାମ। ଅନ୍ତତଃ ସେ ଯେତେବେଳେ ମା'ବାପା ଭୂମିକାରେ ନିଜ ପିଲାର ପାଠପଢ଼ା କଥା ଚିନ୍ତା କରିବ ସେ ସେଦିନ ନିଶ୍ଚୟ ବୁଝିପାରିବ ତାଙ୍କ ଶିକ୍ଷକଙ୍କ ତ୍ରୁଟିପୂର୍ଣ୍ଣ ଅନୁକମ୍ପାର କୁପ୍ରଭାବ।

ଶେଷରେ, ଶିଶୁକୁ ଧୈର୍ଯ୍ୟର ସହିତ ଶୁଣିବା ଓ ଜାଣିବା ଉଚିତ୍। ତା'ପରେ ତା' ସମ୍ପର୍କରେ ମନ୍ତବ୍ୟ ଦେବା ଉଚିତ। ବିଶେଷକରି ମାତାପିତାମାନେ ପିଲାଙ୍କୁ ମାର୍କ ଯନ୍ତ୍ର ବା ଟଙ୍କା ରୋଜଗାର ଶ୍ରମଜୀବୀଟିଏ କରିବାକୁ ନ ପ୍ରବର୍ତ୍ତାଇ, ମଣିଷ ଭଳି ମଣିଷଟିଏ ହେବାକୁ ପ୍ରେରଣା ଦିଅନ୍ତୁ।

**ସରକାରୀ ମହିଳା ମହାବିଦ୍ୟାଳୟ,**
**ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ଏଇ ଭାରତରେ

ରାସ୍ତାକଡ଼ ଢାବାରେ ବସି ପସନ୍ଦର ଖାଦ୍ୟ ଖାଇବା ମଜା ନିଆରା। କିନ୍ତୁ କୁକୁରଙ୍କ ପାଇଁ ଏମିତିକା ଢାବା କେବେ ଦେଖିଛନ୍ତି କି? ଯଦି ନା, ତେବେ ଇନ୍ଦୋର ଯାଆନ୍ତୁ; ସେଠାରେ ବଲରାଜ ଝଲା ଓ ତାଙ୍କ ସ୍ତ୍ରୀ ମିଶି ଖୋଲିଥିବା 'ଡଗି ଢାବା' ଦେଖନ୍ତୁ। ସେଠାରେ କୁକୁରଙ୍କୁ ସେମାନଙ୍କ ପସନ୍ଦର ଖାଦ୍ୟ ପରଷାଯାଉଛି। କେବଳ ସେତିକି ନୁହେଁ, କୁକୁରମାନଙ୍କ ପାଇଁ ସେଠାରେ ରହିବା ବ୍ୟବସ୍ଥା ଅଛି। ରହିବା ସମୟରେ ସେମାନେ କିଭଳି ଖେଳିବେ ଓ ଲୋକଙ୍କ ସହ ମିଶିବେ ତାହାର ମଧ୍ୟ ବନ୍ଦୋବସ୍ତ କରାଯାଇଛି। ଡଗି ଢାବାରେ ଉଭୟ ଶାକାହାର ଓ ଆମିଷ ଖାଦ୍ୟ ତିଆରି ହେଉଛି। ଗୋଟିଏ ମିଲ୍‌ର ଦାମ୍ ୭ ଟଙ୍କାରୁ ଆରମ୍ଭକରି ୫୦୦ ଟଙ୍କା ଯାଏ ରଖାଯାଇଛି। କୁକୁରଙ୍କ ପାଇଁ ଖାଦ୍ୟ ପାର୍ସଲ ମଧ୍ୟ ଦିଆଯାଉଛି। ବଲରାଜ ଅନ୍‌ଲାଇନ ବିଜ୍‌ନେସ୍ ଆରମ୍ଭ କରି ଡେଲିଭରି ବୟଙ୍କ ଦ୍ୱାରା ଘରେ ଖାଦ୍ୟ ପହଞ୍ଚାଉଛନ୍ତି। ଆଶ୍ଚର୍ଯ୍ୟର କଥା, ସେଠାରେ କୁକୁରଙ୍କ ଜନ୍ମଦିନ ବି ପାଳନ କରାଯାଉଛି। ଏଭଳି ଢାବା ଖୋଲିବା ପୂର୍ବରୁ ବଲରାଜ ଲକ୍‌ଡାଉନ ବେଳେ କୁକୁରମାନଙ୍କୁ ଖାଇବାକୁ ଦେଉଥିଲେ। ପରେ ସେ ଏକ ହୋଟେଲରେ କାମ କରୁଥିଲେ ଓ ଘରକୁ ଫେରିବାବେଳେ ରାତିରେ କୁକୁରଙ୍କୁ ଖାଇବାକୁ ଦେଉଥିଲେ। କୁକୁରମାନେ କିଭଳି ଭଲ ଖାଦ୍ୟ ପାଇବେ ସେ ବିଷୟରେ ଚିନ୍ତାକରି ଏହି ଢାବା ଖୋଲିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଫେବୃୟାରୀ ୧୯୯୮

- ପଦ୍ମଭୂଷଣ ଡଃ (ସ୍ୱର୍ଗତ) କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପତ୍ନୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ମାତା ରତ୍ନମଣି ଦେବୀଙ୍କ ୮୭ ବର୍ଷ ବୟସରେ ଦେହାନ୍ତ।
- ମନ୍ତ୍ରୀ ପରିଷଦରେ ବିଦ୍ରୋହ ସୃଷ୍ଟି କରିଥିବା ଅଭିଯୋଗରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ କ୍ୟାବିନେଟରୁ ଜଗଦମ୍ବିକା ପାଲଙ୍କ ସମେତ ୩ ମନ୍ତ୍ରୀ ବହିଷ୍କୃତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | | | |
| | | | | 5 | | 4 | | |
| | | | | 3 | | | 2 | 6 |
| 4 | | 5 | | | | 8 | 9 | |
| 9 | | | | | 2 | 5 | 1 | |
| | | 1 | | | | | 7 | |
| | | 8 | | 7 | | | 6 | |
| | | | 6 | | 1 | 9 | | |
| 7 | | | | | | 3 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 7 | 3 | 4 | 5 | 2 | 8 |
| 8 | 4 | 3 | 5 | 2 | 6 | 9 | 1 | 7 |
| 5 | 7 | 2 | 8 | 1 | 9 | 3 | 6 | 4 |
| 9 | 6 | 5 | 4 | 8 | 7 | 2 | 3 | 1 |
| 2 | 8 | 1 | 9 | 6 | 3 | 4 | 7 | 5 |
| 4 | 3 | 7 | 1 | 5 | 2 | 8 | 9 | 6 |
| 7 | 2 | 8 | 6 | 9 | 5 | 1 | 4 | 3 |
| 3 | 5 | 6 | 2 | 4 | 1 | 7 | 8 | 9 |
| 1 | 9 | 4 | 3 | 7 | 8 | 6 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀ ଭଣ୍ଡାମି କାହିଁକି

ମହାଶୟ,

ବର୍ତ୍ତମାନ ମଣ୍ଡିରେ ଚାଲିଥିବା 'ଚାଷୀମାରଣ, ବେପାରୀ ପୋଷଣ' ନୀତି ବିଷୟରେ କାହାକୁ ଅଛପା ନାହିଁ। କେଉଁଠି ମଣ୍ଡି ଆରମ୍ଭର ଅଳ୍ପଦିନ ପାଇଁ ଚାଷୀଙ୍କଠୁ ଟ୍ରକ୍ ବାବଦକୁ କିଛି ନିଆଯାଇ ନ ଥିଲେ ବି ପରେ ମିଲର ଟ୍ରକ୍ ହେଉ କି ପ୍ରାଇଭେଟ୍ ଗାଡ଼ି ସେ ବାବଦକୁ କୁଇଣ୍ଟାଲ ପିଛା ୧୦ ଟଙ୍କା ସହ ମୋଟିଆଙ୍କ ବାବଦକୁ ୭ରୁ ୧୦ ଟଙ୍କା ଏପରି ୧୨ରୁ ୨୦ ଟଙ୍କା ନିଆଯିବା ଶୁଣାଯାଉଛି। ତଥାପି କେଉଁଠି ଚାଷୀମାନେ ମାସେ ଅବଧିର ଶେଷ ଦିନ ପର୍ଯ୍ୟନ୍ତ ବି ଧାନ ବିକ୍ରୟ କରିପାରୁ ନ ଥିବା ଜଣାଯାଉଛି। ପୁନଶ୍ଚ ମଣ୍ଡି ଆରମ୍ଭରୁ କିଛିଦିନ ପର୍ଯ୍ୟନ୍ତ ଚାଷୀମାନେ ଟୋକନ ଅନୁସାରେ ଧାନ ବିକ୍ରି କରିପାରିଥିବା ସ୍ଥଳେ ନୂଆ ଟାର୍ଗେଟ କମ୍ ଆସିଛି ବୋଲି ସଫେଇ ଦିଆଯାଇ ଚାଷୀଙ୍କ ଟୋକନରୁ କିଛି କୁଇଣ୍ଟାଲ ଧାନ କାଟି ବିକ୍ରୟ କରିବାକୁ ବାଧ କରାଯାଉଛି। ଫଳତଃ ଚାଷୀମାନେ ଟୋକନ ଅନୁସାରେ ଧାନ ବିକ୍ରିକରି ନ ପାରି ଧାନ ଫେରାଇ ଆଣିବାରେ ବୃଥା ଖର୍ଚ୍ଚାନ୍ତ ହେଉଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ଅନେକ ଚାଷୀ ମେସେଜ୍ ପାଇ ମଧ୍ୟ ଧାନ ବିକ୍ରି କରିପାରୁ ନାହାନ୍ତି। ଏଠରେ ପ୍ରଶ୍ନ ଉଠେ ଟାର୍ଗେଟ ଅନୁସାରେ କ'ଣ ଟୋକନ ଆସୁନାହିଁ। ଯଦି ଆସୁଥାଏ ତେବେ ଟାର୍ଗେଟ ଯାଉଛି କୁଆଡ଼େ? ଯଦି ଆସୁ ନ ଥାଏ ତେବେ ଚାଷୀଙ୍କୁ ଭଣ୍ଡାଯାଉଛି କାହିଁକି?

**-ରାଜ କୁମାର ସାମଲ, ଅରେଇ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଛୁଇଁନି ବ୍ରୀଡ଼ା ଚଞ୍ଚଳତା
ଛୁଇଁନି ଧରା ପାପ
ପଡ଼ିନି ପୂତ ତନୁର ପରେ
ପଥର ଅଭିଶାପ।
-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନିଆଁହୁଳାରେ ୧୧ଥର ଜଙ୍ଗଲ ଜଳିଲାଣି

**କେନ୍ଦ୍ରାପଡ଼ା ଅଫିସ, ୨୭।୨**



- ଭିତରକନିକା ମହୁ ଉପରେ ବେପାରୀଙ୍କ ଆଖି
- ବର୍ଷକୁ ୪୮୦ କୁଇଣ୍ଟାଲରୁ ଅଧିକ ସଂଗ୍ରହ ହେଉଛି ମହୁ
- ତାଲିମ ନେଲେ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ହେବେ ଆତ୍ମନିର୍ଭରଶୀଳ

ଜାତୀୟ ଉଦ୍ୟାନ ଭିତରକନିକାର ଗତ ୪ ବର୍ଷ ମଧ୍ୟରେ ୧୧ ସ୍ଥାନରେ ନିଆଁ ଲାଗିଛି। ନିଆଁ ଲିଭିବା ପୂର୍ବରୁ ଏକର ଏକର କାଜୁ, ହେନ୍ତାଳ ଜଙ୍ଗଲ ଜଳିଯାଉଛି। ନିଆଁର କାରଣ ସମ୍ପର୍କରେ ଅନୁସନ୍ଧାନ ସମୟରେ ଓ ଅନ୍ୟ କେତେକ ସମୟରେ ନିଆଁହୁଳା ପାଇଁ ବ୍ୟବହାର ହେଉଥିବା ଅଖା, ଦିଆସିଲି ଆଦି ଦେଖିବାକୁ ମିଳୁଛି। ମହୁ ବେପାରୀଙ୍କ ଆଖି ଭିତରକନିକା ଜଙ୍ଗଲ ଉପରେ ପଡ଼ିଛି। ଏହି ହୁଳା ମହୁ ଆମଦାନୀ ପାଇଁ ବ୍ୟବହାର ହେଉଥିବା କେତେଜଣ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ପ୍ରଭୁ ପ୍ରସାଦ ମହାପାତ୍ର, ସେକ୍ ଚାନ୍ଦ ପ୍ରମୁଖ କହିଛନ୍ତି, ୬୭୨ ବର୍ଗ କି.ମି. ଅଞ୍ଚଳ ଉପରେ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ଜୈବ ବିବିଧତା ଏହାର ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ୧୪୫ ବର୍ଗ କି.ମି. ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଅଛି। ଏହି ଅଞ୍ଚଳକୁ ସାଧାରଣ ଯାତାୟାତ ପାଇଁ ନିଷିଦ୍ଧ ହୋଇଥିବାରୁ ପ୍ରାକୃତିକ ବିଭବରେ ଭରି ରହିଛି। ବର୍ଷକୁ ଏଠାରୁ ୪୮୦ କୁଇଣ୍ଟାଲରୁ ଅଧିକ ମହୁ ସଂଗ୍ରହ ହେଉଥିବା ରେକର୍ଡ ଅଛି। ଏହି ମହୁ ଏବେ ଜଙ୍ଗଲ ନଷ୍ଟର ଅନ୍ୟତମ କାରଣ ସାଜିଛି। ସ୍ଥାନୀୟ ଅଧିବାସୀ କଟକଣା ନ ମାନି ଜଙ୍ଗଲ ମଧ୍ୟରୁ ମହୁ ସଂଗ୍ରହ କରୁଛନ୍ତି। ମହୁ ସଂଗ୍ରହ ସମୟରେ ସେମାନେ ନିଆଁ ହୁଳାର ବ୍ୟବହାର କରୁଛନ୍ତି। ହୁଳା ଧୂଆଁରେ ମହୁମାଛି ବାସସ୍ଥାନ ଛାଡ଼ି ପଳାଇଯିବା ପରେ ବସାକୁ ଭାଙ୍ଗି ଆଣି ମହୁ ସଂଗ୍ରହ ସେମାନେ କରୁଛନ୍ତି। ବନ ବିଭାଗ ଅଜାଣତରେ ଚାଲୁଥିବା ଏହି କାର୍ଯ୍ୟ ଜଙ୍ଗଲ ତିଷ୍ଠିବା ପ୍ରତି ବିପଦ ସୃଷ୍ଟି କରିଛି। ନିଆଁହୁଳାକୁ ପରିତ୍ୟକ୍ତ ଭାବି ପଳାଇ ଆସୁଥିବା ବେଳେ ଏଥିରେ ଥିବା ସ୍ୱଳ୍ପ ନିଆଁ କୁହୁଳି ଜଙ୍ଗଲ ନଷ୍ଟ କରୁଛି। ବିଶେଷକରି ଫେବୃୟାରୀରୁ ମେ' ମଧ୍ୟରେ ସ୍ଥାନୀୟ ଜଙ୍ଗଲରୁ ମହୁ ସଂଗ୍ରହ କରାଯାଉଛି। ୨୦୧୮ ଏପ୍ରିଲରେ ଏପରି ଏକ ଘଟଣାରେ ବରୁଣେଇ ଜଙ୍ଗଲର ୪ ଏକର ଜଙ୍ଗଲ ପୋଡ଼ିଯାଇଥିବା ଅନୁସନ୍ଧାନ ସମୟରେ ଜଣାପଡିଛି। ଏହି ଅଞ୍ଚଳ ଜନମାନବ ଶୂନ୍ୟ ହୋଇଥିଲେ ମଧ୍ୟ ଅନୁସନ୍ଧାନ ସମୟରେ ଦିଆସିଲି ଖୋଳ ଓ ଅଖା ପଡିଥିବା ଦେଖାଯାଇଥିଲା। ସେହିପରି ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୨ଥର ଜଙ୍ଗଲରେ ଅଗ୍ନିକାଣ୍ଡ ମହୁ ସଂଗ୍ରହ ପାଇଁ ହୋଇଥିବା ସ୍ଥାନୀୟ ଲୋକେ ଆଲୋଚନା କରିଥିଲେ। ନିଆଁହୁଳା ଲଗାଇ ମହୁ ସଂଗ୍ରହ ଦ୍ୱାରା ଏଥିରେ ମହୁମାଛିଙ୍କ ସଂଖ୍ୟା କମୁଛି। ମହୁମାଛିଙ୍କ ସୁରକ୍ଷା ଓ ମହୁ ସଂଗ୍ରହ ପାଇଁ ସ୍ଥାନୀୟ ଲୋକଙ୍କୁ ବନ ବିଭାଗ ପକ୍ଷରୁ ତାଲିମ ବ୍ୟବସ୍ଥା ହେବା ଆବଶ୍ୟକ। ଏହାଦ୍ୱାରା ଭିତରକନିକାର ଜଙ୍ଗଲୀ ମହୁ ବଜାରରେ ସୁଲଭ ମୂଲ୍ୟରେ ମିଳିପାରିବ। ବନ ବିଭାଗ ମଧ୍ୟ ଏଥିରୁ ଭଲ ରାଜସ୍ୱ ଆଦାୟ କରିପାରିବ। ପ୍ରାୟ ୫ ହଜାର ସ୍ଥାନୀୟ ଅଧିବାସୀ ଏଥିରେ ଆତ୍ମନିର୍ଭର ହୋଇପାରିବେ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ରେଞ୍ଜର ମାନସ କୁମାର ଦାସଙ୍କୁ ପଚାରିବାରେ ନିଷିଦ୍ଧାଞ୍ଚଳରେ ମହୁ ସଂଗ୍ରହ ପାଇଁ ଅଦ୍ୟାବଧି କାହାରିକୁ ଅନୁମତି ଦିଆଯାଇନାହିଁ। ମହୁ ସଂଗ୍ରହ ପାଇଁ ତାଲିମ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁଜାତା



@ ଦିବ୍ୟରଞ୍ଜନ



@ ଜଗନ୍ନାଥ



@ ଓମ୍ ଜ୍ୟୋତି ପ୍ରକାଶ



@ ପ୍ରଦ୍ୟୁମ୍ନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ତହସିଲ ପକ୍ଷରୁ ଚଢାଉ, ୩ ଗାଡ଼ି ଜବତ

ଧର୍ମଶାଳା,୨୭।୨ (ଡି.ଏନ.ଏ.)- ଧର୍ମଶାଳା ତହସିଲ ପକ୍ଷରୁ ସୋମବାର ଥାନୁଆଳ ନିକଟସ୍ଥ ରାସ୍ତାରେ ଚଢାଉ କରାଯାଇ ୩ଟି ଗାଡି ଜବତ କରାଯାଇଛି। ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ନାକପୋଲ ଆରଆଇ ବିରଞ୍ଚି ନାରାୟଣ ବୋଇତେଇ, ଏଆରଆଇ ଜଗବନ୍ଧୁ ଜେନା ପ୍ରମୁଖ ଥାନୁଆଳ ନିକଟରେ ଚଢାଉ କରି କଳାପଥର ବୋଝେଇ ଏକ ଟ୍ରାକ୍ଟର, ଏକ ଜେସିବି ଓ ଏକ ଲୋଡରକୁ ଜବତ କରିଥିଲେ। ଜବତ ଗାଡି ଗୁଡିକ ନାକପୋଲ ଆରଆଇ ଅଫିସରେ ରଖାଯାଇଛି।

# ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

**ବରୀ,୨୭।୨(ଡି.ଏନ.ଏ.)**

ବରୀ ଶିକ୍ଷାମଣ୍ଡଳ ଅଧୀନ ଅଲିଆବାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦାଦାଗିରିକୁ ବିରୋଧ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୋମବାର ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ଏସ୍.କେ. ଜାଭିରଉଦ୍ଦିନ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାମ କରୁଛନ୍ତି । ହେଲେ ସେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କୁ ମୌଖିକ ଓ ଲିଖିତ ଭାବେ ଜଣାଇଥିଲେ। ହେଲେ ଦାୟିତ୍ୱରେ ଥିବା ଶିକ୍ଷାଧିକାରୀ ଏନେଇ କୌଣସି ଗୁରୁତ୍ୱ ନ ଦେବାରୁ ତାହା ସୋମବାର ଉଗ୍ର ରୂପ ଧାରଣା କରିଥିଲା। ଖବର ପାଇ ସାଧନକେନ୍ଦ୍ର ସଂଯୋଜକ ତାରାକାନ୍ତ ମଲିକ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ଛୁଟିରେ ରହିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ସ୍କୁଲ ଫାଟକରୁ ତାଲା ଖୋଲିଥିଲା। ଏ ସଂକ୍ରାନ୍ତରେ ସାଧନ କେନ୍ଦ୍ର ସଂଯୋଜକ ମଲିକଙ୍କୁ ପଚାରିବାରେ ଘଟଣା ବିଷୟରେ ମୁଁ ଅବଗତ ନ ଥିଲି। ଖବର ପାଇ ମୁଁ ଘଟଣାସ୍ଥଳରେ ପହଞ୍ଚି ଯେପରି ଶିକ୍ଷାଦାନ ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ପଦକ୍ଷେପ ଗ୍ରହଣ କରିଛି । ପ୍ରଧାନଶିକ୍ଷକଙ୍କ ତ୍ରୁଟିକୁ ଅନୁଭବ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି କହିଛନ୍ତି। ଅପରପକ୍ଷେ ପ୍ରଧାନଶିକ୍ଷକ ଜାଭିରଉଦ୍ଦିନଙ୍କୁ ପଚାରିବାରେ ମୋ ବିରୋଧରେ ଏହା ଏକ ଷଡଯନ୍ତ୍ର । ଯେଉଁ ବିଦ୍ୟାଳୟରେ ଶିକ୍ଷାଦାନ କରୁଛି, ଯଦି ଛାତ୍ରୀଛାତ୍ର, ଅଭିଭାବକମାନେ ମୋ ଉପରେ ଅସନ୍ତୁଷ୍ଟ ତା'ହେଲେ ଉକ୍ତ ବିଦ୍ୟାଳୟରୁ ମୋତେ ଅପସାରିତ କରି ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କଲେ ମୋର କୌଣସି ଆପତ୍ତି ଅଭିଯୋଗ ନାହିଁ ବୋଲି ସଫେଇ ଦେଇଛନ୍ତି ।

ସୂଚନାଯୋଗ୍ୟ, ଶନିବାର କୌଣସି ଘଟଣାକୁ କେନ୍ଦ୍ରକରି ପ୍ରଧାନଶିକ୍ଷକ ଜାଭିରଉଦ୍ଦିନ ଉକ୍ତ ବିଦ୍ୟାଳୟର ଜଣେ ଗଣିତ ଶିକ୍ଷକଙ୍କୁ ମାଡ ମାରିଥିଲେ। ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଥିବା ସମୟରେ ଏଭଳି ଘଟଣା ଘଟିଥିଲା । ଏହାଦେଖି ଛାତ୍ରୀଛାତ୍ରମାନେ ପରୀକ୍ଷା ନ ଦେଇ ଫେରି ଆସିଥିଲେ । ସୋମବାର ସ୍କୁଲ ଖୋଲିବା ପୂର୍ବରୁ ସାମାଜିକ କର୍ମୀ ତରୁଣ ଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବସି ରହି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ପରିସରକୁ ଛାଡି ନ ଥିଲେ।



ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ESAF** ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers of branch/s listed below, inspite of repeated reminders and notices, will be auctioned as per details given below:

DATE OF AUCTION : **03-03-2023** TIME : **10 AM TO 4 PM**
AUCTION VENUE : **THROUGH E-AUCTION**
AUCTION ADDRESS : **https://gold.matexnet.org/**

To register as bidder for the e-Auction with terms and conditions and full details of e-Auction please visit the above site

**BRANCHES & LOAN ACCOUNT NUMBERS**
**BHUBANESHWAR:** 63220000016496, 63210001680866, 1728078, 1706730

Customers who are interested to release the ornaments by paying total due amount, may do so on or before (2 Days before date of auction) at the respective branches.
Bidders who wish to participate in auction shall produce their KYC documents. GST No. is mandatory for registered firm/company. Bidders shall deposit a sum of Rs.50,000 as EMD before participating in auction.

Thrissur
Date: 28-02-2023
Sd/-
Authorized Signatory

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ସିକେପି-ଏଚ୍‌ଭି-ଜେଏସ୍‌ଜି-୧୨, ତାରିଖ: ୨୪।୦୨।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଦୁଇ ବର୍ଷ ଅବଧି ପାଇଁ ଯେକୌଣସି ସମୟରେ କ୍ରିଭ ଏବଂ ଗାର୍ଡଙ୍କୁ ସେମାନଙ୍କ ଜିନିଷପତ୍ର ସହିତ ଝାରସୁଗୁଡ଼ା କ୍ରିଭ ଲବିରୁ ଏମ୍‌ଆଇଡିଏଚ୍, ଝାରସୁଗୁଡ଼ା ରିଲିଫ୍ ୟାର୍ଡ, ଧୁତ୍ରା, ବାଗଡିହି, ଧରୁଆଡିହି ଏବଂ ବାମରା ପର୍ଯ୍ୟନ୍ତ ନେବା ଆଣିବା ଲାଗି ତିନି (୦୩) ଗୋଟି ଅଣ-ଏସି ସଡ଼କ ବାହନ (ଟାଟା ସୁମୋ/ବୋଲେରୋ କିମ୍ବା ସମାନ ଧରଣର ଗାଡ଼ି) ଭଡ଼ା ସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୧,୫୨,୫୧,୫୬୦.୮୦ । **ବିଡ୍ ଅମାନତ:** ₹୨,୨୬,୩୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ୍ୟ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭।୦୩।୨୦୨୩ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୭।୦୩।୨୦୨୩ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-1160)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: 72-KUR-TRD-OT-2022-23

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ପାରାଦ୍ୱୀପ ୟାର୍ଡର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନୟନ ସମ୍ବନ୍ଧୀୟ ପାରାଦ୍ୱୀପ (PRDP) ୟାର୍ଡରେ ଫିଡ଼ର ୱାୟର ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 1,02,07,086.39, EMD (ଟଙ୍କାରେ): 2,01,000/-, ଶେଷ ହେବା ଅବଧି : 365 ଦିନ, ପ୍ରସ୍ତାବର ବୈଧତା : 60 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.03.2023ରିଖ **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.03.2023ରିଖ 1300 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-1038/N/22-23

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2023004
ତା.10.02.2023ରିଖ ପାଇଁ **ଶୁଦ୍ଧିପତ୍ର ସଂ.1**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ଟେଣ୍ଡର ନଥିପତ୍ର/ଟେଣ୍ଡର ଆମନ୍ତ୍ରଣ ସୂଚନାରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ ସହିତ ଅନୁସୂଚୀ-C ରେ 06 ଗୋଟି ନୂଆ ସାମଗ୍ରୀଗୁଡ଼ିକର ସଂଯୋଗ କରାଯାଇଛି, ଯାହାକୁ ଦୟାକରି ନୋଟ୍ କରାଯିବା ଆବଶ୍ୟକ ।

**କ୍ରମ ସଂ. 1:** କାର୍ଯ୍ୟର ଆନୁମାନିକ ମୂଲ୍ୟ : ପ୍ରକାଶିତ ଅନୁଯାୟୀ (ଟଙ୍କାରେ): 2223.44 ଲକ୍ଷ **ସଂଶୋଧିତ ଅନୁଯାୟୀ (ଟଙ୍କାରେ):** 2690.76 ଲକ୍ଷ

**କ୍ରମ ସଂ. 2:** EMD: ପ୍ରକାଶିତ ଅନୁଯାୟୀ (ଟଙ୍କାରେ): 12,61,700/- **ସଂଶୋଧିତ ଅନୁଯାୟୀ (ଟଙ୍କାରେ) :** 14,95,400/-

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ଶୁଦ୍ଧିପତ୍ର ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ କରାଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-175/CF/22-23

**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ **www.coalindia.in**/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, **www.mahanadicoal.in**), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ **https://coalindiatenders.nic.in** ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ **https://eprocure.gov.in** ରେ ଉପଲବ୍ଧ ତଥା ଏହା ବ୍ୟତୀତ, **GeM portal https://gem.gov.in** ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5141

**Government of India**
**Ministry of Environment, Forest and Climate Change**
**(Impact Assessment Division)**

To
The Asst. General Manager
SREE METALIKS LIMITED
SML HOUSE, MAIN ROAD, P.O.: BARBIL Kendujhar, Orissa-758035

**Subject:** Grant of Environmental Clearance (EC) to the proposed Project Activity under the provision of EIA Notification 2006-regarding

Sir/Madam,

This is in reference to your application for Environmental Clearance (EC) in respect of project submitted to the Ministry vide proposal number **IA/OR/IND/287092/2022 dated 18 Aug 2022.** The particulars of the environmental clearance granted to the project are as below.

| | | |
|---|---|---|
| 1. | EC Identification No. | EC23A0070R189888 |
| 2. | File No. | J-11011/192/2008-IA.II(I) |
| 3. | Project Type | Expansion |
| 4. | Category | A |
| 5. | Project/Activity including Schedule No. | 2(b) Mineral beneficiation |
| 6. | Name of Project | Expansion of Proposed Iron Ore Pelletization Plant from 0.6 MTPA to 1.2 MTPA and 1.0 MTPA Iron Beneficiation Plant located at village - Anra, Tehsil – Telkoi, Dist. - Keonjhar, Odisha for M/s Sree Met |
| 7. | Name of Company/Organization | SREE METALIKS LIMITED |
| 8. | Location of Project | Orissa |
| 9. | TOR Date | 26 Jul 2022 |

The project details along with terms and conditions are appended herewith from page no 2 onwards.

Date: 23/02/2023
Sd/- Dr. R. B. Lal, Scientist F
IA - (Industrial Projects -1 sector)

**कॆन्द्रीय पण्यागार निगम** — **କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୨-୨୩

**ପ୍ରେସ୍ ବିଜ୍ଞପ୍ତି**
(ଇ ଏନ୍‌ଆଇଟି_ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୨-୨୩/୧୩)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ବଳଜିତପଡ଼ା (ଓଡ଼ିଶା)ଠାରେ ଆଭ୍ୟନ୍ତରୀଣ ସଡ଼କରେ ଖାଲଖମାଗୁଡ଼ିକର ମରାମତି ସହିତ ଅଫିସ୍ ବ୍ଲକ୍‌ର ପୁନଃ ନିର୍ମାଣ । | ୩୫.୭୬ | ୦୪।୦୩।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ । **ନିର୍ବାହୀ ଯନ୍ତ୍ରୀ**

**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
(झारखण्ड सरकार का उपक्रम)
का०: अपर प्रधान मुख्य वन संरक्षक-सह-प्रबन्ध निदेशक,
झारखण्ड राज्य वन विकास निगम लि०,
455/A, रोड नं०-5, अशोक नगर, राँची
E-mail – md_jsfdc@yahoo.co.in / mdjsfdc@gmail.com Mob. No. – 7033594477 / 9304727852

ई–निविदा सूचना संख्या ल० व० प० प० (म० प०)–01/2023 वर्ष 2023 मौसम में झारखण्ड राज्य में संग्रहित होनेवाली महुलान पत्ती की अग्रिम बिक्री हेतु ई–निविदा
अतिअल्पकालीन ई–निविदा सूचना

वर्ष 2023 मौसम में झारखण्ड में संग्रहित होने वाली महुलान पत्ती की प्रचयवार ''प्रति मेट्रिक टन' के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण अनुसार प्राप्त की जायेंगी।

| निविदा चक्र (निविदा रिफरेन्स सं०) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| प्रथम चक्र (ML/1/2023) | प्रारम्भ 11.00 बजे पूर्वा० अन्त 5.00 बजे अप० | 10.03.2023 17.03.2023 | 20.03.2023 |
| द्वितीय चक्र (ML/2/2023) | प्रारम्भ 11.00 बजे पूर्वा० अन्त 5.00 बजे अप० | 22.03.2023 28.03.2023 | 31.03.2023 |
| तृतीय चक्र (ML/3/2023) | प्रारम्भ 11.00 बजे पूर्वा० अन्त 5.00 बजे अप० | 05.04.2023 11.04.2023 | 13.04.2023 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग का PAN की अभिप्रमाणित प्रति एवं पिछले तीन लेखा वर्षों के आयकर रिटर्न की अभिप्रमाणित प्रति, GST निबंधन संख्या के प्रमाण–पत्र की अभिप्रमाणित प्रति एवं विगत् लेखा वर्ष के रिटर्न की प्रति तथा अपलोड किये गये अन्य दस्तावेज की एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न स्टाफ से भी सम्पर्क कर सकते हैं :–

| | |
|---|---|
| (1) प्रमण्डलीय प्रबन्धक, राँची, 9905580417 | (4) श्री ब्रायन माईल्स, राँची, 9204240138 |
| (2) श्री प्रसून कुमार, FPI, राँची, 7909091131 | (5) TOLL FREE NO. - 18008891131 |
| (3) श्री अनिल कुमार दास, FPI, धालभूम 9471590028 | |

ह०/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि०, राँची।

PR.NO.291316 Jharkhand State Forest Development Corp Ltd(22-23):D

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-4960 **TENDER ALERT**

1)**E-Tender Call Notice No.CPC-38/2022-23:** Bids invited from reputed manufactures in two part bidding system for Supply, Erection, Testing, Commissioning of 400kV, 220kV, 132kV SF6 Circuit breaker and 33kV VCB at an estimated cost of the package **Rs.9,61,91,954/-**.
2)**E-Tender Call Notice No.CPC-40/2022-23:** Bids invited from reputed manufactures in two part bidding system for Supply of ACSR Moose, Zebra, Panther & AAAC Moose & Zebra conductor at an estimated cost of the package **Rs.10,79,34,773/-**.
3)**E-Tender Call Notice No.CPC-33/2022-23:** Bids invited from reputed manufactures in two part bidding system for Procurement of different ratings of PTs & CVTs. for Sub-Stationand EHT Lines at an estimated cost of the package **Rs.4,51,25,231/-**.
4)**E-Tender Call Notice No.CPC-48/2022-23:** Bids invited from reputed manufactures in two part bidding system for Procurement of different ratings (250KVA & 500KVA) Station Transformer for Sub-Station at an estimated cost of the package **Rs.1,78,169,635/-**.
5)**E-Tender Call Notice No.CPC-52/2022-23:** Bids invited from reputed manufactures in two part bidding system for Procurement of different types & ratings of Current Transformers for Sub-Station at an estimated cost of the package **Rs.9,03,72,036/-**.
6)**E-Tender Call Notice No.CPC-41/2022-23:** Bids invited from reputed manufactures in two part bidding system for Supply of hard ware fittings & Accessories for various type of conductor at an estimated cost of the package **Rs.1,25,37,756/-**.
7)**E-Tender Call Notice No.CPC-49/2022-23:** Bids invited from reputed manufactures in two part bidding system forSupply of 33kV Isolators, 132kV Isolators, 220kV Isolators, spares of 400kV Isolators along with supply & retrofitting of Mechanism Boxes at an estimated cost of the package **Rs.16,57,75,194/-**.

Complete set of bidding documents are available on the tender portal: **www.tenderwizard.com/OPTCL** portal, and OPTCL's official website: **www.optcl.co.in**.

OIPR-04011/11/0183/2223 HIPR-63/2022-23

**ସଂକ୍ଷେପରେ**

## ସଙ୍କଟ ମୋଚନ ମହାରାଜଙ୍କ ମହୋତ୍ସବ ଉଦ୍‌ଘାଟିତ

ପାଣିକୋଇଲି,୨୭।୨(ଡି.ଏନ.ଏ.): ପଥରପଦା ପଞ୍ଚାୟତ ଓରିନ୍ଦା ଗିରିସାହିରେ ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ୩ଦିନ ବ୍ୟାପି ଚାଲିବାକୁ ଥିବା ଏହି ମହୋତ୍ସବକୁ ଯୁବ ବିଜେଡି ନେତା ପ୍ରୀତିରଞ୍ଜନ ସାହୁ (ଲିପା) ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ନାରାୟଣ ଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ସାଇ କୁନାଲ ନରୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସୁବାସ ଧଳ ଯୋଗଦେଇଥିଲେ। ପରେ କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳୁ ଶତାଧିକ ଶ୍ରଦ୍ଧାଳୁ ବୈତରଣୀ ନଦୀରୁ କଳସ ବୁଡାଇ ଶୋଭାଯାତ୍ରାରେ ଆସି ସଙ୍କଟ ମୋଚନଙ୍କ ପାଖରେ ପହଞ୍ଚି ଥିଲେ। ଏହାପରେ ଜନ୍ମୋତ୍ସବ ପୂଜାର୍ଚ୍ଚନା ସହିତ ଯଜ୍ଞ ଓ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନାରାୟଣ ମାଝି, ଦେବଦତ୍ତ ସେନାପତି, ଅଶୋକ ସେନାପତି, ରଞ୍ଜନ ଗିରି, ମାନଗୋବିନ୍ଦ ପରିଡା, ସଦାନନ୍ଦ ସାହୁ, କୈଳାସ ସେନାପତି, ପ୍ରକାଶ ସାହୁ, ମାୟାଧର ସାହୁ, କୃପାସିନ୍ଧୁ ସେନାପତି, ଲକ୍ଷ୍ମୀଧର ଗିରି, ରମେଶ ସାହୁ, ରାହାସ ସାହୁ, ନିରଞ୍ଜନ ପଣ୍ଡା, ସଞ୍ଜୟ ସେନାପତି ପ୍ରମୁଖ ପରିଚାଳନା କରିଥିଲେ। ୨୮ ତାରିଖରେ ଯଜ୍ଞର ପୂର୍ଣ୍ଣାହୂତି ହେବ। ଦୁଇ ଦିନ ମୁକ୍ତାକାଶ ନାଟକ ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀ ସୂଚନା ପ୍ରଦାନ କରିଛନ୍ତି।

# ୫୦ ଆଦିବାସୀ ପରିବାରକୁ ଭଣ୍ଡାଇଲା ପ୍ରଶାସନ


ଅଧାରେ ଅଟକିଛି ରାସ୍ତା କାମ।


ନୁଆଁଣିଆ ଚାଳଘରେ ଆଦିବାସୀ ପରିବାର।

ଚଣ୍ଡିଖୋଲ,୨୭।୨(ଡି.ଏନ.ଏ.)

ଶିକ୍ଷାର ଅଭାବ ହେତୁ ଅଧିକାଂଶ ସମୟରେ ଆଦିବାସୀମାନେ ଅବହେଳିତ ହୋଇଥାନ୍ତି। ସେମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ନାନା ପ୍ରତିଶ୍ରୁତି ଦେଇ ଠକିଥାଆନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପରିମଳର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୁଏନାହିଁ। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କେଶରାଇପୁର ରାଜସ୍ୱ ଗ୍ରାମରେ ୬୦ବର୍ଷ ଧରି ବସବାସ କରୁଥିବା ଆଦିବାସୀ ପରିବାର ଏବେ ବି ସେମିତି ନାନା ପ୍ରତିଶ୍ରୁତିରେ ଛନ୍ଦି ହୋଇ ଅବହେଳିତ ଭାବେ ଜୀବନ କାଟୁଛନ୍ତି ବୋଲି ଅଭିଯୋଗ ହୋଇଛି।

ପଲେଇ ପଞ୍ଚାୟତ ଅଧୀନ କେଶରାଇପୁର ଏକ ରାଜସ୍ୱ ଗ୍ରାମ। ଏଠାରେ ରହିଛି ପାରାଭାଡ଼ି ପାହାଡ଼। ୨୦୨୧ ଡ଼ିସେମ୍ବରରେ କେଶରାଇପୁର ପାହାଡ଼ର ଖାତା ନଂ.୧୨୧୮ ଓ ୧୨୧୯ରେ ୪୬.୧୫୯ହେକ୍ଟର ପାହାଡ଼ରୁ ଓଡ଼ିଶା ଖଣି ନିଗମ ତରଫରୁ ଖଣ୍ଡୋଲାଇଟ ପଥର ଖନନ କରାଯିବ ବୋଲି ଜନ ଶୁଣାଣି ହୋଇଥିଲା। ଏହି ମୌଜାରେ ପାହାଡ଼ ପାଦଦେଶରେ ରହୁଥିବା ୫୦ ଆଦିବାସୀ ପରିବାରକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବ ବୋଲି ଯାଜପୁର ଜିଲା ପ୍ରଶାସନ ତରଫରୁ ପ୍ରତିଶ୍ରୁତି ମିଳିଲା। ତେବେ ପ୍ରାଥମିକ ଭାବେ ଏହି ଖଣ୍ଡୋଲାଇଟ୍ ଖଣିକୁ ରାସ୍ତା କରିବା ପାଇଁ ୩ କୋଟି ୯୧ଲକ୍ଷ ୫ହଜାର ୧୩୭ଟଙ୍କା ବ୍ୟୟରେ ୨୦୨୨ ଜୁଲାଇ ୨ରେ ଶୁଭ ଦିଆଗଲା। ୯ମାସ ମଧ୍ୟରେ କାମ ଶେଷ ହେବ ବୋଲି ପୂର୍ତ୍ତବିଭାଗ ତରଫରୁ ଘୋଷଣା କରାଗଲା। ରାସ୍ତା କାମ ଆରମ୍ଭ ହେବାର ୨ମାସ ପରେ କାମ ବନ୍ଦ କରିଦିଆଗଲା। ପୂର୍ତ୍ତବିଭାଗ ତରଫରୁ କୁହାଗଲା କି ଓଏମ୍‌ସି ଯେଉଁ ଅନୁଦାନ ଦେବା କଥା ତାହା ମନା କରିଥିବାରୁ ଠିକାଦାରକୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଗଲା। ଏପରି କି ସେଠାରେ ବହୁ ପୂର୍ବରୁ ଥିବା ଗୋଟିଏ କ୍ଲବ ଘରକୁ ଭାଙ୍ଗି ଦିଆଗଲା। ସେହି ଘର ବଦଳରେ ସେଠାରେ ନୂଆ ବିଲ୍‌ଡ଼ିଂ ନିର୍ମାଣ ହେବ କହି କାମ ଆରମ୍ଭ ହେଲା। କାମ ମାତ୍ର ଡ଼ିପିସି ଲେଭ୍‌ଲ ହେବା ପରେ କାମକୁ ବନ୍ଦ କରିଦିଆଗଲା। ସେହିଭଳି ୪୫ପରିବାରକୁ ପାଇଖାନା ଦେବା ଏବଂ ୨ଟି ନଳକୂପ ଖୋଳି ପାନୀୟ ଜଳ ଦେବାକୁ ୨୦୨୨ ଜୁଲାଇ ୫ରେ ବଡ଼ଚଣାର ତତ୍କାଳୀନ ବିଡ଼ିଓ ଅଜିତ୍ ନାରାୟଣ ଗିରି ଚିଠି ନଂ. ୩୨୬୪ରେ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ। ୫୦ ପରିବାର ମଧ୍ୟରୁ ୪୦ପରିବାରର ଘର ନାହିଁ। ସେମାନେ ନୁଆଁଣିଆ ଚାଳଘରେ ଏବେ ବି ବସବାସ କରୁଛନ୍ତି।

ସୂଚନାଯୋଗ୍ୟ, ୧୯୬୨ ରେ ବାଲେଶ୍ୱରର ନୀଳଗିରି ଅଞ୍ଚଳରୁ ଏହି ଆଦିବାସୀ ପରିବାର ବିଜୁବାବୁଙ୍କ ସ୍ୱପ୍ନର ଦ୍ୱରିତ ଜାତୀୟ ରାଜପଥ କାମ କରିବାକୁ ଆସିଥିଲେ। କାମ କରୁ କରୁ ସେଠାରେ ସ୍ଥାୟୀ ବାସିନ୍ଦା ହୋଇ ରହିଗଲେ। ୧୯୮୩ ରେ କଂଗ୍ରେସ ସରକାର ଅମଳରେ ଏହି ଆଦିବାସୀ ପରିବାରକୁ ଇନ୍ଦିରା ଆବାସ ଦିଆଯାଇ ଇନ୍ଦିରା କଲୋନୀରେ ଥଇଥାନ କରାଗଲା। ତା'ପରେ ସେମାନେ ଏଠାକର ସ୍ଥାୟୀ ବାସିନ୍ଦା ହୋଇଗଲେ। ୧୯୯୯ ମହାବାତ୍ୟାରେ ସେମାନଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ବର୍ତ୍ତମାନ ସେମାନେ ପାଇଥିବା ଜମିପଟ୍ଟା ନାହିଁ କିମ୍ବା ଘର ନାହିଁ। ସରକାର ପୁନର୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ ଆମକୁ ଭଣ୍ଡାଇ ଦେଇଥିବା ଅଭିଯୋଗ କରିଛନ୍ତି ଏହି ଗ୍ରାମର ଅର୍ଜୁନ ଦେହୁରୀ, ଭାରତୀ ଦେହୁରୀ, ଅକ୍ଷୟ ହେମ୍ବ୍ରମ୍, ଜିଗିନ୍ ସିଂ। ଏ ସମ୍ପର୍କରେ ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ଓଏମ୍‌ସି ଆମକୁ କହିଥିଲା ଟେଣ୍ଡର କରି ରାସ୍ତା କାମ କରିବା ପାଇଁ। ଟେଣ୍ଡର ସରି କାମ ଦିଆଗଲା ପରେ ଆଉ ଟଙ୍କା ଦେଲା ନାହିଁ। ସେଥିପାଇଁ ରାସ୍ତାକାମକୁ ବନ୍ଦ କରିଦିଆଗଲା। ଏ ସଂକ୍ରାନ୍ତରେ ସତ୍ୟ ଜାଣିବା ପାଇଁ ଓଏମ୍‌ସିର ଆଞ୍ଚଳିକ ପ୍ରବନ୍ଧକ ଗଙ୍ଗାଧର ନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

## ସପ୍ତଶର୍ଯ୍ୟାରେ ବ୍ରହ୍ମବରଦା ମହାବିଦ୍ୟାଳୟର ନେଚର କ୍ୟାମ୍ପ

ବ୍ରହ୍ମବରଦା,୨୭।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଡ଼ିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ନେଚର କ୍ୟାମ୍ପ ଗତ ରବିବାର ଇକୋ କ୍ଲବ ଆନୁକୂଲ୍ୟରେ ସପ୍ତଶଯ୍ୟାଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ କରାଯାଇଥିଲା। ଏହି କର୍ମଶାଳାର ସଂଯୋଜକ ଭାବେ ବିଭାଗର ଅଧ୍ୟାପକ ରୁହୁଲ ଅମିନ କାର୍ଯ୍ୟଭାର ତୁଲାଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶେଷଜ୍ଞ ଡ.ପ୍ରଦୀପ କୁମାର ନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା ବିଶ୍ୱନାହାକାଣୀ କଲେଜର ଅଧ୍ୟକ୍ଷ ଡ.ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ବୃକ୍ଷରୋପଣ ଏବଂ ଜଙ୍ଗଲର ରକ୍ଷଣା ବିକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ରାଜନୀତି ବିଭାଗର ଅଧ୍ୟାପକ ସୂର୍ଯ୍ୟକାନ୍ତ ରାଉତ, ସଂସ୍କୃତ ବିଭାଗର ଅଧ୍ୟାପକ ଡ. ରଶ୍ମୀକାନ୍ତ ଦାଶ, ଶିକ୍ଷାବିଭାଗର ଅଧ୍ୟାପକ ସୌଭାଗ୍ୟ ସାହୁ, ଇତିହାସ ବିଭାଗର ଅଧ୍ୟାପକ ଅମୂଲ୍ୟ କୁମାର ପତି ଏବଂ ମହାବିଦ୍ୟାଳୟର ଉପଦେଷ୍ଟା ବିପିନ ବିହାରୀ ଦେଓ, ଆଲ୍ଲାଉଦ୍ଦିନ ଖାଁ, ପ୍ରଦୀପ ଦାସ, ରାକେଶ ଦେଓ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଏନ୍‌ସି କଲେଜ ଚାମ୍ପିୟନ

ବିଞ୍ଝାରପୁର,୨୭।୨(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ପଞ୍ଚାୟତ ବାଗସାହି ଟାଇଗର୍ସ କ୍ଲବ ଆନୁକୂଲ୍ୟରେ ଶନିବାର ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଆଇନଜୀବୀ ନାରାୟଣ ଚନ୍ଦ୍ର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ମଧୁପୁର, ଈଶ୍ୱରପୁର, ଉତ୍ତରକୂଳ, ଏନସି କଲେଜ, ବ୍ରାହ୍ମବରଦା, ରାହାମା, ବିରୁହାଁ, ବିଞ୍ଝାରପୁର ସମେତ ଜିଲା ତଥା ଜିଲା ବାହାରୁ ୮ଟି ଟିମ ଅଂଶ ଗ୍ରହଣ କରିଥିଲେ। ଏନସି କଲେଜ ଓ ବ୍ରାହ୍ମବରଦା ଫାଇନାଲକୁ ଉତ୍ତୀର୍ଣ୍ଣହୋଇଥିଲେ। ଫାଇନାଲ ମ୍ୟାଚରେ ବ୍ରହ୍ମବରଦା ଟିମକୁ ୨-୦ ପଏଣ୍ଟରେ ହରାଇ ଏନସି କଲେଜ ଟିମ୍ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁଶାନ୍ତ ଦାସ, ସମ୍ମାନୀତ ଅତିଥିଭାବେ ଶିକ୍ଷକ ରମେଶ ଚନ୍ଦ୍ର ଧଳ, ଶିକ୍ଷକ ଜାକିର ହୋସେନ, ଶରତ ଚନ୍ଦ୍ର ଜେନା, ସେକ ମହମ୍ମଦ ଓକିଲ, ବିଭୁଦତ୍ତ ସାମଲ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ଶିକ୍ଷକ ଦୀନବନ୍ଧୁ ଧଳ ଓ ପ୍ରହଲ୍ଲାଦ ଜେନା ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଦତ୍ତ ସାମଲ, ସଞ୍ଜୀବ ସାମଲ, ସୌମ୍ୟଜିତ ସାମଲ, ସାଗର କୁମାର ଧଳ, ଅକ୍ଷୟ କୁମାର ସାହୁ, ଇଂ. ରମାକାନ୍ତ ମଳିକ, ଗୌତମ ଧଳ, ଆଶିଷ କୁମାର ଧଳ, ସତ୍ୟବ୍ରତ ସାମଲଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲା।

## ଗୁରୁ ପୂଜନ, ସହପାଠୀଙ୍କ ବନ୍ଧୁମିଳନ

ଜେନାପୁର,୨୭।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟ ବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଅରବିନ୍ଦ ମହାନ୍ତି, ବିଦ୍ୟାଧର କୁଣ୍ଡୁ, ରବିରଶ୍ମୀ ସାହୁ, ବିଦ୍ୟାଧର ପାତ୍ରଙ୍କ ତତ୍ତ୍ୱାବଧାନରେ ୧୯୭୭-୮୧ ବ୍ୟାଚ୍‌ର ପୁରାତନ ସହପାଠୀଙ୍କ ଏକ ବନ୍ଧୁ ମିଳନ ଓ ଗୁରୁ ପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନେତ୍ରାନନ୍ଦ ମହାପାତ୍ର, ଶିକ୍ଷକ ଦଶରଥ ସାହୁ, ବିଜ୍ଞାନ ଶିକ୍ଷକ ନାରାୟଣ ଚନ୍ଦ୍ର ମହାରଣା, ଗଣିତ ଶିକ୍ଷକ ରାମଚନ୍ଦ୍ର ରାଉତ, ନିମ୍ନ ମାଧ୍ୟମିକ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାମଦେବ ସେନାପତି, ୟୁପି ସ୍କୁଲର ଉମେଶ ଚନ୍ଦ୍ର ନାୟକ, ଅଫିସ ସହାୟକ ନନ୍ଦ କିଶୋର ସ୍ୱାଇଁ, ଘନଶ୍ୟାମ ପଲାଇ ପ୍ରମୁଖ ଯୋଗଦେଇ ବନ୍ଧୁ ମିଳନ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକମାନଙ୍କୁ ପୂଜନ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଦୂଷଣକୁ ବିରୋଧ କରି ବିକ୍ଷୋଭ


ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟ ଘେରାଉ**

■ କୋଇଲା ପ୍ଲଟ ବନ୍ଦ କରିବାକୁ ଦାବି

କଳିଙ୍ଗନଗର,୨୭।୨(ଡି.ଏନ୍.ଏ.)

ପ୍ରଦୂଷଣକୁ ବିରୋଧ କରି ସୋମବାର ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟ ସମ୍ମୁଖରେ ଦେଉଳକଣ ପଞ୍ଚାୟତବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଥାଶୀଘ୍ର କୋଇଲା ପ୍ଲଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରା ନ ଗଲେ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟ ଅଚଳ କରି ଦିଆଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ଏବେ ଟମକା ରେଳ ସାଇଡିଂରେ ଦୁଇଟି ସଂସ୍ଥାକୁ କୋଇଲା ପରିବହନ ଓ ଗୋଟିଏ ସଂସ୍ଥା ଲୁହାପଥର ପରିବହନ ପାଇଁ ଅନୁମତି ମିଳିଛି। କୋଇଲା ପରିବହନ କରୁଥିବା ଗୋଦାବରୀ ଠିକା ସଂସ୍ଥା କାର୍ଯ୍ୟରତ ଥିବାବେଳେ ଆଗକୁ ସ୍ୟାଣ୍ଡଉଇଚ ନାମକ ଠିକା ସଂସ୍ଥା କାମ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଗୋଟିଏ ସଂସ୍ଥା କାମ କରୁଥିବା ବେଳେ ତାହା ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ଯୋଗୁ ଲୋକେ ନାକେଦମ ହେଉଛନ୍ତି। ନିକଟରେ ଥିବା ଗଣ୍ଡାନାଳରେ କୋଇଲା ଗୁଣ୍ଡ ମିଶି ବ୍ୟାପକ ଜଳ ପ୍ରଦୂଷଣ ହେଉଛି। ଫଳରେ ସ୍ଥାନୀୟ ଲୋକେ ଯକ୍ଷ୍ମା, ଜଣ୍ଡିସ, କିଡ଼ନୀ ଓ ଚର୍ମ ରୋଗରେ ପୀଡିତ ହେଉଛନ୍ତି। ଅନ୍ୟପକ୍ଷେ କୋଇଲା ଷ୍ଟକ୍‌ୟାର୍ଡଠାରୁ ମାତ୍ର ୨୦୦ ମିଟର ଦୁରରେ ପଥରବନ୍ଧ ପ୍ରାଥମିକ ବିଦ୍ୟାଳୟ ରହିଛି। କୋଇଲା ଗୁଣ୍ଡ ଉଡି ପିଲାମାନେ ହଇରାଣ ହେଉଛନ୍ତି। କୋଇଲା ଷ୍ଟକ୍‌ୟାର୍ଡଠାରୁ ଅଳ୍ପ ଦୂରରେ ଅସନଝର, ଡଗରପଡା, ବଣସାହି, ଅଁଳାପଦା, ବଗପାଟିଆ, ପଟୁବାହାଳି ଓ ପଥରବନ୍ଧ ଆଦି ଗ୍ରାମରେ ୨୦୦୦ରୁ ଅଧିକ ଲୋକେ ବସବାସ କରୁଛନ୍ତି। କୋଇଲା ପ୍ଲଟ୍ ଚାଲିବା ପରେ ଏଠାରେ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ବରୁ ପ୍ଲଟ୍ ବାଟ ଦେଇ ବଣସାହି ଓ ଅଁଳାପଦାର କଲେଜ ପିଲାମାନେ ଝାଡେଶ୍ୱର କଲେଜ ଯାଉଥିବା ବେଳେ ପ୍ରଦୂଷଣ ପାଇଁ ୮ କିମି ବାଟ ବୁଲି ଯିବାକୁ ବାଧ ହେଉଛନ୍ତି। ପ୍ଲଟ ଆଖାପାଖର ସମସ୍ତ ଚାଷ ଜମି କୋଇଲା ଗୁଣ୍ଡ ପାଣି ପଶି ପ୍ରଭାବିତ ହୋଇଛି। ଏହି ଆନ୍ଦୋଳନରେ ପୂର୍ବତନ ସରପଞ୍ଚ ନରୋତ୍ତମ ବେହେରା, ସୁରେଶ ମହାନ୍ତ, ସୌମ୍ୟ ରଞ୍ଜନ ଜେନା, ମହେଶର ମହାନ୍ତ, ହିମାଂଶୁ ମହାନ୍ତ, ସନ୍ତୋଷ ମହାନ୍ତ, ଆଶିଷ ଜେନା, ଅଜୟ ଚାନ୍ଦ, ରାଜେନ୍ଦ୍ର ମହାନ୍ତ, ଭାରତ ମହାନ୍ତ ଓ ପପୁନ ମହାନ୍ତଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ରହିଥିଲେ। ପୂର୍ବରୁ କୋଇଲା ପ୍ରଦୂଷଣ ସମ୍ପର୍କରେ ଅଭିଯୋଗ ଆସିଥିଲା। ଏ ସମ୍ପର୍କରେ ତଦନ୍ତ କରାଯାଇ ଠିକା ସଂସ୍ଥାକୁ ବିଭାଗୀୟ ନୋଟିସ କରାଯାଇଥିବା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରା କହିଥିଲେ। ଆଜିର ଅଭିଯୋଗ ପରେ ୨ ସପ୍ତାହ ମଧ୍ୟରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ।

# ୧୮ ଅଭିଯୋଗର ତତ୍କାଳ ସମାଧାନ ହେଲା


ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

**ମିଳିତ ଜନ ଶୁଣାଣୀ ଶିବିର**

ଯାଜପୁର ଟାଉନ,୨୭।୨(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲଙ୍କ ସହ ଅଧ୍ୟକ୍ଷତାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରାଠୋର ଅଧିକାରୀମାନେ ନିଷ୍ଠା ଓ କର୍ତ୍ତବ୍ୟ ସମ୍ପାଦନରେ ଅବହେଳା ନ କରି ନିଜ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନା କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ୬୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୫୭ ଏବଂ ୭ ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୩, ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଲାଗି ୩ ଅଭିଯୋଗ ଆସିଥିଲା। ଜିଲାପାଳ ୧୮ ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିବାହୀ ଅଧିକାରୀ ଜିଲା ପରିଚାଳନା ଡେପୁଟି କଲେକ୍ଟର ସାଧାରଣ ଓ ବିଡିଓ ନଭ ପ୍ରସାଦ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ମଞ୍ଜୁଲତା ନାୟକ, ମୁଖ୍ୟଜିଲା କୃଷି ଅଧିକାରୀ ବାମନ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ଶରତ କୁମାର ବେହେରା, ଜିଲା ବେସାମରିକ ଅଧିକାରୀ ସଲାଉଦ୍ଦିନ୍ ଖାଁ, ସହକାରୀ ନିର୍ବନ୍ଧକ ସମବାୟ ସମିତି ଶରତ ଚନ୍ଦ୍ର ମଲ୍ଲିକ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଯୋଗଦେଇଥିଲେ।

# କିକ୍ ବକ୍ସିଂର ପ୍ରଶିକ୍ଷକ ଶିବିର ଉଦ୍‌ଯାପିତ

ଯାଜପୁର ଟାଉନ,୨୭।୨(ଡି.ଏନ.ଏ.)

ଗତ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୱାକୋ ଓଡ଼ିଶା କିକ୍ ବକ୍ସିଂ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ୬୦ରୁ ଉର୍ଦ୍ଧ୍ୱ କିକ୍ ବକ୍ସର ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ଓଡ଼ିଶାର ପ୍ରଶିକ୍ଷକ କାର୍ତ୍ତିକ ଡ଼ାକୁଆ, ବିଚିତ୍ର ନାରାୟଣ ଜେନା ଓ କୃଷ୍ଣ ଚନ୍ଦ୍ର ଡାକୁଆ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବଟକୃଷ୍ଣ ମହାପାତ୍ର ସାର୍ଟିଫିକେଟ୍ ବିତରଣ କରି ଖେଳରେ ଅନୁଶାସନ ଉପରେ ଜୋର ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ୍ୟ ଡ. ବିଷ୍ଣୁଚରଣ ଦାସ କିକ୍ ବକ୍ସିଂର ବିକାଶ ପାଇଁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଯାଜପୁର କିକ୍ ବକ୍ସିଂ ସଂଘ ସମ୍ପାଦକ ରଞ୍ଜନ ସୂତାର ତାଙ୍କ ଉଦ୍‌ବୋଧନରେ ଯାଜପୁରରେ ହେଉଥିବା କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଦେଇଥିଲେ। ଯାଜପୁର କିକ୍ ବକ୍ସିଂ ସଂଘ ଉନ୍ନତି ପାଇଁ ପୂର୍ଣ୍ଣ ସହଯୋଗ ଦେଇଥିବାରୁ ୱାକୋ ଓଡ଼ିଶାର ସଭାପତି କାର୍ତ୍ତିକ ଡ଼ାକୁଆ ଓ ମୁଖ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ପରିଚାଳନାରେ ସ୍ଥାନୀୟ ପ୍ରଶିକ୍ଷକ ଭାଗ୍ୟଶ୍ରୀ ମହାପାତ୍ର, ମଞ୍ଜିତ ସିଂହ, ମିହିର କୁମାର ସାହୁ, ଅଶୋକ କୁଅଁର, ରାଜେନ୍ଦ୍ର ବାରିକ, ସଞ୍ଜୟ ମହାରଣା, ଜ୍ୟୋର୍ତିମୟ ନାଥଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି।

## ମାର୍ଚ୍ଚ ୧ରେ ସେନା ନିଯୁକ୍ତି ଉପରେ ସଚେତନତା କାର୍ଯ୍ୟକ୍ରମ

କଳିଙ୍ଗନଗର,୨୭।୨(ଡି.ଏନ୍.ଏ.)

କଳିଙ୍ଗନଗର ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଯାଜପୁର ଜିଲାର ଡୁବୁରୀ ନିକଟସ୍ଥ ଦେଓ ରେସିଡେନ୍ସି ପରିସରରେ ଥିବା ଅରେଞ୍ଜ ବିଲ୍ଡିଂର କର୍ପୋରେଟ ସର୍ଭିସେସ ବ୍ଲକ୍‌ରେ ମାର୍ଚ୍ଚ ୧ ଦିନ ସାଢ଼େ ୧୦ଟାରେ କଳିଙ୍ଗନଗର ଓ ଆଖପାଖ ସ୍ଥାନର ଯୁବବର୍ଗଙ୍କ ପାଇଁ ଭାରତୀୟ ସେନାରେ ନିଯୁକ୍ତି ଉପରେ ଏକ ସଚେତନତା ଅଧିବେଶନ ଆୟୋଜନ କରାଯିବ। ଏହି ଅଧିବେଶନ ଅବସରରେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ନିର୍ଦ୍ଦେଶକ କର୍ଣ୍ଣେଲ ହମିନ୍ଦର ସିଂହ, ଟାଟା ଷ୍ଟିଲ ଟିଏସ୍କେ ଓ ଟିଏସ୍ଏମ୍ ନିରାପତ୍ତା ମୁଖ୍ୟ କର୍ଣ୍ଣେଲ ପ୍ରକାଶ ସଞ୍ଜୟଙ୍କ ସହ ମିଶି ଅଂଶଗ୍ରହଣକାରୀମାନଙ୍କୁ ସେନା ନିଯୁକ୍ତି, ନିଯୁକ୍ତିର ପ୍ରକ୍ରିୟା ଏବଂ ସେଥିପାଇଁ କିଭଳି ପ୍ରସ୍ତୁତି ଓ ଆବେଦନ କରିବାକୁ ପଡିବ ସେ ବିଷୟରେ ସୂଚିତ କରିବେ। ଏହି ଅଧିବେଶନ କଳିଙ୍ଗନଗର ଓ ଏହାର ଆଖପାଖ ଅଞ୍ଚଳ ଯଥା ଦାନଗଦି, ସୁକିନ୍ଦା, ଯାଜପୁର ରୋଡ ଓ ଯାଜପୁର ଟାଉନର ସମସ୍ତ ବାସିନ୍ଦାଙ୍କ ପାଇଁ ଖୋଲା ରହିବ।

# ଭାରିଯାନ ଚଳାଚଳ ପ୍ରତିବାଦରେ ଧାରଣା


ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଭାରିଯାନ ଚଳାଚଳକୁ ପ୍ରତିବାଦ କରି ଲୋକେ ଧାରଣାରେ ବସିଛନ୍ତି।

ଚଢେଇଧରା,୨୭।୨(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ ପାଖର ପଞ୍ଚାୟତ ମୁଖ୍ୟରାସ୍ତା ଦେଇ ଧର୍ମଶାଳା ତହସିଲ, ଥାନା ଓ ବ୍ଲକ ଅଫିସକୁ ଯିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପଡିଛି। ଏହି ରାସ୍ତାରେ ଦୈନିକ ଶତାଧିକ ଭାରିଯାନ ଯାତାୟାତ ହେଉଛି। ଫଳରେ ରାସ୍ତାପାର୍ଶ୍ୱରେ ଘର କରି ରହିଥିବା ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାମାନେ ବିଦ୍ୟାଳୟ ଯିବା ସମୟରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳରେ ପାଣି ସମସ୍ୟା ଉତ୍କଟ ହୋଇଛି। ସମ୍ଭାବ୍ୟ ପାନୀୟ ଜଳର ସମସ୍ୟା ଦିନକୁ ଦିନ ବଢୁଥିବା ଦେଖାଯାଉଛି। ଏହାକୁ ନେଇ ଜିଲା ବିଜେଡି ସମ୍ପାଦକ ନକୁଳ ନାୟକ, ବ୍ରଜ ଭୂଷଣ ବଳସାମନ୍ତ, ରସାନନ୍ଦ ଘଡ଼େଇ, ଆନନ୍ଦ ଘଡ଼େଇ ସମେତ ଶତାଧିକ ବ୍ୟକ୍ତି ରବିବାର ତେଲରଠାରେ ରାସ୍ତା ଉପରେ ଧାରଣାରେ ବସିବା ସହିତ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ସହ ପ୍ରତିକାର ଦାବି କରିଛନ୍ତି।

**ଘର କାମକୁ ନେଇ ମାର ପିଟ**

**ବାଲିକୁଦା, (ସ୍ୱ.ପ୍ର.):** ବାଲିକୁଦା ଥାନା ଅଧୀନ ମୁଲୁଗାଁ ଗ୍ରାମର ରୋଜାଲିନ ସ୍ୱାଇଁ ମିସ୍ତ୍ରି ଲଗାଇ ଘର କାନ୍ଥ ପ୍ଲାଷ୍ଟର କରୁଥିବାବେଳେ ରବିବାର ପଡୋଶୀ ଘର ଲୋକେ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଓ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ । ଫଳରେ ଉଭୟ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ରୋଜାଲିନ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ବାଲିକୁଦା ପୋଲିସ ପକ୍ଷରୁ ୯୧/୨୩ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ସଂକ୍ଷେପରେ

### ଇଟା କାରଖାନାରୁ କର୍ମଚାରୀଙ୍କ ମୃତଦେହ ଜବତ

**କୁଜଙ୍ଗ,୨୭।୨(ଡି.ଏନ.ଏ.):** କୁଜଙ୍ଗ ଥାନା ଅନ୍ତର୍ଗତ ଚାନ୍ଦପୁରସ୍ଥିତ ଅଜୟ ସାହୁଙ୍କ ସିମେଣ୍ଟ ଇଟା କାରଖାନାର ଏକ ପ୍ରକୋଷ୍ଠରୁ ସୋମବାର ଭୋର ସମୟରେ ଜଣେ କର୍ମଚାରୀଙ୍କର ଝୁଲନ୍ତା ମୃତଦେହ ଠାବ ହୋଇଛି। ସେ ହେଉଛନ୍ତି ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେରମାଣପୁର ଗ୍ରାମର ସାରଦା ବରାଳଙ୍କ ପୁତ୍ର ମିହିର ବରାଳ(୨୮)। କାରଖାନାର ଅନ୍ୟ କର୍ମଚାରୀମାନେ ତାଙ୍କ ମୃତଦେହ ଦେଖି ପରିବାର, କାରଖାନା ମାଲିକ ଓ ଥାନାକୁ ଖବର ଦେଇଥିଲେ। ଏହାପରେ ମୃତକଙ୍କ ବାପା କୁଜଙ୍ଗ ଥାନାରେ ଲିଖିତଭାବେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ମିହିର ଏହି କାରଖାନାରେ ଗତ ୩ ବର୍ଷହେବ କାର୍ଯ୍ୟ କରି ଆସୁଥିଲେ। ତେବେ ଟଙ୍କା ନେଣଦେଣରେ କିଛି ସମସ୍ୟା ରହିଥିଲା। ଏହା ହିଁ ମୃତ୍ୟୁର କାରଣ ହୋଇପାରେ ବୋଲି ସେ ସନ୍ଦେହ କରୁଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଉପସ୍ଥିତିରେ ଘଟଣାର ପଞ୍ଚନାମା କରାଯାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଫାଷ୍ଟ ଫୁଡ ଦୋକାନରେ ଅଗ୍ନିକାଣ୍ଡ

**ବାଲିକୁଦା,୨୭।୨(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ନଲରା ଗ୍ରାମର ଏକ ଫାଷ୍ଟ ଫୁଡ ଦୋକାନରେ ରବିବାର ରାତିରେ ନିଆଁ ଲାଗିଯାଇଛି। ଏଥିରେ ଉକ୍ତ ଗ୍ରାମର ନେତ୍ରମୋହନ ସ୍ୱାଇଁ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ନିଆଁରେ ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ, ଆସବାବପତ୍ର ଓ କିଛି ଟଙ୍କା ପୋଡ଼ିଯାଇଛି। ଉକ୍ତ ଦୋକାନରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ନେଇ ସ୍ୱାଇଁ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ ଘଟଣାର ତଦନ୍ତ କରିଛନ୍ତି। ଏନେଇ ବାଲିକୁଦା ଥାନାରେ ମାମଲା (ନଂ. ୯୨/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଏହି ଫାଷ୍ଟ ଫୁଡ୍ ଦୋକାନଟି ଦଶବାଟିଆର ନଲରା ରାସ୍ତାରେ ରହିଛି। କିଛି ଲୋକ ରବିବାର ବିଳମ୍ବିତ ରାତିରେ ଦୋକାନଟିକୁ ଜଳୁଥିବା ଦେଖି ସ୍ୱାଇଁଙ୍କୁ ଖବର ଦେଇଥିଲେ। ଏହାପରେ ସ୍ୱାଇଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଦଳକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।

### ପିପିଏକୁ ମେଜରପୋର୍ଟ ଆୱାର୍ଡ

**ପାରାଦୀପ,୨୭।୨(ସ୍ୱ.ପ୍ର.):** ପାରାଦୀପ ବନ୍ଦର ଅଥରିଟି (ପିପିଏ)କୁ ରବିବାର ଚଳିତବର୍ଷ ମେଜରପୋର୍ଟ ଆୱାର୍ଡ ମିଳିଛି। କଲିକତାଠାରେ ଆୟୋଜିତ ଇଷ୍ଟର୍ଣ୍ଣ ଆୱାର୍ଡ ସମ୍ମିଳନୀରେ ଏହି ଆୱାର୍ଡ ମିଳିଛି। ପାରାଦୀପରେ କଣ୍ଟେନର ବିହୀନ ପଣ୍ୟ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଏଭଳି ସମ୍ମାନଜନକ ଆୱାର୍ଡ ହାସଲ କରିଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବତନ ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଗୋପାଳକୃଷ୍ଣଙ୍କ ଠାରୁ ବନ୍ଦର ଟ୍ରାଫିକ ମ୍ୟାନେଜର ଜି ଏଡିସନ ଏହି ଆୱାର୍ଡ ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଅଧକ୍ଷ ପି.ଏଲ.ହାରାନ୍ଧ ବନ୍ଦର କର୍ମଚାରୀ ଶ୍ରମିକ ଓ ବ୍ୟବହାରକାରୀ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି।

### ଅନନ୍ତପୁର କ୍ରିକେଟ ଟୁର୍ନାମେଣ୍ଟ: ଅଳାଭର ଚାମ୍ପିୟନ

**ବାଲିକୁଦା,୨୭।୨(ସ୍ୱ.ପ୍ର.):** ଗଜାନନ କ୍ରିକେଟ କ୍ଲବ ଅନନ୍ତପୁର ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ ଚିତ୍ତରଞ୍ଜନ ଓ ଶ୍ରୀଧର ମେମୋରିଆଲ ରାତ୍ରିକାଳିନ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଗୋଡ଼ା ଟିମ୍ ଓ ଅଳାଭର ମଧରେ ହୋଇଥିଲା। ଏଥିରେ ଅଳାଭର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଗୋଡା ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୪୪ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଅଳାଭର କ୍ରିକେଟ କ୍ଲବ ୮ ଓଭରରେ ୪ ଉଇକେଟ ହରାଇ ୪୫ ରନ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ବନ୍ଧନ ନାୟକ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପାୟାରଭାବେ ବିଶ୍ୱଜିତ ସ୍ୱାଇଁ ଓ ରମାକାନ୍ତ ସେଠ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରିଂରେ ଅମର କାଣ୍ଡି ଓ ଅଟଳ କାଣ୍ଡି ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିକୁଦା ଏରସମା ଯୁବ ସାମାଜିକ କର୍ମୀ ସଞ୍ଜୀବ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ରମେଶ ପୋଲେଇ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ରମେଶ ପାଇଟାଳ ଚାମ୍ପିୟନ ଓ ରନର୍ସଅପ୍ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଗଜାନନ କ୍ରିକେଟ୍ କ୍ଲବର ସଦସ୍ୟ, ଆପୁ ନାୟକ, ଅଟଳ କାଣ୍ଡି, ପ୍ରକାଶ କାଣ୍ଡିଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡିରେ ଧାନ ରଖି ଜଗି ବସିଛନ୍ତି ଚାଷୀ

**ନାଉଗାଁ,୨୭।୨ (ସ୍ୱ.ପ୍ର)**


ମଣ୍ଡିରେ ଗଦା ହୋଇଥିବା ଧାନ।

- ବ୍ଲକର ୭ ଧାନମଣ୍ଡିରୁ ୪୭ ପ୍ରତିଶତ ଧାନ ସଂଗୃହୀତ
- ୪୪୭୪ଜଣ ଚାଷୀଙ୍କ ନାମ ପଞ୍ଜୀକୃତ
- ୨୧୦୫ଜଣ ଚାଷୀଙ୍କ ଠାରୁ ୭୨୦୭୭.୯୨କୁଇଣ୍ଟାଲ ଧାନ କ୍ରୟ

ଚଳିତବର୍ଷ ଖରିଫ ଧାନ ଚାଷ କରି ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଛି। ଅପରପକ୍ଷେ ଧାନ ବିକ୍ରି କରିବା ସମୟରେ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମିଲରମାନେ ଠିକ୍ ସମୟରେ ମଣ୍ଡିରୁ ଧାନ ନେଉନାହାନ୍ତି। ଫଳରେ ଚାଷୀମାନେ ମଣ୍ଡିରେ ଧାନ ରଖି ଜଗି ରହିବାକୁ ବାଧ ହେଉଛନ୍ତି। ଯୋଗାଣ ବିଭାଗର ଅପାରଗତା ହେତୁ ଏଭଳି ସମସ୍ୟା ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି।

ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ପାଇଁ ନାଉଗାଁ ବ୍ଲକରେ ମୋଟ ୭ ମଣ୍ଡି ଖୋଲାଯାଇଛି। ଏଥିମଧ୍ୟରୁ ୬ଟି ସେବା ସମବାୟ ସମିତି ଅଧୀନରେ ଖୋଲିଛି। ସେଗୁଡ଼ିକ ହେଲା ଅଲଣା, ଗଜରାଜପୁର, ନାଉଗାଁ, ତିରୁଣା, ଡେରିକି ଓ ଶିଖର ଧାନମଣ୍ଡି। ବାବା ନନ୍ଦମଣି ସ୍ୱୟଂ ସହାୟିକା ଗୋଷ୍ଠୀ ଅଧୀନରେ ଆଉ ଏକ ଧାନମଣ୍ଡି ଖୋଲାଯାଇଛି। ଜାନୁୟାରୀରୁ ଏହି ଧାନମଣ୍ଡିଗୁଡ଼ିକ ଖୋଲାଯାଇଥିଲେ ମଧ ଫେବୃୟାରୀ ୨୬ ସୁଦ୍ଧା ୪୭ ପ୍ରତିଶତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପୋର୍ଟାଲରୁ ଜଣାପଡ଼ିଛି। ବ୍ଲକର ୭ ଧାନମଣ୍ଡିରେ ୪୪୭୪ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ଅଦ୍ୟାବଧି ୨୧୦୫ ଜଣ ଚାଷୀଙ୍କଠାରୁ ମୋଟ ୭୨୦୭୭.୯୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଡେରିକି ଧାନ ମଣ୍ଡିରେ ୮୪୩ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ଅଦ୍ୟାବଧି ୩୮୯ଜଣ ଚାଷୀଙ୍କ ଠାରୁ ୧୦୮୯୦.୦୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ନାଉଗାଁ ଧାନ ମଣ୍ଡିରେ ୬୨୨ଜଣ ଚାଷୀ ରହିଥିବା ବେଳେ ୩୪୫ ଜଣଙ୍କଠାରୁ ୧୨୪୮୪.୧୨ କୁଇଣ୍ଟାଲ, ଅଲଣା ଧାନମ ଣ୍ଡିରେ ୫୭୪ଜଣ ଚାଷୀ ରହିଥିବାବେଳେ ୨୩୯ଜଣ ଚାଷୀଙ୍କଠାରୁ ୧୦୩୭୭.୭୪ କୁଇଣ୍ଟାଲ ଧାନ ସଂଗ୍ରହ କରଯାଇଛି। ତିରୁଣା ଧାନମଣ୍ଡିରେ ୮୨୨ଜଣ ଚାଷୀ ରହିଥିବା ବେଳେ ୩୪୦ଜଣଙ୍କଠାରୁ ୧୧୦୫୩.୦୬ କୁଇଣ୍ଟାଲ, ଶିଖର ଧାନମଣ୍ଡିରେ ୫୩୬ଜଣ ଚାଷୀ ରହିଥିବା ବେଳେ ୨୭୭ଜଣଙ୍କଠାରୁ ୮୨୫୦.୨୪ କୁଇଣ୍ଟାଲ ଏବଂ ଗଜରାଜପୁର ଧାନମଣ୍ଡିରେ ୯୭୮ଜଣ ଚାଷୀ ରହିଥିବା ବେଳେ ୪୩୬ଜଣଙ୍କ ଠାରୁ ୧୬୧୨୬.୧୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ସେହିପରି ବାବା ନନ୍ଦମଣୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଖୋଲା ଯାଇଥିବା ଧାନମଣ୍ଡିରେ ୯୯ଜଣ ଚାଷୀ ରହିଥିବା ବେଳେ ୭୯ଜଣ ଚାଷୀଙ୍କ ଠାରୁ ୨୮୯୬.୫୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଅପରପକ୍ଷେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମିତି ପକ୍ଷରୁ ଚାଷୀଙ୍କ ଟୋକନ ଲାପ୍ସ ନ ହେବା ଉଦ୍ଦେଶ୍ୟରେ ଚାଷୀଙ୍କ ଆଖି ସ୍କାନ କରାଯାଇଛି। ହେଲେ ଆବଶ୍ୟକ ଠାରୁ ବହୁତ କମ୍ ଚାଷୀଙ୍କ ଆଖି ସ୍କାନ କରାଯାଉଛି ବୋଲି ଚାଷୀମାନେ କହିଛନ୍ତି। ଯେଉଁ ଚାଷୀ ସମିତିରେ ଆଖି ସ୍କାନ କରୁଛନ୍ତି, ସେମାନେ ମଣ୍ଡିରେ ଧାନ ଆଣି ପକାଉଛନ୍ତି। କିନ୍ତୁ ମିଲରମାନେ ଆବଶ୍ୟକ ମୁତାବକ ଗାଡି ଯୋଗାଇ ପାରୁ ନ ଥିବା ହେତୁ ଧାନ ଦିନ ଦିନ ଧରି ମଣ୍ଡିରେ ପଡ଼ିରହୁଛି। ମିଲରମାନେ ଅଧିକାଂଶ ଜିଲାର ମଣ୍ଡିରୁ ଧାନ ସଂଗ୍ରହ ପାଇଁ ଯୋଗାଣ ବିଭାଗ ସହ ଚୁକ୍ତି କରିଥିବା ହେତୁ ଟ୍ରକର ଅଭାବ ରହୁଛି। ଫଳରେ ଧାନ ସଂଗ୍ରହରେ ବିଳମ୍ବ ହେଉଛି ବୋଲି ଜଣେ ଯୋଗାଣ ବିଭାଗୀୟ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ସଂଗୃହୀତ ଧାନ ଟ୍ରକ ଅଭାବରୁ ବିଭିନ୍ନ ମଣ୍ଡି ପରିସରରେ ଖରାକାକରରେ ୧୫/୨୦ଦିନ ଧରି ପଡି ରହୁଥିବା ଜଣାପଡୁଛି। ଯେଉଁ ଚାଷୀଙ୍କର ଜରୁରୀ ଟଙ୍କାର ଆବଶ୍ୟକ ପଡୁଛି ସେମାନେ ବାଧ ହୋଇ ବେପାରୀମାନଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏଆରସିଏସ୍‌ର ଅଧିକାରୀ ଶିବ ଚରଣ ମହାନ୍ତିଙ୍କୁ ପଚାରିବାରୁ ସମସ୍ତ ଚାଷୀଙ୍କର ଧାନ କ୍ରୟ କରାଯିବ ବୋଲି କହିଥିଲେ।

# ଶଙ୍କରଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

**ଜଗତ୍‌ସିଂହପୁର ଅଫିସ, ୨୭।୨**

### ବିରିଡ଼ି ନାବାଳିକା ବଳାତ୍କାର ମାମଲା

ବିରିଡ଼ି ଥାନା ଅଞ୍ଚଳରେ୨୦୧୬ରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ପୋକ୍ସୋ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ଏହି ଥାନା କଉପଡ଼ା ଗ୍ରାମର ଶଙ୍କର ଭୋଇ। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୫।୧୧।୧୬ରେ ପୀଡ଼ିତା ତାଙ୍କ ସାଙ୍ଗ ଘରକୁ ବୁଲିବାକୁ ଯାଉଥିବା ବେଳେ ଶଙ୍କର ତାଙ୍କୁ ଅପହରଣ କରି ଭୁବନେଶ୍ୱର ନେଇ ଯାଇଥିଲେ । ସେଠାରେ ତାଙ୍କୁ ବଳାତ୍କାର କରିଥିବା ପୀଡିତାଙ୍କ ବାପା ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଗ୍ରହଣ କରି ପୋଲିସ ମାମଲା (ନଂ.୧୧୩/୧୬) ରୁଜୁ କରିଥିଲା। ଏଥିରେ ଉଲ୍ଲେଖ ଥିଲା, ପୀଡିତା ଘରକୁ ନ ଆସିବାରୁ ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ତା'ପରଦିନ ଅର୍ଥାତ୍ ୨୬।୧୧।୧୬ରେ ଥାନାରେ ଆଶ୍ରୟ ନେଇଥିଲେ। ଏହି ମାମଲାରେ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ମିଳିତ ଜନ ଶୁଣାଣିରେ ୯୮ ଅଭିଯୋଗ



ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ବିରିଡି,୨୭।୨(ଡି.ଏନ୍.ଏ.)**

### ଆବାସ ଯୋଜନା ଉପରେ ସର୍ବାଧିକ ଅଭିଯୋଗ

ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୮ ଅଭିଯୋଗର ଶୁଣାଣି ହୋଇଥିଲା। ଜଗତ୍‌ସିଂହପୁର ଏଡିଏମ୍ ସଚ୍ଚିଦାନନ୍ଦ ସାହୁ, ପିଡି ଡା. ରୁଦ୍ରନାରାୟଣ ଦାଶ, ଏସ୍‌ପି ରାଉଲ ପିଆର, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ବ୍ଲକ ଅଧକ୍ଷା ମମତା ପାତ୍ର, ବିଡିଓ ହେମନ୍ତ କୁମାର ମହାନ୍ତ, ତହସିଲଦାର ସହଦେବ ସାହୁ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ଆବାସ ଯୋଜନା ସମ୍ପର୍କିତ ଅଭିଯୋଗ ସର୍ବାଧିକ ଥିଲା।

ବାଗଲପୁର ଗ୍ରାମର ଉର୍ମିଳା ସାସମଲ ଅଭିଯୋଗ କଲେକି ତାଙ୍କର ୫ବର୍ଷ ଛୁଆର ଝାଡ଼ା ପରିସ୍ରା ବାଟ ନାହିଁ। ପେଟ କଟାହେଇଛି। ତାଙ୍କ ଚିକିତ୍ସା ପାଇଁ ଜଗତ୍‌ସିଂହପୁର ଡାକ୍ତରଖାନାକୁ ପଠାଗଲା। ଏହି ବ୍ଲକ ଅନ୍ତର୍ଗତ ଦରଡାପାରି ଗ୍ରାମର ରମେଶ ଚନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଛନ୍ତିକି ତାଙ୍କୁ ୨୫ବର୍ଷ ତଳେ ଭୂମିହିନ ହିସାବରେ ତାଙ୍କ ମୌଜାରେ ଖାତା ନଂ–୩୦୬, ପ୍ଲଟ ନଂ– ୧୪୩୩/୧୫୯୭ରେ ଏକ ଜମି ପଟ୍ଟା ଦିଆଯାଇଥିଲା । କିନ୍ତୁ ସେ ଅମିନ ଆଣି ଦେଖିଲା ବେଳକୁ ଉକ୍ତ ପ୍ଲଟଟି ଆଉ ଜଣେ ଲୋକର। ଏନେଇ ସେ ବାରମ୍ବାର ଜଗତସିଂହପୁର ଜିଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ସେ ଏଡିଏମଙ୍କ ସମ୍ମୁଖରେ ତଳେ ବସି ରହିଥିଲେ। ଏହା ସତ୍ତ୍ୱେ ତାଙ୍କ ଅଭିଯୋଗ କେହି ଶୁଣି ନ ଥିଲେ ବୋଲି ସାହୁ କହିଛନ୍ତି। ସେହିପରି ଯୋଗାଣ ବିଭାଗ ଉପରେ ୨ଟି ଅଭିଯୋଗ ଆସିଥିଲା । ଗୋପୀନାଥପୁର ଧାନମଣ୍ଡିରେ ଚାଷିମାନେ ଧାନ ଦେଇଥିଲେ ମଧ ଟଙ୍କା ପାଇବା ପାଇଁ ଡେରି ହେଉଛି। ପରିବାରକୁ ମିଳିଥିବା ରାଶନ କାର୍ଡରେ ନୂତନ ମେମ୍ବର ଯୋଗ କରିବା ପାଇଁ ଏକ ଅଭିଯୋଗ ହୋଇଥିଲା। ଅପରପକ୍ଷେ ଜନସାଧାରଣଙ୍କୁ ଜନ ଶୁଣାଣି ସମ୍ବନ୍ଧରେ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବରୁ ଅବଗତ କରାଯାଇନଥିବାରୁ ବହୁ ଲୋକେ ଆସି ପାରିନ ଥିବା ସାଧାରଣରେ ଅଭିଯୋଗ କରାଯାଇଛି।

# ମହିଳାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଥାନା ଘେରାଉ


ମହିଳାମାନେ ରଘୁନାଥପୁର ଥାନା ଘେରାଉ କରିଛନ୍ତି।

**ରଘୁନାଥପୁର,୨୭।୨ (ଡି.ଏନ୍.ଏ.)**

- ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପ୍ରତିବାଦ
- ମହିଳାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଥାନା ଘେରାଉ
- ନିର୍ଦ୍ଦୋଷଙ୍କୁ ଫସାଇ କୋର୍ଟ ଚାଲାଣ କରାଯାଇଥିବା ଅଭିଯୋଗ

ରଘୁନାଥପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପୋଲିସ ନ୍ୟାୟ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ସ୍ଥାନୀୟ ଅଞ୍ଚଳର ମହିଳାମାନେ ଥାନା ଘେରାଉ କରିଛନ୍ତି। ଅଭିଯୁକ୍ତଙ୍କୁ ପାଗଳ ଦର୍ଶାଇ ପୋଲିସ ଖସାଇ ଦେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୮ ତାରିଖ ରାତି ପ୍ରାୟ ୧୧.୩୦ ସମୟରେ ସମ୍ପୃକ୍ତ ମହିଳା ତାଙ୍କ ଘରେ ଛୋଟ ପୁଅ ସହ ଏକା ଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଭବାନୀଶଙ୍କର ଦାଶ ତାଙ୍କ ଘର ଭିତରକୁ ପଶି ସମ୍ପୃକ୍ତା ମହିଳାଙ୍କୁ ଟଣାଓଟରା କରିବାକୁ ଉଦ୍ୟମ କରିଥିଲେ। ମହିଳାଙ୍କ ପାଟିଶୁଣି ଦିଅର ଶୁଭକାନ୍ତ ଦାଶ ଦୌଡ଼ି ଆସିବାରୁ ଭବାନୀ ସେଠାରୁ ଖସି ପଳାଇଯାଇଥିଲେ। ଏହି ସମୟରେ ଭବାନୀଙ୍କ ବାପା ବେଣୁଧର ଉକ୍ତ ବାଟ ଦେଇ ଆସୁଥିଲେ। ସେ ସେଠାରେ ଥିବା ଏକ ନଳକୂପ ପାଖରେ ପଡିଯାଇଥିଲେ। ଏହାପରେ ସମ୍ପୃକ୍ତ ମହିଳା ୨୦ ତାରିଖରେ ଥାନାରେ ଅଭିଯୋଗ କରିବାପରେ ପୋଲିସ ମାମଲା (ନଂ.୫୪/୨୩) ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଅନୁରୂପ ଭାବେ ବେଣୁଧରଙ୍କ ଭାଇ ପ୍ରାଣକୃଷ୍ଣ ଦାଶ ଥାନାରେ ପାଲଟା ଅଭିଯୋଗ କରିଥିଲେ। ସମ୍ପୃକ୍ତ ମହିଳାଙ୍କ ଦିଅର ବେଣୁଧରଙ୍କ ଗୋଡ଼ ଭାଙ୍ଗି ଦେଇଥିବା ନେଇ ଉକ୍ତ ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ଏନେଇ ମାମଲା (ନଂ.୫୫/୨୩) ରୁଜୁ କରି ଦିଅର ଶୁଭକାନ୍ତଙ୍କୁ ଗିରଫ କରିଛି। ଫଳରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ୱାର୍ଡସଭ୍ୟା ବାସନ୍ତୀ ମହାନ୍ତିଙ୍କ ନେତୃତ୍ୱରେ ମହିଳାମାନେ ସୋମବାର ଥାନା ଘେରାଉ କରି ଅଭିଯୋଗକାରିଣୀ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପୋଲିସ ଦୋଷୀକୁ ଧରିବା ପରିବର୍ତ୍ତେ ପୀଡିତାଙ୍କୁ ସୁରକ୍ଷା ପ୍ରଦାନ କରିଥିବା ନିର୍ଦ୍ଦୋଷ ଶୁଭକାନ୍ତଙ୍କୁ ଘରୁ ଉଠାଇ ଆଣି କୋର୍ଟ ଚାଲାଣ କରିଛି। ଆଇଆଇସି ସୁଶାନ୍ତ କୁମାର ସେଠୀ ମହିଳାମାନଙ୍କୁ ଡାକି ବୁଝାଶୁଝା କରିବା ସହ ଅଭିଯୁକ୍ତ ଭବାନୀ ଜଣେ ପାଗଳ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଗିରଫ କରାଯାଇ ପାରିବନି ବୋଲି କହିଥିଲେ। ଏହାଛଡା ସରପଞ୍ଚଙ୍କ ସହାୟତାରେ ତାଙ୍କୁ ପାଗଳଖାନା ପଠାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମହିଳାମାନେ ଘେରାଉ ସ୍ଥଗିତ ରଖିଛନ୍ତି। ଏହାଛଡା ଗ୍ରାମବାସୀ ମିଳିତ ଭାବେ ଭବାନୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଏକ ଅଭିଯୋଗ ପତ୍ର ପୋଲିସକୁ ଦେଇଥିଲେ। ଅପରପକ୍ଷେ ବେଣୁଧର ବର୍ତ୍ତମାନ ଗୁରୁତର ହୋଇ କଟକରେ ଚିକିତ୍ସା ହେଉଛନ୍ତି ବୋଲି ଆଇଆଇସି ସେଠି ପ୍ରକାଶ କରିଛନ୍ତି।

# ଶୁଖିଲାଣି ଜଳାଶୟ, ଆଗକୁ ଜଳ ସଙ୍କଟ ଆଶଙ୍କା

**ଜଗତ୍‌ସିଂହପୁର ଅଫିସ, ୨୭।୨**

### ଜଗତ୍‌ସିଂହପୁର ପୌର ପରିଷଦ

- ଆଜିଠୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

ଚଳିତବର୍ଷ ଖରାଦିନେ ତାତି ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି। ଏହା ଏବେଠାରୁ ବାରି ହେଲାଣି। ପ୍ରତିବର୍ଷ ତାପମାତ୍ରା ନିୟନ୍ତ୍ରଣ ପାଇଁ ବ୍ୟାପକ ଚାରାରୋପଣ, ଜଳାଶୟ ପୁନରୁଦ୍ଧାର ଆଦି କରାଯାଉ ବୋଲି ଦାବି ହୋଇ ଆସୁଛି । କିନ୍ତୁ ସରକାରୀସ୍ତରରେ ସେଭଳି ଆନ୍ତରିକତା ପ୍ରକାଶ ପାଏନାହିଁ। ଜଗତ୍‌ସିଂହପୁର ସହର କଥା ଦେଖିଲେ ଜଣାଯାଏ ଏକାଧିକ ଜଳାଶୟ ଥାଇ ମଧ ସେଥିରୁ ଅଧିକାଂଶ ପୋତି ହୋଇଗଲାଣି । ଏବେ ଯେଉଁଥିରେ ପାଣି ଅଛି, ତାହା ଆଉ କିଛି ଦିନ ପରେ ଶୁଖିଯିବ। ତା ପରେ ଗାଈ, ବଳଦ, ମଇଁଷି ଆଦି ପ୍ରାଣୀଙ୍କ ପାଇଁ ସମସ୍ୟା ବଢ଼ିଯିବ । ପ୍ରତିବର୍ଷ ପରି ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ନେଇ ପ୍ରସ୍ତୁତି ବୈଠକ ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ତେଣୁ ଜିଲା ପ୍ରଶାସନ ଏହା ଉପରେ ବିସ୍ତୃତ ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଜଗତ୍‌ସିଂହପୁର ସହର ୱାର୍ଡ ସଂଖ୍ୟା ୫ନଂ. ଅନ୍ତର୍ଗତ ମାଧପୁର ଲାଲାସାହିସ୍ଥିତ ରାଧାମାଧବଜୀଉଙ୍କ ଜଳାଶୟ ପୁନରୁଦ୍ଧାର କେବଳ ଗାର୍ଡ ୱାଲ୍‌ରେ ସୀମିତ ରହିଛି। ଦେଉଳୀ ଗ୍ରାମେଶ୍ୱର ବାରିକ ସାହି ଜଳାଶୟଟି ପୋତି ହୋଇଯିବା ସହ ପରିତ୍ୟକ୍ତ ଅବସ୍ଥାରେ ରହିଛି । ୱାର୍ଡ ସଂଖ୍ୟା ୩ ଅନ୍ତର୍ଗତ ଗୋପାଳସାଗର ଗାଁ ଭିତରେ ଥିବା ଜଳାଶୟ ପୁନରୁଦ୍ଧାର ହେଉନାହିଁ । ୱାର୍ଡ ନଂ.୨ ଅନ୍ତର୍ଗତ ବଡ଼ବାଗ ସର୍ବାଙ୍ଗସୁନ୍ଦରୀଙ୍କ ମନ୍ଦିର ଏବଂ ମୁରୁକୁନ୍ଦ ସୋମନାଥ ମନ୍ଦିର ନିକଟରେ ଥିବା ପୋଖରୀ ମଧ ପୋତି ହୋଇଗଲାଣି। ୧୮ ନଂ. ୱାର୍ଡ ବେହେରା ସାହି ପାଖ ପୋଖରୀ ଜନସାଧାରଣଙ୍କ ବହୁ କାମରେ ଲାଗେ। ଚାରିପଟେ ମଶାଣି ଅଛି। କୌଣସି ଲୋକଙ୍କ ମୃତ୍ୟୁ ହୋଇଗଲେ ଶୁଦ୍ଧିକ୍ରିୟା ଆଦି ସେଠାରେ ହୁଏ । ଏଥିରୁ ପାଣି ଶୁଖିଯିବା ଦ୍ୱାରା ଲୋକେ, ଗୃହପାଳିତ ପ୍ରାଣୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିପରି ଜଗତ୍‌ସିଂହପୁର ସହରରେ ଏକାଧିକ ଛୋଟ, ବଡ ଜଳାଶୟ ଥିଲେ ସୁଦ୍ଧା ତାର ଆଶାଜନକ ପୁନରୁଦ୍ଧାର ହୋଇପାରୁନାହିଁ। ଅନ୍ୟପଟେ ସହରାଞ୍ଚଳ ଛାପରେ କେତେକ ବେସରକାରୀ ଜଳାଶୟରେ ଅଟ୍ଟାଳିକା ତିଆରି ଚାଲିଛି। ଏହାଦ୍ୱାରା ଜଳାଶୟଗୁଡିକର ସ୍ଥିତି ହଜିଯାଉଛି । କିନ୍ତୁ ଏବେ ଯେତୋଟି ଅଛି ତାର ପୁନରୁଦ୍ଧାର ନ ହେଲେ ଆଗକୁ ସହରରେ ଜଳ ସଙ୍କଟ ସମସ୍ୟା ଜଟିଳ ହେବା ଆଶଙ୍କା ରହିଛି ।

ଜଳାଶୟ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପଞ୍ଚାୟତଗୁଡିକରେ ମୋ ପୋଖରୀ ଯୋଜନାରେ ଟଙ୍କା ଆସୁଛି। କିନ୍ତୁ ସହରରେ ଜଳଶୟ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ସେଭଳି ପଦକ୍ଷେପ ନେଉ ନାହାନ୍ତି । ସୌଭାଗ୍ୟ ଚଳିତ ବଜେଟ୍‌ରେ ଏଥିପ୍ରତି ଅନୁଦାନ ବ୍ୟବସ୍ଥା ହୋଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଏବଂ ଅମୃତ ମିଶନ ନିର୍ଦ୍ଦେଶକଙ୍କ ପକ୍ଷରୁ ଗତବର୍ଷ ଡିସେମ୍ବରରେ ସମସ୍ତ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍/ମ୍ୟୁନିସିପାଲିଟି କର୍ପୋରେଶନ କମିଶନର/ପୌର ପରିଷଦ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଚିଠି କରାଯାଇଛି। ଏଥିରେ ଉଲ୍ଲେଖ ଅଛି ସହରାଞ୍ଚଳରେ ଥିବା ଜଳାଶୟଗୁଡ଼ିକର ପରିବେଶ ଓ ପୁନରୁଦ୍ଧାର ପାଇଁ ବିଭାଗ ପଦକ୍ଷେପ ନେବାକୁ ଯାଉଛି । ବିଶେଷକରି ଭୂତଳ ଜଳସ୍ତର ରିଚାର୍ଜ ସହ ପରିବେଶଗତ ସୁରକ୍ଷା ଓ ମନୋରଞ୍ଜନ ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରାଯିବ। ପରିଷଦ ଆଦିକୁ କାର୍ଯ୍ୟରେ ସହଯୋଗ ପାଇଁ ଜଳାଶୟ ପୁନରୁଦ୍ଧାର ୟୁନିଟ୍ (ଡବ୍ଲ୍ୟୁଆର୍‌ୟୁ) ଗଠନ କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜ୍ୟର ଉପଲବ୍ଧ ସମସ୍ତ ଜଳାଶୟର ମ୍ୟାପ କରି ତାର ପୁନରୁଦ୍ଧାର ପାଇଁ ଚିନ୍ତା କରାଯିବ । ତେବେ କ୍ଲଷ୍ଟର ଅନୁଯାୟୀ ତାଲିମ କାର୍ଯ୍ୟକ୍ରମ ୨ ମାସ ଭିତରେ ହେବ । ପୌର ପରିଷଦଗୁଡିକ ନିଜ କାର୍ଯ୍ୟାଳୟରେ ଜଳାଶୟ କ୍ୟାମ୍ପେନ ନାମରେ କମିଟି ବାଛିବ । ଏହାର କାମ ହେଲା ତଥ୍ୟ ଏବଂ ପ୍ରାଥମିକ ଆବଶ୍ୟକତା ଯଥା ଇନଲେଟ୍ ଏବଂ ଆଉଟଲେଟ୍ ଚିହ୍ନଟ ସହ ଡ୍ରୋନ ସର୍ଭେ ଆଦିରେ ସହଯୋଗ କରିବା । ଏହାର ନୋଡାଲ ଅଫିସରଙ୍କ ଯୋଗାଯୋଗ ନମ୍ବର ସ୍ୱତନ୍ତ୍ର ସଚିବ ଏବଂ ଅମୃତ ମିଶନ ଡାଇରେକ୍ଟରଙ୍କୁ ପ୍ରେରଣ କରାଯିବ। ତେବେ ଏହା ଭିତରେ ଅନେକ କିଛି ଅଗ୍ରଗତି ହୋଇଥିବା ଜଣାଯାଇଛି। ମଙ୍ଗଳବାରଠାରୁ ଭୁବନେଶ୍ୱରରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୌର ପରିଷଦ ସମେତ ଅନ୍ୟ ୧୧୪ଟି ୟୁଏଲ୍‌ବିର କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ୫ ଜଳାଶୟର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ

କନ୍ଦରପୁର–ମାଛଗାଁ ରାସ୍ତା ପାର୍ଶ୍ୱ ଗୋପାଳସାଗରଠାରେ ପାଖାପାଖି ୪୦ ଡେସିମିଲ ଜମିରେ ଥିବା ବଡ ଜଳାଶୟଟି ଭଲ ସ୍ଥିତିରେ ରହିଛି । ଏହି ଜଳାଶୟଟି ଗୋପାଳଜୀଉଙ୍କ ନାମରେ ଥିଲେ ସୁଦ୍ଧା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଉନ୍ନତୀକରଣ ପାଇଁ ଅତୀତରେ ୧୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଜଳାଶୟ ଚାରିପଟେ ଗାର୍ଡ ୱାଲ, ଲାଇଟ୍ ପୋଷ୍ଟ ଓ ଚାରାରୋପଣ ଆଦି କରାଯିବା ପାଇଁ ଟେଣ୍ଡର ହୋଇଥିଲା । ଏହାପରେ ଏହି ପୋଖରୀର ପୁନରୁଦ୍ଧାର ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ପାଇଁ ୫ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି। ଏହା ବିଭାଗୀୟ ଅନୁମୋଦନ ପାଇଲେ ସହରବାସୀଙ୍କ ପାଇଁ ମନୋରଞ୍ଜନର ଏକ ପ୍ରମୁଖ ସ୍ଥାନ ପାଲଟିବ । ଏହା ପାର୍ଶ୍ୱରେ ପାଇଖାନା, ପାଦଚଲା ରାସ୍ତା ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟ ହେବ। ଏହାବାଦ୍ ଆଉ ୫ଟି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ରହିଛି। ସେଗୁଡିକ ମଧ୍ୟରୁ ସିପି ମକୁନ୍ଦପୁରସ୍ଥିତ ବିଧେଇପୋଖରୀ ଅନ୍ୟତମ। ଏହି ପୋଖରୀ ଜବରଦଖଲ ଥିଲେ ସୁଦ୍ଧା କେତେକାଂଶ ମୁକ୍ତ କରାଗଲାଣି। ପୋଖରୀର କିଛି ଅଂଶ ୬ ଲକ୍ଷ ଟଙ୍କା ବ୍ୟୟରେ ଗାର୍ଡ ୱାଲ୍ କରାଯାଇଛି । ସେହିପରି ଖେରସସ୍ଥିତ କନିୟର ପୋଖରୀ ମୃତପ୍ରାୟ ରହିଛି । ତେବେ ଏହି ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ନିକଟରୁ ୨ କୋଟି ଟଙ୍କାର ପ୍ରସ୍ତାବ ଯାଇଥିଲେ ସୁଦ୍ଧା ଅନୁମୋଦନ ହୋଇପାରିନାହିଁ । ଅନୁଦାନ ଆସିଲେ ପୋଖରୀ ଖୋଲାଯିବା ସହ ସେଥିରେ ବୋଟିଂ ସୁବିଧା ଓ ପାର୍କ ଆଦି କରାଯିବ । ଓହଳ ନୂଆବାଗ ଭୋଇସାହି ପାର୍ଶ୍ୱରେ ଥିବା ରାଧାମାଧବଜୀଉ ଓ ଦେଉଳୀ ଗ୍ରାମେଶ୍ୱର ରାଢ଼ିଆଣୀ ମନ୍ଦିର ନିକଟ ଜଳାଶୟ (ଘୋଷ ପୋଖରୀ)ଟିର ପୁନରୁଦ୍ଧାର ପାଇଁ ଚିନ୍ତା କରାଯାଉଛି । ଏହି ସୂଚନା ଦେଇଛନ୍ତି ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ । ସେ ଏକଥା ମଧ୍ୟ କହିଛନ୍ତି ମଙ୍ଗଳବାରଠାରୁ ହେବାକୁ ଥିବା ତାଲିମ କାର୍ଯ୍ୟକ୍ରମରେ ଏହି ପ୍ରସ୍ତାବଗୁଡ଼ିକ ଉପରେ ମୋହର ବାଜିବାର ଯଥେଷ୍ଟ ସମ୍ଭାବନା ରହିଛି।

**ସଂକ୍ଷେପରେ**

## ଜଳିଗଲା ଆଇରନ ବୋଝେଇ ଟ୍ରକ୍



**ଗଞ୍ଜାମ,୨୭।୨(ଡି.ଏନ.ଏ.):** ଷୋହଳ ନମ୍ବର ଜାତୀୟ ରାଜପଥ ଶନିମନ୍ଦିର ଛକଠାରେ ସୋମବାର ପାହାନ୍ତିଆରୁ ଏକ ଆଇରନ ବୋଝେଇ ଟ୍ରକରେ ନିଆଁ ଲାଗିଯାଇଥିଲା। ପାଟ୍ରୋଲିଂ ଦାୟିତ୍ୱରେ ଥିବା ରୋଡ ସେଫଟି ଅଫିସର ପି ଏସ ରେଡି ଏବଂ ଗଞ୍ଜାମ ଥାନା ପୋଲିସ ପହଞ୍ଚି ଫାୟାର ଷ୍ଟେଶନକୁ ଫୋନ ଯୋଗେ ଅବଗତ କରିଥିଲେ। ଛତ୍ରପୁର ଦମକଳ ବାହିନୀ ଓ ଗ୍ରାସିମ କମ୍ପାନୀର ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗି ଗାଡି ଜଳୁଥିବା ବେଳେ ୧୬ଟି ଚକ ଫାଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଗାଡି (ନଂ ଓଡି ୦୭ ୨୫୪୦) କେନ୍ଦୁଝରଠାରୁ ଗୋପାଳପୁର ଆଇରନ ପଥର ନେଇ ଯାଉଥିବା ବେଳେ ଗଞ୍ଜାମ ଶନିମନ୍ଦିର ଚକଠାରେ ଚାଳକ ଜଣକ ଚା ପିଇବାକୁ ଗାଡି ରଖିଥିଲେ। ତେଣୁ ଶଟସର୍କିଟ ଯୋଗୁ ପୋଲିସ ଏହି ଘଟଣା ଘଟିଥିବା ଅନୁମାନ କରୁଛି। ଡ୍ରାଇଭର ଗୋବିନ୍ଦ ମହନ୍ତ ଏବଂ ହେଲପର କିରନ ମହାଙ୍କୁଡ ସୁସ୍ଥ ଥିବା ଜଣାପଡିଛି।

## ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆସିକା,୨୭।୨(ଡି.ଏନ.ଏ.):** ଆସିକାସ୍ଥିତ ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଭାଇସ ଚାନସଲାର ଡ. ରବୀନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବରୋଦା ମହାରାଜା ସାୟାଜୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଡ. ଶ୍ୱେତା ପ୍ରଜାପତି, ରେଜିଷ୍ଟ୍ରାର ସୁମିତ୍ରା କୁମାରୀ ପଟ୍ଟନାୟକ, ପାରଳାଖେମୁଣ୍ଡି କଲେଜର ସହକାରୀ ପ୍ରଫେସର ଡ. ବିଘ୍ନେଶ୍ୱର ମିଶ୍ର, ରାଜସ୍ଥାନ ବିଶ୍ୱବିଦ୍ୟାଳୟର ବେଦ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଉମେଶ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଭାଷା ମଧ୍ୟରେ ସଂସ୍କୃତ ଭାଷାର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଗବତ ସ୍ୱାମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଶେରଗଡ଼,୨୭।୨(ଡି.ଏନ.ଏ.):** ଶେରଗଡ଼ ବ୍ଲକ ପଟାପାଲ୍ଲି ଗ୍ରାମର ଭାଗବତ ସ୍ୱାମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୨୩ତାରିଖଠାରୁ ଆରମ୍ଭ ହୋଇଛି। ଏହି ଅବସରରେ କଳସ ଯାତ୍ରା, ସାଲା ପୂଜା, ବ୍ୟାପକ ପୂଜାର୍ଚ୍ଚନା କରାଯାଇଛି। ପ୍ରତିଦିନ ବ୍ରହ୍ମଣମାନଙ୍କ ଦ୍ୱାରା ହୋମ ଯଜ୍ଞ, ଗ୍ରାମରେ ଥିବା ଅସ୍ଥାୟୀ ସାଲା ମଧ୍ୟରେ ନାମ ସଂକୀର୍ତ୍ତନ ଅହରହ ଚାଲିଛି। ବିଶେଷ କରି ୪ଟି ଶାଳାରେ ପୂଜା ପାଠ ଚାଲିଛି। ବ୍ରାହ୍ମଣମାନଙ୍କ ମନ୍ତ୍ର ପାଠରେ ଆଖ ପାଖ ଅଞ୍ଚଳ ପ୍ରକମ୍ପିତ ହେଉଥିବା ବେଳେ ଓଁଙ୍କାର ଧ୍ୱନିରେ ଆଖ ପାଖ ୨୦ଖଣ୍ଡ ଗ୍ରାମ ଉତ୍ସବ ମୁଖର ହୋଇ ଉଠିଛି। ଆସନ୍ତା ମାର୍ଚ୍ଚ ୧ରେ ଉଦ୍‌ଯାପିତ ହେବାକୁ ଥିବାରୁ ଗ୍ରାମବାସୀ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଅବ୍ୟବସ୍ଥାରେ ଗଣ୍ଡସାହି, ବେଙ୍ଗସାହି ଅଙ୍ଗନୱାଡି

- ଅଧିକାଂଶ ସମୟ ବନ୍ଦ ରହୁଛି କେନ୍ଦ୍ର
- ପିଲାଙ୍କୁ ମିଳୁନି ପୁଷ୍ଟିକର ଆହାର

**ଫୁଲବାଣୀ ଅଫିସ/ଟିକାବାଲି, ୨୭।୨**

ସରକାର ଛୋଟ ପିଲା ଏବଂ ଗର୍ଭବତୀ ଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ଆହାର ଯୋଗାଇ ଦେଉଛନ୍ତି । ଯୋଜନାର ମୂଳ ଲକ୍ଷ୍ୟ ରହିଛି କେହି ଯେପରି ଅପପୁଷ୍ଟିର ଶୀକାର ନ ହେବେ । କିନ୍ତୁ ଗ୍ରାମାଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଏହି ଯୋଜନାକୁ ଜାଣିଶୁଣି ଦିଗହରା କରାଯାଉଛି। ଅଧିକାଂଶ ଦିନ କେନ୍ଦ୍ର ବନ୍ଦ ରହୁଛି। ଅଙ୍ଗନୱାଡି କର୍ମୀ ଏବଂ ସହାୟିକା ମାସରେ ଅଧା ଦିନ ଆସୁ ନାହାନ୍ତି । ଏଭଳି ଘଟଣା କନ୍ଧମାଳ ଜିଲା ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ ଗଣ୍ଡଗାଁ ଏବଂ ବେଙ୍ଗସାହି କେନ୍ଦ୍ରରେ ଦେଖିବାକୁ ମିଳିଛି । ୯ ନମ୍ବର ୱାର୍ଡ ଗଣ୍ଡସାହିରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଠାକୁ ଅଙ୍ଗନୱାଡି କର୍ମୀ ଆସୁ ନାହାନ୍ତି । ମାସରେ ୧୫ରୁ ଉର୍ଦ୍ଧ୍ୱ ଦିନ କେନ୍ଦ୍ର ବନ୍ଦ ରହୁଛି । ପିଲାଙ୍କୁ ପୁଷ୍ଟିକର ଆହାର ମିଳୁନାହିଁ। ଅଣ୍ଡା ଦେବାରେ ବି ଗଡବଡ କରାଯାଉଛି। କେନ୍ଦ୍ର ବନ୍ଦ ରହୁଥିବାରୁ ପିଲାମାନେ



ବେଙ୍ଗସାହି କେନ୍ଦ୍ରରେ ତାଲା ପଡିଛି।

ପଢ଼ି ପାରୁ ନାହାନ୍ତି । କର୍ମୀଙ୍କ କଥା ଛାଡ, କେନ୍ଦ୍ର ସହାୟିକା ଏଠାରେ ରହୁ ନାହାନ୍ତି। ସେ ତାଙ୍କ ମା'ଙ୍କୁ ଜଗାଇ ଦେଇ କୁଆଡେ ଚାଲି ଯାଉଛନ୍ତି । ଯେତେ କହୁଥିଲେ ମଧ ସେମାନେ ଶୁଣୁ ନାହାନ୍ତି ବୋଲି ଗଣ୍ଡସାହିର ଆଶୁତୋଷ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ବିପିନ କୁମାର ମୁଖି ପ୍ରମୁଖ ପ୍ରକାଶ କରିଛନ୍ତି । ଏ ନେଇ ଅଙ୍ଗନୱାଡି କର୍ମୀ ନର୍ମଦା ଦିଗାଲଙ୍କୁ ପଚାରିବାରୁ ମୁଁ କେନ୍ଦ୍ରକୁ ସବୁବେଳେ ଯାଉଛି । ଦେହ ଖରାପ ଥିଲେ କୋଉ ଦିନ ଯାଇ ନ ଥିବି ବୋଲି ନିଜ ପ୍ରତିକ୍ରିୟାରେ ରଖିଛନ୍ତି। ସହାୟିକା ମଞ୍ଜୁଳତା ନାୟକଙ୍କୁ ଫୋନରେ ଯୋଗାଯୋଗ କରା ଯାଇଥିଲେ ହେଁ ସେ ଫୋନ ଉଠାଇ ନାହାନ୍ତି କି ଗ୍ରାମରେ ରହୁ ନାହାନ୍ତି ।

୧୧ ନମ୍ବର ୱାର୍ଡ ବେଙ୍ଗସାହି ଅଙ୍ଗନୱାଡି କେନ୍ଦ୍ରକୁ କର୍ମୀ ଆସିବା ଯାହା ନ ଆସିବା ତାହା । ଅଧିକାଂଶ ଦିନ ୯ଟାରେ କେନ୍ଦ୍ରରେ ପହଞ୍ଚୁଛନ୍ତି । ୧୦ଟାରେ ବନ୍ଦ କରି ଚାଲି ଯାଉଛନ୍ତି । ପିଲା ଏବଂ ଗର୍ଭବତୀମାନଙ୍କୁ ରନ୍ଧା ଖାଦ୍ୟ ମିଳୁ ନାହିଁ । ପିଲାମାନେ ପାଠ ପଢ଼ି ପାରୁ ନାହାନ୍ତି । ଯେଉଁ ଦିନ ଅଧିକ ସମୟ ରହୁଛନ୍ତି, ସେହି ଦିନ ଖାଦ୍ୟ ଦିଆଯାଉଛି । ଆମେ ଏ ନେଇ ଦିଦିଙ୍କୁ କହୁଥିଲେ ମଧ ସେ କିଛି ଶୁଣୁ ନାହାନ୍ତି ବୋଲି ବେଙ୍ଗସାହିର ଟୁଙ୍ଗୁରୁ କହଁର, ସୁନେକା ଦିଗାଲ କହିଛନ୍ତି। ଘଟଣା ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଲୁଧିଆ ଦିଗାଲଙ୍କୁ ପଚାରିବାରୁ ମୁଁ ଅଙ୍ଗନୱାଡି କେନ୍ଦ୍ର କେବେ ବନ୍ଦ କରେ ନାହିଁ। ପିଲାଙ୍କୁ ଅଣ୍ଡା ସହ ସବୁ ଜିନିଷ ଦିଆଯାଉଛି । ମୁଁ କେବେ ଅବହେଳା କରେନାହିଁ ବୋଲି କହିଛନ୍ତି । ଏ ନେଇ ସିଡିପିଓ ପାନମଣୀ ହାଁସଦାଙ୍କୁ ପଚାରିବାରୁ ଗ୍ରାମବାସୀ କେହି ଏ ବିଷୟରେ ମୋ ପାଖରେ ଅଭିଯୋଗ କରି ନାହାନ୍ତି । ତଥାପି ଘଟଣାର ତଦନ୍ତ କରିବି ବୋଲି କହିଛନ୍ତି।

# ବିଧାୟକଙ୍କୁ ଘେରାଉକରି ଦାବିପତ୍ର ପ୍ରଦାନ



ବିଧାୟକ ଅରୁଣ ସାହୁଙ୍କୁ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

**ପ୍ରାଥମିକ ଶିକ୍ଷକ ସଂଘ**

**୩ ଦଫା ଦାବି ପୂରଣ ନେଇ ଆନ୍ଦୋଳନ**

**ନୟାଗଡ଼ ଅଫିସ,୨୭।୨**

ନୟାଗଡ଼ ବ୍ଲକ ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କୁ ଭୁବନେଶ୍ୱର ବାସଭବନକୁ ସୋମବାର ପୂର୍ବାହ୍ନରେ ଘେରାଉ କରାଯାଇଛି। ଏଥିସହ ଦାବିପତ୍ର ଦିଆଯାଇଛି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ, ୬ ବର୍ଷର ଠିକା କାର୍ଯ୍ୟକାଳକୁ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରୁଣା ପେନ୍‌ସନକୁ ପୁନଃ ପ୍ରଚଳନ କରିବା ଆଦି ୩ ଦଫା ଦାବି ନେଇ ଶିକ୍ଷକମାନେ ଦାବିପତ୍ର ଦେଇଛନ୍ତି। ସମ୍ପୃକ୍ତ ଦାବି ପୂରଣ ନେଇ ସରକାରଙ୍କ ନିକଟରେ ଶିକ୍ଷକମାନେ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ସରକାର ପ୍ରତିଶ୍ରୁତି ଦେଇ କୌଣସି ଗୋଟିଏ ବି ଦାବି ପୂରଣ କରୁନାହାନ୍ତି। ଡିସେମ୍ବରରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନକରି ଶିକ୍ଷକମାନଙ୍କ ସମସ୍ୟା ୨ ମାସ ମଧ୍ୟରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୩ ମାସ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ସରକାର ନିଦାବିଷ୍ଟୁ ସାଜି ଚୁପ୍ ହୋଇ ବସି ରହିଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ବିଧାୟକ ଓ ମନ୍ତ୍ରୀଙ୍କ ବାସଭବନରେ ନିଜ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶିକ୍ଷକମାନେ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସଂଗ୍ରାମ ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ସେଠୀ, ଲକ୍ଷ୍ମୀଧର ସାହୁ, ରବିନାରାୟଣ ଘଡେଇ, ଶରତ କୁମାର ସାମନ୍ତରାୟ, ଶରତ ପାଳ, ଚିତ୍ତରଞ୍ଜନ ଦାଶ, ପ୍ରକାଶ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା



କେନ୍ଦ୍ର ଫାଟକ ସମ୍ମୁଖରେ ବିଦ୍ୟାର୍ଥୀ।

**୩୩୮ ଛାତ୍ରୀଛାତ୍ର ଦେଲେ ପରୀକ୍ଷା**

**ବୁଗୁଡ଼ା,୨୭।୨(ଡି.ଏନ୍.ଏ.)**

ବୁଗୁଡ଼ା ପିପୁଲ୍ଲ ହାଇସ୍କୁଲ ଏବଂ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ଏହି ଦୁଇଟି କେନ୍ଦ୍ରରେ ସୋମବାର ଶିକ୍ଷାବର୍ଷ ୨୦୨୨-୨୩ର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ମୋଟ ୩୩୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ସେଥିମଧ୍ୟରୁ ଷଷ୍ଠ ଶ୍ରେଣୀ (ଷ୍ଟେଜ୍-୧)ର ୧୯୩ ଏବଂ ନବମ ଶ୍ରେଣୀ (ଷ୍ଟେଜ୍-୨)ର ୧୪୫ ଛାତ୍ରୀଛାତ୍ର ରହିଥିଲେ। ପିପୁଲ୍ଲ ହାଇସ୍କୁଲ କେନ୍ଦ୍ରରେ ଷ୍ଟେଜ୍-୧ର ୧୩୫ ଏବଂ ଷ୍ଟେଜ୍-୨ର ୪୨ ହିସାବରେ ମୋଟ ୧୭୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ସୁପରିଣ୍ଟେଣ୍ଡେଣ୍ଟ ଏବଂ ସହକାରୀ ଶିକ୍ଷକ କାହ୍ନୁ ଚରଣ ଗୌଡ଼ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଷ୍ଟେଜ୍-୧ର ୫୮ ଓ ଷ୍ଟେଜ୍-୨ର ୧୦୩ ହିସାବରେ ମୋଟ ୧୬୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ସୁପରିଣ୍ଟେଣ୍ଡେଣ୍ଟ ଏବଂ ସହକାରୀ ଶିକ୍ଷକ ୟୁ. ରବୀନ୍ଦ୍ର କୁମାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଥିଲେ।

## ଆଇନ ସଚେତନତା ଶିବିର

**ଆସିକା, ୨୭।୨(ଡି.ଏନ.ଏ.)**

ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ମହିଳା କମିଶନ ସହଯୋଗରେ ସ୍ଥାନୀୟ ବ୍ଲକ ସଭାଗୃହରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଜଜ୍ ତଥା ତାଲୁକା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରବୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନି ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା, ସ୍ୱେତା ଦାସ, ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ଶର୍ମା, ସୁରେନ୍ଦ୍ରନାଥ ପଣ୍ଡା, ନାରାୟଣ ମୁନି, ସିଡିପିଓ ଭାରତୀ ମହାପାତ୍ର, ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ସ୍ୱାର୍ଥରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ଓ ଆଶାକର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସାମିଲ ଥିଲେ।

## ରୋଟାରୀ କ୍ଲବର ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର ଅଫିସ,୨୭।୨**

ରୋଟାରୀ କ୍ଲବ ପକ୍ଷରୁ ରବିବାର ସହର ଉପକଣ୍ଠସ୍ଥ ନିମଖଣ୍ଡିଠାରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମଖଣ୍ଡି ସମେତ ଜଗଦଲପୁର, ଲୋଚାପଡା, ବୋରଗାଁ ପଞ୍ଚାୟତରୁ ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଅଂଶ୍ରଗହଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଛାତି ରୋଗ, ଦନ୍ତ, ଚକ୍ଷୁ, କର୍ଣ୍ଣ, ନାସା ଓ ଗଳା ରୋଗ ପରୀକ୍ଷା କରାଯାଇଥିଲା। ଭେଷଜ ବିଭାଗର ଡା ଜେ. ଭରତୁଲୁ, ଡା ନିହାର ରଞ୍ଜନ ସାହୁ, ଛାତି ରୋଗ ବିଭାଗର ଡା ପ୍ରିୟଜିତ ଜେନା, ଦାନ୍ତ ରୋଗ ବିଭାଗର ଧନଞ୍ଜୟ ମହାପାତ୍ର, ଡା ମହେଶ କୁମାର ମହାପାତ୍ର, ଚକ୍ଷୁ ରୋଗ ବିଭାଗର ଡା ଅଶ୍ୱିନୀ ବେହେରା ଓ କର୍ଣ୍ଣ, ନାସା ଓ ଗଳା ବିଭାଗର ଡା ଇ ରଞ୍ଜିତ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବହୁ ଜଟିଳ ରୋଗର ନିରାକରଣ କରିଥିଲେ। ରୋଟାରୀ କ୍ଲବ ପକ୍ଷରୁ ସତ୍ୟକାମ ପାତ୍ର, ଶିଶିର ପଟ୍ଟନାୟକ, ରଞ୍ଜିତ କୁମାର, ମଧୁସ୍ମିତା ସାହୁ ଓ ପ୍ରଦ୍ୟୁମ୍ନ ସାହୁ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ରାଜୀବ ଆବାସ କୋଠାରେ ତାଲା

**ପ୍ରମିଳା ତ୍ରିପାଠୀଙ୍କ ନାଁରେ ଏତଲା**

**ବ୍ରହ୍ମପୁର ଅଫିସ,୨୭।୨**

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅଧୀନ ନେହେରୁନଗରର ରାଜୀବ ଆବାସ ଯୋଜନା ଲାଗି ରହିଥିବା ଏକ ଘରକୁ ସାମାଜିକକର୍ମୀ ପ୍ରମିଳା ତ୍ରିପାଠୀ ମାଡି ବସିଛନ୍ତି। ଏନେଇ ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ. ସୋନାଲ ତାଙ୍କ ବିରୋଧରେ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୬୧/୨୩ ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ପ୍ରକାଶ ଯେ, ଗୋଷାଣୀନୂଆଗାଁ ଥାନା ଅଧୀନ ନେହେରୁନଗର ଦଶମ ଲାଇନ୍‌ର କେ.ବ୍ଲକ ନିକଟରେ ଥିବା ଏକ ସରକାରୀ ଘରକୁ ପ୍ରମିଳା ତାଲା ପକାଇ ରଖିଛନ୍ତି। ଫଳରେ ଯେଉଁ ହିତାଧିକାରୀମାନଙ୍କୁ ଏହି ଗୃହ ମଞ୍ଜୁର ହୋଇଥିଲା ସେମାନେ ସେଠାରେ ରହିପାରୁ ନାହାନ୍ତି। ଏଭଳି ଅଭିଯୋଗକୁ ନେଇ ବିଏମ୍‌ସି କମିଶନର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ପ୍ରମିଳା ତ୍ରିପାଠୀଙ୍କୁ ପଚାରିବାରୁ ମୁଁ କୌଣସି ସରକାରୀ ଜାଗା ମାଡି ବସିନାହିଁ । ବିଏମ୍‌ସି ମୋ ଜାଗା ମାଡି ବସିଛି। ମୋ ନାଁରେ ମିଥ୍ୟା ଅଭିଯୋଗ କରାଯାଇଛି, ମୁଁ ବିଏମ୍‌ସି ବିରୋଧରେ ବି ଥାନାରେ ଅଭିଯୋଗ କରିବି।

# ମନ୍ଦିର କଲ୍ୟାଣ ମଣ୍ଡପ ଉଦ୍‌ଘାଟନ

**ଆର.ଉଦୟଗିରି,୨୭।୨(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକର ଛେଳାଗଡ ଗ୍ରାମର ଶିବ ମନ୍ଦିରର କଲ୍ୟାଣ ମଣ୍ଡପ ଉଦ୍‌ଘାଟନ, ଶିଶୁ ପାର୍କ ପାଇଁ ଭୂମି ପୂଜା ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ସ୍ୱୟଂ ସହାୟକ ଦଳଗୁଡ଼ିକୁ ଲକ୍ଷାଧିକ ଟଙ୍କା ଆର୍ଥିକ ସହାୟତା ରବିବାର ପ୍ରଦାନ କରାଯାଇଥିଲା। ପଞ୍ଚାୟତର ୩୮ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମୁଦାୟ ୭୭ ଲକ୍ଷ ୮୫ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଆର୍ଥିକ ସହାୟତା ନେଇ ଏହି ଦଳଗୁଡିକ ବିଭିନ୍ନ ବ୍ୟବସାୟ କ୍ଷେତ୍ରରେ ବିନିଯୋଗ କରିବେ। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ



ଏସ୍‌ଏଚଜି ଗୋଷ୍ଠୀକୁ ଋଣ ଚେକ୍ ପ୍ରଦାନ କରୁଛନ୍ତି ଏମ୍‌ପି।

ପ୍ରଦୀପ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଜିଲା ପରିଷଦ ସଭାପତି ଗୋବରା ତ୍ରିରୁପତି ରାଓ, ବିଡିଓ ଲଗିମନ ଖର୍ସେଲ, ତହସିଲଦାର ଜ୍ୟୋର୍ତିମୟୀ ଦାସ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ଓ ଯମୁନା ଦବେହେରା ପ୍ରମୁଖ ଯୋଗଦେଇ ୫୦ ଜଣ ଭୂମିହିନଙ୍କୁ ଜଙ୍ଗଲ ଜମି ପଟା ବଣ୍ଟନ କରିଥିଲେ। ଏଥିସହ ଏକ ରୁରାଲ ପାର୍କର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋହନା ବିଧାୟକ ଗମାଙ୍ଗ ଶିବ ମନ୍ଦିରକୁ ପ୍ରଧାନ ସଡକ ଯୋଜନାରେ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ।

# ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଗୋପାଳପୁର,୨୭।୨(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କନିଷି ହାଟସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ବ୍ଲକ କଲୋନୀ)ର ସୋମବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପସଭାନେତ୍ରୀ ଏସ ରାଜେଶ୍ୱରୀ ଦୋରା, ବ୍ଲକ ଉପାଧ୍ୟକ୍ଷ ଅନିତା ମହାଙ୍କୁଡ଼, ୫୪ ନଂ ଜିଲା ପରିଷଦ ଦିପକ କୁମାର ସାମନ୍ତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ଭୂୟାଁ, ଜୟସେନ ପ୍ରଧାନ, ଚନ୍ଦ୍ରକାନ୍ତି ନାୟକ, ଅବସରପ୍ରାପ୍ତ ଗୋଷ୍ଠୀ ନିରୀକ୍ଷକ ଅଧିକାରୀ କେ. କୃଷ୍ଣମୂର୍ତ୍ତି ଆଚାରୀ, ସମିତିସଭ୍ୟ କବିତାରାଣୀ ଦାଶ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୁସୁମ କୁମାରୀ ପାଢ଼ୀ ବାର୍ଷିକ ବୀବରଣୀ ପାଠ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ୱେତ ପଦ୍ମ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥି ସହିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ଓ ସିଲ ପ୍ରଦାନ କରାଯାଇଥିଲା।ଏହି ଅବସରରେ ବିଦ୍ୟାଳୟ ସିଆର୍‌ସିସି ଦିଲୀପ କୁମାର ନାୟକ, ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, ଏସ୍‌ଏମ୍‌ସି ମେମ୍ବର ପ୍ରଶାନ୍ତ କୁମାର ହୋତା, ସରପଞ୍ଚ ପ୍ରେମ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

**ମହାମାୟୀ ମହିଳା ମହାବିଦ୍ୟାଳୟ**

# ଉଦ୍ଭିଦ ବିଜ୍ଞାନ ବିଭାଗ ପାଠଚକ୍ର

**ବ୍ରହ୍ମପୁର ଅଫିସ, ୨୭।୨**

ମହାମାୟୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର ମହାବିଦ୍ୟାଳୟ କନଫରେନ୍ସ ହଲରେ ଜୈବ ପ୍ରଯୁକ୍ତି ବିଜ୍ଞାନ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଏସ୍.ନାରାୟଣ ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ଼.ଅମିତା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅଧାପିକା ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ସବିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେମିନାର ସେକ୍ରେଟାରୀ ଭାବେ ଦ୍ୱିତୀୟ ବର୍ଷ ଛାତ୍ରୀ ରୋଶନୀ ତ୍ରିପାଠୀ ଓ ମାସନୀ ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଶେଷ ବର୍ଷ ଛାତ୍ରୀ ଏଲ୍ ଭବାନୀ, ଏ.ମଧୁସ୍ମିତା ଦେବୀ, ରୁକାର ପରବିନ୍, ଏସ୍.ସସ୍ମିତା , ସସ୍ମିଗ୍ଧା ମହାନ୍ତି ଏବଂ ଶିବାନୀ ପାତ୍ର ପ୍ରମୁଖ ନିଜ ନିଜ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଡ଼େମୋନଷ୍ଟ୍ରେଟର ପ୍ରିୟଦର୍ଶନୀ ମେକାପଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପାଠଚକ୍ରରେ ବିଭାଗୀୟ ଅଧ୍ୟାପିକା।

# ବିଜୁ କନ୍ୟା ରତ୍ନ ଯୋଜନା ଅଭିମୁଖୀକରଣ କାର୍ଯ୍ୟକ୍ରମ

**ବୁଗୁଡ଼ା,୨୭।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚାଇଲଡ ପ୍ରୋଟେକ୍ସନ ୟୁନିଟ୍ ଆନୁକୂଲ୍ୟରେ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ବିଜୁ କନ୍ୟା ରତ୍ନ ଯୋଜନା ଉପରେ ଜନପ୍ରତିନିଧିଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ ଅଧ୍ୟକ୍ଷତା କରିବା ସହ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ସଂଯୋଜକ ଶିବ ପ୍ରସାଦ ରଥ, ପ୍ରଶିକ୍ଷକ ଅମୀୟ କୁମାର ତ୍ରିପାଠୀ, ବିଡିଓ ବାସୁଦେବ ନାୟକ, ତହସିଲଦାର ସଂଗ୍ରାମ କେଶରୀ ଜେନା, ଆଇଆଇସି ଚିତ୍ତ ରଞ୍ଜନ ବେହେରା, ଆଡିସନାଲ୍ ଆଇଆଇସି ଶର୍ମିଷ୍ଠା ପ୍ରଧାନ, ଏମ୍‌ଭିଆଇ ନେତ୍ରାନନ୍ଦ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ମିଶ୍ର, ଭାରପ୍ରାପ୍ତ ରେଞ୍ଜର ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ବ୍ଲକର ଜନପ୍ରତିନିଧି ମାନଙ୍କୁ ବିଜୁ କନ୍ୟା ରତ୍ନ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିପିଇଓ ମନୋଜ କୁମାର ସାହୁ ସଂଯୋଜକ ଦାୟିତ୍ୱ ନିର୍ବାହ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୪୦୬ ଛାତ୍ରୀଛାତ୍ର ସିବିଏସ୍‌ଇ ପରୀକ୍ଷା ଦେଲେ

ବଡ଼ଚଣା,୨୭।୨(ଡି.ଏନ.ଏ.): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)ଦ୍ୱାରା ପରିଚାଳିତ ଚଳିତ ବର୍ଷର ୧୦ମ ଶ୍ରେଣୀ ପରୀକ୍ଷା ସୋମବାର ଆରମ୍ଭ ହୋଇଛି । ଚଣ୍ଡିଖୋଲଛକସ୍ଥିତ ଡ଼ିଆ୍ୟୁ ପବ୍ଲିକ ସ୍କୁଲଠାରେ ଗୁରୁକୂଳ ପବ୍ଲିକ ସ୍କୁଲ, ଧର୍ମଶାଳା ପବ୍ଲିକ୍ ସ୍କୁଲ, ଓଡ଼ିଆ ଆଦର୍ଶ ବିଦ୍ୟାଳୟ ଦେଉଳିପାଳ ଛାତ୍ରୀଛାତ୍ରଙ୍କ ସମେତ ୪୦୬ଜଣ ପରୀକ୍ଷା ଦେଇଛନ୍ତି। କପି ରୋକିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସମଗ୍ର ବିଦ୍ୟାଳୟକୁ ସିସିଟିଭି କ୍ୟାମେରା ପରିସରରେ ରଖାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବଡ଼ଚଣା ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରେ ଉତ୍ତର ଖାତାଗୁଡ଼ିକୁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ନିକଟସ୍ଥ ଡ଼ାକ ଘରେ ଜମା କରାଯାଇଛି ବୋଲି ସ୍କୁଲର ଅଧକ୍ଷା ସୁଜାତା ମହାପାତ୍ର କହିଛନ୍ତି ।

### ମେଧାବୀ ଛାତ୍ରୀଙ୍କ ପରଲୋକ

ଧର୍ମଶାଳା,୨୭।୨(ଡି.ଏନ.ଏ.)-ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ପ୍ରଧ୍ୟାପକ ସୂର୍ଯ୍ୟମଣି ବାରିକଙ୍କ ଏକ ମାତ୍ର ଝିଅ ସୌମ୍ୟଶ୍ରୀ ପ୍ରୟଦର୍ଶିନୀ (୨୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସୌମ୍ୟଶ୍ରୀ ଜଣେ ମେଧବୀ ଛାତ୍ରୀ ଭାବେ ବାୟୋଲୋଜି ରେ ଏମଏ ପାସ କରିଥିଲେ । ସେ କିଛି ଦିନ ତଳେ ହାଇଦ୍ରାବାଦ ଯାଇ ବିଏଡ ପରୀକ୍ଷା ଦେଇ ଘରକୁ ଫେରିଥିଲେ । ଶୁକ୍ରବାର ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯିବ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଧର୍ମଶାଳା ଜୁନିୟର କଲେଜର ସମସ୍ତ ପ୍ରଧ୍ୟାପକ, ଷ୍ଟାଫ ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ । ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ବ୍ରାହ୍ମଣୀ ନଦୀ କୂଳକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

### ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

ଧର୍ମଶାଳା,୨୭।୨(ଡି.ଏନ.ଏ.) ଜାରକା ଶାନ୍ତିବଜାରସ୍ଥିତ ଏକ ହସ୍ପିଟାଲ ପରିସରରେ ସୋମବାର କିଶୋରୀ ବୃନ୍ଦାବନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମେଡିସିନ, ଡାଇବେଟିସ, ସର୍ଜରୀ, ସ୍ତ୍ରୀ ଓ ପ୍ରସୁତୀ ହୃଦରୋଗ ବିଭାଗର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ୪୦୭ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ । ଡାକ୍ତର ସାର୍ଥକ ଶତପଥୀ, ମାନସ ରଞ୍ଜନ ଧଳ, ଶମ୍ଭୁନାଥ ଜେନା, ସ୍ମୃତିରଞ୍ଜନ ସ୍ୱାଇଁ, ବିନୋଦ ବିହାରୀ ମହାପାତ୍ର ପ୍ରମୁଖ ଏହି ଶିବିରରେ ଯୋଗଦେଇଥିଲେ ।

# ମେଗା ପ୍ରକଳ୍ପ ଜଳରେ ପରିବା ଚାଷ

କାଳିଆପାଣି,୨୭।୨(ଡି.ଏନ୍.ଏ.)



- ଖଣି ଅଞ୍ଚଳରେ ପାଣି ପାଇଁ ହାହାକାର
- ୫ଶହ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ

ଗ୍ରୀଷ୍ମ ପ୍ରବାହ ପ୍ରାରମ୍ଭରୁ ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି । ଧିରେ ଧିରେ ଭୂତଳ ଜଳସ୍ତର କମିବାରେ ଲାଗିଛି। ଏଥିପାଇଁ ନଦୀ,ପୋଖରୀ,କୂଅ ଓ ନଳକୂପରୁ ଜଳ ଶୁଖିବା ଆରମ୍ଭ ହୋଇଛି। ଏଣେ ସ୍ଥାନୀୟ ଲୋକମାନେ ଗତ ୫ ବର୍ଷ ହେବ ମେଗା ପାନୀୟ ଜଳ ପ୍ରକଳ୍ପକୁ ଅପେକ୍ଷା କରିଛନ୍ତି । ସେହି ପ୍ରକଳ୍ପରୁ ପାଣି ବାଲ୍‌ଟି ପାଇବା ବୋଧହୁଏ ଖଣି ଅଞ୍ଚଳ ଲୋକଙ୍କ ପାଇଁ ଦିବାସ୍ୱପ୍ନ ହୋଇଛି । ଏପରି ସ୍ଥିତିରେ କେତେଜଣ ବ୍ୟକ୍ତି ମେଗା ପାନୀୟ ଜଳ ପ୍ରକଳ୍ପ ପାଣିରେ ପରିବା ଚାଷ କରୁଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, କଅଁସ, କାଳିଆପାଣି, ଚିଙ୍ଗୁଡ଼ିପାଳ ଓ ରାଂସୋଳ ଆଦି ୪ ପଞ୍ଚାୟତରେ ୭ କ୍ରୋମାଇଟ ଖଣି କ୍ରିୟାଶୀଳ ରହିଛି । ଏହି ଖଣିଗୁଡ଼ିକ ଅତ୍ୟଧିକ ଗଭୀରତା ହେତୁ ଉପରୋକ୍ତ ୪ ପଞ୍ଚାୟତରେ ଜଳସଙ୍କଟ ଉଦ୍‌ବେଗଜନକ ସ୍ଥିତିରେ ରହିଛି । ଏହି ୪ ପଞ୍ଚାୟତର ଯେ କୌଣସି ଏକ ସ୍ଥାନରେ ଜଳ ସଂରକ୍ଷଣ ବିଶୋଧନ ପ୍ଲାଣ୍ଟ ନିର୍ମାଣ ହୋଇଥିଲେ ଖଣିଅଞ୍ଚଳବାସୀ ଉପକୃତ ହୋଇପାରିଥାଆନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ହେଲେ ଉପରୋକ୍ତ ୪ ପଞ୍ଚାୟତଠାରୁ ପ୍ରାୟ ୧୦ରୁ ୨୫ କିମି ଦୂରତା କାଙ୍କଡ଼ପାଳଠାରେ ଜଳ ବିଶୋଧନ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି । ଏହି ପ୍ଲାଣ୍ଟ ପାଇଁ ୨୦୧୮ରେ ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ୬୪ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ୭ ହଜାର ପରିବାରକୁ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖି କାମ ଆରମ୍ଭ କରାଯାଇଥିଲା। ୨୦୨୧ ନଭେମ୍ବରରୁ ଉକ୍ତ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯାଇ ପର୍ଯ୍ୟାୟ କ୍ରମେ ଅଦ୍ୟାବଧି ୬୯୦୦ଟି ପରିବାରକୁ ଜଳ ଯୋଗାଇ ଦିଆଯାଇଥିବା ଦାୟିତ୍ୱରେ ଥିବା କର୍ମଚାରୀ କହିଛନ୍ତି । ହେଲେ କେତେଜଣ ହିତାଧିକାରୀ ସେହି ପାଣିକୁ ଦୁରୁପଯୋଗ କରୁଥିବା ଅଭିଯୋଗ ହୋଇଛି । ପାନୀୟ ଜଳକୁ ସେମାନେ ନିଜ ବାଡ଼ିବଗିଚା କରିଥିବା ପରିବା ଚାଷ ପାଇଁ ବ୍ୟବହାର କରୁଛନ୍ତି । ଏଥିପାଇଁ ଉଚ୍ଚସ୍ଥାନରେ ଥିବା ଘରକୁ ପାଣି ପହଞ୍ଚିବାରେ ସମସ୍ୟା ସୃଷ୍ଟି ହେଉଛି । ଅଦ୍ୟାବଧି ସଂଯୋଗ ହୋଇଥିବା ପାଣି ପାଇପରୁ ହାତଗଣତି କେତେଜଣ ଲୋକ ସୁବିଧା ପାଉଥିବା ବେଳେ ଅନ୍ୟମାନେ ବାଲ୍‌ଟିଏ ପାଣି ପାଇ ଚାତକ ପରି ଅପେକ୍ଷା କରିଛନ୍ତି ।

ସୂଚନାଯୋଗ୍ୟ, ବ୍ରାହ୍ମଣୀ ନଦୀର ଜଳକୁ ପାଇପ ଯୋଗେ ଅଣାଯାଇ କାଙ୍କଡ଼ପାଳଠାରେ ତାକୁ ବିଶୋଧନ କରାଯାଉଛି । ଉକ୍ତ ପ୍ଲାଣ୍ଟକୁ ଦୈନିକ ୧୮ ଘଣ୍ଟା ଚାଲୁ କରାଯାଇ ୪୫ ଲକ୍ଷ ଲିଟର ପାଣି ବିଶୋଧନ କରାଯାଇ ମୁଣ୍ଡପିଛା ୭୦ ଲିଟର ହିସାବରେ ୧୦ ପଞ୍ଚାୟତର ୬୪ ହଜାର ଲୋକ ପାନୀୟ ଜଳ ସୁବିଧା ପାଇବା କଥା । କିନ୍ତୁ କାଗଜକଲମରେ ଏସବୁ ହିସାବ ରହିଥିବା ବେଳେ ବାସ୍ତବିକ ସ୍ଥିତି ଭିନ୍ନ ବୋଲି ଅଭିଯୋଗ ହୋଇଛି । ପ୍ରାୟ ୫ଶହ ପରିବାର ପାଖରେ ପାଣି ପହଞ୍ଚି ପାରି ନ ଥିବା ସୂଚନା ମିଳିଛି। ଏପରି ସମସ୍ୟାକୁ ସମାଧାନ କରିବା ପାଇଁ ତତ୍କାଳୀନ ଜିଲାପାଳ ସତ୍ୟ ରଞ୍ଜନ ମଲିକ ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ୬୪ କୋଟି ୬୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ହେଲେ ଜିଲା ପ୍ରଶାସନର ଅସହଯୋଗ କାରଣରୁ ଏହି ପ୍ରକଳ୍ପର ସୁଫଳ ଖଣି ଅଞ୍ଚଳ ଲୋକଙ୍କୁ ମିଳିପାରିନାହିଁ । ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ବୀଣାପାଣି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ସିଂହପୁର,୨୭।୨(ଡି.ଏନ.ଏ.)

ଚରପଡ଼ା ବୀଣାପାଣି ବିଦ୍ୟାମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ୨ଦିନ ଧରି ପାଳିତ ହୋଇଯାଇଛି। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ଉଦ୍‌ଘାଟକ ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ପ୍ରାକ୍ତନ ଜିଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା, ସମ୍ମାନୀତ ଅତିଥି ବ୍ଲକ ନୋଡାଲ ଅଫିସର ସଞ୍ଜୟ କୁମାର ସାମଲ, ସୁନା ସକାଳର ସମ୍ପାଦକ ଅକ୍ଷୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ବିଶ୍ୱାଳ ସ୍ୱାଗତ ଭାଷଣ ଓ ମିତ୍ରଭାନୁ ସାମନ୍ତ ସିଂହାର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଶୋକ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୁରୁମା ଜୟଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ପ୍ରଥମ ଦିବସରେ ଆଳିର ରାଜା ସାହେବ ବ୍ରଜକିଶୋର ଦେବ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ସାମାଜିକକର୍ମୀ ନିଳାଦ୍ରୀ ଭୁଷଣ ମହାପାତ୍ର, ମୁଖ୍ୟବକ୍ତା ରାଜେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବୈକୁଣ୍ଠ ନାଥ ପରିଡା, ସମ୍ମାନୀତ ଅତିଥି ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ପଣ୍ଡା, ହାଟସାହି ସରପଞ୍ଚ ସୀତାରାଣୀ ଦାସ, ଚରପଡା ସରପଞ୍ଚ ଧୀରେନ ଜେନା, ସହଦେବ ସାହୁ, ଖବରଦାତା ଶିବରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜେଜେମା ଓ ଜେଜେଙ୍କୁ ଛାତ୍ରୀଛାତ୍ରମାନେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା।

# କୋଠଡିହ ମଦିନାବାଗରେ ଜଲ୍‌ସା ଉତ୍ସବ



ଜଲ୍‌ସା ଉତ୍ସବରେ ଯୋଗଦେଇଥିବା ଅତିଥି ।

ବ୍ରହ୍ମବରଦା,୨୭।୨(ଡି.ଏନ.ଏ.)

ବ୍ରହ୍ମବରଦା ଥାନା ମଙ୍ଗଳପୁର ପଞ୍ଚାୟତ ସ୍ଥିତ ମଦିନାବାଗ କୋଠଡ଼ିହ ନିକଟରେ ଥିବା ମାଦ୍ରାସା ପ୍ରାଙ୍ଗଣରେ ଏକ ଜଲ୍‌ସା ଉତ୍ସବ ମୁଫ୍ତି ମହମ୍ମଦ ସନାଉଲ୍ଲା କାସ୍ମିଙ୍କ କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ଜଲ୍‌ସା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତରପ୍ରଦେଶର ମୁଖ୍ୟ ମୌଲାନା ସୟେଦ ଅଝର ମଦନି ଓ ସମ୍ମାନିତ ଅତିଥି ଭାବେ ମୌଲାନା ସାହାବ କାସ୍ମି, ମୌଲାନା ମୁଫ୍ତି ଅସ୍ରଫ୍ ସାବ୍ , ମୌଲାନା ଦାଉଦ୍ ସାବ୍ ଓ ମୌଲାନା ପାନିମ୍ ପ୍ରମୁଖ ଯୋଗଦେଇ ମହମ୍ମଦଙ୍କ ନୀତିବାଣୀ ବିଷୟରେ ଅଭିଭାଷଣ ରଖିବା ସହିତ ସମସ୍ତ ମୁସଲମାନ ଭାଇମାନଙ୍କୁ ଏକତା ବଜାଇ ରଖିବାକୁ ପରାମର୍ଶ ଦେଇଥିଲେ। କୋରାନ ଖାନ ପାଠ ସମାପ୍ତ କରିଥିବା ଉକ୍ତ ମାଦ୍ରାସାର ୪ ଛାତ୍ର ମହମ୍ମଦ ଗୁଲଫାନ, ମହମ୍ମଦ ପରୱେଜ୍, ମହମ୍ମଦ ଅବଦୁସ୍ ସଲାମ୍, ମହମ୍ମଦ ତନୱିରଙ୍କୁ ଏହି ଜଲ୍‌ସା ଉତ୍ସବରେ ମୁଖ୍ୟ ମୌଲାନା ସମ୍ବର୍ଦ୍ଧିତ କରି ସେମାନଙ୍କୁ ପଗିଡ଼ି ପିନ୍ଧାଇଥିଲେ। ଏହି ଜଲ୍‌ସାର ପରିଚାଳକ ଭାବେ ମୁଫ୍ତି ସନାଉଲ୍ଲା, ଜାକି ଆଲାମ୍, ଆଦିଲ୍ ଅକ୍ତର, ହାଜି ଅୟୁବ ସାବ୍, ମଜହର୍ ବକ୍ସ, ସେକ୍ ନୂରୁଲ୍ଲା ଓ ଅକ୍ତର ଖାନ ପ୍ରମୁଖ ସହଯୋଗ କରିଥିଲେ।

# ଜାରକା ମେଳଣ ପାଇଁ ପ୍ରସ୍ତୁତି

ଧର୍ମଶାଳା,୨୭।୨(ଡି.ଏନ.ଏ.)

ମାର୍ଚ୍ଚ ୧୨ରେ ଜାରକା ମେଳଣ ଅନୁଷ୍ଠିତ ହେବ । ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ ତ୍ରିନାଥ ମନ୍ଦିରରେ ସଭାପତି ଅଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମେଳଣ କମିଟିର ସମ୍ପାଦକ ଜଳଧର ସାହୁ କହିଛନ୍ତି, ମାର୍ଚ୍ଚ ୧୨ ରାତି ୧୦ଟାରେ ଜାରକା ମେଳଣ ଶୁଭାରମ୍ଭ ହେବ । ଐତିହ ପରମ୍ପରାକୁ ରକ୍ଷା କରି ଚଳିତ ବର୍ଷ ୧୬ ଓ ୫୦ଟି ଛୋଟ ରାଧାକୃଷ୍ଣ ବିମାନକୁ ନିମନ୍ତ୍ରଣ କରାଯିବା ସହ କୀର୍ତ୍ତନ, ଘଣ୍ଟବାଦ୍ୟ, ବାଣ, ଘୋଡାନାଚ ଓ ବାଡିଖେଳ ଆଣିବା ପାଇଁ ଠାକୁର ବାଡିଆଙ୍କୁ ଅନୁରୋଧ କରାଯିବ । ପ୍ରସ୍ତୁତି ବୈଠକରେ କିଶୋର ନାୟକ, ଅନିରୁଦ୍ଧ ରାଉତ, ଅଜାମ୍ବର ସାହୁ, ମନୋଜ କୁମାର ଦାସ, ସରପଞ୍ଚ ସୁଦାମ କୁମାର ବେହେରା, ରବି ନାରାୟଣ ସାହୁ,ପ୍ରତାପ ପ୍ରଧାନ, ମାନସ କୁମାର ମହାନ୍ତି, ଅମରେନ୍ଦ୍ର ରାଉତ, ସିଦ୍ଧାର୍ଥ ମହାନ୍ତି, ନକୁଳ ସାହୁ, ଅଶୋକ କୁମାର ବରାଳ, ବ୍ରଜ କୋଶୋର ମହାନ୍ତି, ଦିଲ୍ଲୀପ ଜେନା, ସବ୍ୟସାଚୀ ସୁନ୍ଦରରାୟ, ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ମେଳଣକୁ ସରସ ସୁନ୍ଦର କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।

# ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ



ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ବାଲିଚନ୍ଦ୍ରପୁର,୨୭।୨(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ପତରାଜପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାନୁଷ୍ଠାନର ୫ମ ବାର୍ଷିକ ଉତ୍ସବ ଇଂ. ଜ୍ୟୋତିପ୍ରକାଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସ୍ୱାମୀ ଶ୍ରୀ ସତ୍ୟଚୈତନ୍ୟ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଦୀକ୍ଷାନ୍ତ ଭାଷଣ ଦେଇଥିଲେ । ସେ କହିଲେ, ଲକ୍ଷ୍ୟ ହାସଲ ପାଇଁ ବହୁ ବାଧାବିଘ୍ନ ଆସିବ। ଏହାକୁ ସାମ୍ନା କରି ଧୈର୍ଯ୍ୟ ଓ ତପସ୍ୟା ବଳରେ ଟାଳିଦେଇ ପାରିବା । ମୁଖ୍ୟଅତିଥି ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପ୍ରତି ପ୍ରଫେସର ଡ.କୁମରବର ଦାସ ଯୋଗଦେଇ ସରଳତା ଓ ଦୁର୍ବଳତା ପିଲାଙ୍କୁ ଭଲ ମଣିଷ କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଚଣ୍ଡିଖୋଲ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ଯତିନ୍ଦ୍ର କୁମାର ରାଉତ କହିଲେ, କର୍ମ ମଣିଷକୁ ବଡ଼ କରେ। ପାଠପଢା ହେଉଛି ଆତ୍ମଜ୍ଞାନ ଶକ୍ତି ଯାହା ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥାଏ। ସମ୍ମାନିତ ଅତିଥି ଭାବେ କବି ରୁଦ୍ର ପ୍ରସନ୍ନ ସାମଲ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାସିକ ଶିକ୍ଷାନୁଷ୍ଠାନ ଅଧକ୍ଷ ପ୍ରାଧ୍ୟାପକ ଡ. ଶ୍ରୀନିବାସ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଇନ୍ଦୁମତି ଦାସ ଓ +୨ କଳା ପ୍ରାକ୍ତନ ଛାତ୍ରୀ ଲୋପିତା ଦାସ, +୨ ବିଜ୍ଞାନର ପ୍ରାକ୍ତନ ଛାତ୍ରୀ ମଧୁସ୍ମିତା ସାମଲଙ୍କୁ ସ୍ୱତନ୍ତ୍ର ଭାବେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗଦାଧର ଦାସ ଫାଉଣ୍ଡେଶନ ପକ୍ଷରୁ ୩ ଜଣ ମେଧାବୀ ଛାତ୍ରୀଛାତ୍ର ବର୍ଷା ପ୍ରିୟଦର୍ଶନୀ ଦାସ, ଅଭିନନ୍ଦନ ସାହୁ, ଅର୍ପିତା ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଂସ୍କୃତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବାଲିଚନ୍ଦ୍ରପୁର,୨୭।୨(ସ୍ୱ.ପ୍ର.)

ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ.ଚିତ୍ତରଞ୍ଜନ ମହାନ୍ତି, ଅଧକ୍ଷ ଡ. କୃଷ୍ଣ ଚନ୍ଦ୍ର ପାତ୍ର, କାର୍ଯ୍ୟକ୍ରମ ଅଧିକାରୀ ସୁଜାତା ଦାସ, ସାମାଜିକ କର୍ମୀ ସୁଧାଂଶୁ ମୋହନ ସାହୁ, ବଟକୃଷ୍ଣ ରାଉତ, ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ଖବରଦାତା ଅଖିଳ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଏହି ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀଶଙ୍କର ମିଶ୍ର, ସୁରେଶ ଚନ୍ଦ୍ର ଲେଙ୍କା, ଅଧ୍ୟାପିକା ପ୍ରମିଳା ଦାସ, ମନ୍ଦାକିନୀ ରାଉତ, କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ କୁମାର ଦାସ, ଅକ୍ଷୟ ତରାଇ, କୈଳାସ ତରାଇ, ଉଦୟ ତରାଇ, ସତ୍ୟନାରାୟଣ ବେହେରା, ସରପଞ୍ଚ ନିମାଇଁ ମଲ୍ଲିକ, ସମିତି ସଭ୍ୟା ଖିରାବ୍ଧୀ ତନାୟା ମଲ୍ଲିକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।




ରକ୍ତଦାନ ଶିବିରରେ ଯୋଗଦେଇଥିବା ଅତିଥିଙ୍କୁ ସମ୍ମାନିତ କରାଯାଇଛି।

# ବନ ବିଭାଗ ଉନ୍ନୟନ କାର୍ଯ୍ୟରେ ଅନିୟମିତତା

## ଚଣ୍ଡିଖୋଲ ବନ ବିଭାଗ

ବଡ଼ଚଣା,୨୭।୨(ଡି.ଏନ.ଏ.)

ପରିବେଶ ସୁରକ୍ଷା, ଚାରା ରୋପଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର କେତେଜଣ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଓ ଦୁର୍ନୀତଖୋର ମନୋବୃତ୍ତି ଯୋଗୁ ତାହା ସଫଳ ହୋଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଚଣ୍ଡିଖୋଲ ବନବିଭାଗର ବିଭିନ୍ନ ଯୋଜନା ତଥା ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି।

ଇକୋ ଟୁରିଜିମ୍ ଯୋଜନାରେ ପର୍ବତ ସେବା ନାମରେ ବାରୁଣାବନ୍ତ ପର୍ବତର ମହାବିନାୟକ ପୀଠର ପଶ୍ଚିମପାର୍ଶ୍ୱରେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ନିମନ୍ତେ ଡ଼ାକବଙ୍ଗଳା, ଏକ ଉଦ୍ୟାନ ଓ ସୁଇମିଂପୁଲ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ବଙ୍ଗଳାକୁ ଲାଗି ଘାସ ଗାଲିଚା, ବିଭିନ୍ନ ରଙ୍ଗର ଫୁଲ ଗଛ, ପର୍ବତର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ ଜଳ ଯୋଗାଣ ଅଭାବରୁ ସୁଇମିଂପୁଲ ଶୁଖିଲା ପଡ଼ିଛି। ଘାସ ଗାଲିଚା ଓ ଫୁଲଗଛଗୁଡ଼ିକ ଶୁଖି ଗଲାଣି। ନିର୍ମିତ ବଙ୍ଗଳାଟି ନିମ୍ନମାନର କାମ ହୋଇଥିବାରୁ କାନ୍ଥରେ ଫାଟ ସୃଷ୍ଟି ହୋଇଛି । ବିଭିନ୍ନ ସ୍ଥାନରୁ ସିମେଣ୍ଟ ଖସି ପଡିଛି। ଏହି ଯୋଜନାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଇଛି । ଉପରୋକ୍ତ ପ୍ରକଳ୍ପର ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଦରମା ନ ପାଇବାରୁ କାମ କରୁ ନାହାଁନ୍ତି। ସେହିପରି କାମ୍ପା ଯୋଜନାରେ ଚାରା ରୋପଣ ଓ ବାରୁଣାବନ୍ତ ପର୍ବତର ମଧ ଭାଗରେ ପର୍ବତ ଚାରି ପଟେ ରାସ୍ତା ସଂଯୋଗୀ ବନ୍ଧ ନିର୍ମାଣ ଯିବାର ଯୋଜନା ପ୍ରସ୍ତୁତ ହୋଇଥିଲା । ପର୍ବତ ଉପରୁ ବର୍ଷାଦିନେ ଗଡୁଥିବା ଜଳ ଏବଂ ଝରଣାର ଜଳ ସଂରକ୍ଷଣ କରିବା ପାଇଁ କୁଣ୍ଡମାନ ନିର୍ମାଣ କରାଯିବ ବୋଲି ବ୍ୟବସ୍ଥା ହୋଇଥିଲା । ସେହି କୁଣ୍ଡରୁ ବନ୍ୟଜନ୍ତୁମାନେ ପାଣି ପିଇବାର ବ୍ୟବସ୍ଥା କରାଯିବାର ଏହି ଯୋଜନାର ଲକ୍ଷ୍ୟ ଥିଲା । ଏଥିପାଇଁ ଲକ୍ଷାଧିକ ଟଙ୍କା ବିନିଯୋଗ କରାଯାଇଥିଲେ ମଧ୍ୟ ସବୁ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ଏହି କାମ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କରାଯିବା କଥା । କିନ୍ତୁ କେତେଜଣ ବେନାମୀ ଜବ୍‌କାର୍ଡ଼ଧାରୀଙ୍କ ମାଧ୍ୟମରେ ସେହି କାମ ନାମକୁ ମାତ୍ର କରାଯାଇଥିଲା । ମେଶିନ୍‌ରେ କାମ କରାଯାଇଛି। ଉକ୍ତ ଯୋଜନାରେ ୧୦ହଜାର ଚାରା ରୋପଣ କରାଯାଇଥିଲା । କିନ୍ତୁ ଜଳ ଯୋଗାଣ ଓ ରକ୍ଷଣାବେକ୍ଷଣ ଅଭାବରୁ ସବୁ ଗଛ ମରି ଶୁଖି ଯାଇଛି।





ଶୁଖିଲା ପଡ଼ିଛି ସୁଇମିଂ ପୁଲ୍ ଓ ପର୍ବତ ଚାରିପଟେ ନିର୍ମିତ ହୋଇଥିବା ପୋଖରୀ।

ପାନୀୟ ଜଳ ପାଇଁ ସରକାର କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିଲେ ମଧ ପର୍ବତ ଚାରିପଟେ ନିର୍ମିତ ୫ରୁ ଊର୍ଦ୍ଧ୍ୱ ପୋଖରୀରେ ଜଳ ନାହିଁ। ବାରୁଣାବନ୍ତ ପର୍ବତର ପୂର୍ବପଟେ ଦକ୍ଷିଣପୂର୍ବ ରେଳପଥ ଯାଇଛି। ବନ୍ୟଜନ୍ତୁମାନେ ଶୋଷରେ ଡ଼ହଳ ବିକଳ ହୋଇ ଏହି ରେଳପଥ ଅତିକ୍ରମ କରି ନିକଟସ୍ଥ ହାଇଲେଭ୍‌ଲ କେନାଲରୁ ପାଣି ପିଇବାକୁ ଆସିଥାନ୍ତି । ଏଥିପାଇଁ ଅଧିକାଂଶ ସମୟରେ ଟ୍ରେନ୍‌ରେ କଟି ବହୁ ଠେକୁଆ, ଖରାଙ୍ଗ ଏବଂ କୁଟୁରା ମରିପଡ଼ିଥିବା ଦେଖାଯାଇଛି। ଏହାକୁ ରୋକିବା ପାଇଁ ପର୍ବତ ଚାରିପଟେ ତାରବାଡ଼ ଦେଇ ସୋଲାର ସିଷ୍ଟମରେ ବିଦ୍ୟୁତ୍ ଚାର୍ଜ କରାଯାଇଥିଲେ ମଧ କେତେକ ସ୍ଥାନରେ ସେହି ବ୍ୟବସ୍ଥା କାମ କରୁନାହିଁ । ଅଧିକାଂଶ ସ୍ଥାନରେ ଚୋରମାନେ ଲୁହା ଆଙ୍ଗଲଗୁଡ଼ିକ କାଟି ନେଇଛନ୍ତି । କେତେକ ସ୍ଥାନରେ ତାରକଣ୍ଟାଗୁଡ଼ିକ ଭୂଇଁରେ ପଡ଼ିଛି। ବନବିଭାଗ ଅଧୀନରେ ଏକ ନର୍ସରୀ ନିର୍ମାଣ କରାଯାଇଛି। ଏହି ନର୍ସରୀ ପାଇଁ ନିର୍ମାଣ ହୋଇଥିବା ପାଚେରୀଟି ନିମ୍ନମାନର କାମ ଯୋଗୁ ଭାଙ୍ଗିବାକୁ ବସିଛି । ବାରୁଣାବନ୍ତ ପାଦଦେଶରେ ବନ ବିଭାଗ କାର୍ଯ୍ୟାଳୟ ଅଛି। ହେଲେ କାର୍ଯ୍ୟାଳୟକୁ ଯିବା ପାଇଁ ରାସ୍ତା ନାହିଁ। ପାଚେରୀରେ ଏକ ଫାଟକ ଲାଗିଥିଲେ ମଧ୍ୟ ତାହା ଭାଙ୍ଗି ଝୁଲି ରହିଛି। ପ୍ରତି କାମ ପାଇଁ ସୂଚନା ଫଳକ ଲଗାଯିବା କଥା କିନ୍ତୁ ଅଧିକାଂଶ ସ୍ଥାନରେ ଫଳକ ନାହିଁ। କେତେକ ସ୍ଥାନରେ ଫଳକ ଥିଲେ ମଧ କେତେ ଅର୍ଥ ବ୍ୟୟ ହୋଇଛି ଲେଖାଯାଇ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

ଉପରୋକ୍ତ ଅନିୟମିତତା ସମ୍ପର୍କରେ ଚଣ୍ଡିଖୋଲ ବନ ଅଧିକାରୀ ଶଶିକାନ୍ତ ବେହେରାଙ୍କୁ ପଚାରିବାରୁ ବର୍ଷା ନ ଥିବାରୁ ଗଛଗୁଡ଼ିକ ମରିଯାଉଛି। ଜଳାଶ୍ରୟ ଶୁଖିଲା ପଡ଼ିଛି । ଯେଉଁ କାମ ଅଧାହୋଇ ପଡ଼ିରହିଛି ଠିକାଦାରମାନେ ବିଲ ନ ପାଇ ଥିବାରୁ କାମ କରୁ ନାହାଁନ୍ତି। ବିଲ ଦୀର୍ଘଦିନ ହେଲା ପାସ ହୋଇ ପାରୁ ନାହିଁ। ମୋର ପଦୋନ୍ନତି ହୋଇ ସାରିଛି। ମୁଁ ପଳାଇଲେ ଯାଏ। ମୋର ଏଥିରେ କିଛି କରିବାର ନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଘଡ଼ିଆମାଳ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ରାଜନଗର, ୨୭ା୨ (ଡି.ଏନ.ଏ.): ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶୈଳେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଆବାସ, ରାଶନକାର୍ଡ, ଭତ୍ତା, ପାଇଖାନା ପ୍ରଭୃତି ଯୋଜନା ପାଇବାକୁ ଅଭିଯୋଗ କରିଥିଲେ। ତହସିଲଦାର ଭୂୟାଁ ୨୮ଟି ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିପିଇଓ ଧର୍ମେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଏହାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବ୍ରଜକିଶୋର ମହାନ୍ତି, ମାନସ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ମା'ପଞ୍ଚୁବରାହୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ରାଜନଗର, ୨୭ା୨(ଡି.ଏନ.ଏ.): ରାଜନଗର ବ୍ଲକ ବଗପାଟିଆସ୍ଥିତ ସାତଭାୟା ଥଇଥାନ ସ୍ଥଳୀରେ ଥିବା ମା' ପଞ୍ଚୁବରାହୀଙ୍କ ପୀଠରେ ୬୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞ ୮ ଦିନ ଧରି ଅନୁଷ୍ଠିତ ହେବ। ରବିବାର ମହାଯଜ୍ଞର ଶୁଭାଧିବାସ, ଅଙ୍କୁରାରୋପଣ, ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀପାଠ, ରାମାୟଣ ପ୍ରବଚନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୂଚନାଯୋଗ୍ୟ, ବଙ୍ଗୋପସାଗର ତଟବର୍ତ୍ତୀ ତଥପୋଇର ବଂଶଧର କୁହାଯାଉଥିବା ସାତଭାୟାବାସୀ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇବା ସହ ବିଶ୍ୱର କଲ୍ୟାଣ ପାଇଁ ଉପକୂଳ ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା' ପଞ୍ଚୁବରାହୀଙ୍କ ପ୍ରାଙ୍ଗଣରେ ଯଜ୍ଞ ଆରମ୍ଭ କରିଥିଲେ। ଧୀରେ ଧୀରେ ବଙ୍ଗୋପସାଗର ଗୋଟିଏ ପରେ ଗୋଟିଏ ଗାଁକୁ ନିଜ ଗର୍ଭକୁ ନେବା ପରେ ସାତଭାୟାବାସୀଙ୍କୁ ବଗପାଟିଆଠାରେ ରାଜ୍ୟ ସରକାର ଥଇଥାନକରି ନୂଆ ପରିଚୟ ଦେଇଛନ୍ତି। ଥଇଥାନସ୍ଥଳରେ ସାତଭାୟାବାସୀ ସାଗରକୂଳରୁ ମା' ପଞ୍ଚୁବରାହୀଙ୍କ ବିଗ୍ରହକୁ ଉଠାଇ ଆଣି ୨୦୧୮ ମସିହାରେ ବଗପାଟିଆଠାରେ ନିର୍ମିତ ନୂତନ ମନ୍ଦିରରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ମା'ପଞ୍ଚୁବରାହୀଙ୍କ ବିଭିନ୍ନ ପର୍ବ ମଧ୍ୟରୁ ଏହି ପାର୍ବଣ ଶ୍ରେଷ୍ଠ ପର୍ବ ରୂପେ ୬୦ ଦଶକଠାରୁ ସାତଭାୟାବାସୀ ପାଳନ କରି ଆସୁଛନ୍ତି। ମା'ଙ୍କ ପାର୍ବଣ ମହୋତ୍ସବରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଅଂଶଗ୍ରହଣ କରୁଛନ୍ତି। ମାର୍ଚ୍ଚ ୫ତାରିଖରେ ଗୋମାତାଙ୍କର ପୂଜାର୍ଚ୍ଚନା କରାଯିବା କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ପରମ୍ପରାକୁ ଆଧାରକରି ମା' ପଞ୍ଚୁବରାହୀଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମାରେ ପଶୁବଳୀ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ କରାଯାଇ କୁଷ୍ମାଣ୍ଡକୁ ବଳି ରୂପେ ସମର୍ପଣ କରାଯାଉଛି। ମା'ପଞ୍ଚୁବରାହୀ ପୂଜା କମିଟି ଏବଂ ସାତଭାୟା ପଞ୍ଚାୟତର ସମସ୍ତ ଅଧିବାସୀଙ୍କ ସହଯୋଗରେ ଏହି ଯଜ୍ଞ ଅନୁଷ୍ଠିତ ହେଉଛି।

# ମଧ୍ୟାହ୍ନଭୋଜନ ଚାଉଳ ୧୦ କେଜି କାଟି ଯୋଗାଣ

ଡେରାବିଶ, ୨୭ା୨(ସ୍ୱ.ପ୍ର.)

- ଡେରାବିଶରେ ମିଳିତ ଜନଶୁଣାଣିରେ ୯୮ ଅଭିଯୋଗ
- ୯୦ ବ୍ୟକ୍ତିଗତ, ୮ ସାମୂହିକ

ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଓ ପିଡି ରାଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ମିଳିତ ଜନଶୁଣାଣି କରିଥିଲେ। ଏଥିରେ ୯୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥି ମଧ୍ୟରୁ ୮ଟି ସାମୂହିକ ଓ ୯୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡେରାବିଶ ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡା, ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ ଓ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଏଥିସହ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ହେରଫେରକୁ ନେଇ ଅଭିଯୋଗ ହୋଇଥିଲା।

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟଗୁଡିକକୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ଦାୟିତ୍ୱରେ କେନ୍ଦୁଝର ଜିଲାର ଜନୈକ ଠିକାଦାର ରହିଛନ୍ତି। ସେ ଚତୁରତାର ସହ ପାୱାର ଅଫ ଆଟର୍ଣ୍ଣି ଭାବେ କେନ୍ଦ୍ରାପଡ଼ା ସହରର ଜଣେ ବ୍ୟକ୍ତିଙ୍କୁ ରଖି ବେନିୟମ ଭାବେ ବସ୍ତା ପିଛା ୧୦ କେଜି କମ ପରିମାଣର ମଧ୍ୟାହ୍ନ ଭୋଜନ ଚାଉଳ ବିଭିନ୍ନ ବିଦ୍ୟାଳୟକୁ ଜୋର ଜବରଦସ୍ତ ଭାବେ ଯୋଗାଉଥିବା ନେଇ ଜିଲାପାଳଙ୍କ ନିକଟରେ ଗୁରୁତର ଅଭିଯୋଗ ହୋଇଥିଲା। ସେହିପରି ଏହି କମ୍ ପରିମାଣର ଚାଉଳ ଦିଆଯାଉଥିବା ଘଟଣାକୁ ଯଦି ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା କୌଣସି ଶିକ୍ଷକ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବିରୋଧ କରୁଛନ୍ତି। ତେବେ ସେମାନଙ୍କୁ ନାନା ଉପାୟରେ ଭୟଭୀତ କରି ଜୋର ଜବରଦସ୍ତ ସେମାନଙ୍କଠାରୁ ଠିକ ଚାଉଳ ପାଇଥିବା ନେଇ ରସିଦ ଠିକାଦାର ଲେଖାଇ ନେଉଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ସମ୍ବେଦନଶୀଳ ଘଟଣା ଉପରେ ତୁରନ୍ତ ତଦନ୍ତ କରି ତାଙ୍କ ରିପୋର୍ଟ ପ୍ରଦାନ ନିମନ୍ତେ ଜିଲାପାଳ ଶିବିରରେ ଉପସ୍ଥିତ ଥିବା ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗୁଆଳସିଂ ପଞ୍ଚାୟତ ଅଧୀନ ଉଦୟନଗରଠାରେ ଏକ ସରକାରୀ ଶ୍ମଶାନ ଗୃହ ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ ପାଇଁ ୨ମାସ ହେଲା ପ୍ରଶାସନିକ ନିର୍ଦ୍ଦେଶ ରହିଛି। ହେଲେ ତହସିଲ ପ୍ରଶାସନ ପକ୍ଷରୁ ଏହାର କାର୍ଯ୍ୟକାରୀ କରାଯାଉ ନ ଥିବା ନେଇ ସରପଞ୍ଚ ମଧୁସ୍ମିତା ଦାସ ଓ ପ୍ରତିନିଧି ଦୀଲିପ ଦାସ ଅଭିଯୋଗ କରିଥିଲେ। ଏଥିସହ ନରସିଂହପୁର ପଞ୍ଚାୟତ ଅଧୀନ ନରସିଂହପୁର ଗ୍ରାମବାସୀଙ୍କୁ ଯୋଗାଣ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଏଣ୍ତର ପ୍ରାଥମିକ କୃଷି ସମବାୟ ସମିତି ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମ ନିକଟସ୍ଥ ରାଜୀବ ଗାନ୍ଧି ସେବା କେନ୍ଦ୍ରରେ ସାମଗ୍ରୀ ବଣ୍ଟନ କରୁଥିଲେ। ନିର୍ବାଚନ ସରିଲା ପରେ ଉକ୍ତ ସ୍ଥାନ ପରିବର୍ତ୍ତେ ୩ କିମି ଦୂରରେ ଥିବା ସମବାୟ ସମିତିରେ ସାମଗ୍ରୀ ବଣ୍ଟନର ବ୍ୟବସ୍ଥା କରିଥିବାରୁ ଗ୍ରାମବାସୀ ଯାତାୟାତ ଓ ସାମଗ୍ରୀ ବୋହି ଆଣିବାରେ ଅସୁବିଧାର ସମ୍ମୁଖିନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଉପଭୋକ୍ତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୂର୍ବବତ ରାଜୀବ ଗାନ୍ଧି ସେବା କେନ୍ଦ୍ରରେ ଯୋଗାଣ ସାମଗ୍ରୀ ବଣ୍ଟନ ପାଇଁ ବ୍ୟବସ୍ଥା କରିବାକୁ ସମିତିସଭ୍ୟ ଅନନ୍ତ ପ୍ରସାଦ ଜେନାଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ଏଥିରେ ଜିଲା ପ୍ରଶାସନ ଅଧୀନ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲା ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଏବିଡିଓ ଭଞ୍ଜ କିଶୋର ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ଡେରାବିଶରେ ଜିଲା ପ୍ରଶାସନର ମିଳିତ ଜନଶୁଣାଣିରେ ଜିଲାପାଳ ଅମୃତ ଋତୁରାଜ ଓ ଅନ୍ୟମାନେ।

### ବାବା ଅନାଦି କୃଷକ ଉତ୍ପାଦକ କମ୍ପାନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଜନଗର,୨୭ା୨(ଡି.ଏନ୍.ଏ.)

ଭାରତ ସରକାରଙ୍କ ଦ୍ୱାରା ନାଫେଡ୍ ମାଧ୍ୟମରେ ଗଠନ ହୋଇଥିବା ବାବା ଅନାଦି କୃଷକ ଉତ୍ପାଦକ କମ୍ପାନୀର ରାଜନଗର ମୁଖ୍ୟ କାର୍ଯ୍ୟାଳୟ ଘଡ଼ିଆମାଳ ପଞ୍ଚାୟତର ଜୁଣଗଡ଼ିଠାରେ ମୁଖ୍ୟଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟନ କରିଥିଲେ। ଏହି କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୧୦ଟି ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ କରିଛି। ଚାଷୀମାନଙ୍କୁ ଉଚିତ୍ ଦାମରେ ସାର, ବିହନ ଓ ଔଷଧ ଯୋଗାଇବା ସହ କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳର ପ୍ରୟୋଗ କ୍ଷେତ୍ରରେ କାର୍ଯ୍ୟ କରୁଛି। କୃଷି କ୍ଷେତ୍ରରେ ଡ୍ରୋନର ବ୍ୟବହାର, ମୃତ୍ତିକା ପରୀକ୍ଷା କେନ୍ଦ୍ର ସ୍ଥାପନ ଓ କୃଷିଜାତ ସାମଗ୍ରୀ ବିକ୍ରିବଟାରେ ଚାଷୀମାନଙ୍କୁ ସହାଯ୍ୟର ହାତ ବଢାଇବା ସହ ଉନ୍ନତମାନର ରୋଗ ପ୍ରତିରୋଧକ ବିହନ ଯୋଗାଇବା ପାଇଁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ସାମାଜିକ କର୍ମୀ ସର୍ବେଶ୍ୱର ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ଋଚିସ୍ମିତା ନାୟକ, ରାକେଶ ନାୟକ, ବସନ୍ତ ବେହେରା, ବସନ୍ତ ନାୟକ, ନୀଳମଣି ପ୍ରଧାନ ପ୍ରମୁଖ କୃଷକ ଯୋଗ ଦେଇଥିଲେ। ଗୋବର୍ଦ୍ଧନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତରରେ ସହରବାସୀ ସନ୍ତୁଷ୍ଟ ନୁହନ୍ତି

କେନ୍ଦ୍ରାପଡ଼ା ଅଫିସ, ୨୭ା୨

### ସିଟି ହସ୍ପିଟାଲ ସ୍ଥାପନ ଦାବିରେ ଆନ୍ଦୋଳନ ପ୍ରସଙ୍ଗ

କେନ୍ଦ୍ରାପଡ଼ା ସହରର ଖଡିଅଙ୍ଗସ୍ଥ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମିରେ ସିଟି ହସ୍ପିଟାଲ ସ୍ଥାପନା ଦାବିରେ ନୂଆ ମୋଡ଼ ଆସିଛି। ଶାସକ ଦଳ ସହରରେ ସ୍ୱାସ୍ଥ୍ୟସେବା ପ୍ରତି ସମ୍ବେଦନଶୀଳ ନୁହନ୍ତି। ବିଧାନସଭାରେ ସ୍ଥାନୀୟ ବିଧାୟକ ଶଶିଭୂଷଣ ବେହେରାଙ୍କ ଏ ପ୍ରସଙ୍ଗକୁ ଆଲୋଚନାକୁ ଅଣାଯାଇନାହିଁ। ତେବେ ଶୂନ୍ୟକାଳରେ ବିଧାୟକ ବେହେରାଙ୍କ ଅଣତାରକା ପ୍ରଶ୍ନର ଉତ୍ତର ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଦେଇଥିଲେ ହେଁ ସହରବାସୀ ସନ୍ତୁଷ୍ଟ ହୋଇପାରିନାହାନ୍ତି। ଫଳରେ ଦାବି ପୂରଣ ପର୍ଯ୍ୟନ୍ତ ସହରବାସୀଙ୍କ ଆନ୍ଦୋଳନ ଜାରି ରଖିବେ ବୋଲି ମେଡ଼ିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି, ବିଭିନ୍ନ ରାଜନୈତିକ ଦଳର ନେତା ମତ ଦେଇଛନ୍ତି।

ଏ ସମ୍ପର୍କରେ ବିଧାୟକ ବେହେରା କହିଛନ୍ତି ଯେ, ପୁରୁଣା ସ୍ଥାନରେ ଜିଲା ମୁଖ୍ୟ ଚିକିତ୍ସାଳୟ ସହର ନିକଟସ୍ଥ ସାମଗୁଡିଆକୁ ଜାନୁୟାରୀରେ ସ୍ଥାନାନ୍ତର ହୋଇଛି। ସହରର ଆଖପାଖ ଅଞ୍ଚଳର ସ୍ୱାସ୍ଥ୍ୟସେବା, ପୁରୁଣା ସ୍ଥାନର ବ୍ୟବସାୟ ଅନୁଷ୍ଠାନ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟଭାର ଲାଘବ ଆଦି ପାଇଁ ସହରବାସୀ ଶାନ୍ତିପୂର୍ଣ୍ଣ ଭାବେ ୨ମାସ ଧରି ସିଟି ହସ୍ପିଟାଲ ଦାବି କରି ଆସୁଛନ୍ତି। ଏ ପ୍ରଶ୍ନର ଉତ୍ତର ସ୍ୱାସ୍ଥ୍ୟମନ୍ତ୍ରୀ ପୂଜାରୀ ଦେଇଥିଲେ ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାରୁ ଏହି ଦାବି ପୂରଣ ହେବ। ଅପରପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି, ଏହି ଅଣତାରକା ପ୍ରଶ୍ନର ଉତ୍ତର ଆମକୁ ସନ୍ତୁଷ୍ଟ କରିପାରିନାହିଁ। ସହରବାସୀଙ୍କ ଦାବିର ଯଥାର୍ଥତା ଅଛି। ସିଟି ହସ୍ପିଟାଲ ବଦଳରେ ଆମ କ୍ଲିନିକ୍ ଯୋଜନାରେ ବିଶେଷଜ୍ଞ ଯୋଗାଇବା ନେଇ ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ଭାଜପା ଜିଲା ପ୍ରତିନିଧି କିଶୋର ପରିଡା କହିଛନ୍ତି, ଜିଲାର ବିକାଶକୁ ନେଇ ସ୍ଥାନୀୟ ଲୋକ ପ୍ରତିନିଧି କେବେ ହେଲେ ସଚେତନ ନୁହନ୍ତି। ଏହାର ପ୍ରତିଫଳନ ସ୍ଥାନୀୟ ବିଧାୟକ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରଶ୍ନ ଉତ୍ତରରେ ଦେଖିବାକୁ ମିଳିଛି। ବିଧାୟକ ବେହେରା ସିଟି ହସ୍ପିଟାଲ କିମ୍ବା ବିଶେଷଜ୍ଞ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ସିଟି ହସ୍ପିଟାଲ ଦାବିକୁ ଛାଡି ବିଶେଷଜ୍ଞ ଯୋଗାଇ ଦେବାକୁ କେବଳ ଆଶ୍ୱାସନା ଦେଇଛନ୍ତି। ଫଳରେ ସହରବାସୀଙ୍କ ସିଟି ହସ୍ପିଟାଲ ଆଶା ନିରାଶ ହୋଇପଡିଛି। ଏଏପିର ଜିଲା ସଭାପତି ସନ୍ଦୀପ୍ତ ଦାସ କହିଛନ୍ତି, ନିର୍ବାଚନ ସମୟରେ ବରୁଣେଇ ବନ୍ଦର, ଆଖଡ଼ାଶାଳୀ ବନ୍ଦର, ଶିଳ୍ପ, ଅଳାଇଲୋରେ ପାୱାରପ୍ଲାଣ୍ଟ, କେନ୍ଦ୍ରାପଡ଼ା ସହରକୁ ଗୁଡଗାଁଓ ପରି ବିକଶିତ କରିବା ନେଇ ଶାସକ ଦଳ ପ୍ରତିଶ୍ରୁତି ଦେଇ ଗୋଟିଏ ହେଲେ ଅଦ୍ୟାବଧି କାର୍ଯ୍ୟକାରୀ କରି ପାରିନାହିଁ। ସିଟି ହସ୍ପିଟାଲ ଦ୍ୱାରା ସ୍ୱାସ୍ଥ୍ୟସେବା ପରି ସମ୍ବେଦନଶୀଳ ପ୍ରସଙ୍ଗକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତରରେ ଅଣଦେଖା କରାଯାଇଛି। କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ହେମନ୍ତ କୁମାର ଜେନା, ଗୟାଧର ଧଳ, ହିଫଜୁର ରହେମାନ, ସୌମେନ୍ଦ୍ର ପୃଷ୍ଟି ପ୍ରମୁଖ କହିଛନ୍ତି, ସହରବାସୀଙ୍କ ସ୍ୱାସ୍ଥସେବା ପରି ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜ୍ୟ ସରକାର ଏଡାଇବାକୁ ଚେଷ୍ଟା କରିଛନ୍ତି। ତେବେ ଦାବିର ଯଥାର୍ଥତା ଥିବାରୁ ଆନ୍ଦୋଳନକୁ ଆହୁରି ଅଧିକ ବ୍ୟାପକ କରାଯିବ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଆନ୍ଦୋଳନ କରୁଛନ୍ତି।

### ମାର୍ଚ୍ଚ ୨୪ରୁ ଖମାରସାହିରେ ସନାତନ ଧର୍ମ ସମ୍ମିଳନୀ

ରାଜନଗର,୨୭ା୨(ଡି.ଏନ.ଏ.)

ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀର ୫୩ତମ ରାଜ୍ୟ ସ୍ତରୀୟ ସନାତନ ଧର୍ମ ସମ୍ମିଳନୀ ବ୍ଲକ ଖମାରସାହିଠାରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ସେବକ ଅଭୟ ଦାସଙ୍କ ସଂଯୋଜନାରେ ସମ୍ମିଳନୀ ପାଇଁ ଚୂଡ଼ାନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି। ଡାଙ୍ଗମାଳ, କୃଷ୍ଣନଗର, ଖମାରସାହି ଗାଁର ଲୋକ ପ୍ରତିନିଧି, ମୁରବୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ମାର୍ଚ୍ଚ ୨୪ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଶାନ୍ତିଧାନ କରମଳାର ବହୁ ସାଧୁସନ୍ଥ, ପ୍ରବଚକଙ୍କ ସହ ଓଡ଼ିଶା ତଥା ବାହାରୁ ବହୁ ଭକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ୨୩ ତାରିଖରେ ରାଜନଗରରୁ ଠାକୁରଙ୍କୁ ପାଛୋଟି ଅଣାଯିବା ପରେ ମା'ଜୟଦୁର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସେଠାରେ ରହିବେ। ୨୪ ତାରିଖ ସକାଳୁ ମା'ଙ୍କ ପୀଠରୁ ଠାକୁରଙ୍କୁ ସମ୍ମିଳନୀ ସ୍ଥଳକୁ ନିଆଯିବ। ସେଠାରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଧର୍ମ ସମ୍ମିଳନୀ ଆରମ୍ଭ ହେବ। ସମ୍ମିଳନୀକୁ ସଫଳ କରିବାକୁ ବିଭିନ୍ନ ପରିଚାଳନା କମିଟି ଗଠନ କରାଯାଇଛି। ୩ ପଞ୍ଚାୟତବାସୀଙ୍କ ପୂର୍ଣ୍ଣ ସହଯୋଗରେ ଏହି ସମ୍ମିଳନୀ ଆୟୋଜନ କରାଯିବ।

# ଦେମାଳ କ୍ରିକେଟ୍ ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ଆଳି,୨୭ା୨(ଡି.ଏନ୍.ଏ.)

### ୩ୟ ଗୌରହରି ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଆଳି ବ୍ଲକ ନିଆଳ ପଞ୍ଚାୟତ ତେଲିପାଟଣା କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୩ୟ ଗୌରହରି ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୌଡ଼ପାଟଣା ଟିମ୍‌କୁ ହରାଇ ଦେମାଳ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଗୌଡ଼ପାଟଣା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ୍ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ଦେମାଳ ଟିମ୍ ୯.୨ ଓଭରରେ ୪ ଉଇକେଟ୍ ହରାଇ ୧୮୩ ରନ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପ୍ରମୋଦ ମଲ୍ଲିକ ଓ ବନମାଳୀ ସେନାପତି ଯୋଗ ଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଦେମାଳ ଟିମ୍‌ର କୁମାର ଶିବ ଓ ମ୍ୟାନ ଅଫ ଦି ସିରିଜ ଟ୍ରଫି ଗୌଡ଼ପାଟଣା ଟିମ୍‌ର ସୌଭାଗ୍ୟ ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା। ଦେମାଳ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୮ ହଜାର ଟଙ୍କା ଓ ଗୌଡ଼ପାଟଣାକୁ ଟ୍ରଫି ସହ ୫ ହଜାର ଟଙ୍କା ଦିଆଯାଇଥିଲା। ଖେଳକୁ ଅମ୍ପେୟାର ବିକନ ଓ ସତ୍ୟରଞ୍ଜନ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସୁଶାନ୍ତ ସାହୁ ପରିଚାଳନା କରିଥିବା ବେଳେ ଶ୍ରୀକାନ୍ତ ମଲ୍ଲିକ, ଦୀପକ ବେହେରା, ଚିରଞ୍ଜୀବୀ ବେହେରା, ମାନସ ରଞ୍ଜନ ବେହେରା, ଅବିନାଶ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୨ୟ କ୍ୱାର୍ଟରରେ ଭୁବନେଶ୍ୱର ବିଜୟୀ


ଟୁର୍ଣ୍ଣାମେଣ୍ଟରେ ଉପସ୍ଥିତ ଅତିଥିମାନେ।

ରାଜନଗର, ୨୭ା୨(ଡି.ଏନ.ଏ.)

### ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରାଜନଗର ବ୍ଲକ ଫିଙ୍ଗିଦାଣ୍ଡି ଖେଳ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳ ସୋମବାର ବରୀ ଇଲେଭେନ ଯାଜପୁର ଓ ଜୟଦେବ କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟଦେବ କ୍ରିକେଟ ଟିମ୍ ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭର ମ୍ୟାଚରେ ୧୮.୩ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦୀପକ ୩୦ ବଲରେ ୧ ଛକା, ୪ ଚୌକା ବିନିମୟରେ ୩୨ ରନ, ଉମେଶ ୨୫ ବଲରୁ ୨ ଛକା ଓ ୧ ଚୌକା ସହାୟତାରେ ୨୩ରନ ସଂଗ୍ରହ କରିଥିଲେ। ଜବାବରେ ବରୀ ଇଲେଭେନ ଯାଜପୁର ଦଳ ନିର୍ଦ୍ଧାରିତ ୨୦ ଓଭରର ମ୍ୟାଚରେ ୧୫.୧ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୮ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ମଲ୍ଲିକ ୨୦ ବଲରୁ ୨ ଛକା ସହାୟତାରେ ୧୬ ରନ୍, ଦିବ୍ୟଜ୍ୟୋତି ୭ ବଲ୍‌ରେ ୩ ଚୌକା ସହାୟତାରେ ୧୩ ରନ କରିଥିଲେ। ଜୟଦେବ ଟିମ୍‌ର ଦୀପକ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ୨ୟ ଟିମ୍ ଭାବେ ଭୁବନେଶ୍ୱର ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଗଙ୍ଗାରାମପୁର ସମିତିସଭ୍ୟ ବିଶ୍ୱରଞ୍ଜନ ଭୂୟାଁ ଓ ସଂସାରଫଳ ସମିତିସଭ୍ୟ ପର୍ଶୁରାମ ବେହେରା ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ମଙ୍ଗଳବାର ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା ଓ ପିସିସି କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ୩ୟ କ୍ୱାର୍ଟର ଅନୁଷ୍ଠିତ ହେବ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ତନୁଜ କୁମାର ସାହୁ, ନିରଞ୍ଜନ ଦାସ, ପବିତ୍ର, ଜଗନ୍ନାଥ ପ୍ରମୁଖ ପରିଚାଳନା କରିଥିଲେ।

# ବିମାନ ଶୋଭାଯାତ୍ରାରେ ଡିଜେ, ବାଣ ବନ୍ଦ

ଡେରାବିଶ, ୨୭ା୨(ସ୍ୱ.ପ୍ର.)

- ମାର୍ଚ୍ଚ ୬ରେ ପ୍ରସିଦ୍ଧ ଓଲକଣା ମେଳଣ
- ପ୍ରଶାସନିକ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ପ୍ରସିଦ୍ଧ ଓଲକଣା ମେଳଣ ମାର୍ଚ୍ଚ ୬ରେ ଅନୁଷ୍ଠିତ ହେବ। ଚଳିତ ବର୍ଷ କୋଭିଡ କଟକଣା ନ ଥିବାରୁ ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ସନ୍ଧ୍ୟାରେ ପ୍ରଶାସନିକ ବୈଠକ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମେଳଣ ସମନ୍ୱୟ କମିଟି ସଭାପତି ଡ. ନାମାନନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କଟକ ଜିଲା ପ୍ରଶାସନ ପକ୍ଷରୁ ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳ ଓ ଭଦ୍ରେଶ୍ୱର ଥାନା ଏଏସ୍‌ଆଇ ପ୍ରୀତିକାନ୍ତ ରାୟ, କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଡେରାବିଶ ବିଡିଓ ଦାସରଥି ଜେନା, ଏବିଡିଓ ଭଞ୍ଜ କିଶୋର ନାୟକ, ଡେରାବିଶ ଥାନା ଏସ୍‌ଆଇ ନାରାୟଣ ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ତେବେ ୨୦୨୨ ନଭେମ୍ବରରେ କେନ୍ଦ୍ରାପଡ଼ା ଜିଲା ବାଲିଆଠାରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବରେ ପ୍ରଶାସନ ନିୟମକୁ ଉଲ୍ଲଂଘନ କରି ଡିଜେ ବଜାଇବା ସହ ବାଣ ଫୁଟାଯାଇଥିଲା। ଫଳରେ ଏଠାରେ ବାଣ ବିସ୍ଫୋରଣ ଘଟି ବହୁଲୋକ ଗୁରୁତର ହେବା ସହ ୨ଜଣଙ୍କ ମୃତ୍ୟୁ ହୋଇଥିବା ବିଷୟରେ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଠାକୁରବାଡ଼ି ସେବକ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଓଲକଣା ମେଳନରେ ଅଧିକ ଜନସମାଗମ ହେଉଥିବାରୁ ଏହି ମେଳନର ଶୃଙ୍ଖଳାକୁ ଦୃଷ୍ଟିରେ ରଖି କୌଣସି ବିମାନ ସମ୍ମୁଖରେ ଡିଜେ ନବାଜାଇବା ଓ ବାଣ ନ ଫୁଟାଇବାକୁ ପ୍ରଶାସନିକ ଅଧିକାରୀମାନେ ତାଗିଦ୍ କରିଥିଲେ। ତେବେ ପ୍ରତ୍ୟେକ ବିମାନ ସମ୍ମୁଖରେ କେବଳ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରାରେ ଆସିପାରିବ ବୋଲି ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ମେଳଣ ପଡ଼ିଆ ମଧ୍ୟକୁ ୪ ଦ୍ୱାର ଦେଇ ଆସୁଥିବା ବିମାନ ପାଇଁ ସେହି ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଓ ମେଳଣ ପଡ଼ିଆରେ ପାନୀୟ ଜଳ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବ୍ୟବସ୍ଥା ନେଇ ହଳଦିଆ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନେନ୍ଦ୍ର କୁମାର ସାହୁ ଓ ଏଣ୍ତର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ବିମାନ ମେଳଣ ପଡ଼ିଆକୁ ଆସିବା ପାଇଁ ସଭାପତି ଡ. ଦାସ ଉପସ୍ଥିତ ସମସ୍ତ ଠାକୁରବାଡ଼ି ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, କରୁଣାକର କର, ମକର ଚନ୍ଦ୍ର ପ୍ରଧାନ, ବିଜୟ କୁମାର ମଲିକ, ରତିକାନ୍ତ ସାମଲ, ସୁଧାକର ଦାସ, ଉପେନ୍ଦ୍ର ନାୟକ, ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ପ୍ରଭଞ୍ଜନ ପ୍ରଧାନ, ବିନୋଦ କୁମାର ପଣ୍ଡାଙ୍କ ସମେତ ବହୁ ଠାକୁରବାଡ଼ି ସେବକ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଓଲକଣା ମେଳଣ ପଡ଼ିଆକୁଆସୁଥିବା ୧୨୦ରୁ ଊର୍ଦ୍ଧ୍ୱବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଉପବେଶନ କରିଥିବା ବେଳେ ସ୍ଥାନୀୟ ମାହାଙ୍ଗା ବ୍ଲକ ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ମନ୍ଦିର ବେଢ଼ାରୁ ସୁସଜ୍ଜିତ ବିମାନରେ ଶିବଶକ୍ତି ୧୦୮ ଘଣ୍ଟ ପଟୁଆର ମଧ୍ୟରେ ପଡ଼ିଆ ଭିତରକୁ ପ୍ରବେଶ କରିଥାନ୍ତି। ସେହିପରି ଆଳି ରାଜାଙ୍କ ଇଲାକାରେ ଥିବା ଏହି ମେଳଣ ପଡ଼ିଆରେ ଆଳି ରାଜାଙ୍କ ୨ଟି ବିମାନ, ଗୋଟିଏ ରାଜନଗରରୁ ଆସିଥାଏ, ଯେଉଁଥିରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଥାଏ। ଅନ୍ୟ ଏକ ବିମାନ ଡେରାବିଶ ଆରାଧ୍ୟ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଆସିଥାଏ। ଯେଉଁଥିରେ ମା' ଲକ୍ଷ୍ମୀଙ୍କ ବିଜେ ପ୍ରତିମା ଥାଆନ୍ତି। ପୂର୍ବରୁ ପ୍ରସ୍ତୁତ ହୋଇଥିବା ମାଟି ନିର୍ମିତ କନକ ବେଦିରେ ଉଭୟ ବିମାନ ଉପବେଶନ କରିଥାନ୍ତି। ମେଳଣ ପଡ଼ିଆରେ ଥିବା ୪ଟି ଦ୍ୱାର ରହିଛି। ପ୍ରଥମେ ଆଳି ରାଜାଙ୍କ ବିମାନ ପଡ଼ିଆ ମଧ୍ୟକୁ ପ୍ରବେଶ କରିବା ପରେ ଅନ୍ୟ ୩ଦ୍ୱାର ଦେଇ କ୍ରମାନ୍ୱୟରେ ବିମାନଗୁଡ଼ିକ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥାନ୍ତି। ଶେଷରେ ଭଦ୍ରେଶ୍ୱରଙ୍କ ବିମାନ ପଡ଼ିଆ ମଧ୍ୟରେ ପହଞ୍ଚିବା ପଡ଼ିଆ ନିକଟସ୍ଥ ଅରାଖଣ୍ଡଠାରେ ଥିବା ଭକ୍ତ ବିଦୂରଙ୍କ ମନ୍ଦିରକୁ ଆଳିତ ଯାଇଥାଏ। ଅନ୍ୟ ମେଳଣଗୁଡ଼ିକରେ ଭୋଗଡାଲା ପ୍ରତ୍ୟେକ ବିମାନ ସମ୍ମୁଖରେ ଲାଗି ହେଉଥିବା ବେଳେ ଏହି ମେଳଣରେ ଭୋଗ ପରମ୍ପରା ସମ୍ପୂର୍ଣ୍ଣ ନିଆରା। ମେଳଣ ପଡ଼ିଆକୁ ଆସୁଥିବା ସମସ୍ତ ବିମାନ ସମ୍ମୁଖରେ ପଡ଼ିଥିବା ଚାଦରରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ଭୋଗ ଲଗାଇଥାଆନ୍ତି। କୌଣସି ବିମାନକୁ ବିଦାକି ଦେବାର ବ୍ୟବସ୍ଥା ନ ଥିଲା ବେଳେ ଆସନ୍ତାବର୍ଷ ମେଳଣ ପାଇଁ ଆଳି ରାଜାଙ୍କ ବିମାନ ପକ୍ଷରୁ ପ୍ରତ୍ୟେକ ବିମାନକୁ ଫୁଲ ଅବିର ଦିଆଯାଇ ବରଣୀ କରାଯାଇଥାଏ। ଏହା ଏକ ମେଳଣର ବୈଶିଷ୍ଟ୍ୟ।


ଦୋଳ ମେଳଣ ଲାଗି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ୨ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଓ ଠାକୁରବାଡ଼ିର ସଦସ୍ୟମାନେ।

# କାର୍ଯ୍ୟଦିବସରେ ଅଫିସର, କର୍ମଚାରୀ ଅନୁପସ୍ଥିତ

- ଅପେକ୍ଷାକରି ଘରକୁ ଶ୍ରମିକ ଫେରିଲେ
- ନିରାକରଣ ପାଇଁ ଭିଡିଓ କରି ଶ୍ରମମନ୍ତ୍ରୀ, ଶ୍ରମ କମିଶନରଙ୍କୁ ଫେରାଦ
- ବାୟୋମେଟ୍ରିକ ଉପସ୍ଥାନ ସତ୍ତ୍ୱେ ଅନୁପସ୍ଥିତି ରୋକିହେଉନି
- ନିର୍ମାଣ ଶ୍ରମିକ ଆବେଦନକୁ ପଞ୍ଜୀକୃତ କରାଯାଉନି

**ନୟାଗଡ଼ ଅଫିସ,୨୭।୨**

ନୟାଗଡ଼ରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଓ କର୍ମଚାରୀ ସୋମବାର କାର୍ଯ୍ୟ ଦିବସରେ ଅନୁପସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ମାସର ବିଭିନ୍ନ କାର୍ଯ୍ୟଦିବସରେ ଅଧିକାରୀ ଓ କର୍ମଚାରୀଙ୍କ ଅନୁପସ୍ଥିତି ଲାଗି ରହୁଥିଲେ ମଧ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଉପରେ ଜିଲାପାଳ, ଶ୍ରମ ସଚିବ, ଶ୍ରମ ମନ୍ତ୍ରୀଙ୍କ ନଜର ପଡୁନି ବୋଲି ଅଭିଯୋଗ ହୋଇଆସୁଛି। ନାନା ଅବ୍ୟବସ୍ଥାରେ ଚାଲୁଥିବା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ସୋମବାର ସାଢେ ୧୦ଟା ସୁଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଅନୁପସ୍ଥିତ ରହିଥିବା ଭିଡିଓ ଉତ୍ତୋଳନ କରି ଶ୍ରମମନ୍ତ୍ରୀ ଓ ଶ୍ରମ କମିଶନରଙ୍କୁ ପଠାଯାଇଛି। ଏଥିରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ଅବ୍ୟବସ୍ଥାକୁ ହଟାଇ ଶ୍ରମିକମାନେ କିପରି ସରକାରୀ ଯୋଜନାର ସୁଫଳ ପାଇବେ ସେନେଇ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଉକ୍ତ ଭିଡିଓ ମଧ ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି। ଖଣ୍ଡପଡ଼ା ରୋଡ୍‌ସ୍ଥିତ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥାନ ଯନ୍ତ୍ର ଲାଗିଥିଲେ ମଧ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଜିଲା ଶ୍ରମ ଅଧିକାରୀଙ୍କ ସମେତ କର୍ମଚାରୀଙ୍କୁ କିଛି ଫରକ ପଡୁନାହିଁ। ନିଜେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ମାସକରେ ଦିନେ କିମ୍ବା ୨ଦିନ ଆସୁଛନ୍ତି। ଏଣୁ ଏଠାରେ କେତେବେଳେ ଜିଲା ଶ୍ରମ ଅଧିକାରୀ ନିଲମ୍ବିତ ହେଉଛନ୍ତି ତ ଆଉ କେତେବେଳେ ବଦଳି ହେଉଛନ୍ତି।






ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ସୁଦ୍ଧା ଜିଲା ଶ୍ରମ ଅଧିକାରୀଙ୍କ ଚଉକି ଖାଲିପଡ଼ିଛି। ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କୋଠରିରୁ ତାଲା ଖୋଲିନାହିଁ।

## ହାତଗୁଞ୍ଜା ଦେଲେ ନାମ ପଞ୍ଜୀକରଣ ହେଉଛି

ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ହାତଗୁଞ୍ଜା ନ ଦେଲେ ନାମ ପଞ୍ଜୀକରଣ ହେଉ ନାହିଁ ବୋଲି ଅଭିଯୋଗ ହେଉଛି। ହାତଗୁଞ୍ଜା ଦେବା ପରେ କେତେଜଣ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନିର୍ମାଣ ଶ୍ରମିକଙ୍କ ଅନ୍‌ଲାଇନ ଆବେଦନ ୧ ହଜାରରୁ ଉର୍ଦ୍ଧ୍ୱ ପଡ଼ି ରହିଥିଲେ ମଧ ୨ ଜଣ ଅତିରିକ୍ତ ଶ୍ରମ ଅଧିକାରୀ ଓକେ ଅଥବା ଅବଜେକସନ କରୁନାହାନ୍ତି। ୨ ଅତିରିକ୍ତ ଶ୍ରମ ଅଧିକାରୀ ରାଜନୀତି କରି ବିଭିନ୍ନ ଶ୍ରମକ ସଂଘରେ ଫାଟ ସୃଷ୍ଟି କରୁଥିବା ପରି ଅଭିଯୋଗ ଉଠୁଛି। ଏଣୁ ଯୋଗ୍ୟ ହିତାଧିକାରୀ ସରକାରୀ ଅନୁଦାନ ପାଇପାରୁନାହାନ୍ତି। ସେହିପରି ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କିଛି ନ କହି ପ୍ରସଙ୍ଗକୁ ଏଡ଼ାଇଯାଇଥିଲେ। ଜିଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ କୁହନ୍ତି, ଶ୍ରମିକଙ୍କ ନାମ ପଞ୍ଜୀକରଣ କାର୍ଯ୍ୟ ଚାଲିଛି। ସରକାରୀ ଅନୁଦାନ ଶ୍ରମିକମାନେ ଯେପରି ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଅଫିସକୁ ଆସିବା ସୋମବାର ଟିକେ ଡେରି ହୋଇଯାଇଥିଲା। ଅଫିସ କାର୍ଯ୍ୟରେ ଥିଲି। ଜଣେ ଅତିରିକ୍ତ ଶ୍ରମ ଅଧିକାରୀ ଗଣିଆରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଯାଇଥିଲେ। ଅନ୍ୟ ଜଣେ ଅନ୍ୟ କାର୍ଯ୍ୟରେ ନିୟୋଜିତ ଥିବାରୁ ଅଫିସକୁ ଆସି ପାରି ନ ଥିଲେ। ଆଗକୁ ଏପରି ଅସୁବିଧା ନ ହେବାକୁ ଦୃଷ୍ଟି ଦିଆଯିବ। ତେବେ ସୋମବାରର ଅନୁପସ୍ଥିତି ନେଇ ଭିଡିଓ ଶ୍ରମ କମିଶନର ଓ ଶ୍ରମମନ୍ତ୍ରୀଙ୍କୁ ପଠାଯାଇଥିବା ଶୁଣିବାକୁ ମିଳିଛି। ପଞ୍ଜୀକରଣରେ ଲାଞ୍ଚ ଅଭିଯୋଗ ମିଳିନାହିଁ ବୋଲି ସେ କହିଥିଲେ। କାର୍ଯ୍ୟାଳୟକୁ ଆସିଥିବା ଗଣିଆର ଉଦ୍ଧବ ନାୟକ, ରଣପୁରର ଗୋବିନ୍ଦ ପ୍ରଧାନ, ଓଡ଼ଗାଁର ସୁକାନ୍ତ ନାୟକ କୁହନ୍ତି, ପ୍ରଥମେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ବଦଳି କରାଯାଉ। କାରଣ ସେ ନିଜେ କାର୍ଯ୍ୟାଳୟର ମୁଖ୍ୟ ହୋଇ ମାସକୁ ଦିନେ କିମ୍ବା ୨ ଦିନ ଆସୁଛନ୍ତି। ୨ ଅତିରିକ୍ତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟ ତଦାରଖ କରାଯାଉ। ସେମାନଙ୍କୁ ବଦଳି କରାଯାଉ। ଅନ୍ୟପକ୍ଷେ ସରକାରୀ ଅନୁଦାନ ଖର୍ଚ୍ଚ କରିବାରେ ବାଧକ ସାଜୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଶ୍ରମିକ ନେତା ଶୂନ୍ୟଜୟୀ ମିଶ୍ର କୁହନ୍ତି, କାର୍ଯ୍ୟଦିବସରେ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ, ଅତିରିକ୍ତ ଜିଲା ଶ୍ରମ ଅଧିକାରୀଙ୍କ ପରି ଅଧିକାରୀ ଓ କର୍ମଚାରୀ ଅନୁପସ୍ଥିତିକୁ ନେଇ ବିଭିନ୍ନ ସମୟରେ ଶ୍ରମିକ ହଇରାଣ ହୋଇ ଆସୁଛନ୍ତି। ଶ୍ରମିକଙ୍କ କାର୍ଯ୍ୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ହେଉନାହିଁ। ପ୍ରଥମେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ତାଙ୍କୁ ଅନୁକମ୍ପା ଦେଖାଯାଉଥିବାରୁ ଅଫିସରେ ବିଶୃଙ୍ଖଳା ବଢ଼ିବାରେ ଲାଗିଛି। କର୍ମଚାରୀ ଓ ଅଧିକାରୀ ଅଫିସକୁ ନ ଆସି କେବଳ ଦରମା ନେଇ ଶ୍ରମିକଙ୍କୁ ହଇରାଣ କରୁଛନ୍ତି। ଏଣୁ ଶ୍ରମିକ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସେ କହିଛନ୍ତି।

## ସଂକ୍ଷେପରେ

### କ୍ଲାସ ରୁମ୍ ସମ୍ମୁଖରେ ଶୌଚାଳୟ

- ଗ୍ରାମବାସୀଙ୍କ ବିରୋଧ ପରେ ଶୁଣୁନାହାନ୍ତି ଜେଇ
- ଜିଲାପାଳଙ୍କୁ ଫେରାଦ୍ ହେଲେ ଶରଧାପୁର ବାସିନ୍ଦା



ନୟାଗଡ଼ ଅଫିସ,୨୭।୨: ନୟାଗଡ଼ ବ୍ଲକ ଶରଧାପୁର ମା' ଶୁଳିଆ ହାଇସ୍କୁଲ ୫ଟି ସ୍କୁଲରେ ରୂପାନ୍ତରିତ ହୋଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ କ୍ଲାସ ରୁମ୍ ସମ୍ମୁଖରେ ଲାଗି କରି ଶୌଚାଳୟ ନିର୍ମାଣ ହେଉଥିବାରୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଶୌଚାଳୟ କ୍ଲାସ ରୁମ୍ ସମ୍ମୁଖରେ ହେଉ ଅଥଚ ପ୍ରାଚୀର ନିକଟରେ କରାଯାଉ। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ ନୟାଗଡ଼ ବ୍ଲକର କନିଷ୍ଠଯନ୍ତ୍ରୀ(ଜେଇ) ଶୁଣୁନାହାନ୍ତି। ଏଣୁ ଗ୍ରାମବାସୀ ହସ୍ତକ୍ଷେପ ପାଇଁ ସୋମବାର ଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ କରିବାକୁ ନିବେଦନ କରିଛନ୍ତି। ଗ୍ରାମବାସୀଙ୍କ ଯୁକ୍ତି ଶ୍ରେଣୀ ଗୃହ ପାଖରେ ଶୌଚାଳୟ ରହିଲେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ପ୍ରଭାବ ପଡିବ। ଏଣୁ ଶୌଚାଳୟକୁ ସ୍ଥାନାନ୍ତର କରିବାକୁ ନିବେଦନ କରିଛନ୍ତି।

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ବୁଗୁଡ଼ା,୨୭।୨(ଡି.ଏନ୍.ଏ.): ବୁଗୁଡ଼ା ଥାନା ଭଗବାନପୁର ପଞ୍ଚାୟତ ମହୁଲପଲ୍ଲୀ ଗ୍ରାମରେ ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ରବିବାର ରାତିରେ କୌଣସି କଥାକୁ ନେଇ ଭାରତୀଙ୍କୁ ତାଙ୍କ ମା' ତାଗିଦ୍ କରିବା ପରେ ସେ ବାରିପଟ ଘରକୁ ଯାଇ ଚାଉଳରେ ପୋକ ନ ହେବା ପାଇଁ ବ୍ୟବହୃତ ବିଷକୁ ଖାଇ ଦେଇଥିଲେ। ପରେ ସେ ଅଚେତ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ବୁଗୁଡ଼ା ମେଡିକାଲ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତା ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ନଂ.୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

### ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୭।୨
ଗଞ୍ଜାମ ଜିଲା ଶିଳ୍ପ କେନ୍ଦ୍ର ଓ ଓଡ଼ିଶା ପ୍ରକଳ୍ପ ଏବଂ ବଜାର ବିକାଶ ସଂସ୍ଥା ମିଳିତ ଆନୁକୂଲ୍ୟରେ ଜିଲା ଶିଳ୍ପ କେନ୍ଦ୍ରଠାରେ ଚାଲିଥିବା ୧୨ ଦିନିଆ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଲୋକନାଥ ଧଳ ଅଧକ୍ଷତା କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ଆର୍ତ୍ତତ୍ରାଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଜାର ଓ ପ୍ରକଳ୍ପ ବିକାଶ ସଂସ୍ଥା ଓପିଏମ୍‌ଡ଼ିସି ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ପ୍ରାନ୍ତରରୁ ୩୨ ଜଣ ଶିକ୍ଷିତ ଯୁବତୀ ଯୁବକ କ୍ଷୁଦ୍ର ଓ ବୃହତ ଉଦ୍ୟୋଗ ବିକାଶ ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ଏହା ସହ ପିଏମ୍‌ଇଜିଏସ୍ ଋଣ ସମ୍ପର୍କରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଏଫଏଫଡ଼ିସିର ଭିଭି ରାମାରାଓ, ଚାଟାର୍ଡ଼ ଆକାଉଣ୍ଟାଣ୍ଟ ତୀର୍ଥବ୍ରତ ସାମନ୍ତରାୟଙ୍କ ସମେତ ଜିଲା ଶିଳ୍ପକେନ୍ଦ୍ରର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ତାଲିମପ୍ରାପ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

### ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ

ଭଞ୍ଜନଗର,୨୭।୨(ଡି.ଏନ.ଏ.): ତାରସିଂ ଥାନା ଅନ୍ତର୍ଗତ ଟାଙ୍ଗଣ ଗ୍ରାମର ଉଜ୍ଜଳା ପାତ୍ର (୧୯) ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଜ୍ଜଳାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ଉଜ୍ଜଳାଙ୍କ କିଛିଦିନ ପୂର୍ବେ ନିର୍ବନ୍ଧ ସରିଥିଲା। ହଠାତ୍ ତାଙ୍କର ମୃତ୍ୟୁକୁ ନେଇ ପରିବାର ଲୋକେ ଚିନ୍ତିତ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା



କର୍ମଶାଳାରେ ପିଲାମାନେ ଖେଳନା ଓ ଅନ୍ୟ ଜିନିଷ ତିଆରି କରୁଛନ୍ତି।

**ରଣପୁର, ୨୭।୨ (ସ୍ୱ.ପ୍ର.)**

ରଣପୁର ବ୍ଲକ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କ ଶିକ୍ଷଣ ଉଦ୍ଦେଶ୍ୟରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଧନ କେନ୍ଦ୍ର କର୍ମୀ ସନ୍ତୋଷ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ଭାବେ ପିମ୍ପଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେଠୀ, କ୍ଷେତ୍ରୀବରମପୁର ମଧ ଇଂରାଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠୀ, ୱାର୍ଡ ମେମ୍ବର ସରୋଜିନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମନ୍ଦାକିନୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା ସଭାପତି ଭାବେ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ଚୌଧୁରୀ ପ୍ରଶିକ୍ଷକ ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଖବରକାଗଜରେ ବିଭିନ୍ନ ପ୍ରକାରର ଟୋପି, ରଙ୍ଗିନ କାଗଜରେ ଫିଙ୍ଗର ପପେଟ, ବିଭିନ୍ନ ମୁଖା, କପଡ଼ାରେ ବିଭିନ୍ନ ପ୍ରକାର କଣ୍ଢେଇ ଓ ପାଠ୍ୟ ଉପକରଣ ପ୍ରସ୍ତୁତି ପ୍ରକ୍ରିୟା ଛାତ୍ରୀଛାତ୍ରମାନଙ୍କୁ ଶିଖାଇଥିଲେ। କୈଳାସ ଚନ୍ଦ୍ର ମହାରଣା, ଶରତ ଚନ୍ଦ୍ର ମହାରଣା ଛାତ୍ରୀଛାତ୍ରଙ୍କୁ ଫୋମ ତୁଳାରେ ବିଭିନ୍ନ ପ୍ରକାର କଣ୍ଢେଇ, ନଡ଼ିଆ କତାରେ ବଗ, ଚଢ଼େଇ ବସା, କଇଁଛ ଏବଂ ମାଟିରେ ହାତୀ, କଇଁଛ, ଗଣେଶ, ଘୋଡ଼ା, ଫୁଲଦାନୀ ଭଳି ବିଭିନ୍ନ ପ୍ରକାର ଜିନିଷ ପ୍ରସ୍ତୁତି ପ୍ରକ୍ରିୟାର କୌଶଳ ପିଲାମାନଙ୍କୁ ଶିଖାଇଥିଲେ। ପିଲାମାନେ ମଧ କାଗଜରେ ଟୋପି, ଫୋମ ତୁଳାରେ କଣ୍ଢେଇ, ନଡ଼ିଆ କତାରେ ଚଢ଼େଇ, ମାଟିରେ କଇଁଛ ତିଆରି କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ଆତ୍ମ ନିର୍ଭରଶୀଳ ହେବା ସହ ନିଜେ ନିଜେ ବିଭିନ୍ନ ପାଠ୍ୟ ସହାୟକ ଉପକରଣ ପ୍ରସ୍ତୁତ କରିପାରିବେ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଶିକ୍ଷକ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ପଦ୍ମାବତୀ ବେହେରା, ଅଙ୍ଗନୱାଡି କର୍ମୀ ପୁଷ୍ପ ମଞ୍ଜରୀ ଦେଈ, କାନନବାଳା ସାହୁ ଏହି କର୍ମଶାଳାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟାସଦସ୍ୟ ଓ ଗ୍ରାମବାସୀ ମଧ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

## ୬ ମାସ ପରେ ଅଭିଯୁକ୍ତ ଗିରଫ

ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲଟ୍ ମାମଲା

**ରଣପୁର,୨୭।୨: ( ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ଶ୍ୟାମଘନପୁର ଗାଁ ଜଙ୍ଗଲ ନିକଟରେ ୨୦୨୨ ସେପ୍ଟେମ୍ବରରେ ଏକ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିଲା। ପ୍ରାୟ ୬ ମାସର ତନାଘନା ପରେ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ହେଲେ ପୋଲିସ ଟଙ୍କା ଜବତ କରିପାରିନାହିଁ। ୟୁନିଟ୍ ସ୍କୁଲ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଅସିତ୍ କୁମାର ନାୟକ ଜମାକାରୀଙ୍କଠାରୁ ଟଙ୍କା ଆଦାୟ କରି ଫେରୁଥିବା ବେଳେ ସାନଗଡ଼ ଗାଁର ବାଦଲ ଘଡ଼ାଇ ଓରଫ ରକି (୨୯) ତାଙ୍କ ବାଟ ଓଗାଳି ଥିଲେ। କଟୁରୀ ଦେଖାଇ ଭୟଭୀତ କରିବା ସହ ଅସିତ୍‌ଙ୍କ ପାଖରେ ଥିବା ୨୬ ହଜାର ଟଙ୍କା ଓ ତାଙ୍କ ମୋବାଇଲ ଫୋନ ଲୁଟି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅସିତ୍ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୩୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା। ଏସ୍‌ଆଇ ସଞ୍ଜୟ କୁମାର ପରିଡ଼ାଙ୍କ କହିବା ଅନୁସାରେ, ଲୁଟ୍ ମୋବାଇଲ ଫୋନକୁ ଟ୍ରାକ କରି ଅଭିଯୁକ୍ତ ରକିଙ୍କୁ ସୋମବାର ତାଙ୍କ ଘରୁ ଗିରଫ କରି ରଣପୁର କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ପରେ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି।

## ବାଳ ସୁଧାର ଗୃହକୁ ଗଲେ ନାବାଳକ

**ନୟାଗଡ଼ ଅଫିସ,୨୭।୨**

ନୟାଗଡ଼ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଓଡ଼ଗାଁ ଥାନା ଅଞ୍ଚଳର ବୃଦ୍ଧ ତ୍ରିନାଥ ସାହୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି । ଜୁଭେନାଇଲ ଜଷ୍ଟିସ ବୋର୍ଡ ବିଚାରପତି ଡକ୍ଟର ନିଶାକର ସାହୁ ଓ ଜୁଭେନାଇଲ ଜଷ୍ଟିସ ବୋର୍ଡର ୨ ସଦସ୍ୟ ମାମଲାର ବିଚାର କରି ନାବାଳକଙ୍କୁ ୩ ବର୍ଷ ପାଇଁ ବାଳ ସୁଧାର ଗୃହକୁ ପଠାଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ,୨୦୧୮ ଜାନୁୟାରୀ ୨୪ରେ ଓଡ଼ଗାଁ ଥାନା ଅଞ୍ଚଳର ତ୍ରିନାଥ ସାହୁ ବାଘୁଆ ଛକକୁ ସଉଦା କିଣିବା ପାଇଁ ଯାଇଥିଲେ । ସଉଦା ଆଣିବା ପରେ ମଶାଣି ସାହି ରାସ୍ତାରେ ଅପରାହ୍ନ ୨ଟାରେ ଘରକୁ ଫେରୁଥିଲେ । ତେବେ ତ୍ରିନାଥ ଘରେ ପହଞ୍ଚି ପାରି ନ ଥିଲେ । ବାଟରେ ଗୋଟିଏ ପରିବାରର ବାପା,ମା' ପୁଅ ୩ ସଦସ୍ୟ ମିଳିତ ଭାବେ ତାଙ୍କୁ ଅପହରଣ କରି ହତ୍ୟା କରିଥିଲେ । ପରେ ଘରେ ତାଲା ପକାଇ ସେମାନେ ଫେରାର ହୋଇଯାଇଥିଲେ । ତ୍ରିନାଥ ଘରକୁ ନ ଫେରିବାରୁ ବୋହୂ ଗୀତାଞ୍ଜଳି ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ । ତେବେ ୨୦୧୮ ଜାନୁୟାରୀ ୨୫ରେ କର୍ଯାଁଖାଲ ନିକଟସ୍ଥ କୂଅରୁ ପୋଲିସ ମୃତଦେହ ଜବତ କରିଥିଲା । ପୋଲିସ ଆଇପିସି ଦଫା ୩୦୨, ୨୦୧, ୩୪ ରେ ଏକ ମାମଲା(ନଂ.୧୮/୨୦୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ଉପରୋକ୍ତ ଦମ୍ପତିଙ୍କୁ ଗିରଫ କରିଥିବାବେଳେ ତାଙ୍କ ନାବାଳକ ୧୭ ବର୍ଷର ପୁଅଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା । ଏବେ ବାପା ଓ ମା' ଜାମିନରେ ଅଛନ୍ତି । ବିଚାର ପରେ ନାବାଳକଙ୍କୁ ୩ ବର୍ଷ ପାଇଁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି । ତେବେ ଏ ସଂକ୍ରାନ୍ତରେ ଗତ ୧୭ ତାରିଖ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା । ସେଥିରେ ନାବାଳକଙ୍କ ନାମ, ଠିକଣା ଓ ଦଣ୍ଡ ହୋଇଥିବା ନେଇ ଭୁଲ୍‌ବଶତଃ ପ୍ରକାଶ ପାଇଥିଲା । ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

## ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ପାରଳାଖେମୁଣ୍ଡି,୨୭।୨(ଡି.ଏନ୍.ଏ.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ଅତିରିକ୍ତ ଜିଲା ଦୌରାଜଜ୍ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଆର୍.ଉଦୟଗିରି ଥାନା ତଥା ନୂଆଗଡ଼ ବ୍ଲକ ଅନୁଗୁରୁ ଗ୍ରାମର ଦୋଡିସା ରଇତ। ପ୍ରକାଶ ଯେ, ୨୨।୧୧।୨୦୧୭ ସକାଳେ ନାବାଳିକା ଜଣକ ତାଙ୍କ ଛୋଟ ଭାଇ ସହ ମିଶି ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇ ସାରିବା ପରେ ଭାଇ ଶୀଘ୍ର ଘରକୁ ଚାଲିଯାଇଥିଲେ। ନାବାଳିକାଙ୍କୁ ଏକୁଟିଆ ପାଇ ଅଭିଯୁକ୍ତ ଜଣକ ବଳାତ୍କାର କରିଥିଲେ। ଏଥିସହ କାହା ଆଗରେ ପ୍ରକାଶ ନ କରିବା ପାଇଁ ଅଭିଯୁକ୍ତ ବିଭିନ୍ନ ଧମକ ଦେଇଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ମା'ବାପାଙ୍କୁ ସମସ୍ତ ବିଷୟ ଜଣାଇଥିଲେ। ଏ ନେଇ ନାବାଳିକାଙ୍କ ମା' ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ବିଭିନ୍ନ ଦଫା ସହ ପୋକ୍‌ସୋ ଆକ୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ଜୀବେ ନିଷ୍ଠୁରତା ନିରୋଧ ପଥପ୍ରାନ୍ତ ଦାସକାଠିଆ

**ଶରଣକୁଳ,୨୭।୨(ଡି.ଏନ୍.ଏ.)**

ହରିହରପୁର ଗାଁରେ ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ପ୍ରାଣୀ ସମ୍ପଦର ଉନ୍ନତି, ରକ୍ଷା ତଥା ଜୀବେ ନିଷ୍ଠୁରତା ନିରାକରଣ ବିଷୟରେ ଏକ ଦାସକାଠିଆ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ.ସତ୍ୟପ୍ରକାଶ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସରପଞ୍ଚ ବିଳାସିନୀ ଦେଈ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ବରାଳ, ୱାର୍ଡ ସଭ୍ୟ ସବିତା ନାୟକ, ଗ୍ରାମ୍ୟ ପରିଚାଳନା କମିଟି ସଭ୍ୟ କିଶୋର ଚନ୍ଦ୍ର ନାୟକ, ସୌଦାଗର ନାୟକ, ଚିତ୍ତରଞ୍ଜନ ବରାଳ, ଶିକ୍ଷକ ସୁରେଶ ଚନ୍ଦ୍ର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ପ୍ରାଣୀ ଚିକିତ୍ସକ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।




ଦାସକାଠିଆ ମାଧମରେ ଲୋକମାନଙ୍କୁ ସଚେତନତା କରାଯାଉଛି।

## ଟୋକନ ଥାଇ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନି

**ଖଣ୍ଡପଡା,୨୭।୨(ସ୍ୱ.ପ୍ର.)**

ବିଭିନ୍ନ ଅଞ୍ଚଳରେ ଧାନମଣ୍ଡି ବିଳମ୍ବରେ ଖୋଲିଥିବା ବେଳେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଅନେକ ଚାଷୀ ଟୋକନ ପାଇ ନ ଥିବା ଓ ଟୋକନ ଥାଇ ମଧ ଧାନ ବିକ୍ରି ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଚାଷୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ଅଞ୍ଚଳରେ ଚାଷୀଙ୍କଠାରୁ ଉଚିତ୍ ମୂଲ୍ୟରେ ଧାନକ୍ରୟ ପାଇଁ ସେବା ସମବାୟ ସମିତିଗୁଡ଼ିକରେ ଧାନମଣ୍ଡି ଖୋଲାଯାଇଛି। ଧାନ ବିକ୍ରୟ ପାଇଁ ଚାଷୀଙ୍କୁ ଟୋକନ ମିଳିଛି। ମାତ୍ର କେତେକ ମଣ୍ଡିରେ ଧାନକ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ଯାଇଥିବାରୁ ଟେକାନ ପାଇଥିବା ଚାଷୀଙ୍କଠାରୁ ଧାନ କିଣିବାକୁ ସମବାୟ ସମିତିର ସମ୍ପାଦକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କିଆଝର ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ଧାନକ୍ରୟ ପାଇଁ ସ୍ଥାନୀୟ ଅଞ୍ଚଳର ୪୩୯ ଜଣ ଚାଷୀଙ୍କୁ ଟୋକନ ଦିଆଯାଇଥିଲା। ସର୍ବମୋଟ ୧୨ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଆଖପାଖ ଗ୍ରାମର ୩୩୩ ଜଣ ଚାଷୀଙ୍କଠାରୁ ଅଦ୍ୟାବଧି ୧୧,୯୯୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡିଛି। ବାକି ୧୦୬ଜଣ ଚାଷୀ ଟୋକନ ଧରି ହାତବାନ୍ଧି ବସିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଚାଷୀମାନେ ଅଭାବୀ ଧାନ ବିକ୍ରିର ଶିକାର ହେବା ଆଶଙ୍କା ପ୍ରକାଶ ପାଇଛି। ସେହିପରି ଖଳିସାହି, ଖଣ୍ଡପଡ଼ା, ବେଣାଗାଡ଼ିଆ, ମର୍ଦ୍ଦରାଜପୁର, କଣ୍ଟିଲୋ ସେବା ସମବାୟ ସମିତିଗୁଡ଼ିକରେ ଖୋଲିଥିବା ଧାନ ମଣ୍ଡିରେ ଚଳିତବର୍ଷ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଥିବା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି। ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା ତଥା ମିଲର ଓ ପ୍ରଶାସନର ଅସହଯୋଗ ଯୋଗୁ ଚାଷୀଙ୍କ ଟୋକନ ପାଇ ମଧ ଅବଧି ଶେଷ ହୋଇଯାଇଛି। ଏଥିପ୍ରତି ଜିଲା ଯୋଗାଣ ଅଧିକାରୀ, ଜିଲାପାଳ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।



ମଣ୍ଡିରେ ଧାନ ବସ୍ତାକୁ ଚାଷୀ ଜଗି ରହିଛନ୍ତି।



ଘର ପଟ୍ଟା, ପେନ୍‌ସନ ସମେତ ବିଭିନ୍ନ ଦାବି ନେଇ ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ: ମନୋରଞ୍ଜନ)

# ବିରୋଧୀ ବର୍ଷିଲେ, ଶାସକ ସଦସ୍ୟ ପ୍ରଶଂସା କଲେ

**ବଜେଟ ଆଲୋଚନା**

- ଚିରାଚରିତ ବଜେଟ: ଜୟନାରାୟଣ
- ଓଡ଼ିଶା ଆତ୍ମନିର୍ଭରଶୀଳ ରାଜ୍ୟ ହୋଇସାରିଛି: ଅମର
- ବିଜେଡି-ଭାଜପା ମିଛରେ ଏଠି ଅଭିନୟ କରୁଛନ୍ତି: ସୁର
- ଖଣି, ପାଣି ସବୁ ବିକି ଭାଙ୍ଗି ଖାଇସାରିଲେଣି: ତାରା

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

୨୦୨୩-୨୪ ଆର୍ଥିକ ବର୍ଷ ବଜେଟକୁ ନେଇ ସୋମବାର ଅପରାହ୍ନ ୪ଟାରେ ଗୃହରେ ଆଲୋଚନା ହୋଇଛି। ଏହି ଆଲୋଚନାରେ ଭାଗ ନେଇ ବିରୋଧୀ ସଦସ୍ୟମାନେ ବିଭିନ୍ନ ଦିଗ ଉପରେ ଆଲୋକପାତ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିବା ବେଳେ ଶାସକ ଦଳ ସଦସ୍ୟମାନେ କିନ୍ତୁ ବଜେଟର ପ୍ରଶଂସା କରିଛନ୍ତି।

ପ୍ରଥମେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଆଲୋଚନାରେ ଭାଗ ନେଇ କହିଛନ୍ତି, ଏହା ଏକ ଚିରାଚରିତ ବଜେଟ। ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହେଲା ଭଳି ମନେ ହେଉନି। ଲୋକଙ୍କ ଆୟ ବୃଦ୍ଧି ନେଇ ସରକାରଙ୍କ ଲକ୍ଷ୍ୟ ଥିଲାଭଳି ଲାଗୁନି। ସରକାର ୧ଲକ୍ଷ ୧୩ ହଜାର କୋଟି ଟଙ୍କାର ଋଣରେ ବୁଡିକି ଅଛନ୍ତି। ବଜେଟରେ ଋଣ ଶୁଝିବାକୁ କିଛି ବ୍ୟବସ୍ଥା ନାହିଁ। ବିଭାଗଗୁଡିକ ବ୍ୟୟବରାଦ ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି। ପୋଲିସ ସଂଖ୍ୟା ରାଜ୍ୟରେ ବହୁତ କମ୍। ପୋଲିସ ବ୍ୟବସ୍ଥାର ଆଧୁନିକୀକରଣ ଲାଗି ବ୍ୟୟବରାଦ ରଖାଯାଇନି। ଚାଷୀଙ୍କ ଆୟ ରାଜ୍ୟରେ ବୃଦ୍ଧି ପାଉନାହିଁ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ହିତାଧିକାରୀ ତାଲିକା ରାଜ୍ୟ ସରକାର ପ୍ରଦାନ କରୁନାହାନ୍ତି। ପ୍ରାଥମିକ ଶିକ୍ଷାରେ ଏ ସରକାର ଫେଲ। ରାଜ୍ୟରେ ୫ରୁ ୬ ପ୍ରକାର ଶିକ୍ଷକ ହୋଇଗଲେଣି। ସେମାନେ ଏକାଧିକ ସମୟ ଆନ୍ଦୋଳନରେ ହିଁ ଦେଉଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ହାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ରୀୟ ଯୋଜନାକୁ ନିଜ ନାଁ ଦେଇ ରାଜ୍ୟ ସରକାର ହଡପ କରୁଥିବା ସେ ଅଭିଯୋଗ କରିଛନ୍ତି।

ସେହିପରି ଶାସକ ଦଳ ସଦସ୍ୟ ଅମର ପ୍ରସାଦ ଶତପଥୀ କହିଛନ୍ତି, ପ୍ରୋଗ୍ରାମ ଏକ୍ସପେଣ୍ଡିଚର ତୁଳନାରେ ପ୍ରଶାସନିକ ଖର୍ଚ୍ଚ କମ୍ ଅଛି। ଗତଥର ଅପେକ୍ଷା ପ୍ରୋଗ୍ରାମ ଏକ୍ସପେଣ୍ଡିଚର ଖର୍ଚ୍ଚ ୬୭ ପ୍ରତିଶତ ଅଧିକ ରଖାଯାଇଛି। ଓଡିଶା ଆତ୍ମନିର୍ଭରଶୀଳ ରାଜ୍ୟରେ ପରିଣତ ହୋଇସାରିଛି। ତାକୁ ଦେଖି ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ କେନ୍ଦ୍ର ସରକାର ଚିନ୍ତା କରିଛନ୍ତି। କୋଭିଡ୍ ମହାମାରୀ ସତ୍ତ୍ୱେ ଓଡ଼ିଶାର ଅଭିବୃଦ୍ଧି ଉଲ୍ଲେଖନୀୟ ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସରକାର ଉଚ୍ଚପ୍ରଶଂସିତ କାର୍ଯ୍ୟ କରିଛନ୍ତି। ଜିରୋ କାଜୁଆଲଟି ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଶତପଥୀ କହିଛନ୍ତି। ଏହାପରେ ସତ୍ୟନାରାୟଣ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। ତତ୍‌ପରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ବିଜେଡି-ଭାଜପା ମିଛରେ ଏଠି ଅଭିନୟ କରୁଛନ୍ତି। କେନ୍ଦ୍ର ଉପରେ ଯେଉଁ ଟଙ୍କା ବାକି ଅଛି ରାଜ୍ୟ ସରକାର ତାକୁ ଆଦାୟ କରୁନାହାନ୍ତି। ଗରିବ ଲୋକମାନେ ଟଙ୍କା ବାକି ରଖିଲେ ସେମାନଙ୍କ ଲାଇନ, ପାଣି କାଟି ଦିଆଯାଉଛି। ହେଲେ ଶିଳ୍ପପତିମାନେ ହଜାର ହଜାର କୋଟି ଟଙ୍କା ବାକି ରଖିବା ସତ୍ତ୍ୱେ ସେମାନଙ୍କର କିଛି କରୁନି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ କଦର୍ଯ୍ୟ। ରାଜଧାନୀରେ ପୋଲିସ୍ କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ କ୍ୟାପିଟାଲ ହସ୍ପିଟାଲ ଉପରେ ବହୁ ଲୋକ ନିର୍ଭରଶୀଳ ହେଉଛନ୍ତି। ତେଣୁ ରାଜଧାନୀରେ ଆଉ ଏକ ସରକାରୀ ହସ୍ପିଟାଲ ଖୋଲିବା ପାଇଁ ସେ ଦାବି କରିଛନ୍ତି। ଏହାପରେ ପ୍ରଫୁଲ୍ଲ ସାମଲ, ଗଣେଶ ରାମସିଂ ଖୁଣ୍ଟିଆଲ, ଲତିକା ପ୍ରଧାନ ତାଙ୍କ ବକ୍ତବ୍ୟ ରଖିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ବିଜେଡିର ବହୁ ନେତା ଏଠି ଅନେକ କଥା କହୁଛନ୍ତି। ସେମାନେ କଂଗ୍ରେସ ସରକାର ସମୟରେ ଦରମା ଦେବାକୁ ପଇସା ନ ଥିଲା ବୋଲି କହୁଥିଲେ। ହେଲେ ଯୋଗ୍ୟ ପୁଅ କେବେ ହେଲେ ବାପ ସମ୍ପତ୍ତି ବିକ୍ରି କରି ଖର୍ଚ୍ଚ କରେନି। ଓଡିଶା ସରକାର ରାଜ୍ୟର ଖଣି, ପାଣି ସବୁ ବିକି ଭାଙ୍ଗି ଖାଇସାରିଲେଣି। ଯୁଆଡେ ଦେଖିଲେ ମଦ ଦୋକାନ। ଆଦାନୀକୁ ଖଣି ବିକିସାରିଲେଣି। ଜୟପୁର ପାହାଡ ଖୋଳି ପରୀକ୍ଷା କରିବା ଆରମ୍ଭ କରିଦେଲେଣି। ତେଣୁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ସାମାନ୍ୟ କଥା। ଇଏ ହେଉଛି ଖଣି, ମଦ ବେପାରର ସରକାର। ରାଜ୍ୟରେ ୧ଲକ୍ଷ ୩୮ ହଜାର ସରକାରୀ ପଦବୀ ଖାଲି ପଡିଛି। ଓଡ଼ିଶାରେ କଂଗ୍ରେସ ସରକାର ଥିବାବେଳେ କେତେଜଣ ଦାଦନ ବାହାରକୁ ଯାଉଥିଲେ। ସରକାର ସେକଥା ଏଠି କୁହନ୍ତୁ। କୋରାପୁଟରେ ଦାଦନ ଯାଇଥିବା ଲୋକଙ୍କ ମଧ୍ୟରୁ ମାସକୁ ୨ରୁ ୩ ଜଣ ମରୁଛନ୍ତି। କୋରାପୁଟର ଖଣି, ପାଣି ସବୁ ନେବାପରେ ସ୍ଥାନୀୟ ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ନାହିଁ। ବିଜେଡି-ଭାଜପା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଟେଲିଫୋନ ଆସିବା କ୍ଷଣି ରାଜ୍ୟ ସଭା ଟିକେଟ ଦେଇଦଉଛ ବୋଲି ତାରା କହିଛନ୍ତି। ଏହାପରେ ସଦସ୍ୟ ମୁକେଶ କୁମାର ପାଲ ଏବଂ ସନାତନ ବିଜୁଳି କହିଥିଲେ। ସନାତନ ରାଜ୍ୟ ସରକାରଙ୍କ ବଜେଟ୍‌କୁ କଡା ଭାଷାରେ ସମାଲୋଚନା କରିବା ସହ ଏଠି ବସ୍ତାନି ବଡ ପାଠ କମ୍ ବୋଲି କହିଥିଲେ। ଏହାପରେ ଭବାନୀ ଶଙ୍କର ଭୋଇ ବକ୍ତବ୍ୟ ରଖିଥିଲେ। ବଜେଟ ଆଲୋଚନା ଅସମ୍ପୂର୍ଣ୍ଣ ଥିବାବେଳେ ବାଚସ୍ପତି ଗୃହକୁ ମଙ୍ଗଳବାର ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବି ରଖିଥିଲେ।

# ସରକାରୀ ହସ୍ପିଟାଲରେ ହେବ ୨୧ ହଜାର ନୂଆ ବେଡ୍

**୫ ହଜାର ଡାକ୍ତର ପଦବୀ ପୂରଣ ହେବ**

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ରାଜ୍ୟର ହସ୍ପିଟାଲଗୁଡ଼ିକରେ ଆଉ ୨୧ ହଜାର ୩୪୨ଟି ନୂଆ ବେଡ୍ ସୃଷ୍ଟି କରାଯିବ। ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ବିଭିନ୍ନ ସରକାରୀ ହସ୍ପିଟାଲ୍‌ରେ ବେଡ୍‌ସଂଖ୍ୟା ୧୮,୧୩୦ରୁ ୨୫,୬୩୬କୁ ବୃଦ୍ଧି କରାଯାଇଛି। ସୋମବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ମୋହନ ଚରଣ ମାଝୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ଉପଲବ୍ଧ ଥିବା ବେଡ୍‌ଠାରୁ ରୋଗୀସଂଖ୍ୟା ଅଧିକ ହେଲେ ଅସ୍ଥାୟୀ ବେଡ୍ କରାଯାଇ ସେବା ଯୋଗାଇ ଦିଆଯାଉଛି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ, ଗତ ୧୦ ବର୍ଷରେ କେତେ ବେଡ୍ ଡାକ୍ତରଖାନାରେ କରାଯାଇଛି। ୨୦୨୪ରେ କେତେ ବଢ଼ିବ। ବେଡ୍ ନ ଥିବାରୁ ରୋଗୀ ତଳେ ଶୋଉଛନ୍ତି। ରୋଗୀଙ୍କ ଦୁର୍ଦ୍ଦଶା ବଢୁଥିବା ସରକାର ଜାଣନ୍ତି କି?

ବିଜେଡି ସଭ୍ୟ ଭାଗୀରଥି ସେଠୀ, ଅନନ୍ତ ଦାସ, ପ୍ରମୋଦ ମଲ୍ଲିକ, ଦେବୀ ମିଶ୍ର, ଭାଜପା ସଭ୍ୟ ଗଣେଶରାମ ଖୁଣ୍ଟିଆ, ନବଚରଣ ମାଝି, ଶଙ୍କର ଓରାମ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ନିଜ ନିର୍ବାଚନମଣ୍ଡଳୀରେ ଥିବା ସରକାରୀ ହସ୍ପିଟାଲଗୁଡ଼ିକରେ ଡାକ୍ତର ଅଭାବ ସାଙ୍ଗକୁ ବେଡ୍ ନ ଥିବା ପ୍ରସଙ୍ଗ ଉଠାଇଥିଲେ। ମନ୍ତ୍ରୀ କହିଥିଲେ, ବେଡ୍ ସଂଖ୍ୟା ବଢ଼ାଇବାକୁ ସରକାର ନିଷ୍ପତ୍ତି ନେଇଥିବା ବେଳେ ଡାକ୍ତର ଅଭାବ ଦୂର କରିବାକୁ ଆଉ ୫ ହଜାର ଡାକ୍ତର ପଦବୀ ପୂରଣ କରିବାକୁ ନିଷ୍ପତ୍ତି ହୋଇଛି। ଏହା ଦୁଇଟି ପର୍ଯ୍ୟାୟରେ ପୂରଣ କରାଯିବ। ସ୍ୱାସ୍ଥ୍ୟ ବିଭାଗର ନୂଆ ଦାୟିତ୍ୱ ନେଇଥିବାରୁ ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ପରେ ଯୋଗାଇଦେବେ ବୋଲି ମନ୍ତ୍ରୀ କହିଥିଲେ।

# ତିଗିରିଆ ରାଣୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ତିଗିରିଆର ରାଣୀ ତଥା ବିଧାନସଭାର ପୂର୍ବତନ ସଦସ୍ୟା ରାସମଞ୍ଜରୀ ଦେବୀଙ୍କ ବିୟୋଗରେ ବିଧାନସଭାରେ ଶୋକ କରାଯାଇଛି। ସୋମବାର ପୂର୍ବାହ୍ନ ୧୦ଟା ୩୯ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟାଙ୍କ ଜୀବନୀ ବିଷୟରେ ସଂକ୍ଷିପ୍ତ ବିବରଣୀ ଦେବା ସହ ପରଲୋକଗତ ସଦସ୍ୟାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ବାଚସ୍ପତିଙ୍କ ଜରିଆରେ ନିଜ ଦଳର ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ପରଲୋକଗତ ସଦସ୍ୟାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅମର ଆତ୍ମାର ସଦ୍‌ଗତି ପାଇଁ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ଉପରେ ୭ ମିନିଟ୍ ଆଲୋଚନା ହୋଇଥିଲା। ଏହାପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

# ଭଟଲି ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରଯାଉ: ସାଲୁଜା

**ନବ ଦାସ ହତ୍ୟା ଘଟଣା**

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ବିଜେଡି ନେତା ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଦାବି କରିଛନ୍ତି। ସୋମବାର ବିଧାନସଭାର ଶୂନ୍ୟକାଳରେ ସାଲୁଜା କହିଥିଲେ, ନବ ଦାସ ହତ୍ୟାକାଣ୍ଡକୁ ୩୦ ଦିନ ବିତିଗଲାଣି। ଆଜି ପର୍ଯ୍ୟନ୍ତ କ୍ରାଇମ୍‌ବ୍ରାଞ୍ଚ କିଛି ଟେର୍ ପାଉନି। କାହିଁକି ନବ ଦାସଙ୍କୁ ହତ୍ୟା କରାଗଲା ତାହା ମଧ୍ୟ ଜଣାପଡୁନି। ଏହାପଛରେ ରାଜନୈତିକ ନା ବ୍ୟବସାୟିକ ନା ବ୍ୟକ୍ତିଗତ ଉଦ୍ଦେଶ୍ୟ ରହିଛି, ତାହା ଜଣାପଡୁନି। ଆଉ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଉପରେ ଭରସା ନାହିଁ। ଖାକିର ତଦନ୍ତ ଖାକି କିପରି କରିବ ବୋଲି ପ୍ରଶ୍ନ କରିଛନ୍ତି। ଏହି ଘଟଣାର ତଦନ୍ତ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା କରାଯାଉ ବୋଲି କହିଥିଲେ। ନବଙ୍କ ସାମ୍ରାଜ୍ୟ ଦଖଲ ପାଇଁ ବର୍ତ୍ତମାନ ସେଠି (ଝାରସୁଗୁଡ଼ାରେ) ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଚାଲିଛି। ତେଣୁ ଭଟଲି ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସାଲୁଜା କହିଛନ୍ତି।

# ରାଜ୍ୟରେ ଅଛି ୧୭ ବ୍ରିଟିଶ୍ ଅମଳର ପୋଲ

**ମରାମତି ନେଇ ବିଧାନସଭାରେ ଉଦ୍‌ବେଗ**

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ରାଜ୍ୟର ୮ ଜିଲାରେ ରହିଛି ୧୭ଟି ବ୍ରିଟିଶ୍ ଅମଳର ପୋଲ। ବାଲେଶ୍ୱର ଜିଲାରେ ୨ଟି ଥିବା ବେଳେ କଳାହାଣ୍ଡିରେ ୫, ବଲାଙ୍ଗୀରରେ ୨, ଯାଜପୁରରେ ୧, ସମ୍ବଲପୁରରେ ୧, ନୟାଗଡ଼ରେ ୧ ଏବଂ ରାୟଗଡ଼ାରେ ୫ଟି ବ୍ରିଟିଶ ଅମଳର ପୋଲ ରହିଛି। ଅତି ପୁରାତନ ଓ ଦୁର୍ବଳ ପୋଲଗୁଡ଼ିକର ସ୍ଥିତି ନିରୂପଣ ତଥା ମରାମତି ଦିଗକୁ ଅନୁଧ୍ୟାନ କରିବା ପାଇଁ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଗବେଷଣା ପ୍ରତିଷ୍ଠାନର ସହଯୋଗ ନିଆଯାଉଛି। ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ପ୍ରଶ୍ନର ଉତ୍ତରରେ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ଭାଜପା ସଭ୍ୟ ଭାସ୍କର ମଢ଼େଇ, ସନାତନ ବିଜୁଳି, ସୁକାନ୍ତ ନାୟକ, ବିଜେଡି ସଭ୍ୟ ସତ୍ୟନାରାୟଣ ପ୍ରଧାନ, ଅଶୋକ ବଳ, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା, ସୁରେଶ ରାଉତରାୟ ପ୍ରମୁଖ ପୁରୁଣା ପୋଲ ମରାମତି ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ତୁରନ୍ତ ପୋଲଗୁଡ଼ିକର ମରାମତି କରିବାକୁ ଦାବି କରିଥିଲେ।

## ରାଜ୍ୟ ଖବର

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

ପୁରୀ ଅଫିସ, ୨୭।୨

ଫାଲ୍‌ଗୁନ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥି ସୋମବାର ଅବସରରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀରେ ଚଳିତ ବର୍ଷର ମହାପ୍ରଭୁଙ୍କ ତୃତୀୟ ବେଣ୍ଟ (ଶିକାର) ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକମାନେ ବେଣ୍ଟ ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟରେ ବିଜେ କରାଇଥିଲେ। ବନ୍ଦାପନା ପରେ ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ବେଣ୍ଟ ପୋଖରୀକୁ ପ୍ରଭୁ ଶ୍ରୀରାମଚନ୍ଦ୍ର ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ଏହି ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ତନ୍ମଧ୍ୟରୁ ଲେଙ୍କା ସେବକ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ୩ ପର୍ଯ୍ୟାୟରେ ହେବ ସେନା ନିଯୁକ୍ତି

**ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନ୍‌ଲାଇନ ଆବେଦନ**

- ସେନା ୱେବସାଇଟ୍‌ରେ ଉପଲବ୍ଧ ହେବ ଆଡମିଟ୍ କାର୍ଡ
- କମ୍ପ୍ୟୁଟର ମାଧ୍ୟମରେ ସାଧାରଣ ପ୍ରବେଶିକା ପରୀକ୍ଷା

କଟକ ଅଫିସ, ୨୭।୨

ଅଗ୍ନିବୀର ଯୋଜନାରେ ସେନା ନିଯୁକ୍ତି ପ୍ରକ୍ରିୟାରେ କେତେକ ପରିବର୍ତ୍ତନ କରାଯାଇଛି। ଏହି ନିଯୁକ୍ତି ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀମାନେ କମ୍ପ୍ୟୁଟର ଆଧାରିତ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ଦେବେ। ଦ୍ୱିତୀୟ ପର୍ଯ୍ୟାୟରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀ ସେନା କାର୍ଯ୍ୟାଳୟ ଦ୍ୱାରା ସ୍ଥିର କରାଯାଇଥିବା ସ୍ଥାନରେ ଭର୍ତ୍ତି ରାଲି ନିମନ୍ତେ ଉପସ୍ଥିତ ହେବେ। ସେଠାରେ ଶାରୀରିକ ସୁସ୍ଥତା ଓ ଶାରୀରିକ ମାପ ପରୀକ୍ଷା କରାଯିବ। ତୃତୀୟ ପର୍ଯ୍ୟାୟରେ ଚୟନ ହୋଇଥିବା ପ୍ରାର୍ଥୀମାନେ ରାଲି ସ୍ଥଳରେ ଚିକିତ୍ସା ପରୀକ୍ଷା ଦେବେ ବୋଲି କଟକସ୍ଥିତ ଆର୍ମି ରିକ୍ରୁଟମେଣ୍ଟ ଅଫିସଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନା ମୁତାବକ, ସେନାବାହିନୀରେ ନିଯୁକ୍ତି ନିମନ୍ତେ ସେନା ୱେବସାଇଟ୍‌ରେ ଅନ୍‌ଲାଇନ ଆବେଦନ ଓ ପଞ୍ଜୀକରଣ ଫେବୃୟାରୀ ୧୬ରୁ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ଖୋଲା ରହିଛି। ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ସମଗ୍ର ଦେଶର ୧୭୬ଟି ସ୍ଥାନରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ୫ଟି ପରୀକ୍ଷା ସ୍ଥାନ ଚୟନ କରିବା ପାଇଁ ବିକଳ୍ପ ରହିଛି। ସେହି ବିକଳ୍ପରୁ ପରୀକ୍ଷା ସ୍ଥାନ ଆବଣ୍ଟନ କରାଯିବ। ଏଥିସହ ସିଇଇ ନିମନ୍ତେ ପ୍ରବେଶ ପତ୍ର (ଆଡମିଟ କାର୍ଡ) ପରୀକ୍ଷା ଆରମ୍ଭର ୧୦ରୁ ୧୪ ଦିନ ପୂର୍ବରୁ ସେନା ୱେବସାଇଟ୍‌ରେ ଉପଲବ୍ଧ ହେବ। ଏହାର ସୂଚନା ପ୍ରାର୍ଥୀଙ୍କ ମୋବାଇଲ ନମ୍ବରକୁ ଏସ୍‌ଏମ୍‌ଏସ୍ ଓ ଇମେଲ୍ ଆଇଡିକୁ ପଠାଯିବ। ଅନ୍‌ଲାଇନ ସିଇଇ ପରୀକ୍ଷା ସମ୍ବନ୍ଧିତ ପ୍ରଶ୍ନ ବିଷୟରେ ୭୯୯୬୧୫୭୨୨୨ ନମ୍ବରକୁ ଯୋଗାଯୋଗ କରି ସନ୍ଦେହ ଦୂର କରିପାରିବେ। ଅନ୍‌ଲାଇନ ସିଇଇ ପରୀକ୍ଷା କମ୍ପ୍ୟୁଟର ମାଧ୍ୟମରେ ହେବ। ପରୀକ୍ଷା ନିମନ୍ତେ ପାଠ୍ୟକ୍ରମ ଓ ପାର୍ଟର୍ନରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସେହିପରି ଅନ୍‌ଲାଇନ ସିଇଇରେ ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କୁ ଭର୍ତ୍ତି ରାଲି ନିମନ୍ତେ ଚିହ୍ନଟ ହୋଇଥିବା ସ୍ଥାନକୁ ଡକାଯିବ। ଭର୍ତ୍ତି ରାଲି ପ୍ରକ୍ରିୟାରେ ମଧ୍ୟ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ପ୍ରାର୍ଥୀଙ୍କ କୌଣସି ପ୍ରକାର ସନ୍ଦେହ ଦୂର କରିବା ପାଇଁ ଏକ ହେଲ୍‌ପ ଡେସ୍କ ଖୋଲାଯାଇଛି। ଦଲାଲମାନଙ୍କ ପ୍ରରୋଚନା ନ ଆସିବା ପାଇଁ ସେନା ପକ୍ଷରୁ ପରାମର୍ଶ ଦିଆଯାଇଛି। ଜଏନ୍ ଇଣ୍ଡିଆନ ଆର୍ମିର ୱେବ୍‌ସାଇଟ୍‌କୁ ବର୍ତ୍ତମାନ ଅଧିକ ପାରଦର୍ଶିତା ନିମନ୍ତେ ଡିଜିଲକରରେ ଯୋଡ଼ାଯାଇଛି। ଆବେଦନ ପ୍ରକ୍ରିୟାର ଭିଡିଓ ସେନା ୱେବସାଇଟ୍ www.joinindianarmy.nic.in ଏବଂ ୟୁଟ୍ୟୁବ୍‌ରେ ଉପଲବ୍ଧ ରହିଛି।

# ସ୍ଥାୟୀ ନିଯୁକ୍ତି ଦାବିରେ କଳା, କ୍ରୀଡ଼ା ଶିକ୍ଷକଙ୍କ ଧାରଣା

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସର୍ବଶିକ୍ଷା ଅଭିଯାନ ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇଛି। ଡିସେମ୍ବର ୧୫ରୁ ଲୋୟର ପିଏମଜିରେ ମହାସଂଘ ପକ୍ଷରୁ ୩୭ଦିନ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ 'ହକି ଇଣ୍ଡିଆ'କୁ ସମ୍ମାନ ଜଣାଇ ଶିକ୍ଷକମାନେ ଆନ୍ଦୋଳନରୁ ଓହରିଯାଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି ପୂରଣ କରାଯାଇ ନ ଥିବାରୁ ପୁଣିଥରେ ଶିକ୍ଷକମାନେ ଗଣଧାରଣାକୁ ଓହ୍ଲାଇଥିବା ମହାସଂଘର ଆବାହକ ଦେବୁ ପଟ୍ଟନାୟକ କହିଛନ୍ତି। ମାତ୍ର ୫୪୫୨ ଟଙ୍କା ମାସିକ ବେତନରେ ପ୍ରାୟ ୫ ହଜାର ପ୍ରଶିକ୍ଷକ କାର୍ଯ୍ୟ କରୁଛନ୍ତି। ଚାକିରି ନିୟମିତ କରାଯିବା ସହ ବର୍ଦ୍ଧିତ ହାରରେ ଦରମା ପ୍ରଦାନ ଦାବି ରହିଥିବା ସଂଘର ଜୀବନଜଗନ ନାୟକ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସର୍ବଶିକ୍ଷା ଅଭିଯାନରେ ଅନୁମୋଦନପ୍ରାପ୍ତ ୮୮୬୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘର ଚନ୍ଦ୍ରଶେଖର ପାଢ଼ୀ ଚେତାବନୀ ଦେଇଛନ୍ତି।

# ମହାସମାବେଶରେ ପରୀକ୍ଷା ବର୍ଜନ ଚେତାବନୀ ଦେଲେ ଅଧ୍ୟାପକ

**ଆଜି ସରକାରଙ୍କ ସହ ଆଲୋଚନା**




ସମାନ ଗ୍ରେଡ-ପେ'କୁ ସମାନ ଦରମା ବୃଦ୍ଧି, ସମସ୍ତ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଓ ପେନସନ୍ ପରିସରଭୁକ୍ତ ଆଦି ୪ଦଫା ଦାବିରେ ନିଖିଳ ଓଡ଼ିଶା ୬୬୨ (ଯୁକ୍ତ୨ ଓ ଯୁକ୍ତ୩) ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ପରୀକ୍ଷା ପରିଚାଳନାକୁ ନେଇ ଏବେ ବି ଆଶଙ୍କା ରହିଛି। କାରଣ ଆନ୍ଦୋଳନ ଚଳାଇଥିବା ୬୬୨ବର୍ଗର ଅଧ୍ୟାପକମାନେ ପରୀକ୍ଷା ପରିଚାଳନା ବର୍ଜନ କରିବାକୁ ଚେତାଇ ଦେଇଛନ୍ତି। ସୋମବାର ମଧ୍ୟ ତୃତୀୟ ମହାସମାବେଶ କରି ସେମାନଙ୍କ ଦାବିକୁ ଦୋହରାଇବା ସହ ସରକାରଙ୍କୁ ସମାନ ଚେତାବନୀ ଶୁଣାଇଛନ୍ତି। ଏପରିସ୍ଥିତିରେ ମଙ୍ଗଳବାର ସରକାରଙ୍କ ସହ ଅଧ୍ୟାପକଙ୍କ ଆଲୋଚନା ହେବ ବୋଲି ସୂଚନା ମିଳିଛି।

ସମାନ ଗ୍ରେଡ-ପେ'କୁ ସମାନ ଦରମା ବୃଦ୍ଧି, ସମସ୍ତ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଓ ପେନସନ୍ ପରିସରଭୁକ୍ତ କରିବା ଭଳି ୪ଦଫା ଦାବି ନେଇ ନିଖିଳ ଓଡ଼ିଶା ୬୬୨(ଯୁକ୍ତ୨ ଓ ଯୁକ୍ତ୩) ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଗତ ୧୩ ତାରିଖରୁ ଅହୋରାତ୍ର ଆନ୍ଦୋଳନ କରୁଛି। ଏହା ମଧ୍ୟରେ ଦୁଇ ଦୁଇଟି ମହାସମାବେଶ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଦାବି ହାସଲ ପାଇଁ ସୋମବାର ପୁଣିଥରେ ମହାସମାବେଶ କରି ଗର୍ଜିଛନ୍ତି ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ। ସରକାର ଆଲୋଚନାକୁ ନ ଡାକିଲେ ପରୀକ୍ଷା ବର୍ଜନ କରାଯିବ ବୋଲି ସଂଘ ଚେତାଇ ଦେଇଛି।

ଅନ୍ୟପକ୍ଷରେ ଯୁକ୍ତ୨ ପରୀକ୍ଷା ପରିଚାଳନାରେ ସହଯୋଗ କରିବାକୁ ସଂଘକୁ ନିବେଦନ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ସେ କହିଛନ୍ତି, ଦାବି ହାସଲ ପାଇଁ ଆନ୍ଦୋଳନ କରିବା ଭିନ୍ନ କଥା, କିନ୍ତୁ ପିଲାଙ୍କ ସ୍ୱାର୍ଥ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ପରୀକ୍ଷା ପରିଚାଳନାରେ ସହଯୋଗ କରିବା ଦରକାର ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ସଂଘର ତୃତୀୟ ମହାସମାବେଶ ପରେ ସଂଘକୁ ସରକାରଙ୍କ ସହ ଆଲୋଚନା ପାଇଁ ଡକାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ସରକାରଙ୍କ ସହ ୬୬୨ କଲେଜ ସଂଘର ଆଲୋଚନା ହେବ। ଏହାପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସଂଘ ସଭାପତି ଗୋଲକ ନାୟକ କହିଛନ୍ତି। ଏହି ସମାବେଶରେ ଆପ୍ ଓଡ଼ିଶା ମୁଖ୍ୟ ନିଶିକାନ୍ତ ମହାପାତ୍ର, ସାମାଜିକ କର୍ମୀ ପ୍ରଦୀପ୍ତ ନାୟକ, ଶିକ୍ଷାବିତ୍ କମଳାକାନ୍ତ ମହାପାତ୍ର, ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଞ୍ଜ, ସରକାରୀ କଲେଜ ଅଧ୍ୟାପକ ସଂଘର ସାଧାରଣ ସମ୍ପାଦକ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗଦେଇ ସରକାର ଏହି ସମସ୍ୟାର ଶୀଘ୍ର ସମାଧାନ କରନ୍ତୁ ବୋଲି ଦାବି କରିଥିଲେ।

# ଆଜି ବିଧାନସଭା ଘେରିବ ଭାଜପା, ରାଜଭବନ ଆଗରେ ବିଜେଡିର ପ୍ରତିବାଦ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ପୁଣି ରାସ୍ତାରେ ପରସ୍ପର ବିରୋଧରେ ଗୋହି ଖୋଲାଖୋଲି ହେବେ ଉଭୟ ବିଜେଡି ଏବଂ ଭାଜପା। ଗୋଟିଏ ପଟେ ନବ ଦାସ ହତ୍ୟାକାଣ୍ଡ ଏବଂ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଭାଜପା ଯୁବମୋର୍ଚ୍ଚା ବିଧାନସଭା ଘେରାଉ ଡାକରା ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନରେ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଦେଖାଉଥିବା ବିଜେଡି ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ କରାଯିବ। ନବ ଦାସ ହତ୍ୟା ମାମଲାରେ ସରକାରଙ୍କ ଜବାବ ଦାବି ନେଇ ଏହି ଘେରାଉ ହେବ। ରାଜ୍ୟର ପ୍ରତ୍ୟେକ ଜିଲାର ଯୁବତୀ, ଯୁବକମାନେ ଏକାଠି ହୋଇ ଏହି ଘେରାଉ କରିବେ। ଏ ପର୍ଯ୍ୟନ୍ତ ସରକାର ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର କାରଣ ସ୍ପଷ୍ଟ କରିପାରିଲେ ନାହିଁ। ଦିନକୁ ଦିନ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଏଭଳି ପରିସ୍ଥିତିରେ ବିଧାୟିକା କୁସୁମ ଟେଟେଙ୍କ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯେଉଁ ତଥ୍ୟ ରଖିଛନ୍ତି ତାହା ସମସ୍ତଙ୍କୁ ଚକିତ କରୁଛି। ମନ୍ତ୍ରୀଙ୍କ ଉତ୍ତର ଅନୁସାରେ ଅଭିଯୁକ୍ତ ଗୋପାଳ ଦାସ ୧୩ ବର୍ଷ ଧରି ଝାରସୁଗୁଡାରେ ପୋଲିସ ଭାବେ କାର୍ଯ୍ୟରତ ଥିଲେ। ଏପରିକି ପ୍ରତ୍ୟେକ ବର୍ଷ ଗୋପାଳ ବିଭିନ୍ନ ଆର୍ଥିକ ପୁରସ୍କାର ସହ ବିଭାଗ ତରଫରୁ ପୁରସ୍କୃତ ହୋଇଛନ୍ତି। ଥରେ ପଦୋନ୍ନତି ମଧ୍ୟ ପାଇଛନ୍ତି। ଅର୍ଥାତ୍ ଏତେଦିନ ଧରି ପୋଲିସ ବିଭାଗ ଆଉ ଗୋଇନ୍ଦା କିଭଳି ଗୋପାଳ ସମ୍ପର୍କରେ ଜାଣିପାରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ମନ୍ତ୍ରୀଙ୍କ ଉତ୍ତର ଦର୍ଶାଉଛି ଗୋପାଳ ଦାସ ପାଗଳ ନୁହେଁ। ହତ୍ୟା କିଏ କରିଛି ଆଉ କ'ଣ ପାଇଁ କରିଛି, ତାହା ସରକାର ସ୍ପଷ୍ଟ କରୁନାହାନ୍ତି। ତେଣୁ ଏହାର ଜବାବ ଦାବି କରି ଭାଜପା ଯୁବ ମୋର୍ଚ୍ଚା ବିଧାନସଭା ଘେରିବ ବୋଲି ଗୋଲକ କହିଛନ୍ତି।

■ ନବ ଦାସ ହତ୍ୟାର ଜବାବ ଦାବିରେ ଯୁବମୋର୍ଚ୍ଚା ଘେରିବ ବିଧାନସଭା

■ ପିଏମ୍‌ଏୱାଇ ପ୍ରସଙ୍ଗରେ ପ୍ରତିବାଦ କରିବ ବିଜୁ ମହିଳା ଜନତା ଦଳ

ସେହିପରି ବିଜୁ ମହିଳା ଜନତା ଦଳ ପକ୍ଷରୁ ମଙ୍ଗଳବାର ରାଜଭବନ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ଯେତିକି ଘର ଦେବା କଥା ସେତିକି ଯୋଗାଇ ଦେଇନାହାନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାକୁ କମ୍ ଘର ପ୍ରଦାନ କରିଛନ୍ତି। ଗତ ୩ ବର୍ଷ ହେଲା କେନ୍ଦ୍ର ସରକାର ଜମା ବି ଘର ଦେଇ ନ ଥିବାବେଳେ ଏବେ ଯେତିକି ଘର ଆବଶ୍ୟକ ତାଠାରୁ କମ୍ ପ୍ରଦାନ କରିଛନ୍ତି। ତେଣୁ ଏହା ବିରୋଧରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ସହିତ ପ୍ରତିବାଦ କରିବାକୁ ଦଳ ତରଫରୁ ସୂଚୀତ କରାଯାଇଛି।



ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଗିରଫ ପ୍ରତିବାଦରେ ସୋମବାର ଭୁବନେଶ୍ୱର ରାମମନ୍ଦିର ଛକ ନିକଟରେ ଆମ୍ ଆଦ୍‌ମୀ ପାର୍ଟି ଓଡ଼ିଶା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ। (ଫଟୋ: ବିକାଶ ନାୟକ)

# ଛତା ତଳେ ସୋନିଆ, ଖରାରେ ଖାର୍ଗେ

ନୂଆଦିଲ୍ଲୀ, ୨୭।୨

କଂଗ୍ରେସର ୮୫ତମ ମହା ଅଧିବେଶନ ରାୟପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଛତା ତଳେ ଛିଡା ହେବା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଖରାରେ ଛିଡା ହୋଇଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଫଟୋ ସାମ୍ନାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିକ୍ରିୟା ରଖିଛନ୍ତି। ସୋମବାର କର୍ନାଟକରେ ଏକ ବିକାଶମୂଳକ କାର୍ଯ୍ୟର ଉଦ୍ଘାଟନ କରିବା ସହ ମୋଦି ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଏହି ସମୟରେ ମୋଦି କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ମୁଁ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସମ୍ମାନ କରେ। କିନ୍ତୁ ମୁଁ ଏହା ଦେଖି ଦୁଃଖିତ ଯେ କଂଗ୍ରେସ ଅଧିବେଶନରେ ଖାର୍ଗେଙ୍କ ଭଳି ଜଣେ ବରିଷ୍ଠ ନେତା ଖରାରେ ଠିଆ ହୋଇଥିଲେ, ସେଇଠି ଅନ୍ୟ କାହାକୁ ଛତା ଛାଇ ମିଳିଲା ହେଲେ ଅଧ୍ୟକ୍ଷଙ୍କୁ ଛତା ମିଳିନଥିଲା। ଯାହା ଅତ୍ୟନ୍ତ ଲଜ୍ଜାଜନକ। ଖାର୍ଗେ କେବଳ ନାମକୁ ମାତ୍ର ଅଧ୍ୟକ୍ଷ ହୋଇଛନ୍ତି, ହେଲେ ରିମୋଟ କଣ୍ଟ୍ରୋଲ ଆଉ କାହା ହାତରେ ଅଛି।

**ମୋଦି କହିଲେ ଏହା ଲଜ୍ଜାଜନକ**

# ଭାଜପାର ସମସ୍ତେ ସାଧୁ: ସଞ୍ଜୟ ରାଉତ

ମୁମ୍ବାଇ, ୨୭।୨

ଶିବସେନା ଉଦ୍ଧବ ବାଲାସାହେବ ଠାକରେ ନେତା ସଞ୍ଜୟ ରାଉତ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି କେନ୍ଦ୍ର ଭାଜପା ସରକାର ଏହାର ଏଜେନ୍ସି ମାଧ୍ୟମରେ ବିରୋଧୀଙ୍କ ସ୍ୱରକୁ ଦମନ କରିବାକୁ ଚେଷ୍ଟା କରୁଛି। ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଗିରଫଦାରୀ ସମ୍ପର୍କରେ ସେ କହିଛନ୍ତି, ଦେଶର ଅବସ୍ଥା ଏଭଳି ହୋଇଛି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜବରଦସ୍ତ ବିରୋଧୀଙ୍କୁ ନୀରବ କରିବାକୁ ଚେଷ୍ଟା ଚାଲିଛି। ସିସୋଡିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦର୍ଶାଉଛି ଯେ ବିରୋଧୀଙ୍କ କଣ୍ଠରୋଧ କରିବାକୁ କେନ୍ଦ୍ର ଉଦ୍ୟମ କରିଆସିଛି। ଆମେ ସିସୋଡିଆଙ୍କ ସହିତ ଛିଡା ହୋଇଛୁ। ମହାରାଷ୍ଟ୍ର, ଝାଡଖଣ୍ଡ କିମ୍ବା ଦିଲ୍ଲୀ ହେଉ, ମୋଦି ସରକାର ବିରୋଧୀଦଳର ନେତାମାନଙ୍କୁ ଜେଲକୁ ପଠାଇବା ଲାଗି ଇଡି ଏବଂ ସିବିଆଇର ଅପବ୍ୟବହାର କରୁଛି। ସିସୋଡିଆ, ନବାବ ମଲିକ, ଅନିଲ ଦେଶମୁଖ ହୁଅନ୍ତୁ କିମ୍ବା ମୁଁ ସମସ୍ତଙ୍କ ଉପରେ ଚଢ଼ାଉ ହୋଇଛି। କିନ୍ତୁ ଭାଜପାର ସମସ୍ତେ ସାଧୁ-ସନ୍ଥ। ତେଣୁ ସେମାନଙ୍କ ବିରୋଧରେ କୌଣସି ଦୁର୍ନୀତି ମାମଲା ନାହିଁ ବୋଲି ତାଚ୍ଛଲ୍ୟ କରି କହିଛନ୍ତି।

# ପିଡିଏସ୍ ଚାଉଳରେ ଅପମିଶ୍ରଣ ଖବରର ତଦନ୍ତ କରାନ୍ତୁ

**ପୀୟୂଷ ଗୋଏଲଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ରାଜ୍ୟରେ ବଣ୍ଟନ ହେଉଥିବା ପିଡିଏସ୍ ଚାଉଳ ଅପମିଶ୍ରିତ ହେବା ଖବରର ତୁରନ୍ତ ତଦନ୍ତ କରିବା ଆବଶ୍ୟକତା ଅଛି। ଏହାସହ ପୁଷ୍ଟିଯୁକ୍ତ ଚାଉଳର ବଣ୍ଟନ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖି ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କେନ୍ଦ୍ର ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ଯୋଗାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଭାରତବର୍ଷର କୋଟି କୋଟି ଲୋକଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରୁଛି। ଏହି ଯୋଜନାର ପ୍ରମୁଖ ଲାଭାର୍ଥୀ ଓଡ଼ିଶା ହୋଇଛି। ପ୍ରାୟ ୩.୨୫ କୋଟି ହିତାଧିକାରୀଙ୍କୁ ଏହି ଯୋଜନାରେ ଚାଉଳ ପ୍ରଦାନ କରାଯାଉଛି। ମାତ୍ର ନିକଟରେ କୋରାପୁଟ ଜିଲାର ଲମତାପୁଟ, ବାଲେଶ୍ୱରର ସଦର ବ୍ଲକ ତଥା ସୁନ୍ଦରଗଡ଼ ଜିଲା ବଡବାହାଲଠାରେ ପିଡିଏସରେ ଦିଆଯାଉଥିବା ଚାଉଳ ନେଇ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିବା ଜଣାପଡିଛି। ପୂର୍ବରୁ ମିଳୁଥିବା ଚାଉଳ ଏବଂ ବର୍ତ୍ତମାନ ମିଳୁଥିବା ଚାଉଳରେ ପାର୍ଥକ୍ୟ ରହିଥିବା କୁହାଯାଉଛି। ବର୍ତ୍ତମାନ ମିଳୁଥିବା ଚାଉଳ ପାଣିରେ ଭିଜିବା ପରେ ତଳେ ରହିବା ପରିବର୍ତ୍ତେ ଉପରେ ଭାସମାନ ଅବସ୍ଥାରେ ରହୁଛି ଏବଂ ରନ୍ଧାଶୈଳୀ ଓ ସ୍ୱାଦ ମଧ୍ୟ ଭିନ୍ନଥିବା ଜଣାପଡିଛି। ଏହି କାରଣରୁ ପିଡିଏସ ମାଧ୍ୟମରେ ପ୍ଲାଷ୍ଟିକ ଚାଉଳ ବଣ୍ଟନ କରାଯାଉଥିବା ନେଇ ଗୁଜବ ସୃଷ୍ଟି କରାଯାଉଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ବିଷୟରେ ତଦନ୍ତ କରିବା ପାଇଁ ମନ୍ତ୍ରଣାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ଲାଗି କେନ୍ଦ୍ରମନ୍ତ୍ରୀ ପୀୟୂଷଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।


## ODISHA JOINT ENTRANCE EXAMINATION-2022 (OJEE - 2022)

No. OJEE/103 DATE: 27.02.2023

**Notice for 2nd Round Spot Counselling for BAMS/BHMS Courses**

No. h-26:- In view of vacancies still existing in some Ayurvedic and Homoeopathic Colleges, a **2nd Round of Spot Counselling** for admission to BAMS / BHMS courses for the academic session 2022-23 is scheduled to be held **at OJEE CELL, Gandamunda, Bhubaneswar on 02.03.2023.**

**NEET(UG) 2022 All India Rank holders satisfying the qualifying marks criterion (as per relevant notifications of AYUSH), are eligible to participate. However, candidates, who have taken admission in any Institute through All India Counselling by AACCC or through OJEE Counselling at the end of 1st Round of Spot Counselling, are not eligible to participate in the 2nd Spot Counselling.**

Eligible candidates, who are interested to take part in this 2nd Spot Round Counselling, are advised to see the detailed "**Schedule**", "**Vacant Seat Matrix**" and the "**Guidelines and Instructions for Spot Counselling**", available in OJEE website (**ojee.nic.in**) and to come prepared accordingly.

OIPR-14020/11/0034/2223 **Sd./- CHAIRMAN, OJEE**

GOVT. OF ODISHA
## OFFICE OF THE EXECUTIVE ENGINEER (AGRIL.), KORAPUT DIVISION, JEYPORE

E-maii.ID:-eeagril.koraput@gmail.com

No. 318/Agril Date-23.02.2023

**INVITATIONS FOR BIDS THROUGH e-Procurement**
**e-Procurement Notice**
**Bid Identification No:-03/2022-23 Date - 23.02.2023**

**No.L-140:** The Executive Engineer (Agril,), Koraput Division, Jeypore, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.In", for drilling, installation of solar panel, electrification / energization {and commissioning of Cluster Bore well /Solar Bore well) projects in the district of Nabrangpur & Koraput District along with other development works as detailed below:

| Sl. No. | Name of the Work | Tender Value (Excluding GST) (in Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Cluster Bore Well (Solar), At -Bagnaguda,GP-Anchlaguma,Block-Tentulikhunti Dist;-Nabrangpur. | Rs.1683372/- | 6000 | Rs.16834/- | C&D with HT-Electrical License / OREDA & Joint Venture Agreement / MOU with Electrical Contractor having HT-License / OREDA with Work experience of CBW-Solar. | 120 Days |
| 2 | Installation of Community Cluster Borewell (CBW), At Sonpur.GP-Kurabeda, Block-Raighar, Dist;Nabrangpur | Rs.1338066/- | 6000 | Rs.13381/- | C&D with HT-Electrical License or Joint Venture Agreement / MOU with Electrical Contractor having HT-License with work experience for CBW | 120 Days |
| 3 | Cluster River Lift Project, At -Chantahandi,GP-Chantahandi, Block-Nabrangpur, Dist- Nabrangpur | Rs.1189889/- | 6000 | Rs.11899/- | C&D with HT-Electrical License or Joint Venture Agreement / MOU with Electrical Contractor having HT-License With work experience for CRL/CBW | 120 Days |

1. Date & Time of availability of bid document in the portal: 27.02.2023 at 10.00 AM to 13.03.2023,5.30 PM. 2. Last date / Time for receipt of bids In the portal :13.03.2023 upto 5.30 PM. 3. Date & time of opening of Online bids: 16.03.2023 at 11:00 PM onwards. 4. Date of original bid documents (Hard Copy) will be submitted in the Tender Box of O/o. EE(Agril), Koraput Division from 27.02.2023 at 10 AM to 15.03.2023 at 5:30 PM. 5. The Tender Paper Cost will be deposited in shape of Bank Draft in favour of Executive Engineer (Agril), Koraput Division, Jeypore payble at Jeypore. 6. The EMD cost will be submitted in shape of TDR with hard copy of tender document pledged in favour of Executive Engineer (Agril), Koraput Division, Jeypore. The Bidders have to participate in ONLINE bidding only in the e-Procurement website: https;//tendersodisha.gov.in with matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reasons thereof.

**Sd./- Executive Engineer (Agril.), Koraput Division, Jeypore**
**OIPR-01472/11/0004/2223**

## DISTRICT MINERAL FOUNDATION
Angul, Odisha
**Tele: 06764-230745/E-mail: dmfangul@gmail.com**

**RFP No. 151** **Date: 27.02.2023**

**REQUEST FOR PROPOSAL (RFP)**

No. CAD-4943: District Mineral Foundation Trust (DMFT), Angul invites RFP from intended bidders for **"Selection of Agency for the Development of Circular Economy Roadmap of Infrastructure & Allied Sectors in Angul District"** with certain terms and conditions. The details of the Request for Proposal/Bid Documents are available in the district website, i.e. **www.angul.nic.in** and can be downloaded from 27.02.2023. The last date for receipt of the bid documents is 31.03.2023 (5.00 P.M.) through Speed/Registered Post only.

**Sd./- CDO, ZP-cum-Chief Executive DMFT, Angul**
OIPR-30027/11/0011/2223

## BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bdabbsr.in

No. CAD-4946

**INVITATIONS FOR BIDS (IFB)**

**Bid Identification No. 203** **Dated: 24.02.2023**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper (In Rs.) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | E.I. to Cafe Buidling at Buddha Jayanti Jungle Trail Park, Bhubaneswar | 6,68,745.00 | 6,700.00 | 4000.00 + 18% GST | 15 (Fifteen) Days |

2. The Bid documents will be available in the website: **https://tendersodisha.gov.in** from **03.03.2023 at 10.30 hours**. Any addendum/corrigednum/cancellation of tender can also be seen in the said website.
3. Bids shall be received only "Online" on or before **18.03.2023 upto 17.00 hours.** The bidder must possess compatible Digital Signature Certificate (DSC) of Class-II or Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

OIPR-13033/11/0514/2223 Sd./- Executive Engineer, Division-IV, BDA, BBSR

## Odisha State Health & Family Welfare Society
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha), Phone/Fax: 0674- 2392480/79, E-mail ld-hrdnrhm1@gmail.com

Advt. No.: - 03/23 **CONTRACTUAL APPOINTMENT** Date:- 28.02.2023

**No.E-939:** Applications are invited from eligible candidates for filling up of the following positions under National Health Mission, Odisha on contractual basis with monthly remuneration as noted against each and subject to renewal as per the terms and conditions of OSH&FW Society. These positions are purely temporary and co-terminus with the scheme. Lower age limit for all the positions are 21 years as on dtd. 01.02.2023.

| Sl. No. | Name of the Position | No. of Vacancy/ies | Remuneration (in Rs.), Performance Incentive & other allowances as admissible |
|---|---|---|---|
| 01 | Consultant, Nutrition | 01 | Rs.57,281/-+PI |
| 02 | Deputy Manager, RCH | 03 | Rs.45,043/-+PI |

Interested candidates can log on to www.nhmodisha.gov.in for details of vacancy, eligibility criteria, age, ToR & selection procedure etc. Online application form will be available from 28.02.2023 to 14.03.2023 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 21.03.2023 (by 5.30 P.M.).

The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.

OIPR-10084/11/0032/2223 **Sd/-Mission Director, NHM, Member Secretary, OSH&FWS, Odisha**

## OFFICE OF THE EXECUTIVE ENGINEER, RWS&S DIVISION, KENDRAPARA
**At: Ichhapur, Post: Shree Baladevjew, Email: eerwsskendrapara@gmail.com**
**Identification No.RWS/ 73 /2022-23**
**Letter No. 921 /Dated 23.02.2023**
**2nd Corrigendum**

**No.O-1914:** This corrigendum has been made for the NIT-73 invited online vide this office letter No. 639 / Dated. 06.02.2023 with date for selling, closing, clarification and opening which was on dt. 24.02.2023 (selling date), 27.02.2023 (closing date), 04.03.2023 (clarification date) and 06.03.2023 (opening date) has as per 1st corrigendum has been modified and to be read as 28.02.2023, 09.03.2023, 02.03.2023 and 10.03.2023 respectively due to unavoidable circumstances. All the terms and condition remain unaltered.

| Sl. No. | Name of Work | Estimated Cost (Appx.) Rs. In Lakhs | Cost of Tender Paper (Online) | Cost of EMD @1% (Online) | Period of completion |
|---|---|---|---|---|---|
| 1 | Sinking of 200 mm dia Production well through mud rotary rig for RPWS to Jajhanga under Kendrapara Block in Kendrapara District out of B ASUDH A O & M fund. | 7.14 | 4000 | 7200 | 45 days |
| 2 | Sinking of 200 mm dia Production well through mud rotary rig for RPWS to Arjunpur under Garadpur Block in Kendrapara District out of BASUDHA O & M fund. | 7.14 | 4000 | 7200 | 45 days |
| 3 | Sinking of 200 mm dia Production well through mud rotary rig for RPWS to Syamasunderpur Zone Two under Derabish Block in Kendrapara District out of JJM fund. | 5.61 | 4000 | 5700 | 45 days |
| 4 | Sinking of 200 mm dia Production well through mud rotary rig for RPWS to Raghudeipur Zone Three under Derabish Block in Kendrapara District out of JJM fund. | 6.07 | 4000 | 6100 | 45 days |
| 5 | Sinking of 200 mm dia Production well through mud rotary rig for RPWS to Tunga under Aul Block in Kendrapara District out of GP Deposit fund. | 6.69 | 4000 | 6700 | 45 days |

OIPR-25004/11/0079/2223 **Sd./- (Er.B.K.Nayak) Executive Engineer, RWS&S Division, Kendrapara**

## ODISHA PUBLIC SERVICE COMMISSION CUTTACK
**NOTICE**
**No.2138/P.S.C., Dt.27.02.2023**
**PF-1E-11-2021/22 (DR-III)**

**No.D-331:** It is for information of all concerned that, the Interview for recruitment to the post of Post Graduate Teachers in Commerce, pursuant to Advt.No.24 of 2021-22 vide Notice No.1290/PSC, dt.06.02.2023, scheduled to be held from 28.02.2023 to 04.03.2023, has been postponed due to unavoidable circumstances. Further dates will be intimated shortly. The candidates are advised to visit the website of the Commission regularly for further updates regarding the Programme Notice.

**Sd./-Secretary**
OIPR-12002/11/0280/2223

ANNEXURE - I
## PANCHAYAT SAMITI OFFICE, NUAGADA
**At/P.O.: Nuagada, Dist.: Gajapati, PIN - 761214**
**TENDER CALL NOTICE No. 252/2021-22**

**No. 252** **Date: 16.02.2023**

No. i-464: The Block Development Officer, Nuagada invites sealed percentage rate bid on behalf of Government of Odisha from registered and eligible Civil Contractors of the State PWD (R&B)/Water Resource/ Rural Works/M.I./C.P.W.D. conformity with the DTCN are invited from the "B" Class contractors for execution of works under Panchayat Samiti, Nuagada as detailed in Annexure - I. The tender document (DTCN & BOQ) can be obtained from district NIC Website **(www.gajapati.nic.in)** from Dt.20.02.2023 to 03.03.2023 till 1.00 P.M. The tender document (DTCN & BOQ) duly signed by the contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Nuagada payable at "Nuagada" from any Nationalized Bank and NSC/KVP/Time Deposit duly pledged. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Nuagada, payable at "Nuagada" from any Nationalized Bank. The tenders will be received upto Dt.03.03.2023 till 5.00 P.M. and addressed to O/o. Block Development Officer, Nuagada, Gajapati - 761214 through Registered/Speed Post only. The tender to be opened on Dt.04.03.2023 at 11.00 A.M. at Block Conference Hall, O/o. the Block Development Officer, Nuagada, Gajapati, in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/ credentials. The detail terms and conditions can be seen at NIC website **(www.gajapati.nic.in)**. The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

**Sd./- Block Development Officer, Nuagada**
**OIPR-19317/11/0001/2223**

## ODISHA HYDRO POWER CORPORATION LTD.
OHPC
**(A Gold Rated State PSU)**
**O/o. Sr.General Manager, Rengali Hydro Electric Project**
**P.O. Rengali Dam Site, Pin-759105,Dist-Angul (Odisha),**
**Tel:06760-266031, e-mail:sgmel500@gmail.com**

**No.RHEP/TW/PUR-III-WKS-III-20/ 1339** **Date:27.02.2023**
**ଚିଠି କ୍ର.ନଂ.-୧୩୩୯** **ତା.୨୭.୦୨.୨୦୨୩**

**ବିଜ୍ଞପ୍ତି**

**No.CAD-4956:** ଏତଦ୍ୱାରା ରେଙ୍ଗାଲି ଡ୍ୟାମ୍ ସାଇଟ୍, ଅନୁଗୋଳର ସମସ୍ତ Non-OHPC ବିଦ୍ୟୁତ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସ୍ଥାନୀୟ ବିଦ୍ୟୁତ ବଣ୍ଟନ କ୍ଷମତା ବିଦ୍ୟୁତ ବିତରଣ company Tata Power (TPCODL) କୁ ହସ୍ତାନ୍ତର ପ୍ରକ୍ରିୟା ଚାଲୁ ରହିଛି, ଯାହାକି ଆସନ୍ତା ତା.୦୨.୦୩.୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ତେଣୁ ଆପଣମାନଙ୍କୁ ସବିଶେଷ ଅନୁରୋଧ ଯେ, ଆପଣମାନେ ଯଥାଶୀଘ୍ର ବିଶ୍ୱକର୍ମା ପୂଜା ମଣ୍ଡପଠାରେ ଅସ୍ଥାୟୀ CAMP ଏବଂ ରେଙ୍ଗାଳି ସ୍ଥିତ ଟି.ପି.ସି.ଓ.ଡି.ଏଲ. ଅଫିସରେ ଯୋଗାଯୋଗ କରି ଉପଭୋକ୍ତା ହେବା ପାଇଁ ଆବଶ୍ୟକୀୟ ନଥିପତ୍ର (Document) ଦେଇ ଆବେଦନ କରନ୍ତୁ । ନଚେତ୍ ପରବର୍ତ୍ତୀ ସମୟରେ ବିଦ୍ୟୁତ ବିଚ୍ଛିନ୍ନ ପାଇଁ ରେଙ୍ଗାଳି ଜଳ ବିଦ୍ୟୁତ ପ୍ରକଳ୍ପ, ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**ସ୍ୱା./-ବରିଷ୍ଠ ସାଧାରଣ ପରିଚାଳକ**
**ରେଙ୍ଗାଳି ଜଳ ବିଦ୍ୟୁତ୍ ପ୍ରକଳ୍ପ**
**OIPR-04022/11/0117/2223**

# ୭ ଦିନରେ ୧୦.୪୩ ଲକ୍ଷ କୋଟି ହରାଇଛନ୍ତି ନିବେଶକ

ନୂଆଦିଲ୍ଲୀ,୨୭।୨



କ୍ରମାଗତ ୭ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଫଳରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୦.୪୩ ଲକ୍ଷ କୋଟି ଟଙ୍କା ହରାଇଥିବା ଜଣାପଡିଛି। ବିଶେଷ କରି ଫେବୃୟାରୀ ୧୬ରୁ ୨୭ ମଧ୍ୟରେ ସେନସେକ୍ସ ପ୍ରାୟ ୨,୦୩୧ ପଏଣ୍ଟ ହ୍ରାସ ହୋଇଛି। ଏହିସମୟ ମଧ୍ୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ରେ ତାଲିକାଭୁକ୍ତ କମ୍ପାନିଗୁଡିକର ବଜାର ପୁଞ୍ଜି ୧୦,୪୨,୭୯୦.୩୦ କୋଟି ଟଙ୍କା ହ୍ରାସ ହୋଇ ୨,୫୭,୮୮,୧୯୫.୫୭ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ବିକଶିତ ଦେଶ ଗୁଡିକର କେନ୍ଦ୍ରୀୟ ବ୍ୟାଙ୍କଙ୍କ ପକ୍ଷରୁ ସୁଧ ହାର ବୃଦ୍ଧି ଏବଂ ଭୌଗୋଳିକ କାରଣରୁ ଚାପରେ ଥିବା ବିଶ୍ୱ ବଜାର ସହ ବିଦେଶୀ ନିବେଶକଙ୍କ ଶେୟାର ବିକ୍ରି ଯୋଗୁ ଘରୋଇ ପୁଞ୍ଜି ବଜାର ମଧ୍ୟ ଚାପରେ ରହିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଚଳିତ ସପ୍ତାହ ପ୍ରଥମ କାର୍ଯ୍ୟରେ ବିଏସଇର ୩୦ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୧୭୫.୫୮ ପଏଣ୍ଟ ହ୍ରାସ ସହ ୫୯,୨୮୮.୩୫ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୫୦ରେ ମଧ୍ୟ ୭୩. ୧୦ ପଏଣ୍ଟ ହ୍ରାସ ପାଇ ୧୭,୩୯୨.୭୦ ଅଙ୍କରେ ବଜାର ବନ୍ଦ ବନ୍ଦ ହୋଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ସୋମବାର ବଜାର କାରବାର ସମୟରେ ସେନସେକ୍ସର ଶେୟାର ମଧ୍ୟରେ ଟାଟା ଷ୍ଟିଲ, ଇନଫୋସିସ୍, ଟାଟା ମୋଟର୍ସ, ଟାଟା କନସଲଟାନ୍ସି ସର୍ଭିସେସ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚସିଏଲ ଟେକ୍ନୋଲଜିସ୍, ଏନ ଆଣ୍ଡ ଟି, ଭାରତୀ ଏୟାରଟେଲ୍, ୱିପ୍ରୋ ଏବଂ ବଜାଜ ଫାଇନାନ୍ସରେ ସବୁଠୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଅନ୍ୟପଟେ ପାୱର ଗ୍ରୀଡ, ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଏସବିଆଇ ବ୍ୟାଙ୍କ ଲାଭ ସହ ବନ୍ଦ ହୋଇଛି। ସେହିପରି ସେକ୍ଟୋରଲ ସୂଚକାଙ୍କରେ ଟେକ୍ ୨%, ଆଇଟିରେ ୧.୯୬%, କମୋଡିଟିରେ ୧.୭୫%, ମେଟାଲରେ ୧.୩୯%, କ୍ୟାପିଟଲ ଗୁଡସରେ ୦.୯୫% ହ୍ରାସ ଘଟିଛି।

## ଟିଏସ୍‌ଏମ୍‌ଏଲ୍‌କୁ ପ୍ରଡକ୍ଟିଭିଟି ଏକ୍ସଲେନ୍ସ ଆୱାର୍ଡ

ନୂଆଦିଲ୍ଲୀ,୨୭।୨

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ସମ୍ମାନ ମିଳିଥିବା ଜଣାପଡିଛି। ବିଶେଷକରି ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦଙ୍କ ପକ୍ଷରୁ ଆୟୋଜନ କରାଯାଇଥିବା ପ୍ରଡକ୍ଟିଭିଟି ଏକ୍ସଲେନ୍ସ ଆୱାର୍ଡ ସମାରୋହରେ ଟିଏସ୍‌ଏମ୍‌ଏଲ୍‌କୁ ୩ଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଟିଏସ୍‌ଏମ୍‌ଏଲ ପରିବେଶ ଟିମ୍‌କୁ ୫-ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଥିବା ବେଳେ ଫେରୋ ଆଲଏଜ୍ ଟିମ୍-ଗୋପାଳପୁର ଏବଂ ପ୍ରୋକ୍ୟୁରମେଣ୍ଟ ଟିମ୍‌କୁ ୪-ଷ୍ଟାର ରେଟିଂ ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦଙ୍କ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ଟାଟା ଷ୍ଟିଲ୍ ମାଇନିଂର ବରିଷ୍ଠ ମହାପ୍ରବନ୍ଧକ ବିଭୁଦତ୍ତ ମହାନ୍ତି ଓ ଅନ୍ୟ ଅଧିକାରୀମାନଙ୍କୁ ଖଣ୍ଡପଡ଼ାର ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

## ଜେଏସ୍‌ପିକୁ ସିଏସ୍‌ଆର୍ ଜର୍ନାଲ୍ ଆୱାର୍ଡ



ନୂଆଦିଲ୍ଲୀ,୨୭।୨

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଇସ୍ପାତ ନିର୍ମାତା 'ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର' (ଜେଏସପି)କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ କରି ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜେଏସପିକୁ ସମ୍ମାନଜନକ ସିଏସ୍‌ଆର୍ ଜର୍ନାଲ୍ ଆୱାର୍ଡ ଦିଆଯାଇଛି। ଏପରିକି ମୁମ୍ବାଇ ସ୍ଥିତ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଜେଏସପିର ସଭାପତି ତଥା ଗ୍ରୁପ ମୁଖ୍ୟ (ସିଏସଆର) ପ୍ରଶାନ୍ତ ହୋତା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପୂର୍ବତନ ନିର୍ବାଚନ କମିଶନର ଜେଏସ୍ ସାହାରିଆଙ୍କଠାରୁ ସିଏସ୍‌ଆର୍ ଜର୍ନାଲ ଉତ୍କର୍ଷ ପୁରସ୍କାର ୨୦୨୨ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ସିଏସଆର କାର୍ଯ୍ୟକ୍ରମ ପାଇଁ କମ୍ପାନୀମାନଙ୍କୁ ପ୍ରଶଂସା କରିଥିଲେ। ଅପରପକ୍ଷରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଜେଏସପି ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା 'ଆଶା-ଦ ହୋପ'ର ବିଭିନ୍ନ ପଦକ୍ଷେପ ନିମନ୍ତେ ଜେଏସପିକୁ ଉକ୍ତ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

## ଲିଓ ୱାନ୍ ନୂତନ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୨୭।୨

ଦେଶର ପ୍ରମୁଖ ଫିନ୍‌ଟେକ କମ୍ପାନୀ ତଥା ଶୁଳ୍କ ପେମେଣ୍ଟ ସଲ୍ୟୁଶନ୍ ପ୍ରଦାନକାରୀ ପ୍ଲାଟଫର୍ମ ଲିଓ ୱାନ୍ ପକ୍ଷରୁ ଏକ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ବିଶେଷ କରି ବିନା ସୁଧ ଇଏମ୍‌ଆଇରେ ଏକ ଅଭିନବ ଶୁଳ୍କ ପେମେଣ୍ଟ ମଡେଲ ସର୍ବଭାରତୀୟସ୍ତରରେ ଶୁଭାରମ୍ଭ ହୋଇଯାଇଛି। ବର୍ତ୍ତମାନ ସମୟରେ ଅଭିଭାବକମାନଙ୍କ ପାଇଁ ଶିକ୍ଷା ଶୁଳ୍କ ପ୍ରଦାନ ଏକ ଆହ୍ୱାନ ହୋଇଥିବା ବେଳେ ଶିକ୍ଷାର ସମଗ୍ର ମୂଲ୍ୟ ଶୃଙ୍ଖଳାକୁ ବିଚଳିତ କରିଛି। ସେହିଭଳି ପାଣ୍ଠିର ଅଭାବ ଉଭୟ ମାତାପିତା ଏବଂ ଅନୁଷ୍ଠାନ ପାଇଁ ଏକ ପ୍ରମୁଖ ପ୍ରତିବନ୍ଧକ ହୋଇଥାଏ। ଏପରିକି ଲିଓ ୱାନର ଉକ୍ତ ସୁବିଧାକୁ ଅଭିଭାବକମାନେ ବିନା ମୂଲ୍ୟର କିସ୍ତିରେ ସେମାନଙ୍କର ପିଲାମାନଙ୍କର ଶିକ୍ଷା ଶୁଳ୍କ ଦେଇପାରିବେ। ଏହା ମଧ୍ୟ ଶିକ୍ଷାନୁଷ୍ଠାନ ଅଧିବେଶନ ଆରମ୍ଭରେ ୧୦୦% ଶୁଳ୍କ ଗ୍ରହଣ କରିବାକୁ ଅନୁମତି ଦେଇଥାଏ ଏବଂ ମାତାପିତାମାନଙ୍କ ପାଇଁ କୌଣସି ମୂଲ୍ୟ ଏବଂ ଶୂନ୍ୟ ସୁଧ ଇଏମ୍‌ଆଇକୁ ସୁଗମ କରିଥାଏ। ଏହା ବ୍ୟତୀତ ଲିଓ ୱାନ ଛାତ୍ରମାନଙ୍କୁ ସେମାନଙ୍କର ଶିକ୍ଷା ଜାରି ରଖିବା ପାଇଁ ସେମାନଙ୍କର ନିରାପତ୍ତା ନିଶ୍ଚିତ କରିବାକୁ ମାଗଣା ବୀମା ମଧ୍ୟ ଯୋଗାଇଥାଏ। ଏ ସମ୍ପର୍କରେ ଲିଓ ୱାନର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ରୋହିତ ଗଜଭିୟେ କହିଛନ୍ତି, ଗୁଣାତ୍ମକ ଶିକ୍ଷାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଆମର ମୂଳ ଲକ୍ଷ୍ୟ। ବିଶେଷ କରି ଆମେ ଶିକ୍ଷା ଅନୁଷ୍ଠାନ ଏବଂ ଓଡ଼ିଶାର ମାତାପିତାଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ଗ୍ରହଣ କରୁଛୁ, ଯାହା ଆମର ଯୋଜନାକୁ ଅଧିକ ବିସ୍ତାର କରିବାରେ ପ୍ରମାଣିତ କରିଥାଏ। ଏପରିକି ଆମେ ରାଜ୍ୟର ପ୍ରମୁଖ ସହରଗୁଡିକରେ ଥିବା ଅନେକ ଅନୁଷ୍ଠାନ ସହ ସହବନ୍ଧିତ ହୋଇସାରିଛୁ ଏବଂ ଅନ୍ୟ ସହରକୁ ମଧ୍ୟ ବିସ୍ତାର କରୁଛୁ। ଏହି ସୁବିଧା ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ପ୍ରାରମ୍ଭରେ ସମ୍ପୂର୍ଣ୍ଣ ଶୁଳ୍କ ପାଇବାରେ ସାହାଯ୍ୟ କରେ ଏବଂ କାର୍ଯ୍ୟ କରିବା ପାଇଁ ସେମାନଙ୍କର ଅର୍ଥର ଅଭାବ ରହିବ ନାହିଁ।

## 'ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱାରୋପ'

ଭୁବନେଶ୍ୱର,୨୭।୨




ଆର୍ସେଲର ମିତ୍ତଲ-ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ବିଶ୍ୱ କଲ୍ୟାଣ ସେବା ଟ୍ରଷ୍ଟକୁ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ (ଏଏଲ୍‌ଏସ୍) ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ବିଶେଷ କରି ଗ୍ରାମୀଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ନିମନ୍ତେ ଟ୍ରଷ୍ଟକୁ ଉକ୍ତ ଆମ୍ବୁଲାନ୍ସ ଦିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଏଏମ୍-ଏନ୍‌ଏସ୍ ଇଣ୍ଡିଆର କର୍ପୋରେଟ ସାମାଜିକ ଦାୟିତ୍ୱବୋଧତା (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଏବଂ ଝାଡଖଣ୍ଡଠାରେ ସମାଜର ଉନ୍ନତି ନିମନ୍ତେ କାର୍ଯ୍ୟ କରୁଥିବା ଉକ୍ତ ଟ୍ରଷ୍ଟ (ଏନ୍‌ଜିଓ)କୁ ଏଭଳି ଏକ ଏଏଲ୍‌ଏସ୍ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଉକ୍ତ ଆମ୍ବୁଲାନ୍ସଗୁଡିକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେବ ଏବଂ ଏହା ଦ୍ୱାରା ଓଡ଼ିଶା ଓ ଝାଡଖଣ୍ଡର ପ୍ରାୟ ୫୦ଟି ଗ୍ରାମରେ ବସବାସ କରୁଥିବା ବାସିନ୍ଦାଙ୍କୁ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ। ସେହିଭଳି ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ଏକ ଟିମ୍ ମଧ୍ୟ ନିୟମିତ ବ୍ୟବଧାନରେ ଉପରୋକ୍ତ ରାଜ୍ୟର ବିଭିନ୍ନ ଗ୍ରାମକୁ ଯାଇ ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହେବା ସହ ଉନ୍ନତ ଚିକିତ୍ସା ସୁନିଶ୍ଚିତ କରିବେ। ଏହି ଅତ୍ୟାଧୁନିକ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସରେ ଆବଶ୍ୟକ ସମସ୍ତ ପ୍ରକାର ଉପକରଣ ଯେପରିକି ଡିଫାଇବ୍ରିଲେଟର, ଭେଣ୍ଟିଲେଟର, ସକ୍ସନ୍ ମେଶିନ୍, ନେବୁଲାଇଜର, ଅଟୋମେଟିକ୍ ବିପି ଆପାରାଟସ୍, ହେଡ୍ ଇମୋବିଲିଜର, ସର୍ଭିକାଲ କୋଲାର, ଅକ୍ସିଜେନ୍ ସିଲିଣ୍ଡର, ପୋର୍ଟେବଲ୍ ଏକ୍ସ-ରେ, ଇସିଜି, ପାଥୋଲୋଜି ସେଟଅପ୍ ଏବଂ ଅନ୍ୟାନ୍ୟ ଉପକରଣ ରହିଛି। ଉଲ୍ଲେଖଯୋଗ୍ୟ ଏଏମ୍-ଏନ୍‌ଏସ୍ ଇଣ୍ଡିଆର ମାଇନିଂ-ଅପରେଶନ୍ ମୁଖ୍ୟ ଶରଣାପ୍ପା କାମ୍ବଲି, ସିଏସ୍‌ଆର ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ ବଡବିଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଶ୍ୱ କଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ରୁପ୍ କୁମାର ସ୍ୱାମୀଙ୍କୁ ଉକ୍ତ ଆମ୍ବୁଲାନ୍ସ ହସ୍ତାନ୍ତର କରିଥିଲେ।

## 'ସ୍ୱତନ୍ତ୍ର ୫ଜି ୟୁଜର୍ସ ୧୦ ନିୟୁତରୁ ଅଧିକ'

ନୂଆଦିଲ୍ଲୀ,୨୭।୨

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲ୍ ନିକଟରେ ଆଉ ଏକ ବିଶେଷ ସଫଳତା ହାସଲ କରିଥିବା ଜଣାପଡିଛି। ଏପରିକି ଏୟାରଟେଲ ନେଟ୍‌ୱର୍କରେ ସ୍ୱତନ୍ତ୍ର ୫ଜି ୟୁଜର୍ସଙ୍କ ସଂଖ୍ୟା ୧୦ ନିୟୁତରୁ ଅଧିକ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଟିଓ ରଣଦୀପ ସେଖନ କହିଛନ୍ତି, ଏହା ପ୍ରାରମ୍ଭିକ ଦିନ ହୋଇଥିଲେ ମଧ୍ୟ ଗ୍ରାହକମାନଙ୍କଠାରୁ ମିଳିଥିବା ପ୍ରତିକ୍ରିୟାକୁ ନେଇ ଆମେ ବେଶ୍ ଉତ୍ସାହିତ ରହିଛୁ। ଏକ ଅଧିକ ଯୋଗାଯୋଗ ଭିତ୍ତିକ, ସମାନତା ଏବଂ ନିରନ୍ତର ନେଟୱର୍କ ଗଠନ କରିବା ପାଇଁ ରହିଥିବା ପ୍ରତିବଦ୍ଧତାକୁ ଏୟାରଟେଲ୍ ଜାରି ରଖିବ। ଏୟାରଟେଲ୍ ୫ଜି ପ୍ଲସ୍‌ର ଗ୍ରାହକମାନଙ୍କ ପାଇଁ ତିନି ପ୍ରକାର ଲାଭ ରହିଛି। ପ୍ରଥମଟି ହେଉଛି ଏହା ଏକ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ହେଉଛି, ଯାହା ବେଶ୍ ଉନ୍ନତ ବ୍ୟବସ୍ଥା ସହ ବିଶ୍ୱବ୍ୟାପୀ ଗ୍ରହଣୀୟତା ହାସଲ କରିଛି। ଏହା ନିଶ୍ଚିତ କରୁଛି ଯେ ସମସ୍ତ ୫ଜି ସ୍ମାର୍ଟଫୋନ୍ ନିରବଚ୍ଛିନ୍ନ ଭାବେ ଏୟାରଟେଲ୍ ନେଟ୍‌ୱର୍କରେ କାର୍ଯ୍ୟ କରିବ। ଦ୍ୱିତୀୟଟି ହେଉଛି କମ୍ପାନୀ ଶ୍ରେଷ୍ଠ ଅନୁଭୂତି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛି-ସୁପର-ଫାଷ୍ଟ କଲ୍ ସଂଯୋଗ, ଚମତ୍କାର ଭଏସ ଅନୁଭୂତି ସହିତ ଆଜିର ଦିନ ତୁଳନାରେ ୨୦ରୁ ୩୦ ଗୁଣା ଅଧିକ ଡାଟା ସ୍ପିଡ୍। ତୃତୀୟରେ ସ୍ୱତନ୍ତ୍ର ଶକ୍ତି ହ୍ରାସ ସମାଧାନ ସହିତ ପରିବେଶ ପାଇଁ ମଧ୍ୟ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କ ଅନୁକୂଳ ରହିବ। ଦେଶର ସମସ୍ତ ରିଟେଲ ଷ୍ଟୋର୍‌ରେ ଏୟାରଟେଲ୍ ପକ୍ଷରୁ ୫ଜି ଏକ୍ସପେରିଏନ୍ସ ଜୋନ୍ ସୃଷ୍ଟି କରାଯାଇଛି। ଅଲ୍‌ଟ୍ରାଫାଷ୍ଟ ଏୟାରଟେଲ୍ ୫ଜି ପ୍ଲସ୍‌ର ଅନୁଭବ ହାସଲ କରିବା ଲାଗି ଗ୍ରାହକମାନେ ଷ୍ଟୋର ପରିଦର୍ଶନ କରିପାରିବେ।

ଫୁରସତ୍

# ଦୂରରେ ଥାଇ ପ୍ରେମୀଯୁଗଳ କରିପାରିବେ କିସ୍

ବେଜିଂ



ପ୍ରେମୀଯୁଗଳ ସବୁବେଳେ ଏକାଠି ସମୟ ଅତିବାହିତ କରିବାକୁ ପସନ୍ଦ କରିଥାନ୍ତି। ତେବେ ଯଦି କୌଣସି ପ୍ରେମୀଯୁଗଳ ପରସ୍ପରଠାରୁ ବହୁ ଦୂରରେ ରହୁଥାନ୍ତି, ତେବେ ସେମାନେ ସବୁବେଳେ ପରସ୍ପରକୁ ଦେଖାହେବା ସମ୍ଭବ ହୋଇ ନ ଥାଏ। ଏପରି କ୍ଷେତ୍ରରେ ଚାଇନା ଏପରି ଏକ ଯନ୍ତ୍ର ପ୍ରସ୍ତୁତ କରିଛି, ଯାହାଦ୍ୱାରା କି ପ୍ରେମୀ ଯୁଗଳ ଦୂରରେ ରହୁଥିଲେ ମଧ୍ୟ ସେମାନେ ଉକ୍ତ ଯନ୍ତ୍ର ସାହାଯ୍ୟରେ ପରସ୍ପରକୁ କିସ୍ କରିପାରିବେ। ଏହି ଯନ୍ତ୍ରକୁ କିସିଂ ଡିଭାଇସ୍ ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଏହି ଡିଭାଇସ୍‌ରେ ଏକ ସିଲିକନ୍ ଓଠ ଲାଗିଛି। ସେଥିରେ କିସ୍ କଲେ ତାହା ପ୍ରକୃତ କିସ୍ ଭଳି ଲାଗିବ। ତାହା ଆମ ଶରୀରର ଚାପ, ତାପ ଅନୁସାରେ କାମ କରିବ। ସେଥିପାଇଁ ସେହି ଡିଭାଇସ୍‌କୁ ଫୋନ ସହ ସଂଯୋଗ କରିବାକୁ ପଡ଼ିବ ଏବଂ ଫୋନ୍‌ରେ ଏକ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ନିଜ ପ୍ରେମିକା କିମ୍ବା ପ୍ରେମିକ ସହ ଭିଡିଓ କଲ୍‌ରେ କଥା ହେବା ସମୟରେ ସେମାନେ କିସ୍ କରିପାରିବେ ବୋଲି ପ୍ରସ୍ତୁତକାରୀ ଜିଆଙ୍ଗ ଝୋଙ୍ଗ୍‌ଲି କହିଛନ୍ତି। ଏହା ପୂର୍ବରୁ ମାଲେସିଆ ୨୦୧୬ରେ ଏଭଳି ଏକ ଡିଭାଇସ୍ ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

## ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ

ମୁମ୍ବାଇ



ଆଲିଆ ଭଟ୍ଟ

ପ୍ରତିବର୍ଷ ପରି ଚଳିତବର୍ଷ ଜୀ ସିନେ ଆୱାର୍ଡ-୨୦୨୩ ରବିବାର ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଏଥିରେ ରଶ୍ମିକା ମନ୍ଦାନା, କାର୍ତ୍ତିକ ଆର୍ଯ୍ୟନ, କିଆରା ଆଡ୍‌ଭାନୀ, ବରୁଣ ଧାୱନ, ଆଲିଆ ଭଟ୍ଟ, ଅନୁପମ ଖେର୍ ଏବଂ ଅନିଲ କପୁରଙ୍କ ସମେତ ଅନେକ କଳାକାର ଉପସ୍ଥିତ ଥିଲେ। ଏଥିରେ ବର୍ଷର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଆଲିଆ ପୁରସ୍କୃତ ହୋଇଛନ୍ତି। ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'ରେ ତାଙ୍କର ଚମତ୍କାର ଅଭିନୟ ପାଇଁ ସେ ଏହି ପୁରସ୍କାରର ଅଧିକାରିଣୀ ହୋଇପାରିଛନ୍ତି। ସେହିପରି ଶ୍ରେଷ୍ଠ ଅଭିନେତା ଭାବେ କାର୍ତ୍ତିକ ଆର୍ଯ୍ୟନଙ୍କୁ ପୁରସ୍କୃତ କରାଯାଇଛି। ଫିଲ୍ମ 'ଭୁଲ୍‌ଭୁଲେୟା-୨'ରେ ଦମ୍‌ଦାର ଅଭିନୟ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଆଲିଆ ମା' ହେବା ପରେ ପ୍ରଥମଥର ପାଇଁ ରେଡ୍ କାର୍ପେଟ୍‌ରେ ଯୋଗଦେଇଥିଲେ। ଏଥିସହ ଡାର୍ଲିଂ ଫିଲ୍ମରେ ଅଭିନୟ କରି ଆଲିଆ ଦର୍ଶକଙ୍କ ପସନ୍ଦର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଏହା ପୂର୍ବରୁ ଆଲିଆ ଦାଦାସାହେବ ଫାଲ୍‌କେ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମଧ୍ୟ ପୁରସ୍କୃତ ହୋଇସାରିଛନ୍ତି। ଜୀ ସିନେ ଆୱାର୍ଡ ସହ ଆଲିଆ ରାତି ୨ଟାରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ଶେୟାର କରି ସ୍ୱାମୀ ରଣବୀର କପୁରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ପାଇଁ ସେ ଭଂସାଲି ପ୍ରଡକ୍ସନକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ତେବେ ଆଲିଆଙ୍କୁ ନିକଟରେ 'ବ୍ରହ୍ମାସ୍ତ୍ର', 'ଡାର୍ଲିଂ', 'ଆର୍‌ଆର୍‌ଆର୍'ରେ ଦେଖିବାକୁ ମିଳିଥିଲା।

## ଦେଶର ପ୍ରଥମ ଡିଜିଟାଲ ନାଗରିକ

**ଥିମ୍ପୁ:** ଭୁଟାନର ରାଜକୁମାର ୭ ବର୍ଷୀୟ ଜିଗ୍‌ମେ ନାମ୍‌ଜୟେଲ୍ ୱାଙ୍ଗଚୁକ୍ ଭୁଟାନ ନ୍ୟାଶନାଲ ଡିଜିଟାଲ ପରିଚୟ(ଏନ୍‌ଡିଏ) ମୋବାଇଲ ୱାଲେଟ୍ ଉପରେ ଦେଶର ପ୍ରଥମ ଡିଜିଟାଲ ନାଗରିକତ୍ୱ ହାସଲ କରିଛନ୍ତି। ଏନେଇ ଭୁଟାନ ଲାଇଭ୍ ରିପୋର୍ଟ କରିଛି। ରିପୋର୍ଟ ମୁତାବକ, ଭୁଟାନ ଏନ୍‌ଡିଏ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ନାଗରିକଙ୍କୁ ସୁରକ୍ଷିତ ତଥା ଯାଞ୍ଚଯୋଗ୍ୟ ପରିଚୟ ପ୍ରମାଣପତ୍ର ପ୍ରଦାନ କରିଥାଏ। ସେମାନଙ୍କ ଗୋପନୀୟତାକୁ ମଧ୍ୟ ସୁରକ୍ଷିତ ରଖେ। ଭୁଟାନର କାର୍ଯ୍ୟନିର୍ବାହୀ ସଚିବ ଜିଗ୍‌ମେ ଟେନ୍‌ଜିଂ କହିଛନ୍ତି, ଦେଶର ପ୍ରଥମ ଡିଜିଟାଲ ନାଗରିକ ଭାବେ ସେ ତାଙ୍କ ରାଜକୁମାର ପାଇଥିବାରୁ ସେମାନେ ଗୌରବାନ୍ୱିତ। ଏହି ଫ୍ଲାଗ୍‌ଶିପ୍ ପଦକ୍ଷେପ ନାଗରିକମାନଙ୍କୁ ସୁରକ୍ଷିତ ଓ ଯାଞ୍ଚଯୋଗ୍ୟ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରିବ ଏବଂ ତାଙ୍କ ଡିଜିଟାଲ ଭବିଷ୍ୟତ ପାଇଁ ଏକ ମୂଳଦୁଆ ପକାଇବ ବୋଲି ସେ କହିଛନ୍ତି। ଟେକ୍ନୋଲୋଜି ବିକାଶ କ୍ଷେତ୍ରରେ ଏହା ତାଙ୍କୁ ସାହାଯ୍ୟ କରିବ। ଜୀବନକୁ ପରିବର୍ତ୍ତନ କରିବାକୁ ଟେକ୍ନୋଲୋଜି ବ୍ୟବହାର ପ୍ରେରଣାଦାୟୀ ହେବ।



## ଯାଆଁଳା ହୋଇ ମଧ୍ୟ ଉଚ୍ଚତା ଭିନ୍ନ



**ଟୋକିଓ:** ମା' ଗର୍ଭରୁ ଏକାସାଙ୍ଗରେ ଜନ୍ମିତ ଶିଶୁଙ୍କୁ ଯାଆଁଳା ବୋଲି କୁହାଯାଏ। ସେମାନେ ଦେଖିବାକୁ ମଧ୍ୟ ଏକାଭଳି ହୋଇଥାନ୍ତି। ହେଲେ କିଛି କ୍ଷେତ୍ରରେ ଏକାସାଙ୍ଗରେ ଜନ୍ମ ହୋଇଥିଲେ ମଧ୍ୟ ଦେଖିବାକୁ ଏକାଭଳି ହୋଇ ନ ଥାନ୍ତି। କେବଳ ସେମାନଙ୍କୁ ଟୁଇନ୍ସ କୁହାଯାଏ। ଜାପାନରେ ୨ ଭଉଣୀ ଏକ ସମୟରେ ଜନ୍ମ ହୋଇଥିଲେ ମଧ୍ୟ ସେମାନଙ୍କ ଉଚ୍ଚତା ସମ୍ପୂର୍ଣ୍ଣ ଭିନ୍ନ। ଦୁହିଙ୍କର ଏପରି ଉଚ୍ଚତା ଅସମାନତା ଯୋଗୁ ସେମାନେ ଗିନିଜ୍ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି। ନିକଟରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ତା' ଟୁଇଟର ପେଜ୍‌ରେ ଏନେଇ ଏକ ଭିଡିଓ ଜାରି କରିଛି। ରିପୋର୍ଟ ମୁତାବକ, ୟୋଶି ଏବଂ ମିଶି ଜାପାନର ଓକାୟାମା ସହରରେ ରୁହନ୍ତି। ଦୁହିଙ୍କ ଜନ୍ମ ୧୯୮୯ରେ ଏକାସାଙ୍ଗରେ ହୋଇଥିଲେ ମଧ୍ୟ ଦୁହେଁ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜଣଙ୍କର ଉଚ୍ଚତା ୫ ଫୁଟ ୪ ଇଞ୍ଚ ହୋଇଥିବାବେଳେ ଅନ୍ୟ ଜଣେ ୨ ଫୁଟ ୧୦.୫ ଇଞ୍ଚ ଉଚ୍ଚତାର। ସେମାନଙ୍କ ଉଚ୍ଚତା ବ୍ୟବଧାନ ୨ ଫୁଟ ୫.୫. ଇଞ୍ଚ ହୋଇଥିବାରୁ ସେମାନଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସାମିଲ କରାଯାଇଛି।

## ୫ ପ୍ରାରମ୍ଭିକ ଭୋଟରଙ୍କୁ ମେଡାଲ



ସିଲଂ

ବର୍ତ୍ତମାନ ସମୟରେ ମେଘାଳୟ ରାଜ୍ୟରେ ଭୋଟ ପ୍ରକ୍ରିୟା ଜାରି ରହିଛି। ସେଠାରେ ଲୋକଙ୍କୁ ଭୋଟ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସେଠାକାର ସରକାର ଏକ ଭିନ୍ନ ଉପାୟ ଅବଲମ୍ବନ କରିଛି। ପୋଲିଂ ବୁଥ୍‌ରେ ପ୍ରଥମକରି ଭୋଟ ଦେଇଥିବା ପ୍ରଥମ ୫ ଭୋଟରଙ୍କୁ ମେଘାଳୟ ପକ୍ଷରୁ ସମ୍ମାନପୂର୍ବକ ମେଡାଲ ପ୍ରଦାନ କରାଯାଇଛି। ଭାରତର ଇଲେକ୍ସନ କମିଶନର ମଧ୍ୟ ସେଠାରେ ପ୍ରଥମ କରି ଭୋଟ ଦେଇ ଏହି ମେଡାଲରେ ସମ୍ମାନିତ ହୋଇଛନ୍ତି। ଏଥିଯୋଗୁ ଲୋକଙ୍କ ମନୋବଳ ବୃଦ୍ଧି ପାଇବ ଆଉ ସେମାନେ ନିଜ ସରକାର ନିଜେ ବାଛିପାରିବେ।

# ବିଶ୍ୱ ହିତରେ ବୈଶ୍ୱିକ ବିଜ୍ଞାନ





**ଜାତୀୟ ବିଜ୍ଞାନ ଦିବସ**

**ଜାତୀୟ ବିଜ୍ଞାନ ଦିବସ ଅବସରରେ ଚଳିତ ବର୍ଷ ବାର୍ତ୍ତା ରହିଛି 'ବିଶ୍ୱ ହିତରେ ବୈଶ୍ୱିକ ବିଜ୍ଞାନ (ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ୍ ୱେଲ୍‌ବିଙ୍ଗ୍)। ବିଶ୍ୱର ହିତ ସାଧନ ଉଦ୍ଦେଶ୍ୟରେ ବିଶ୍ୱର ସମଗ୍ର ବିଜ୍ଞାନୀ ସମ୍ପ୍ରଦାୟକୁ ଏହି ବାର୍ତ୍ତାରେ ଆହ୍ୱାନ ପ୍ରଦାନ କରାଯାଇଛି। ବାସ୍ତବରେ ଏହା ଏକ ସାମୂହିକ ବୈଜ୍ଞାନିକ ଦାୟିତ୍ୱ। ସୁତରାଂ ଜନସାଧାରଣଙ୍କ ମଙ୍ଗଳ ପାଇଁ ଆମେ ସମସ୍ତେ ଅଙ୍ଗୀକାର ହେବା ବାଞ୍ଛନୀୟ। ମାତ୍ର ଏହାର ସଫଳ ରୂପାୟନ ଲାଗି ବିଜ୍ଞାନ ହିଁ ହେବ ପ୍ରଧାନ ଅବଲମ୍ବନ।**

ଆମ ଦେଶରେ ଜାତୀୟ ବିଜ୍ଞାନ ଦିବସ ୧୯୮୭ ପରଠାରୁ ପାଳନ ହୋଇଆସୁଅଛି। ଏହା ପାଳିତ ହୋଇଥାଏ ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖରେ। କାରଣ ୧୯୨୮ ମସିହା ଏହି ଦିନରେ ଭାରତୀୟ ବିଜ୍ଞାନୀ ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ (ସି.ଭି. ରମଣ) ଆବିଷ୍କାର କରିଥିଲେ 'ରମଣ ଇଫେକ୍ଟ' ବା ରମଣ ସିଦ୍ଧାନ୍ତ। ଏହି ଅସାଧାରଣ ସଫଳତା ପାଇଁ ଆବିଷ୍କାରର ମାତ୍ର ୨ ବର୍ଷ ପରେ ଅର୍ଥାତ୍ ୧୯୩୦ ମସିହାରେ ତାଙ୍କୁ ପଦାର୍ଥ ବିଜ୍ଞାନ ପାଇଁ ପ୍ରଦାନ କରାଯାଇଥିଲା ବିଶ୍ୱର ସର୍ବୋଚ୍ଚ ସମ୍ମାନଜନକ ନୋବେଲ ପୁରସ୍କାର।

ଚଳିତ ବର୍ଷର ଜାତୀୟ ବିଜ୍ଞାନ ଦିବସ ଲାଗି ବାର୍ତ୍ତା ରହିଛି 'ବିଶ୍ୱ ହିତରେ ବୈଶ୍ୱିକ ବିଜ୍ଞାନ (ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ୍ ୱେଲ୍‌ବିଙ୍ଗ୍)। ବିଶ୍ୱର ହିତ ସାଧନ ଉଦ୍ଦେଶ୍ୟରେ ବିଶ୍ୱର ସମଗ୍ର ବିଜ୍ଞାନୀ ସମ୍ପ୍ରଦାୟକୁ ଏହି ବାର୍ତ୍ତାରେ ଆହ୍ୱାନ ପ୍ରଦାନ କରାଯାଇଛି। ବାସ୍ତବରେ ଏହା ଏକ ସାମୂହିକ ବୈଜ୍ଞାନିକ ଦାୟିତ୍ୱ। ସୁତରାଂ ଜନସାଧାରଣଙ୍କ ମଙ୍ଗଳ ପାଇଁ ଆମେ ସମସ୍ତେ ଅଙ୍ଗୀକାର ହେବା ବାଞ୍ଛନୀୟ। ମାତ୍ର ଏହାର ସଫଳ ରୂପାୟନ ଲାଗି ବିଜ୍ଞାନ ହିଁ ହେବ ପ୍ରଧାନ ଅବଲମ୍ବନ।

ଉଲ୍ଲେଖଯୋଗ୍ୟ, ଭାରତୀୟ ବୈଜ୍ଞାନିକ ସାଫଲ୍ୟ ଏବେ କେବଳ ଗବେଷଣାଗାରର ପ୍ରକୋଷ୍ଠ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହାର ସୁଫଳ ସମଗ୍ର ଭାରତବାସୀ ଉପଭୋଗ କରିଚାଲିଛନ୍ତି। ଜନସାଧାରଣଙ୍କ ପାଇଁ ଏବେ ଏହା ସୃଷ୍ଟି କରିଛି ଏକ ନୂତନ ସୁଯୋଗ। ଭାରତୀୟ ବୈଜ୍ଞାନିକମାନଙ୍କର ସାମୂହିକ ଗବେଷଣା, ସାମୂହିକ ବୈଜ୍ଞାନିକ ସଫଳତା ଜନସାଧାରଣଙ୍କ ହିତାର୍ଥେ ବିନିଯୋଗ କରିବା ତଥା ସମଗ୍ର ମାନବ ଜାତିକୁ ଏହାର ଉପଭୋକ୍ତା କରିବାର ଆବଶ୍ୟକତା ରହିଛି।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିଶ୍ୱରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର। କୋଭିଡ୍-୧୯ ମହାମାରୀ ସମୟରେ ମାତ୍ର ଅଳ୍ପ କେତୋଟି ମାସ ଭିତରେ କୋଭିଡ୍ ପ୍ରତିଷେଧକ ଟିକା ଉଦ୍ଭାବନ କରି ଭାରତ ଏହାର ପ୍ରତ୍ୟକ୍ଷ ପ୍ରମାଣ ଉପସ୍ଥାପିତ କରିପାରିଛି।

ବିଜ୍ଞାନ କାହାର ଏକଚାଟିଆ ଅଧିକାରଭୁକ୍ତ ନୁହେଁ। ସମଗ୍ର ବିଶ୍ୱବାସୀ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନର ଉପଭୋକ୍ତା। ସେଥିପାଇଁ ଫରାସୀ ଶରୀର ବିଜ୍ଞାନୀ କ୍ଲଡେ ବର୍ଣ୍ଣାଡ୍ ଯଥାର୍ଥରେ କହିଥିଲେ, 'ମୋତେ ନେଇ କଳା, ଆମକୁ ନେଇ ବିଜ୍ଞାନ।' ବାସ୍ତବରେ ବିଜ୍ଞାନ ହେଉଛି 'ସମସ୍ତଙ୍କର, ସମସ୍ତଙ୍କ ଦ୍ୱାରା ଏବଂ ସମସ୍ତଙ୍କ ପାଇଁ'। ସେଥିପାଇଁ ଫରାସୀ ଅଣୁଜୀବ ବିଜ୍ଞାନୀ ଲୁଇ ପାଶ୍ଚର କହିଥିଲେ, 'ବିଜ୍ଞାନ କୌଣସି ଏକ ନିର୍ଦ୍ଦିଷ୍ଟ ରାଷ୍ଟ୍ରର ସମ୍ପତ୍ତି ନୁହେଁ। କାରଣ ବିଜ୍ଞାନ ଜ୍ଞାନର ଅଧିକାରୀ ହେଉଛନ୍ତି ସମଗ୍ର ମାନବ ଜାତି। ବିଜ୍ଞାନ ଜ୍ଞାନ ଆଲୋକିତ କରିଥାଏ ସମଗ୍ର ଜଗତକୁ।

ସୁତରାଂ, ବିଜ୍ଞାନ ସମ୍ପ୍ରତି ଏକ ସାଂସ୍କୃତିକ ଆବଶ୍ୟକତା। ସେଥିପାଇଁ 'କଳକାରଖାନାର ଶ୍ରମିକ, କୃଷିକ୍ଷେତ୍ରର କୃଷକ ଏବଂ ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ ବିଜ୍ଞାନର ସୁଫଳକୁ ପହଞ୍ଚାଇବାକୁ ପଡ଼ିବ। ଫଳରେ ସାଧାରଣ ଜନତା ବିଜ୍ଞାନର ଲାଭ ଉଠାଇପାରିବେ ବୋଲି ଭାରତୀୟ ପ୍ରଯୁକ୍ତି ବିଜ୍ଞାନୀ ଡ. ଆତ୍ମାରାମ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ। ଏହା ସ୍ୱୀକାର୍ଯ୍ୟ ଯେ, ବିଜ୍ଞାନ ବିଷୟରେ ସଚେତନତା ସୃଷ୍ଟି ନ ହେଲେ ସମଗ୍ର ବିଶ୍ୱରେ ଅଭାବ ଅନଟନ ଲାଗି ରହିବ। ଦୁଃଖଦୁର୍ଦ୍ଦଶାର ଅବସାନ ଘଟିବନାହିଁ କି ଜୀବନଯାପନର ମାନଦଣ୍ଡରେ ଉନ୍ନତି ସାଧନ ହୋଇପାରିବନାହିଁ।

ଥରେ ଜଣେ ଛାତ୍ର ରଦର ଫୋର୍ଡଙ୍କ ନିକଟରେ ପହଞ୍ଚି ନିଉକ୍ଲିୟର ଫିଜିକ୍ସ ଶାଖାରେ ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରିବା ନିମିତ୍ତ ଅଭିପ୍ରାୟ ବ୍ୟକ୍ତ କଲା। ଏହାର ଉତ୍ତରରେ ରଦର ଫୋର୍ଡ ପରାମର୍ଶ ଦେଲେ, 'ବାବୁ, ଗବେଷଣା କରିବା ନିମନ୍ତେ ବରଂ ବିଜ୍ଞାନର ଅନ୍ୟ ଏକ ଶାଖା ନିର୍ବାଚନ କର। କାରଣ ନିଉକ୍ଲିୟର ଫିଜିକ୍ସ କ୍ଷେତ୍ରରେ ଗବେଷଣା ପ୍ରାୟତଃ ସମାପ୍ତ। ଅନ୍ୟ କୌଣସି ବାଟ ରହିଯାଇଛି ବୋଲି ମୁଁ ଭାବିପାରୁନାହିଁ।' କିନ୍ତୁ ରଦର ଫୋର୍ଡଙ୍କ ଧାରଣା ଭ୍ରାନ୍ତ ପ୍ରମାଣିତ ହୋଇଛି। ସେ ଯେଉଁ ନିଉକ୍ଲିୟସ ବା ନାଭିକକୁ ଆବିଷ୍କାର କରିଥିଲେ ତାହା ଏବେ ବହୁ କଣିକାରେ ବିଭକ୍ତ। କେବଳ ନିଉକ୍ଲିୟର ଫିଜିକ୍ସ କାହିଁକି, ବିଜ୍ଞାନର ଯେକୌଣସି ଶାଖାରେ ବି ବିଜ୍ଞାନ ତାହାର ଶେଷ ସୀମାନ୍ତରେ ପହଞ୍ଚିପାରି ନାହିଁ କି ପହଞ୍ଚିପାରିବ ନାହିଁ ମଧ୍ୟ। ସେଥିପାଇଁ ହୁଏତ ଇଂରେଜ ଆଣବିକ ଅନୁବଂଶ ବିଜ୍ଞାନୀ ସିଡ୍‌ନୀ ବ୍ରେନର କହିଥିଲେ, 'ଆମେ ଯେତେବେଳେ ଗୋଟିଏ ଦରଜା ଉନ୍ମୁକ୍ତ କରିଦେଉ, ସେତେବେଳେ ଆମ ସମ୍ମୁଖରେ ଦୃଷ୍ଟିଗୋଚର ହୁଏ ଏକ ଦୀର୍ଘ ଅଳିନ୍ଦ। ଅଳିନ୍ଦର କିଛି ଦୂରରେ ପଥରୋଧ କରିଥାଏ ଅନ୍ୟ ଏକ ଦ୍ୱାର। ଉକ୍ତ ଦ୍ୱାର ଦେଇ ପ୍ରବେଶ କଲା ପରେ ଆହୁରି ଏକ ଅଳିନ୍ଦ ଓ ଆହୁରି ଏକ ଦ୍ୱାର ଅତିକ୍ରମ କରିବା ପାଇଁ ପଡ଼େ ଏବଂ ସେହି ପ୍ରକ୍ରିୟା ସଂଘଟିତ ହେଉଥାଏ ପୌନଃପୁନିକ ଭାବରେ। ଏହା ହିଁ ହେଉଛି ବିଜ୍ଞାନର ଚାରିତ୍ରିକ ବୈଶିଷ୍ଟ୍ୟ।

ଅଧୁନା ଜୀବନର ପ୍ରାୟତଃ ସମସ୍ତ ବିଭାବ ବିଜ୍ଞାନ ଦ୍ୱାରା ପ୍ରଭାବିତ। ପୁଣି ମଣିଷର ଦୀର୍ଘ ଭବିଷ୍ୟତ ତା' ପାଇଁ ଏକ ଆହ୍ୱାନ। ଏହି ଆହ୍ୱାନର ସଫଳ ମୁକାବିଲା ମଧ୍ୟ ସେହି ବିଜ୍ଞାନ ଉପରେ ନ୍ୟସ୍ତ। ଫଳରେ ବିଜ୍ଞାନର ପରିସର, ଯାହା ଏକଦା ଥିଲା ସୀମିତ ତାହା କ୍ରମେ କ୍ରମେ ଅଧିକରୁ ଅଧିକ ସ୍ଫୀତ ହେବାରେ ଲାଗିଛି। ଶିକ୍ଷାର ପ୍ରସାର ହେଉଛି। ଶିକ୍ଷିତ ବ୍ୟକ୍ତିମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି। ଜନସଚେତନତା କ୍ଷେତ୍ରରେ ପ୍ରତିଭାର ଉନ୍ମେଷ ଘଟୁଛି। ତେଣୁ ସତ୍ୟ ସନ୍ଧାନୀ ରୂପେ ସ୍ୱୀକୃତ ବିଜ୍ଞାନୀ ସମ୍ପ୍ରଦାୟ ମଣିଷର ସାର୍ବଜନୀନ ହିତ ପାଇଁ ଅନୁକୂଳ ତଥା ସୁଦୂରପ୍ରସାରୀ ଅବଦାନ ଦେଇପାରିବେ ବୋଲି ଆଶା। ବିଜ୍ଞାନ ହେଉଛି ପ୍ରଗତିର ସ୍ଥପତି। ପ୍ରଗତିରୂପକ ନନ୍ଦିଘୋଷ ସମ୍ପ୍ରତି ଦ୍ରୁତ ବେଗରେ ଧାବିତ। ବିଜ୍ଞାନ ଆମ ଜୀବନଧାରଣର ମାନକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିଚାଲିଛି। ବିଗତ ଶହେ ବର୍ଷ ଭିତରେ ଆମ ଜୀବନଧାରା ଯେଉଁ ପ୍ରକାରେ ବିବର୍ତ୍ତିତ ହୋଇପାରିଛି, ବିଗତ ହଜାର ହଜାର ବର୍ଷ ଧରି ତାହା ସେପରି ଭାବରେ ପରିବର୍ତ୍ତିତ ହୋଇପାରି ନ ଥିଲା।

ସେ ଯାହାହେଉ, ବିଦାୟ ନେଇଛି ବିଂଶ ଶତାବ୍ଦୀ। ଏକବିଂଶ ଶତାବ୍ଦୀର ଏକ ଚତୁର୍ଥାଂଶ ସମାପ୍ତ ହେବାକୁ ବସିଲାଣି। ପ୍ରତ୍ୟେକ ବ୍ୟକ୍ତିକୁ ବିଜ୍ଞାନ ସାକ୍ଷର କରାଇବାର ଆହ୍ୱାନକୁ ସାକାର କରିବା ନିମିତ୍ତ ଏକ ସମ୍ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମୟ ସମ୍ପ୍ରତି ସମାଗତ। ତେବେ ବିଜ୍ଞାନର ଉତ୍ତରୋତ୍ତର ଉନ୍ନତିରେ ନୈତିକତାକୁ ଉପେକ୍ଷା କରିବା ବାଞ୍ଛନୀୟ ନୁହେଁ କି ନିରାପଦ ବି ନୁହେଁ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
*ମୋ : ୯୪୩୭୭୬୬୧୧୭*

## ଏମାନଙ୍କ ମତରେ

### ବୈଜ୍ଞାନିକ ଚେତନାର ପ୍ରସାର ହେବା ଆବଶ୍ୟକ

**-ପ୍ର. ରମେଶ ଚନ୍ଦ୍ର ପରିଡ଼ା,** ବରିଷ୍ଠ ରସାୟନବିତ୍



ଆମ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ ପରିଷଦ ୧୯୮୬ ମସିହାରେ ଭାରତ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ଫେବୃୟାରୀ ୨୮କୁ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରିବାକୁ। ଏହି ଦିବସ ଏବେ ମଧ୍ୟ ପାଳିତ ହେଉଅଛି। ଏହା ସମଗ୍ର ଦେଶର ସମସ୍ତ ଶିକ୍ଷାନୁଷ୍ଠାନ, ବିଜ୍ଞାନ ଗବେଷଣା ସଂସ୍ଥା, ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ପ୍ରସାର ଘଟାଇ ଚାଲିଛି। ଫଳରେ ଆମ ଦେଶ ଆଜି ବିଜ୍ଞାନୋନ୍ନତ ବୋଲାଉଥିବା ପାଶ୍ଚାତ୍ୟ ଦେଶ ଆମେରିକା ଓ ଚାଇନା ସହ ପାଦ ମିଳାଇ ଚାଲିବାକୁ ସମର୍ଥ ହୋଇଛି। ପ୍ରତିବର୍ଷ ଏହି ଦିବସ ପାଳନ ଅବସରରେ ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ତଥା ତାହାକୁ ଜନପ୍ରିୟ କରିବାରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନଙ୍କୁ ପୁରସ୍କୃତ କରାଯାଉଛି। ତାହା ଆମ ସାମାଜିକ ଜୀବନ ସହିତ ବିଜ୍ଞାନ ଓ ବୈଜ୍ଞାନିକ ଚିନ୍ତାଧାରାକୁ ଜଡ଼ିତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ପୁନଶ୍ଚ ଏହା ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରୁଛି ବିଜ୍ଞାନର ନୂତନ ବାର୍ତ୍ତା। ଆମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବେ ଆଉ କେବଳ ଦେଶ ପାଇଁ ନୁହେଁ, ସମଗ୍ର ବିଶ୍ୱ ଲାଗି ଉଦ୍ଦିଷ୍ଟ ହେଲାଣି।

### ବିଜ୍ଞାନ ଗବେଷଣା ଲାଗି ଦେଶରେ ଭିତ୍ତିଭୂମି ଅଧିକ ଦୃଢ଼ ହେବା ଆବଶ୍ୟକ

**-ଡ.ବିଜୟକେତନ ପଟ୍ଟନାୟକ,** ପ୍ରାକ୍ତନ ପିସିସିଏଫ୍



ବିଜ୍ଞାନ କ୍ଷେତ୍ରରେ ମୌଳିକ ତଥା ସୃଜନାତ୍ମକ ଆବିଷ୍କାର ଏବଂ ଉଦ୍ଭାବନ କ୍ଷେତ୍ରରେ ନୋବେଲ ପୁରସ୍କାର ଯେ ସର୍ବଶ୍ରେଷ୍ଠ ସ୍ୱୀକୃତି ଏବଂ ସମ୍ମାନ, ଏକଥା ଅନସ୍ୱୀକାର୍ଯ୍ୟ। ଏହାର ବିଜେତାଙ୍କ ବିଷୟରେ ବିଚାର କଲେ ବିଜ୍ଞାନରେ ୧୯୦୧ରୁ ୨୦୨୨ ମଧ୍ୟରେ ପଦାର୍ଥ ବିଜ୍ଞାନରେ ୨୨୨ ଜଣ, ରସାୟନ ବିଜ୍ଞାନରେ ୧୮୯ ଏବଂ ଭେଷଜ ବିଜ୍ଞାନରେ ୨୨୫ ଜଣଙ୍କୁ ପ୍ରଦାନ କରାଯାଇଛି। ଏହି ତାଲିକାରେ ଭାରତୀୟଙ୍କ ସଂଖ୍ୟା ହାତଗଣତି। ଏ ପର୍ଯ୍ୟନ୍ତ ଭାରତୀୟ ଏବଂ ଭାରତୀୟ ବଂଶୋଦ୍ଭବଙ୍କୁ ମିଶାଇ ଅଦ୍ୟାବଧି ମାତ୍ର ୪ ଜଣ – ସି.ଭି. ରମଣ (୧୯୩୦), ଭାରତୀୟ ବଂଶୋଦ୍ଭବ ଆମେରିକୀୟ ବୈଜ୍ଞାନିକ ହରଗୋବିନ୍ଦ ଖୁରାନା(୧୯୬୮), ଭାରତରେ ଜନ୍ମିତ ତଥା ଆମେରିକୀୟ ବୈଜ୍ଞାନିକ ସୁବ୍ରମଣ୍ୟମ ଚନ୍ଦ୍ରଶେଖର(୧୯୮୩) ଏବଂ ଭାରତରେ ଜନ୍ମିତ ଏବଂ ବ୍ରିଟିଶ-ଆମେରିକୀୟ ବୈଜ୍ଞାନିକ ଭେଙ୍କଟରମଣ ରାମକ୍ରିଷ୍ଣନ (୨୦୦୯) ଏହି ପୁରସ୍କାର ପାଇଛନ୍ତି। ଏଠି ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ ଆମ ଦେଶରେ ବିଜ୍ଞାନ ଗବେଷଣା ପାଇଁ ଉପଯୁକ୍ତ ତଥା ଉନ୍ନତମାନର ଭିତ୍ତିଭୂମି ଅଛି ତ ? ଏହାର ଅଭାବ ଯୋଗୁ ଭାରତୀୟ ବୈଜ୍ଞାନିକମାନେ ବିଦେଶର ବିଶ୍ୱବିଦ୍ୟାଳୟରେ ନିଜକୁ ଗବେଷଣାରେ ନିୟୋଜିତ ରଖୁଛନ୍ତି। ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ବିଶ୍ୱର ପ୍ରମୁଖ ୨୦୦ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଥିଲେ ମଧ୍ୟ ସେଥିରେ ଭାରତର ଗୋଟିଏ ହେଲେ ସ୍ଥାନ ପାଇପାରି ନାହିଁ। ଚଳିତ ବର୍ଷ ଭାରତ ଜି-୨୦ ବିଶ୍ୱ ସମ୍ମିଳନୀରେ ଅଧ୍ୟକ୍ଷତା କରିବାକୁ ଯାଉଛି। ଆମେ ସ୍ୱୀକାର କରୁଛେ, ଉଭୟ ସାମାଜିକ, ଅର୍ଥନୈତିକ ଓ ପାରିପାର୍ଶ୍ୱିକ କ୍ଷେତ୍ରରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ପ୍ରୟୋଗ ବିନା ଦେଶର ପ୍ରଗତି ଆଦୌ ଉଜ୍ଜ୍ୱଳମୟ ବା ସମ୍ଭାବନାମୟ ନୁହେଁ।

# ଦୁର୍ଭାଗ୍ୟ ଆଣୁଛି ବିରଳବ୍ୟାଧି

**ଶରୀରରେ ରୋଗ ପଶିଲେ ଲୋଡ଼ାହୁଏ ଚିକିତ୍ସା। ସାଧାରଣ ବ୍ୟାଧି କ୍ଷେତ୍ରରେ କିଛିଦିନ ଔଷଧ ସେବନ ପରେ ମିଳିଥାଏ ଉପଶମ। ରୋଗୀ ପୁନର୍ବାର ସ୍ୱାଭାବିକ ଜୀବନ ଜିଏ। ହେଲେ ଏମିତି ଅନେକ ବିରଳ ରୋଗ ଅଛି, ଯେଉଁଥିରେ ଥରେ ଆକ୍ରାନ୍ତ ହେଲେ ସମ୍ପୂର୍ଣ୍ଣ ଜୀବନଶୈଳୀ ବଦଳିଯାଏ। ବିନା ପଥ୍ୟ, ଡାକ୍ତରୀ ପରାମର୍ଶରେ କଷ୍ଟକର ହୋଇପଡ଼େ ବଞ୍ଚିବା। ଏଭଳି ଜଟିଳ ରୋଗର ନିଦାନ ଖର୍ଚ୍ଚ ବି କିଛି କମ୍ ନୁହେଁ। ତା' ସହିତ ରୋଗୀ ପାଏ ଅକଥନୀୟ ଯନ୍ତ୍ରଣା। କେବଳ ରୋଗୀ ନୁହନ୍ତି, ଏଥିରେ ପ୍ରଭାବିତ ହୁଅନ୍ତି ପରିବାର ଏବଂ ଆତ୍ମୀୟ। ଦୁର୍ଭାଗ୍ୟକୁ ଡାକିଆଣୁଥିବା ଏପରି ଜଟିଳ ବା ବିରଳ ବ୍ୟାଧି ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ମାସ ଶେଷ ଦିନକୁ (ସାଧାରଣ ବର୍ଷରେ ୨୮ ତାରିଖ, ଅଧିବର୍ଷରେ ୨୯ ତାରିଖ) ବିରଳ ରୋଗ ଦିବସ ବା ରେୟାର ଡିଜିଜ୍ ଡେ' ଭାବେ ପାଳନ କରାଯାଉଛି। ଏ ସଂକ୍ରାନ୍ତରେ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା...**



**ବିଶ୍ୱବ୍ୟାପୀ ୩୦ କୋଟି ରୋଗୀ**

ଏକ ସର୍ବେକ୍ଷଣ ଅନୁଯାୟୀ ସାରା ପୃଥିବୀରେ ପ୍ରାୟ ୩୦ କୋଟି ଜନସାଧାରଣ ବିରଳ ତଥା ଜଟିଳ ରୋଗରେ ପୀଡ଼ିତ। ଏଭଳି ଦୁରାରୋଗ୍ୟ ବ୍ୟାଧିର ନିଦାନ ଅଦ୍ୟାବଧି ବାହାରିନାହିଁ। ବିଶେଷଜ୍ଞମାନେ ରୋଗୀଙ୍କ ସ୍ଥିତିକୁ ଦେଖି ଚିକିତ୍ସା କରିଥାଆନ୍ତି କିମ୍ବା ପରାମର୍ଶ ଦେଇଥାଆନ୍ତି। ତେଣୁ ଶେଷନିଃଶ୍ୱାସ ଥିବା ଯାଏ ପୀଡ଼ିତଙ୍କୁ ରୋଗ ସହିତ ଜିଇବାକୁ ପଡ଼େ।

ବିଭିନ୍ନ ନୈଦାନିକ ପରୀକ୍ଷଣରୁ ୭,୦୦୦ରୁ ଊର୍ଦ୍ଧ୍ୱ ବ୍ୟାଧିକୁ ବିରଳ ରୋଗ ଶ୍ରେଣୀଭୁକ୍ତ କରାଯାଇଛି। ଏଭଳି ରୋଗର ପ୍ରାୟ ୭୨% ଆନୁବଂଶିକ ହୋଇଥିବାବେଳେ ତନ୍ମଧ୍ୟରୁ ୭୦% ଶୈଶବରୁ ହିଁ ଆରମ୍ଭ ହୋଇଥାଏ। ଦି ୟୁରୋପିଆନ ଅର୍ଗାନାଇଜେଶନ ଫର୍ ରେୟାର ଡିଜିଜ୍ (ଇୟୁଆର୍‌ଓଆର୍‌ଡିଆଇଏସ୍) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ୩.୫%ରୁ ୫.୯% ଏଭଳି ଜଟିଳ ରୋଗରେ ପୀଡ଼ିତ। ଏଥିରେ ଆକ୍ରାନ୍ତ ହେଲେ ବ୍ୟକ୍ତିର ଶାରୀରିକ, ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଅନ୍ୟମାନଙ୍କ ଭଳି ସ୍ୱାଭାବିକ ଜୀବନ ବଞ୍ଚିବା, ଇଚ୍ଛା ଅନୁଯାୟୀ ଖାଦ୍ୟ ଗ୍ରହଣ କରିବା ସମ୍ଭବପର ହୁଏନାହିଁ। ଦୈନନ୍ଦିନ ଜୀବନରେ ଏକାଧିକ କଟକଣା ଜୀବନକୁ ସଙ୍କୁଚିତ କରିପକାଏ।

ଅଧିକାଂଶ ବିରଳ ରୋଗ ଆନୁବଂଶିକ। ଜିନ୍‌ଗତ ତ୍ରୁଟି, ହର୍‌ମୋନ ପ୍ରବାହରେ ବାଧକକୁ ଏହାର ପ୍ରମୁଖ କାରଣ ବୋଲି ବିଚାର କରାଯାଏ। ଅନ୍ୟ କେତେକ କ୍ଷେତ୍ରରେ ବ୍ୟାକ୍ଟେରିଆ, ଭାଇରସ୍, ସଂକ୍ରମଣ, ଆଲର୍ଜି ମଧ୍ୟ ଏଭଳି ବ୍ୟାଧିକୁ ଆମନ୍ତ୍ରଣ କରିଥିବାର ନଜିର ରହିଛି। ପ୍ରାରମ୍ଭିକ ଅବସ୍ଥାରେ ଲକ୍ଷଣ ନ ଥିବାରୁ ଏଭଳି ରୋଗ ଚିହ୍ନଟ ହୋଇପାରି ନ ଥାଏ। ବୟସ ବଢ଼ିବା ସହ ଏହା ଜଣାପଡ଼େ। ସେତେବେଳକୁ ବହୁ ବିଳମ୍ବ ହୋଇସାରିଥାଏ ଏବଂ ଏହାର ଚିକିତ୍ସା କରିବା କଷ୍ଟକର ହୋଇପଡ଼େ। ବିରଳ ରୋଗ ପୀଡ଼ିତଙ୍କ କ୍ଷମତାର ଅନ୍ତ କରିଦିଏ। ବେଳେ ବେଳେ ଏହା ଏତେ ବିପଜ୍ଜନକ ହୋଇପଡ଼େ ଯେ, ରୋଗୀ ନିଶ୍ଚିତ ମୃତ୍ୟୁମୁଖରେ ପଡ଼େ। ଏଭଳି ରୋଗରେ ଆକ୍ରାନ୍ତଙ୍କୁ ବିଶେଷ ଯତ୍ନର ଆବଶ୍ୟକତା ଲୋଡ଼ାପଡ଼େ। ଯଦିଓ ରୋଗ ସମ୍ପୂର୍ଣ୍ଣ ଉପଶମ ହେବା ସମ୍ଭାବନା ନ ଥାଏ, ତଥାପି ପରିବାର ସଦସ୍ୟଙ୍କ ସହଯୋଗ, ସେବା ଦ୍ୱାରା ରୋଗୀଙ୍କ ଯନ୍ତ୍ରଣା କିଛି ମାତ୍ରାରେ ଲାଘବ ହୋଇଥାଏ ଏବଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହେବାରେ ସହାୟକ ହୁଏ।

### ଭାରତର ସ୍ଥିତି ଜଟିଳ

ଭାରତ ଭଳି ବିଶାଳ ଦେଶରେ ବିରଳ ରୋଗରେ ଆକ୍ରାନ୍ତଙ୍କ ନିର୍ଦ୍ଦିଷ୍ଟ ସଂଖ୍ୟା ନିରୂପଣ କରିବା କେବଳ କଷ୍ଟସାଧ୍ୟ ନୁହେଁ, ଏକପ୍ରକାର ଅସମ୍ଭବ ମଧ୍ୟ। ତେବେ ଦେଶରେ ୭ କୋଟିରୁ ଊର୍ଦ୍ଧ୍ୱ ଏଭଳି ଜଟିଳ ରୋଗର ଶିକାର ହୋଇଥିବା ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରରେ ଅନୁମାନ କରାଯାଇଛି। ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନ୍ଧବିଶ୍ୱାସ ଏବଂ ସଚେତନତା ଅଭାବରୁ ଏବେ ବି ଲୋକେ ଔଷଧ ଅପେକ୍ଷା ଝଡ଼ାଫୁଙ୍କା ଉପରେ ବେଶି ବିଶ୍ୱାସ କରୁଛନ୍ତି। ମେଡିକାଲ ଯିବା ବଦଳରେ ଦେଶୀୟ ଚିକିତ୍ସା ଆପଣାଉଛନ୍ତି। ତେଣୁ ବିରଳ ରୋଗରେ ଆକ୍ରାନ୍ତ ହେଲେ ରୋଗୀ ନିଜେ ମଧ୍ୟ ଏ ସମ୍ପର୍କରେ ଜାଣିପାରି ନ ଥାନ୍ତି। ସେମାନେ ଏହାକୁ ସାଧାରଣ ରୋଗ ଭାବି ଶସ୍ତା ଚିକିତ୍ସା ଉପରେ ଭରସା କରୁଛନ୍ତି। ତେଣୁ ଆକ୍ରାନ୍ତଙ୍କ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଜଣାପଡୁନାହିଁ, ଯାହା ସ୍ଥିତିକୁ ଅଧିକ ଜଟିଳ କରିଛି।

## ରେୟାର ଡିଜିଜ୍ ଡେ'

### 'ଶେୟାର ଇୟୋର କଲର୍ସ'

**ଏବର୍ଷର ଥିମ୍**

ୟୁରୋପିଆନ ଅର୍ଗାନାଇଜେଶନ ଫର୍ ରେୟାର ଡିଜିଜ୍ (ଇୟୁଆର୍‌ଓଆର୍‌ଡିଆଇଏସ୍) ପକ୍ଷରୁ ପ୍ରଥମେ ୨୦୦୮ରେ ରେୟାର ଡିଜିଜ୍ ଡେ'ର ଶୁଭାରମ୍ଭ କରାଯାଇଥିଲା। ସେହିବର୍ଷ ଅଧିବର୍ଷ ହୋଇଥିବାରୁ ଫେବୃୟାରୀ ୨୯ ତାରିଖ ବିଶିଷ୍ଟ ହୋଇଥିଲା। ତେଣୁ ଉକ୍ତ ଦିନକୁ ବିରଳ ରୋଗାକ୍ରାନ୍ତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଫେବୃୟାରୀ ମାସର ଅନ୍ତିମ ତାରିଖରେ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି।

ଚଳିତବର୍ଷ ରେୟାର ଡିଜିଜ୍ ଡେ'ର ଥିମ୍ ରହିଛି 'ଶେୟାର ଇୟୋର କଲର୍ସ'। ଏହି ଦିବସ ଉପଲକ୍ଷେ ବିଶ୍ୱବ୍ୟାପୀ ୬୦୦ରୁ ଅଧିକ ସଚେତନତାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିରେ ୧୦୬ଟି ଦେଶ ସାମିଲ ହୋଇଛନ୍ତି।

### ସରକାରୀସ୍ତରରେ ଔଷଧ କ୍ରୟର ବ୍ୟବସ୍ଥା କରାଯାଇ ପାରିଲେ ସୁଫଳ ମିଳିବ



ସାଧାରଣତଃ ରେୟାର ଡିଜିଜ୍‌ଗୁଡ଼ିକ ପାଇଁ ଖୋଲା ବଜାରରେ ନା ଔଷଧ ମିଳେ ନା ସବୁ ଔଷଧ କମ୍ପାନୀମାନେ ଔଷଧ ତିଆରି କରନ୍ତି। ଖୁବ୍ କମ୍ କମ୍ପାନୀ ରେୟାର୍ ଡିଜିଜ୍ ନିମନ୍ତେ ଔଷଧ ଉତ୍ପାଦନ କରୁଥିବାରୁ ଏହାର ଦର ମଧ୍ୟ ଅତ୍ୟଧିକ ହୋଇଥାଏ। ଯାହାକି ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇଯାଏ। ଉଦାହରଣ ସ୍ୱରୂପ ମସ୍କ୍ୟୁଲୋ-ସ୍କେଲିଟାଲ ରୋଗର ଔଷଧ ଯାହା ସାଧାରଣ ରୋଗୀଟିଏ କିଣିପାରିବା ଅସମ୍ଭବ ହୋଇପଡୁଛି। ତେଣୁ ବିରଳ ରୋଗଗୁଡ଼ିକ ପାଇଁ ଔଷଧ ଯଦି ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଇପାରିବ, ତେବେ ଅନେକ ଲୋକ ଉପକୃତ ହୁଅନ୍ତେ।

**-ଡା. ସୁଦୀପ୍ତ ରଞ୍ଜନ ସିଂହ**
ଫରେନ୍ସିକ ମେଡିସିନ ବିଭାଗର ଅତିରିକ୍ତ ପ୍ରଫେସର, ଏମ୍ସ ଭୁବନେଶ୍ୱର

## ବଦଳିଯାଏ ଜୀବନର ଗତିପଥ

କେବେ ଶୁଣିଛନ୍ତି କି ୱାଟର ଆଲର୍ଜି, ଷ୍ଟୋନ୍ ମ୍ୟାନ୍ ଡିଜିଜ୍। ହୁଏତ ଏହାର ଉତ୍ତର ନା। କାରଣ ଏହା ଡାଇବେଟିସ୍, ହାଇବ୍ଲଡପ୍ରେସର ଭଳି ସାଧାରଣ ଡିଜ୍‌ଅର୍ଡର ନୁହେଁ, ଯାହା ଖାଦ୍ୟପେୟ, ଜୀବନଶୈଳୀକୁ ବଦଳାଇଦେଲେ ନିୟନ୍ତ୍ରଣକୁ ଆସିଯିବ। ଏଭଳି ବିରଳ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହେଲେ ସୃଷ୍ଟି ହୁଏ ଅସାଧାରଣ ସ୍ଥିତି, ଯାହା ମଣିଷ ଜୀବନର ଗତିପଥକୁ ବଦଳାଇ ଦେଇଥାଏ। ଏଭଳି କେତେକ ଜଟିଳ ରୋଗ ମଧ୍ୟରେ ରହିଛି ଏଚ୍‌ଜିପିଏସ୍, ଏଫ୍‌ଏଏସ, ବ୍ଲୁ-ସ୍କିନ୍ ଡିଜ୍‌ଅର୍ଡର, ୱାଟର ଆଲର୍ଜି, ହାର୍ଲେକ୍ୱିନ୍-ଟାଇପ୍ ଇଚ୍‌ଥିୟୋସିସ୍, କୁରୁ ଡିଜିଜ୍, ଷ୍ଟୋନ ମ୍ୟାନ୍‌ସ ଡିଜିଜ୍, ଲେସ୍‌ଚ-ନ୍ୟାହାନ-ସିଣ୍ଡ୍ରୋମ୍ ଭଳି ଅନେକ।



**ଏଚ୍‌ଜିପିଏସ୍:** ବିଶ୍ୱର ଦୁର୍ଲଭ ରୋଗ କାଟାଗୋରିର ଟପ୍ ଟେନ୍‌ରେ ରହିଛି ହଚିନ୍‌ସନ ଗିଲ୍‌ଫର୍ଡ ପ୍ରୋଗୋରିଆ ସିଣ୍ଡ୍ରୋମ୍ (ଏଚ୍‌ଜିପିଏସ୍) ବା ପ୍ରିମାଚ୍ୟୁର ଏଜିଂ। ଏଥିରେ ଛୋଟ ବୟସରୁ ବାର୍ଦ୍ଧକ୍ୟ ମାଡ଼ିବସେ। ଶିଶୁର ଶାରୀରିକ ଗଠନରୁ ବୟସ ହଠାତ୍ ବଢ଼ିଯିବା ଭଳି ପ୍ରତୀୟମାନ ହୁଏ। ପ୍ରତି ୨ କୋଟି ଜନସଂଖ୍ୟାରେ ଜଣେ ଏହି ଜଟିଳ ରୋଗରେ ଆକ୍ରାନ୍ତ। ଏଥିରେ ପୀଡ଼ିତଙ୍କ ଯୁବାବସ୍ଥାରେ ହୃଦ୍‌ଘାତ ଆଶଙ୍କା ବେଶି।

**ଫରେନ୍ ଏସେଣ୍ଟ ସିଣ୍ଡ୍ରୋମ୍ (ଏଫ୍‌ଏଏସ୍):** ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ଭାଷାଗତ ସମସ୍ୟା ଦେଖାଦେଇଥାଏ। ଅର୍ଥାତ୍ ବ୍ୟକ୍ତି ଜଣକ ବିଦେଶୀ ଭାଷାରେ କଥା ହେବାକୁ ଉଦ୍ୟମ କରିଥାଆନ୍ତି। ଯଦିଓ ସେ ନିଜ ମୂଳଭାଷାରେ ଭାବ ବିନିମୟ କରିଥାଆନ୍ତି, ହେଲେ ବିଦେଶୀ ଭାଷାରେ ଶବ୍ଦ ଉଚ୍ଚାରଣ କରିଥାଆନ୍ତି। ଏହା ଏକ ଭାଷାଗତ ବିକାର, ଯାହା ମସ୍ତିଷ୍କରେ ଆଘାତ ଲାଗିଲେ ଏବଂ ଅନ୍ୟ ମସ୍ତିଷ୍କ ସଂକ୍ରାନ୍ତ ରୋଗ କାରଣରୁ ହୋଇଥାଏ। ଅଦ୍ୟାବଧି ସମଗ୍ର ବିଶ୍ୱରେ ମାତ୍ର ୧୦୦ ଜଣ ଏଫ୍‌ଏଏସ୍‌ର ଶିକାର ହୋଇଥିବା ମାମଲା ପଞ୍ଜୀକୃତ ହୋଇଛି।

**ବ୍ଲୁ-ସ୍କିନ୍ ଡିଜ୍‌ଅର୍ଡର (ମେଥେମୋଗ୍ଲୋବିନେମିଆ):** ନୀଳଚର୍ମଯୁକ୍ତ ମଣିଷଙ୍କ ବିଷୟରେ ଅନେକ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥାଏ। ଏହା ଏକ ରକ୍ତଜନିତ ରୋଗ। ଏହି ରୋଗର ଶିକାର ଆକ୍ରାନ୍ତଙ୍କ ରକ୍ତ, ଓଠ, ନଖ ସବୁ ନୀଳ ପଡ଼ିଯାଏ। ଏହା ମୁଖ୍ୟତଃ ଆନୁବଂଶିକ। ହେଲେ ମାରାତ୍ମକ ରାସାୟନିକ ସଂସ୍ପର୍ଶରେ ଆସିବା କିମ୍ବା ଔଷଧର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ମଧ୍ୟ ମେଥେମୋଗ୍ଲୋବିନେମିଆ ହେବାର ଆଶଙ୍କା ଥାଏ।

**ୱାଟର ଆଲର୍ଜି (ଆକ୍ୱାଜେନିକ୍ ୟୁର୍ଟିକାରିଆ):** କଥାରେ ଅଛି ଜଳ ହିଁ ଜୀବନ। ହେଲେ ଯଦି କେହି ୱାଟର ଆଲର୍ଜି ବା ଆକ୍ୱାଜେନିକ୍ ୟୁର୍ଟିକାରିଆରେ ଆକ୍ରାନ୍ତ ତା' ହେଲେ ପାଣି ତାଙ୍କ ଜୀବନ ନେଇଯାଇପାରେ।



ଏହି ରୋଗରେ ସଂକ୍ରମିତ ବ୍ୟକ୍ତି ପାଣି ସଂସ୍ପର୍ଶରେ ଆସିବା କ୍ଷଣି ଆଲର୍ଜିର ଶିକାର ହୋଇଥାଆନ୍ତି। କେବଳ ପାଣି ନୁହେଁ, ବରଫ, ଝାଳ ଏପରି କି ଲୁହ ମଧ୍ୟ ଆକ୍ରାନ୍ତଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ଏବେ ସୁଦ୍ଧା ବିଶ୍ୱରେ ମାତ୍ର ୫୦ ଜଣ ଏଭଳି ରୋଗୀ ନଜରକୁ ଆସିଛନ୍ତି।

# ଗ୍ରୀଷ୍ମ ଓ ଗର୍ଭବତୀ

**ବର୍ତ୍ତମାନ ଖରା ବଢ଼ିଗଲାଣି। ତେଣୁ ଏ ସମୟରେ ସୁରକ୍ଷା ଦୃଷ୍ଟିରୁ ଗର୍ଭବତୀଙ୍କ ବିଶେଷ ଯତ୍ନ ନେବା ଆବଶ୍ୟକ...**



➤ଖରା ସମୟରେ ଆଦୌ ବାହାରକୁ ବାହାରନ୍ତୁ ନାହିଁ। ନିହାତି କାମ ଥିଲେ ସକାଳେ କିମ୍ବା ସନ୍ଧ୍ୟାବେଳେ ବାହାରକୁ ଯାଆନ୍ତୁ।

➤ଖରାରେ ଶୀଘ୍ର ହଜମ ହେଉ ନ ଥିବାରୁ ତରଭୁଜ, କାକୁଡ଼ି, ସାଲାଡ୍ ଫଳ ଖାଆନ୍ତୁ। ଚା, କଫି ଆଦି ବଦଳରେ ଦହିଲସି, ଲେମ୍ବୁ, ଲୁଣ, ଚିନି ସରବତ, ଫ୍ରୁଟ୍ ଜୁସ୍ ପିଇଲେ ଶରୀର ପାଇଁ ଭଲ। ହେଲେ ମନେରଖନ୍ତୁ ଜୁସ୍, ଲସି ଆଦିରେ ବରଫ କିମ୍ବା ଫ୍ରିଜ୍ ପାଣି ମିଶାନ୍ତୁ ନାହିଁ।

➤ଗର୍ଭାବସ୍ଥାରେ ଅନେକଙ୍କର ଗୋଡ଼ ଫୁଲିଥାଏ। ତେଣୁ ଗରମ ଗୁଳୁଗୁଳିରେ ସିନ୍ଥେଟିକ୍ ଏବଂ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଅସୁବିଧା ହୋଇଥାଏ। ଯଥାସମ୍ଭବ ଆରାମଦାୟକ ଢିଲା କଟନ ପୋଷାକ ପିନ୍ଧନ୍ତୁ।

➤ଏମିତିରେ ଗର୍ଭାବସ୍ଥାରେ ଚର୍ମରେ ଡାର୍କ ପ୍ୟାଚ୍, ପିଗ୍‌ମେଣ୍ଟେସନ, ଚର୍ମରେ ଫଳିବା (ର୍‌ୟାସେସ୍) ଆଦି ଭଳି ଅନେକ ପରିବର୍ତ୍ତନ ଦେଖାଦିଏ, ଯାହାକି ଗରମରେ ବଢ଼ିଯିବାର ଆଶଙ୍କା ଥାଏ। ତେଣୁ ଗାଧେଇ ସାରି ଚର୍ମରେ ଭଲଭାବେ ମଏଶ୍ଚରାଇଜିଂ ଲୋସନ ବା କ୍ରିମ୍ ଲଗାଇବା ଭଲ।

➤ଅଧିକ ଗରମ, ଗୁଳୁଗୁଳି ଲାଗିଲେ ଥଣ୍ଡା ଘରେ ୮-୧୦ ଘଣ୍ଟା ବିଶ୍ରାମ ନିଅନ୍ତୁ। ପ୍ରଚୁର ଝାଳ ବୋହିଲେ ଶରୀରର ଇଲେକ୍ଟ୍ରୋଲାଇଟସ୍ ଯଥା ସୋଡିୟମ ଓ ପଟାସିୟମ ଅସନ୍ତୁଳନ ହୁଏ ଏବଂ ଗୋଡ଼ହାତ ବିନ୍ଧିବା ସହ କ୍ଳାନ୍ତି ଲାଗେ। ଏହାକୁ ହିଟ୍ କ୍ରାମ୍ପସ୍ କୁହାଯାଏ। ଏପରି ଲାଗିଲେ କଦଳୀ ଖାଇବା ସହ ଲେମ୍ବୁ ଲୁଣ ପାଣି ପିଇବା ନିହାତି ଆବଶ୍ୟକ।

# ଘରେ ପିମ୍ପୁଡ଼ି ହେଉଥିଲେ

**ଆରମ୍ଭ ହୋଇଯାଇଛି ଖରାଦିନ। ଏହିଦିନେ ଖାଦ୍ୟ ସାମଗ୍ରୀରୁ ଆରମ୍ଭକରି ଲୁଗାପଟା ଏବଂ ଘରର ଅନ୍ୟାନ୍ୟ ସାମଗ୍ରୀରେ ପିମ୍ପୁଡ଼ି ପଶି ତାକୁ ନଷ୍ଟ କରିଦିଅନ୍ତି । ଯଦି ଆପଣ କିପରି ପିମ୍ପୁଡ଼ି ସମସ୍ୟାରୁ ମୁକ୍ତିପାଇବେ ଚିନ୍ତାରେ ଅଛନ୍ତି ତେବେ ଆପଣାନ୍ତୁ ଏହିସବୁ ଉପାୟ...**



➤ପିମ୍ପୁଡ଼ି ହେଉଥିବା ସ୍ଥାନରେ ଡାଲଚିନି ଖଣ୍ଡ ରଖନ୍ତୁ। ଏହାର ଗନ୍ଧ ପିମ୍ପୁଡ଼ିଙ୍କୁ ଆଦୌ ପସନ୍ଦ ନୁହେଁ। ପାଣିରେ ଡାଲଚିନି ତେଲ ମିଶାଇ ସ୍ପ୍ରେ କଲେ ମଧ୍ୟ ଉପକୃତ ହେବେ।

➤ଚକ୍‌ରେ କ୍ୟାଲ୍ସିଅମ୍ କାର୍ବୋନେଟ୍ ରହିଛି ଯାହାକି ପିମ୍ପୁଡ଼ି ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ଖଣ୍ଡେ ଚକ୍‌କୁ ଗୁଣ୍ଡକରି ଏହାକୁ ସ୍ପ୍ରେ ବୋତଲରେ ପୂରାଇ ପିମ୍ପୁଡ଼ି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ। ମାର୍କେଟ୍‌ରେ ମିଳୁଥିବା ପିମ୍ପୁଡ଼ି ମରା ଚକ୍(ଲକ୍ଷ୍ମଣରେଖା) ଲଗାଇଲେ ବି ଏହି ସମସ୍ୟା ଦୂର ହୋଇପାରିବ।

➤ଲେମ୍ବୁଚୋପା ମଧ୍ୟ ପିମ୍ପୁଡ଼ି ଦୂରକରିବାରେ ସାହାଯ୍ୟ କରିଥାଏ। ପିମ୍ପୁଡ଼ି ଆସୁଥିବା ସ୍ଥାନରେ ଲେମ୍ବୁଚୋପା ରଖନ୍ତୁ କିମ୍ବା ପାଣିରେ ଲେମ୍ବୁରସ ମିଶାଇ ଘରକୁ ଭଲଭାବେ ପୋଛିଦିଅନ୍ତୁ।

➤ସେହିପରି ଅଳ୍ପ ଗରମପାଣିରେ କମଳା ଚୋପା ପକାଇ ବାଟିଦିଅନ୍ତୁ। ଏହି ପେଷ୍ଟକୁ କିଚେନ ସ୍ଲାବ୍ ଏବଂ ଘରକୁ ପିମ୍ପୁଡ଼ି ଆସୁଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ପୋଛି ଦିଅନ୍ତୁ ପିମ୍ପୁଡ଼ି ଆସିବେ ନାହିଁ।

➤ଗୋଲମରିଚ ଗୁଣ୍ଡ ପକାଇଲେ ମଧ୍ୟ ପିମ୍ପୁଡ଼ି ଆସିବା ବନ୍ଦ କରିଦେବେ। ଏହାକୁ ପାଣି ସହ ମିଶାଇ ପିମ୍ପୁଡ଼ି ଆସୁଥିବା କଣା ନିକଟରେ ସ୍ପ୍ରେ କଲେ ଉପକୃତ ହେବେ।

➤ଭିନେଗାରର ଗନ୍ଧ ପିମ୍ପୁଡ଼ିଙ୍କୁ ପସନ୍ଦ ନୁହେଁ। ତେଣୁ ପିମ୍ପୁଡ଼ି ହେଉଥିବା ସ୍ଥାନରେ ଭିନେଗାର ପକାଇଲେ ପିମ୍ପୁଡ଼ି ଆସିବେ ନାହିଁ।



# କୁନି ମନରେ ବଡ଼ ସ୍ୱପ୍ନ

**କିଏ କହେ ବଡ଼ ହେଲେ ଡାକ୍ତର ହେବି ତ କିଏ ଇଞ୍ଜିନିୟର ଆଉ ପୁଣି କାହାର ଇଚ୍ଛା ଥାଏ ସିଙ୍ଗର କିମ୍ବା ଆକ୍ଟର ହେବାକୁ । କୁନି କୁନି ମନରେ ଥାଏ ଅନେକ ବଡ଼ ସ୍ୱପ୍ନ। ହେଲେ କେବେ କେବେ ଅଭିଭାବକମାନଙ୍କର ପିଲାକୁ ଅନ୍ୟ କ୍ଷେତ୍ରରେ ଭର୍ତ୍ତି କରାଇବାର ନିଶା ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ପିଲାକୁ ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ହେଲେ ତା'ରୁଚିକୁ ନେଇ କ୍ୟାରିୟର ଗଢ଼ିବା ପାଇଁ ଠିକ୍ ମାର୍ଗଦର୍ଶନ ଓ ପ୍ରୋତ୍ସାହନ ଯୋଗାଇଦେବା ଅଭିଭାବକଙ୍କ କର୍ତ୍ତବ୍ୟ ....**

ପ୍ରତ୍ୟେକ ଅଭିଭାବକ ନିଜ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ଚାହାନ୍ତି। ହେଲେ କେବେ କେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭର୍ତ୍ତି କରାଇବାକୁ ନେଇ ସେମାନେ ଜିଦ୍ ଧରନ୍ତି ଏବଂ ଏହାଦ୍ୱାରା ଯେ ପିଲାଙ୍କ ଆଗ୍ରହ ଦବିଯାଉଛି ତାହା ସେମାନେ ଦେଖିପାରନ୍ତି ନାହିଁ। ଏମିତିରେ ଅନେକ ପିଲା ମାତାପିତାଙ୍କୁ ସମ୍ମାନ ଦେବା ଲାଗି ହେଉ ଅବା ବାଧ୍ୟତାମୂଳକ ଭାବେ ନିଜ ସ୍ୱପ୍ନ ବଦଳରେ ମାତାପିତାଙ୍କ ସ୍ୱପ୍ନ ସାକାର କରିବାକୁ ଆଗେଇ ଆସନ୍ତି। ଫଳରେ ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ପିଲାର ଆଗ୍ରହ ଥିବା ଦିଗକୁ ସମ୍ମାନ ଜଣାଇବା ସହ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେଲେ ତା'ର କ୍ୟାରିୟର ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ ସେଥିରେ ସନ୍ଦେହ ନାହିଁ....





**ଲଦି ଦିଅନ୍ତୁ ନାହିଁ ନିଜ ଇଚ୍ଛା:** କେତେକ କ୍ଷେତ୍ରରେ ପାରିବାରିକ ଆଭିଜାତ୍ୟ, ସମାଜରେ ଷ୍ଟାଟସ୍ ଆଦିକୁ ଗୁରୁତ୍ୱ ଦେଇ ହେଉ କିମ୍ବା ଅପୂରଣୀୟ ରହିଯାଇଥିବା ନିଜ ଲକ୍ଷ୍ୟକୁ ପିଲା ଦ୍ୱାରା ପୂରଣ କରିବା ଲାଗି ଅଭିଭାବକମାନେ ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ନେଇ ବାଧ୍ୟ କରନ୍ତି। ହେଲେ ଏହାଦ୍ୱାରା ଯେ, ସବୁବେଳେ ପିଲାର ଉନ୍ନତି ହେବ ତା' ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତେଣୁ ପିଲା ଉପରେ ନିଜ ଇଚ୍ଛା ଲଦିଦିଅନ୍ତୁ ନାହିଁ କିମ୍ବା ବାଧ୍ୟ କରନ୍ତୁ ନାହିଁ। ତାଙ୍କ ଇଚ୍ଛାକୁ ସମ୍ମାନ ଦେବାର ଅର୍ଥ ନୁହେଁ, ଭୁଲ୍ ଦିଗରେ ବି ସହଯୋଗ କରିବା। ଯଦି ପିଲା କ୍ୟାରିୟରକୁ ନେଇ ନିହାତି ଭୁଲ୍ ପଦକ୍ଷେପ ନେଉଛି ତେବେ ସେହି କ୍ଷେତ୍ରରେ ହିଁ ତାକୁ ବାରଣ କରିବା ଏବଂ ଉଚିତ ପରାମର୍ଶ ଦେବା ଆପଣଙ୍କ କର୍ତ୍ତବ୍ୟ।

**ରୁଚିକୁ ସମ୍ମାନ ଦିଅନ୍ତୁ:** କେବଳ ଭଲ ପାଠ ପଢ଼ି ଅଧିକ ଦରମାଯୁକ୍ତ ସରକାରୀ ଚାକିରିଟିଏ ହିଁ ପିଲାର ଉତ୍ତମ ଭବିଷ୍ୟତର ମାପକାଠି ନ ଭାବି ତା'ର କେଉଁ ଦିଗରେ ଦକ୍ଷତା ରହିଛି ଦେଖନ୍ତୁ। ବର୍ତ୍ତମାନ ପାଠ ସହିତ ଖେଳକୁଦ, ନାଚ, ଗୀତ, ଅଭିନୟଠୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସୁଯୋଗ ରହିଛି। ତେଣୁ ଆପଣଙ୍କ ପିଲା କେଉଁ ଦିଗରେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ଜାଣିବାକୁ ଚେଷ୍ଟା କରନ୍ତୁ। ତା'ର ସ୍ୱପ୍ନକୁ ସମ୍ମାନ ଦେଇ ଆଗକୁ ବଢ଼ିବାର ସୁଯୋଗ ଦିଅନ୍ତୁ।

**ଅନ୍ୟ ସହ ତୁଳନା ଭାଙ୍ଗିପାରେ ମନୋବଳ:** ଅନେକ ଅଭିଭାବକ ନିଜ ପିଲାଙ୍କୁ ବାରମ୍ବାର ଅନ୍ୟର ଉଦାହରଣ ଦେବା ସହ ଅନ୍ୟ ସହ ତୁଳନା କରିଥାନ୍ତି। ଅନ୍ୟ କାହାର ପିଲା କେଉଁ କ୍ଷେତ୍ରରେ ଉଚ୍ଚକୁ ବଢୁଥିବାର ଦେଖିଲେ ନିଜ ପିଲାଙ୍କୁ ମଧ୍ୟ ସେହି କ୍ଷେତ୍ରରେ ଦେଖିବାକୁ ଚାହାନ୍ତି। ଏମିତିରେ ସେମାନେ ପିଲାର ରୁଚି ଏବଂ ସ୍ୱପ୍ନକୁ ଗୁରୁତ୍ୱ ନ ଦେଇ ବାରମ୍ବାର ଅନ୍ୟ ସହ ତୁଳନା କରିବା ଦ୍ୱାରା ପିଲା ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ପିଲାର ମନୋବଳ ଭାଙ୍ଗିଯାଏ ଏବଂ ସେ କୌଣସି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥାଏ। ତେଣୁ ଏପରି ନ କରି ପିଲାର ଇଚ୍ଛା ଜାଣି ଆଗକୁ ବଢ଼ିବାରେ ସହଯୋଗ କରିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

**ପ୍ରୋତ୍ସାହିତ କରନ୍ତୁ:** ବର୍ତ୍ତମାନ ରୋଜଗାର ଲାଗି ଅନେକ ମାର୍ଗ ରହିଛି। ତେଣୁ ଆପଣଙ୍କ ପିଲା କେଉଁ କ୍ଷେତ୍ରରେ ଦକ୍ଷ ଏବଂ ପାରଙ୍ଗମ ଏବଂ ଯଦି ସେ ତାକୁ ନେଇ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖୁଛି , ତେବେ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଅନ୍ତୁ। ଦେଖିବେ ସେ ନିଶ୍ଚୟ ସଫଳତାର ଶୀର୍ଷକୁ ଯାଇ ଆପଣଙ୍କ ପାଇଁ ଗୌରବ ଆଣିଦେବ।

## ଏମାନେ କ'ଣ କରନ୍ତି



**ଶୀଲାରାଣୀ ପାଣି (ଶିକ୍ଷୟିତ୍ରୀ, ଫୁଲନଖରା, କଟକ)–** ପ୍ରତ୍ୟେକ ପିଲା ଯେ ଭଲ ପାଠ ପଢ଼ି ସରକାରୀ ଚାକିରି କରିବେ ତାହା ତ ସମ୍ଭବ ନୁହେଁ। ତେଣୁ ପିଲା ବାସ୍ତବରେ କେଉଁ କ୍ଷେତ୍ରରେ ରୁଚି ରଖୁଛି ଏବଂ କେଉଁଥିରେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ଜାଣିବା ଏବଂ ଠିକ୍ ମାର୍ଗଦର୍ଶନ କରିବା ଅଭିଭାବକଙ୍କ କର୍ତ୍ତବ୍ୟ ବୋଲି ମୁଁ ଭାବିଥାଏ। ମୋ ଝିଅ ଦଶମରେ ପଢୁଛି। ଭଲ ପାଠ ପଢ଼ିବା ସହ ନୃତ୍ୟରେ ତା'ର ବିଶେଷ ରୁଚି ରହିଛି। ଭବିଷ୍ୟତରେ ପୋଲିସ ବିଭାଗରେ ଚାକିରି କରିବା ସହ ଜଣେ ପରିଚିତ ନୃତ୍ୟଶିଳ୍ପୀ ହେବାକୁ ଇଚ୍ଛା ରଖିଛି। ତେଣୁ ଆମେ ଯଥା ସମ୍ଭବ ତା'ର ଇଚ୍ଛାକୁ ସମ୍ମାନ ଦେଇ ପ୍ରୋତ୍ସାହନ ଯୋଗାଇଦେଉଛୁ।



**ତାପସୀ ଜେନା(ଗୃହିଣୀ, କୋଲକାତା)** ପିଲାଙ୍କ ଭବିଷ୍ୟତ ବିଷୟରେ ଅଭିଭାବକ ଚିନ୍ତା କରିବା ଭୁଲ୍ ନୁହେଁ। କିନ୍ତୁ ସେମାନେ ତାଙ୍କ କ୍ୟାରିୟରକୁ ନେଇ କିଛି କରିବାକୁ ଚାହୁଁଥିଲେ ତାଙ୍କୁ ସୁଯୋଗ ଦିଅନ୍ତୁ। ମୋର ଇଚ୍ଛା ଥିଲା ପୁଅ ଓକିଲ ପେସାକୁ ବାଛୁ, ହେଲେ ତା'ର ଇଚ୍ଛା ଥିଲା ଅଲଗା। ତେଣୁ ନିଜ ବିଚାରାଧାରା ତା' ଉପରେ ଲଦିଲି ନାହିଁ। ସେ କ'ଣ ପଢୁଛି ଏବଂ ସେଥିପାଇଁ କ'ଣ କରିବାକୁ ଚାହୁଁଛି ସେ ବିଷୟରେ ଆଲୋଚନା କଲି। ପୁଅ ଉପରେ ମୋର ଭରସା ଅଛି। ତା'ର କଠିନ ପରିଶ୍ରମ ଯୋଗୁ ଭବିଷ୍ୟତରେ ସେ ନିଶ୍ଚିତ ସଫଳତା ହାସଲ କରିବ।

## ସୌନ୍ଦର୍ଯ୍ୟ

# ଖରାରେ ବି ରହିବ ମେକ୍‌ଅପ୍

**ବସନ୍ତଋତୁରେ ଗ୍ରୀଷ୍ମ ଭଳି ଖରା ହେଲାଣି। ଏମିତିରେ ଝାଳରେ ମେକ୍‌ଅପ୍ ଖରାପ ହୋଇଯିବାକୁ ନେଇ ଅନେକ ମହିଳାଙ୍କର ଚିନ୍ତା ବଢ଼ିଲାଣି। ତେଣୁ ଏଭଳି ଗରମରେ ବି ମେକ୍‌ଅପ୍‌କୁ କିପରି ଦୀର୍ଘ ସମୟ ରଖିପାରିବେ ଜାଣିରଖନ୍ତୁ ଟିପ୍ସ...**



❖ମେକଅପ୍ ନେବା ପୂର୍ବରୁ ମାଇଲ୍ଡ କ୍ଲିଞ୍ଜରରେ ମୁହଁକୁ ସଫାକରି ଟୋନିଂ କରନ୍ତୁ। ଅଏଲି ସ୍କିନ୍ ହୋଇଥିଲେ ଅଏଲ ଆବ୍‌ଜର୍ବିଂ ଟୋନର ବ୍ୟବହାର କରନ୍ତୁ। ନଚେତ୍ ଅମୃତଭଣ୍ଡା, କାକୁଡ଼ି, ଟମାଟୋ ରସକୁ ପ୍ରାକୃତିକ ଟୋନର ଭାବେ ବ୍ୟବହାର କରିପାରିବେ।

❖ ସ୍କିନ୍ ଡ୍ରାଏ ହୋଇଥିଲେ ଏସ୍‌ପିଏଫ୍ ୧୫ ଯୁକ୍ତ ମଶ୍ଚରାଇଜର ବ୍ୟବହାର କରନ୍ତୁ।

❖ ଖରାରେ ମେକ୍‌ଅପ୍ ଅଧିକ ସମୟ ରହିବା ଲାଗି ହାଇଲି ପିଗ୍‌ମେଣ୍ଟେଡ୍ ନଚେତ୍ ୱାଟରପ୍ରୁଫ୍ ଫାଉଣ୍ଡେଶନ ସବୁଠୁ ଭଲ ଅପ୍ସନ। କ୍ରିମ୍ ଫାଉଣ୍ଡେଶନ ନ ଲଗାଇ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ମନେରଖନ୍ତୁ ଏହିଦିନେ ଫାଉଣ୍ଡେଶନ ମୋଟା ଲେୟାରରେ ଆଦୌ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।

❖ ୱାଟରପ୍ରୁଫ୍ କାଜଲ୍, ଲାଇନର ଏବଂ ମସ୍କରା ବ୍ୟବହାର କରି ଲାଇଟ୍ ଆଇ ମେକ୍‌ଅପ୍ ନିଅନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ।

❖ସେହିପରି ଲଙ୍ଗ୍ ଲାଷ୍ଟିଂ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ।



## ଖାଦ୍ୟରୁଚି

# ବିଟ୍ ମଙ୍ଗୋଫଲି



**ଆବଶ୍ୟକ ସାମଗ୍ରୀ :** ଓଟ୍‌ସ ଓ ବାଦାମ – ୧ପ୍ୟାକେଟ୍, ବିଟ୍ – ୬ଟି, ଆଳୁ –୨ଟି, ପିଆଜ – ୩ଟି, ଚଣାଡାଲି – ୭୫ ଗ୍ରାମ, କର୍ନଫ୍ଲୋର୍ – ୩ ଚାମଚ, ଧନିଆ ଚଟଣି – ୨ ଚାମଚ, କଟା କଞ୍ଚାଲଙ୍କା – ୧ ଚାମଚ, ହଳଦିଆ ଲଙ୍କାଗୁଣ୍ଡ – ୧ ଚାମଚ, ଗରମ ମସଲା – ୧ଚାମଚ, ଅଦା ପେଷ୍ଟ – ୧ ଚାମଚ, ଘିଅ – ୧ କପ୍, ପୋଦିନା ଚଟଣି – ୬୦ ମି.ଲି., ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚଣାଡାଲିକୁ ୧ଘଣ୍ଟା ପାଇଁ ପାଣିରେ ଭିଜାଇ ରଖନ୍ତୁ। ପରେ ଏହାକୁ ଭଲ ଭାବେ ସିଝାଇ, ଗ୍ରାଇଣ୍ଡିଂ କରନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ଏହି ପେଷ୍ଟକୁ ବାସ୍ନା ଆସିବା ପର୍ଯ୍ୟନ୍ତ ଭାଜନ୍ତୁ। ସେହିପରି ଆଳୁକୁ ମଧ୍ୟ କାଟି ଭାଜି ରଖନ୍ତୁ। ବିଟ୍‌ଗୁଡ଼ିକରୁ ଭଲ ଭାବେ ଚୋପା ଛଡ଼ାଇ ଛୋଟ ଛୋଟ କାଟି ସିଝାଇ ଦିଅନ୍ତୁ। ପରେ ସେଥିରେ ଅଦା, କଞ୍ଚାଲଙ୍କା ଓ ଧନିଆପତ୍ର ପକାଇ ଗ୍ରାଇଣ୍ଡିଂ କରନ୍ତୁ। ସେଗୁଡ଼ିକୁ ନେଇ ଭଜାହୋଇ ପୂର୍ବରୁ ରଖାଯାଇଥିବା ଆଳୁରେ ମିଶାଇ ପୁଣି ଗ୍ରାଇଣ୍ଡିଂ କରନ୍ତୁ। ଏବେ ଏକ ପ୍ୟାନ୍‌ରେ କିଛି ଘିଅ ନିଅନ୍ତୁ। ଘିଅ ଗରମ ହେବା ପରେ ପୂର୍ବ ପ୍ରସ୍ତୁତ ବିଟ୍‌ରୁଟ୍‌ର ମିଶ୍ରଣକୁ ପକାଇ ପାଣି କମିବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ମିଶ୍ରଣ ଭଲ ଭାବେ ବହଳିଆ ହୋଇଯିବା ପରେ ଚୁଲା ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏବେ ସେଥିରେ ଓଟ୍‌ସ, ବାଦାମ, ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚଣାପେଷ୍ଟ, ଗରମ ମସଲା, ହଳଦିଆ ଲଙ୍କାଗୁଣ୍ଡ, କର୍ନଫ୍ଲୋର୍ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ। ଏବେ ଏହାକୁ ଗୋଲ ଗୋଲ ଆକାର କରି ଏଥିରେ ପପ୍‌ସିକଲ୍ କାଠି ଲଗାନ୍ତୁ। ପରେ ଏହାକୁ ଅଳ୍ପ ଘିଅରେ ସାମାନ୍ୟ ଗରମ କରନ୍ତୁ। ଶେଷରେ ପିଆଜ ଓ ପୋଦିନା ଚଟଣି ଦେଇ ଖାଇବାକୁ ପରଷି ଦିଅନ୍ତୁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୮/୨୦୨୩ Bhubaneswar, Tuesday, February 28/ 2023

# ହରମନପ୍ରୀତ ଅଧିନାୟକ, ନିଲମ ସାମିଲ

ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ମନୋନୀତ ଭାରତୀୟ ହକି ଦଳ।

ମାର୍ଚ୍ଚ ୧୦ରୁ ୧୫ ପର୍ଯ୍ୟନ୍ତ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଗୁଡ଼ିକ ପାଇଁ ସୋମବାର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଗତ ହକି ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ହରମନପ୍ରୀତ ସିଂ ଅଧିନାୟକଭାବେ ଅପରିବର୍ତ୍ତିତ ରହିଥିବାବେଳେ ହାର୍ଦ୍ଦିକ ସିଂଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ଏଥିରେ ଓଡ଼ିଶାରୁ ଏକମାତ୍ର ନିଲମ ସଞ୍ଜିପ ଖେସ ସାମିଲ ହୋଇଛନ୍ତି। ବିର୍ସାମୁଣ୍ଡା ଷ୍ଟାଡିୟମରେ ଘରୋଇ ଭାରତ ସମେତ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ବିଶ୍ୱର ୪ ନମ୍ବର ଦଳ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ।

ଗତବର୍ଷ ଅକ୍ଟୋବର ଓ ନଭେମ୍ବରରେ ଅନୁଷ୍ଠିତ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ହରମନପ୍ରୀତ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏଥିରେ ଭାରତ ଭଲ ପ୍ରଦର୍ଶନ କରିଥିଲା। ଘୋଷିତ ୨୦ ଜଣିଆ ଦଳରେ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେଶ ନିଜ ସ୍ଥାନ ବଜାୟ ରଖିଥିବାବେଳେ କ୍ରିଷ୍ଣନ ବାହାଦୂର ପାଠକଙ୍କ ସ୍ଥାନରେ ଯୁବ ପ୍ରତିଭା ସମ୍ପନ୍ନ ପୱନଙ୍କୁ ସାମିଲ କରାଯାଇଛି। ନିଜ ବାହାଘର ପାଇଁ ପାଠକ ଏବେ ଛୁଟିରେ ଅଛନ୍ତି। ହରମନପ୍ରୀତ ଙ୍କ ବ୍ୟତୀତ ଯୁଗରାଜ ସିଂ, ନିଲମ ସଞ୍ଜିପ୍ ଖେସ, ଜରମନପ୍ରୀତ ସିଂ, ସୁମିତ, ମନଜିତ ଓ ମନପ୍ରୀତ ସିଂ ଭାରତୀୟ ଦଳର ରକ୍ଷଣଭାଗ ଚ୍ୟାଲେଞ୍ଜ ସମ୍ଭାଳିବେ। ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ବିଷ୍ଣୁକାନ୍ତ ସିଂ, ଦିଲପ୍ରୀତ ସିଂ, ଶମଶେର ସିଂ ଓ ରାଜକୁମାର ପାଲ୍ ମିଡ୍‌ଫିଲ୍ଡରେ ଖେଳିବେ। ଏସ. କାର୍ଥୀ, ସୁଖଜିତ ସିଂ, ଅଭିଷେକ ଓ ଗୁରଜାନ୍ତ ଫରୱାର୍ଡ ଲାଇନ୍‌ରେ ରହିବେ। ଡେଭିଡ ଜନ୍, ବି.ଜେ. କାରିଆପ୍ପାଙ୍କ ସହ ଶିବେନ୍ଦ୍ର ସିଂଙ୍କୁ ଭାରତୀୟ ଦଳର ଅନ୍ତରିଣ କୋଚ୍ ନିଯୁକ୍ତ କରାଯାଇଛି। ଯେଉଁ ଖେଳାଳିମାନେ ଦଳରେ ସାମିଲ ହୋଇ ନାହାନ୍ତି ସେମାନଙ୍କୁ ସିନିୟର ଆନ୍ତଃ ବିଭାଗୀୟ ଜାତୀୟ ଚାମ୍ପିୟନଶିପ୍ ଖେଳିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ଏହି ପ୍ରତିଯୋଗିତା ବେଙ୍ଗାଲୁରୁଠାରେ ଚଳିତ ମାସ ୨୬ରୁ ଆରମ୍ଭ ହୋଇସାରିଛି। ତେବେ ମନୋନୀତ ୨୦ ଖେଳାଳି ବେଙ୍ଗାଲୁରୁସ୍ଥିତ ସାଇ କ୍ୟାମ୍ପରେ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଟ୍ରେନିଂ ନେଇ ରାଉରକେଲା ଯିବେ।

"ଅନ୍ତର୍ଜାତୀୟ ସ୍ତରରେ କ୍ରମେ ଭଲ ପ୍ରଦର୍ଶନ କରି ଆସୁଥିବା ଯୁବ ଖେଳାଳିମାନଙ୍କୁ ଜାତୀୟ ଚୟନକର୍ତ୍ତାମାନେ ପ୍ରୋ-ଲିଗ୍ ପାଇଁ ଦଳରେ ସାମିଲ କରିଛନ୍ତି। ସିନିୟର ଖେଳାଳିଙ୍କ ଉପସ୍ଥିତିରେ ସେମାନେ ଉପଯୁକ୍ତ ମାର୍ଗଦର୍ଶନ ପାଇ ପାରିବେ। ନୂଆ ମୁଖ୍ୟ କୋଚ୍ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଭାରତୀୟ ଦଳ ଅନ୍ତରିଣ କୋଚ୍‌ଙ୍କ ଅଧିନରେ ଖେଳିବ" ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ମାର୍ଚ୍ଚ ୧୦ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଜର୍ମାନୀକୁ ଭେଟିବ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଭାରତୀୟ ଦଳ ଘୋଷିତ

- ହାର୍ଦ୍ଦିକ ସିଂ ଉପ-ଅଧିନାୟକ
- ଡେଭିଡ ଜନ୍, ବି.ଜେ. କାରିଆପ୍ପା, ଶିବେନ୍ଦ୍ର ସିଂ ଅନ୍ତରୀଣ କୋଚ୍

### ଭାରତୀୟ ଦଳ

ଗୋଲକିପର୍ସ: ପି.ଆର. ଶ୍ରୀଜେଶ, ପୱନ। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ (ଅଧିନାୟକ), ଯୁଗରାଜ ସିଂ, ନିଲମ ସଞ୍ଜିପ ଖେସ୍, ଜରମନପ୍ରୀତ ସିଂ, ସୁମିତ, ମନଜିତ ସିଂ, ମନପ୍ରୀତ ସିଂ। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ବିଷ୍ଣୁକାନ୍ତ ସିଂ, ଦିଲପ୍ରୀତ ସିଂ, ଶମଶେର ସିଂ, ରାଜ କୁମାର ପାଲ। ଫରୱାର୍ଡ୍ସ: ଏସ. କାର୍ଥୀ, ସୁଖଜିତ ସିଂ, ଅଭିଷେକ, ଗୁରଜାନ୍ତ ସିଂ।

# ଅନ୍‌ଲାଇନ୍ ଚେସ୍: କର୍ତ୍ତବ୍ୟ ଚାମ୍ପିୟନ

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)


କର୍ତ୍ତବ୍ୟ ଅନାଡକଟ୍

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ନଳିନୀ ରାଜଗୁରୁ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଗୁଜରାଟର କର୍ତ୍ତବ୍ୟ ଅନାଡକଟ୍ ଚାମ୍ପିୟନ ହୋଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କର୍ତ୍ତବ୍ୟ ୩୧ଟି ମ୍ୟାଚ୍ ଖେଳି ୧୯ଟି ଜିତିଥିବାବେଳେ ୭ଟି ଡ୍ର ରଖିଥିଲେ ଏବଂ ୫ଟିରେ ପରାଜିତ ହୋଇଥିଲେ। ରାଜସ୍ଥାନର ଭ୍ରଶାଙ୍କ ଚୌହାନ ଓ କଟକର ହର୍ଷିତ ରଞ୍ଜନ ସାହୁ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ଆଦିତ୍ୟ ଜେନା, ଅମିତାଂଶୁ ପ୍ରିୟଦର୍ଶନ, ଗତିକୃଷ୍ଣ ଭୂୟାଁ, ପି. ନନ୍ଦିନୀ, ସତ୍ୟେନ୍ଦୁ ଶେଖର ଖୁଣ୍ଟିଆ ଓ ଅରିଜିତ ସାହୁ ଟପ୍-୧୦ ଫିନିଶ୍ କରିଥିଲେ। ଏଜ୍ ଗ୍ରୁପ୍‌ରେ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱରର ଭୀମସେନ ପ୍ରଧାନ (୬୭ବର୍ଷ) ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ପ୍ରତିଯୋଗିତା ଗୁଗୁଲ ମିଟ୍ ମାଧ୍ୟମରେ ଆରମ୍ଭ ହୋଇଥିଲା। ଟାଟା କଫିର ନିର୍ଦ୍ଦେଶକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଏବଂ ଗୋଦ୍‌ରେଜ୍‌ର ଜେନେରାଲ ମ୍ୟାନେଜର ଦିବ୍ୟେନ୍ଦୁ ରାଜଗୁରୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ନଳିନୀ ରାଜଗୁରୁଙ୍କ ପୁତ୍ର ସୀତେନ୍ଦୁ ରାଜଗୁରୁ ଓ ଝିଅ ପ୍ରିୟମ୍ବଦା ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।



ଇନ୍ଦୋରରେ ସୋମବାର ନେଟ୍ସ ସେସନରେ କ୍ୟାଚ ଅଭ୍ୟାସ କରୁଛନ୍ତି ଭାରତର ବିରାଟ କୋହଲି।

# 'ଡିଫେନ୍ସ ଉପରେ ଅଧିକ ଭରସା ଆବଶ୍ୟକ'

**ଇନ୍ଦୋର, ୨୭।୨ (ପି.ଟି.):** ବର୍ଡର-ଗାଭାସ୍କର ଟ୍ରଫିରେ ପିଚ୍‌କୁ ନେଇ ଆଲୋଚନା ହେଉଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି ଭାରତୀୟ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ। ଦୀର୍ଘ ବର୍ଷେ ଧରି ଭାରତୀୟ ଟେଷ୍ଟ ଦଳର ସଦସ୍ୟ ରହିଥିବା ଭରତ ପନ୍ତଙ୍କ ଅନୁପସ୍ଥିତି କାରଣରୁ ଭାରତୀୟ ଦଳରେ ପଦାର୍ପଣର ସୁଯୋଗ ପାଇଥିଲେ। ଦୁଇଟି ଟେଷ୍ଟରେ ଷ୍ଟମ୍ପ ପଛରେ ତାଙ୍କର ପ୍ରଦର୍ଶନ ଚମତ୍କାର ରହିଥିବା ବେଳେ ବ୍ୟାଟିଂ ସାମାନ୍ୟ ଦୁର୍ବଳ ରହିଛି। ତେବେ ଦିଲ୍ଲୀରେ ଭାରତ ୧୧୫ ରନ୍‌ର ପିଛା କରୁଥିବା ବେଳେ ଭରତ ଅପରାଜିତ ୨୩ ରନ୍‌ର ଇନିଂସ ଖେଳିଥିଲେ। ଏହାସହିତ ଦୁଇଟିଯାକ ମ୍ୟାଚ୍‌ରେ ପିଚ୍ ଖରାପ ନ ଥିଲା। ତେବେ ଡିଫେନ୍ସ ଉପରେ ଭରସା ରଖିଲେ ଏପରି ପିଚ୍‌ରେ ରନ୍ ସ୍କୋର କରିବା ସମ୍ଭବ ବୋଲି ସେ କହିଥିଲେ। ଦିଲ୍ଲୀ ଟେଷ୍ଟରେ ଭରତଙ୍କୁ ଜାଡେଜାଙ୍କ ପୂର୍ବରୁ ବ୍ୟାଟିଂ ଅର୍ଡରରେ ପଠାଯାଇଥିଲା। ତେବେ କେବଳ ଡିଫେନ୍ସରେ ସଫଳତା ମିଳିବା ଅସମ୍ଭବ, ଡିଫେନ୍ସ ସହିତ ସ୍କୋର କରିବା ନିହାତି ଆବଶ୍ୟକ ବୋଲି ଭରତ ଯୁକ୍ତି କରିଥିଲେ। ଭାରତ ଏ' ପାଇଁ ଦୀର୍ଘଦିନ ଧରି ଖେଳିବା ପରେ ଜାତୀୟ ଦଳରେ ଖେଳିବାକୁ ସୁଯୋଗ ମିଳିବା ମୋ ଲାଗି ଅତ୍ୟନ୍ତ ଗର୍ବର ବିଷୟ ବୋଲି ଭରତ କହିଛନ୍ତି।

# ମୁନୀ ଜାଏଣ୍ଟ୍ସ ଅଧିନାୟିକା

ମୁମ୍ବାଇ, ୨୭।୨

ମାର୍ଚ୍ଚ ୪ରୁ ଆରମ୍ଭ ହେବାକୁ ଯାଉଥିବା ଓମେନ୍ସ ପ୍ରିମିୟର ଲିଗ୍ ପାଇଁ ଗୁଜରାଟ ଜାଏଣ୍ଟ୍ସ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ନିକଟ ଅତୀତରେ ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ଅଷ୍ଟ୍ରେଲିଆର ବେଥ୍ ମୁନୀଙ୍କୁ ଦଳର ଅଧିନାୟିକା ଘୋଷଣା କରାଯାଇଛି। ଭାରତୀୟ ଅଫ୍ ସ୍ପିନର ତଥା ଅଲ୍‌ରାଉଣ୍ଡର ସ୍ନେହ ରାଣା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ମହିଳା କ୍ରିକେଟରେ ମୁନୀ ଜଣେ ପ୍ରଭାବୀ ଉଇକେଟ ବ୍ୟାଟରଭାବେ ବେଶ୍ ପରିଚିତ। ତାଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ୨୦୧୮, ୨୦୨୦ ଓ ୨୦୨୩ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଏବଂ ୨୦୨୨ ମହିଳା ଦିନିକିଆ ବିଶ୍ୱକପ୍ ବିଜୟୀ ହୋଇଛି। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଅଷ୍ଟ୍ରେଲିଆ ଦଳର ମଧ୍ୟ ସେ ସଦସ୍ୟା ଥିଲେ। ଏହା ବ୍ୟତୀତ ସେ ୩ ଥର ମହିଳା ବିଗ୍ ବାଶ୍ ଲିଗ୍ ଟାଇଟଲ ମଧ୍ୟ ଜିତିଛନ୍ତି। ଟି୨୦ରେ ଏକାଧିକ (୨ଟି) ଶତକ ସହ ୧୭ ଅର୍ଦ୍ଧଶତକ ହାସଲ କରିଥିବା ଅଳ୍ପ କେତେଜଣ ମହିଳା ବ୍ୟାଟରଙ୍କ ମଧ୍ୟରୁ ସେ ଅନ୍ୟତମ। ଅଷ୍ଟ୍ରେଲିଆ ଦଳର ନିର୍ଭରଯୋଗ୍ୟ ଖେଳାଳି ଭାବେ ସେ ୮୩ରୁ ଊର୍ଦ୍ଧ୍ୱ ଗେମ୍ ଖେଳି ୨,୩୫୦ ରନ୍ ସ୍କୋର କରିଛନ୍ତି। ୨୦୨୩ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ସେ ୭୪ ରନ୍‌ରେ ଅପରାଜିତ ରହିଥିଲେ ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। "ଐତିହାସିକ ମହିଳା ପ୍ରିମିୟର ଲିଗ୍‌ରେ ମୋତେ ଗୁଜରାଟ ଜାଏଣ୍ଟ୍ସ ଦଳର ଅଧିନାୟିକା କରାଯାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ପ୍ରଥମ ସିଜନରେ ପ୍ରଭାବୀ ପ୍ରଦର୍ଶନ କରି ଟ୍ରଫି ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ହେବ" ବୋଲି ମୁନୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଉପ-ଅଧିନାୟିକା ସ୍ନେହ ରାଣା ବର୍ତ୍ତମାନ ଭାରତୀୟ ଦଳର ଅନ୍ୟତମ ପ୍ରମୁଖ ଖେଳାଳି। ଦୃଢ଼ ମନୋବଳ ପାଇଁ ବିଶେଷ ଜଣାଶୁଣା ଏହି ଅଫ୍ ସ୍ପିନର ଆବଶ୍ୟକ ସମୟରେ ଦଳକୁ ଉଇକେଟ ଦେବାର ଦକ୍ଷତା ରଖିଛନ୍ତି। ଟାଇଟ୍ ବୋଲିଂ କରି ପ୍ରତିପକ୍ଷ ବ୍ୟାଟରଙ୍କୁ ମଧ୍ୟ ସେ ନିରାଶ କରିଥାନ୍ତି। ଡେରାଡୁନ୍‌ରେ ଜନ୍ମିତ ସ୍ନେହ ପୂର୍ବରୁ ମହିଳା ଟି୨୦ ଚ୍ୟାଲେଞ୍ଜରେ ଭେଲୋସିଟି ପକ୍ଷରୁ ଖେଳିଛନ୍ତି। ଟି୨୦ରେ ସେ ୨୫ଟି ମ୍ୟାଚ୍ ଖେଳି ୬.୨୧ ଇକୋନୋମିରେ ୨୪ଟି ଉଇକେଟ ହାସଲ କରିଛନ୍ତି। ଆଗାମୀ ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ ଏହାର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୪ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବ।



ବେଥ୍ ମୁନୀ



ସ୍ନେହ ରାଣା

## ଓମେନ୍ସ ପ୍ରିମିୟର ଲିଗ୍

# ତୃତୀୟ ଟେଷ୍ଟରେ ଫେରିବେ ଷ୍ଟାର୍କ

**ଇନ୍ଦୋର, ୨୭।୨ (ପି.ଟି.):** ପ୍ରଥମ ଦୁଇ ଟେଷ୍ଟରୁ ବାଦ୍ ପଡ଼ିବା ପରେ ତୃତୀୟ ଟେଷ୍ଟକୁ ଫେରିପାରନ୍ତି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ। ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ସେ ତୃତୀୟ ଟେଷ୍ଟ ଖେଳିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ଷ୍ଟାର୍କ। ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା କାରଣରୁ ପ୍ୟାଟ୍ କମିନ୍ସ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଷ୍ଟାର୍କ ଏହି ଟେଷ୍ଟରେ ପେସ୍ ବୋଲିଂର ନେତୃତ୍ୱ ନେବେ। ଭାରତୀୟ ସ୍ପିନର ଚଳିତ ସିରିଜରେ ଚମତ୍କାର ବୋଲିଂ କରିଥିବା ବେଳେ ପେସ୍ ବୋଲର ମଧ୍ୟ ବ୍ରେକ୍ ଥ୍ରୁ ଦେବାରେ ସଫଳ ହେଉଛନ୍ତି। ମହମ୍ମଦ ଶାମି ଓ ମହମ୍ମଦ ସିରାଜ ଚମତ୍କାର ବୋଲିଂ କରିଥିବା ବେଳେ ଦିଲ୍ଲୀ ମ୍ୟାଚ୍‌ର ପ୍ରଥମ ଇନିଂସରେ ଶାମି ଘାତକ ସାବ୍ୟସ୍ତ ହୋଇଥିଲେ। ତେବେ ଅଷ୍ଟ୍ରେଲିଆର ପେସ୍ ବୋଲରମାନେ ଏଯାଏ ଆଖିଦୃଶିଆ ପ୍ରଦର୍ଶନ ଦେବାରେ ସଫଳ ହୋଇନାହାନ୍ତି। ତେବେ ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ଏହି ମ୍ୟାଚ୍ ଖେଳିବା ନେଇ ଷ୍ଟାର୍କ ଘୋଷଣା କରିଛନ୍ତି। ଆହତ ସମସ୍ୟା ମାତ୍ର ୮-୧୦ ଦିନର ଥିଲା। ଏହା ପରଠାରୁ ମୁଁ ବୋଲିଂ କରୁଥିଲେ ମଧ୍ୟ ମ୍ୟାଚ୍ ଲାଗି ଫିଟ୍ ନ ଥିଲା। ତେବେ ବର୍ତ୍ତମାନ ମୁଁ ଫିଟ୍ ଅନୁଭବ କରୁଥିବାରୁ ତୃତୀୟ ଟେଷ୍ଟ ଖେଳିବା ନେଇ ଷ୍ଟାର୍କ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଆକିଲିସ୍ ଇଞ୍ଜୁରି କାରଣରୁ ଜୋଶ୍ ହାଜେଲଉଡ୍ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ବିଜୟ ପାଇଁ ଇଂଲଣ୍ଡକୁ ୨୧୦ ରନ୍

ୱେଲିଂଟନ୍, ୨୭।୨ (ପି.ଟି.)

ୱେଲିଂଟନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହେବାକୁ ଇଂଲଣ୍ଡକୁ ୨୧୦ ରନ୍ ଆବଶ୍ୟକ। ପ୍ରଥମ ଇନିଂସରେ ଫଲୋଅନ୍ ପରେ ନ୍ୟୁଜିଲାଣ୍ଡ ୪୮୩ ରନ୍‌ର ବିଶାଳ ସ୍କୋର କରିଥିଲା। ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ୍ ୧୩୨ ରନ୍‌ର ଇନିଂସ ଖେଳିଥିଲେ। ବିଜୟ ପାଇଁ ୨୫୮ ରନ୍ ଆବଶ୍ୟକ ରହିଥିବା ବେଳେ ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ଗୋଟିଏ ଉଇକେଟ ହରାଇ ୪୮ ରନ୍ ସଂଗ୍ରହ କରିଛି। ତୃତୀୟ ଦିନର ଅସମାପ୍ତ ସ୍କୋର ୨୦୨/୩ରୁ ଖେଳ ଆରମ୍ଭ କରି ଆଉ ୨୮୧ ରନ୍ ଯୋଗକରି ୭ ଉଇକେଟ ହରାଇଥିଲା। ୱିଲିୟମସନ୍ ୧୩୨ ରନ୍ କରି ଫର୍ମକୁ ଫେରିଥିଲେ। ପୂର୍ବଦିନ ୨୩ ରନ୍ କରି ବ୍ୟାଟିଂ କରୁଥିବା ହେନ୍‌ରୀ ନିକୋଲ୍ସ ଆଉ ୬ ରନ୍ ଯୋଡ଼ି ପାଭିଲିୟନ୍ ଫେରିଥିଲେ।

## ଦ୍ୱିତୀୟ ଟେଷ୍ଟ

ତେବେ ଡାରିଲ ମିଚେଲ୍(୫୪) ଓ ଟମ୍ ବ୍ଲଣ୍ଡେଲ (୯୦)ଙ୍କୁ ସାଥିକରି ୱିଲିୟମସନ୍ ସ୍କୋର ଆଗକୁ ବଢ଼ାଇଥିଲେ। ମିଚେଲ୍ ୫୪ ବଲ୍ ଖେଳି ୫ ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିପରି ବ୍ଲଣ୍ଡେଲ ୧୬୬ ବଲ୍ ଖେଳି ୯ ଚୌକା ମାରି ଶେଷ ବ୍ୟାଟ୍ସମ୍ୟାନ୍ ଭାବେ ପାଭିଲିୟନ୍ ଫେରିଥିଲେ। ଟପ୍ ସ୍କୋରର ରହିଥିବା ୱିଲିୟମସନ୍ ୨୮୨ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଏହାସହିତ ଟେଷ୍ଟ କ୍ୟାରିୟରରେ ଏହା ଥିଲା ୱିଲିୟମ୍‌ସନଙ୍କ ୨୬ତମ ଶତକ। ଇଂଲଣ୍ଡ ପକ୍ଷରୁ ସ୍ପିନର ଜ୍ୟାକ୍ ଲିଚ୍ ୫ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋ ରୁଟ୍, ଓଲି ରବିନ୍‌ସନ୍, ଷ୍ଟୁଆର୍ଟ ବ୍ରଡ୍ ଓ ହ୍ୟାରୀ ବ୍ରୁକ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୫୮ ରନ୍ ବିଜୟ ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରି ଇଂଲଣ୍ଡ ୧୧ ଓଭର ବ୍ୟାଟିଂ କରିଥିଲା। ଦୁଇ ଓପ୍‌ନର ଜ୍ୟାକ୍ କ୍ରଲି ଓ ବେନ୍ ଡକେଟ୍ ଦଳକୁ ଆଉ ଏକ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ଉଇକେଟରେ ୩୯ ରନ୍ ଯୋଡ଼ିବା ପରେ ଜ୍ୟାକ୍ କ୍ରଲି ୨୪ ରନ୍ କରି ଟିମ୍ ସଉଦିଙ୍କ ବଲରେ ବୋଲ୍ଡ ହୋଇଥିଲେ। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବେନ୍ ଡକେଟ୍ ୨୩ ଓ ନାଇଟ୍ ୱାଚମ୍ୟାନ୍ ଓଲି ରବିନ୍‌ସନ୍ ୧ ରନରେ ବ୍ୟାଟିଂ କରୁଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସଉଦି ଏକମାତ୍ର ଉଇକେଟ ନେଇଛନ୍ତି।

ସଂକ୍ଷିପ୍ତ ସ୍କୋର: ଇଂଲଣ୍ଡ ପ୍ରଥମ ଇନିଂସ- ୪୩୫/୮(ଘୋଷଣା)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୨୦୯/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୧୬୨.୩ ଓଭରରେ ୪୮୩/୧୦ (କେନ୍ ୱିଲିୟମସନ୍-୧୩୨, ଟମ୍ ଲଥାମ-୮୩, ଡେଭନ୍ କନ୍‌ୱେ-୬୧, ଜ୍ୟାକ୍ ଲିଚ୍-୫/୧୫୭, ଜୋ ରୁଟ୍-୧/୩୯, ହ୍ୟାରୀ ବ୍ରୁକ୍-୧/୨୫)। ଇଂଲଣ୍ଡ ଦ୍ୱିତୀୟ ଇନିଂସ-୧୧ ଓଭରରେ ୪୮/୧ (ଜ୍ୟାକ୍ କ୍ରଲି-୨୪, ବେନ୍ ଡକେଟ୍-୨୩*, ଟିମ୍ ସଉଦି-୧/୧୯)।


ଶଟ୍ ଖେଳିବା ଅବସରରେ ଶତକ ହାସଲକାରୀ କେନ୍ ୱିଲିୟମସନ।

## ୱିଲିୟମସନ୍‌ଙ୍କ ରେକର୍ଡ

**ୱେଲିଂଟନ୍, ୨୭।୨:** ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ୍ ଟେଷ୍ଟ କ୍ରିକେଟରେ କିୱି ଦଳର ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର ପାଲଟିଛନ୍ତି। ଦ୍ୱିତୀୟ ଟେଷ୍ଟରେ ଶତକ ହାସଲ କରିବା ସହିତ ୱିଲିୟମସନ୍ ଟେଷ୍ଟ କ୍ରିକେଟରେ ୧୬୧ ଇନିଂସ୍‌ରୁ ୭୭୮୭ ରନ୍ ସଂଗ୍ରହ କରିଛନ୍ତି। ଫଳରେ ୧୯୬ ଇନିଂସ୍‌ରୁ ୭୬୮୩ ରନ୍ କରିଥିବା ରସ୍ ଟେଲରଙ୍କୁ ସେ ପଛରେ ପକାଇଛନ୍ତି। ଷ୍ଟିଫେନ୍ ଫ୍ଲେମିଂ(୭୧୭୨ ରନ୍), ବ୍ରେଣ୍ଡନ ମ୍ୟାକ୍‌କୁଲମ(୬୪୫୩ ରନ୍) ଓ ମାର୍ଟିନ୍ କ୍ରୋ(୫୪୪୪ ରନ୍) ଏହି ତାଲିକାରେ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଛନ୍ତି।

### ଘୋଷଣା

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ଭୁବନେଶ୍ୱର |
| ୨. | ପ୍ରକାଶ ସମୟ | - | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | - | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର-୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୨୩

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ